# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୨୬/୨୦୨୧ (୧୬ ପୃଷ୍ଠା) | Sambalpur, Friday, March 26/2021 | ★★

୧୭ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## 'ପଠାନ' ପାଇଁ ଶାହାରୁଖଙ୍କୁ ଶହେ କୋଟି

ଶାହାରୁଖ ଖାନ୍ ତାଙ୍କ ଆଗାମୀ ଫିଲ୍ମ 'ପଠାନ' ପାଇଁ ୧୦୦ କୋଟି ଟଙ୍କା ନେଇ ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ହୋଇଛନ୍ତି।

୧୪

୧୨

## ଜୟନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ର ୪୦୦ ମିଟର ଟି-୪୭ କାଟେଗୋରିରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା।



## ଆତଙ୍କବାଦୀ ଆକ୍ରମଣ: ୨ ଯବାନ ଶହୀଦ

**ଶ୍ରୀନଗର, ୨୫।୩(ପି.ଟି.):** ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଲୱାପୋରାଠାରେ ଗୁରୁବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଏଥିରେ ଆହତ ୪ ସିଆର୍‌ପିଏଫ୍ ଯବାନଙ୍କୁ ☞ପୃଷ୍ଠା-୪

## ପେଟ୍ରୋଲ ୨୧, ଡିଜେଲ ୨୨ ପଇସା ହ୍ରାସ



**ନୂଆଦିଲ୍ଲୀ, ୨୫।୩:** ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ତେଲ ଦରରେ ବିରତି ପରେ କ୍ରମାଗତ ୨ୟ ଦିନ ଲାଗି ଦର ହ୍ରାସ ହୋଇଛି। ବର୍ତ୍ତମାନ ମଧ୍ୟ ତେଲ ରେକର୍ଡ ସ୍ତରରେ ରହିଛି। ଫଳରେ ଗ୍ରାହକଙ୍କ ମନରେ ଇନ୍ଧନ ଦରକୁ ନେଇ ଅସନ୍ତୋଷ ଲାଗି ରହିଛି। ଦେଶର ପ୍ରମୁଖ ତୈଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଯୁବକଙ୍କୁ ଟିକା ଦିଅ

# ଓଡ଼ିଶାର ୧୩ ଖଣି ନିଲାମ ହେବ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୬ ରାଜ୍ୟର ୬୭ଟି କୋଇଲା ଖଣିକୁ ବ୍ୟବସାୟିକ ଉତ୍ପାଦନ ଲାଗି ନିଲାମ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି। ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଆନ୍ଧ୍ର ପ୍ରଦେଶର ଉକ୍ତ କୋଇଲା ଖଣିଗୁଡ଼ିକୁ ନିଲାମ କରାଯିବ। ସେଥିରୁ ଓଡ଼ିଶାର ୧୩ଟି କୋଲ୍ ବ୍ଲକ ରହିଛି। ସେହି କୋଲ୍ ବ୍ଲକଗୁଡ଼ିକ ହେଲା ମାଛକଟା ଓ ମହାନଦୀ, ନୂଆଗାଁ ତେଲିସାହି, ରାମଚଣ୍ଡୀ ପ୍ରମୋଶନ ବ୍ଲକ, ଅଳକାନନ୍ଦା, ବରତାପ, ବୁରାପାହାଡ଼, ଡିପ୍ ଏକ୍ସଟେନଶନ ଅଫ୍ ବେଲପାହାଡ଼, ଡିପ୍ ସାଇଡ୍ ଅଫ୍ ଛତାବର, କରଦାବାହାଲ-ବ୍ରାହ୍ମଣବିଲ, କୋଶଳ ୱେଷ୍ଟ, ଫୁଲଝରି ଇଷ୍ଟ ଆଣ୍ଡ ୱେଷ୍ଟ, ସାରଦାପୁର ନର୍ଥ ଏବଂ ତେନ୍ତୁଲୋଇ।

ଘୋଷିତ ସମୁଦାୟ ୬୭ଟି କୋଲ୍ ବ୍ଲକ ମଧ୍ୟରୁ ୩୭ଟିରୁ ସମ୍ପୂର୍ଣ୍ଣ ଉତ୍ପାଦନ ହେଉଥିବାବେଳେ ଅବଶିଷ୍ଟଗୁଡ଼ିକରୁ ଆଂଶିକ ଉତ୍ପାଦନ ହେଉଛି। କୋଇଲା ଖଣିଗୁଡ଼ିକ ମଧ୍ୟରେ କ୍ଷୁଦ୍ର ଓ ବୃହତ୍ କୋଲ୍ ବ୍ଲକ ରହିଛି। ସେଥିରେ କୁକିଂ ଓ ନନ୍ କୁକିଂ ଖଣି ରହିଥିବା କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ପଦକ୍ଷେପ ଦର୍ଶାଯାଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୨୦୧୪ ପରଠାରୁ କୋଲ୍ ବ୍ଲକ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ସର୍ବାଧିକ ସଂଖ୍ୟକ ଖଣିକୁ ନିଲାମ ଲାଗି ପ୍ରସ୍ତୁତି ଶେଷ ହୋଇଛି।



ଦେଶରେ ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବାରେ କୋଇଲା ପ୍ରମୁଖ ସମ୍ବଳ। ଦେଶର ଅବ୍ୟବହୃତ ସମ୍ପଦର ବିନିଯୋଗ କରି ନିଜର ବ୍ୟବସାୟ ବଢାଇବା ସହ ଦେଶର ଅଭିବୃଦ୍ଧି ଲାଗି ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରାଯାଇଛି ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। ବ୍ୟବସାୟିକ କୋଇଲା ଉତ୍ପାଦନ ନୂତନ ପୁଞ୍ଜିନିବେଶ ପାଇଁ ପଥ ପରିଷ୍କାର କରିବା ସହ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କୋଇଲା ଖଣି ଥିବା ରାଜ୍ୟଗୁଡିକର ସାମାଜିକ, ଆର୍ଥିକ ଅଭିବୃଦ୍ଧି ଦିଗରେ ଏହା ସହାୟତା କରିବ। ବଜାରଭିତ୍ତିକ କୋଇଲା ଅର୍ଥନୀତି କୋଇଲା କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବ ବୋଲି ସେ କହିଛନ୍ତି। କୋଇଲା ହେଉଛି ପ୍ରଥମ ଖଣିଜ ସମ୍ପଦ, ଯାହାକୁ କି ରୋଲିଂ ଅକ୍ସନ କରାଯାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାର ନିଲାମ ପାଇଁ ରୋଲିଂ ଅକ୍ସନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବେ। ଏହାଦ୍ୱାରା ସବୁ ସମୟ ପାଇଁ କୋଇଲା ଉପଲବ୍ଧ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଭବିଷ୍ୟତରେ ହେବାକୁ ଥିବା ନିଲାମ ପାଇଁ ରୋଲିଂ ଅକ୍ସନ ଜରିଆରେ ଖଣି ବିଷୟରେ ସବିଶେଷ ବୈଷୟିକ ଜ୍ଞାନ ଉପଲବ୍ଧ ରହିବ। ଫଳରେ ନିଲାମରେ ଭାଗ ନେବାକୁ ଚାହୁଁଥିବା ସଂସ୍ଥାଗୁଡିକ ନିଜ ପସନ୍ଦ ମୁତାବକ ଖଣି ପାଇଁ ଟେଣ୍ଡର ପକାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଆବେଦନକାରୀଙ୍କୁ ଉତ୍ତମ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବା ସହ ନିଲାମରେ ସ୍ୱଚ୍ଛତା ବଜାୟ ରହିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବ୍ୟବସାୟିକ କୋଇଲା ଉତ୍ପାଦନ ସହ ସରକାର କୋଲ୍ ଇଣ୍ଡିଆ ଲିମିଟେଡ(ସିଆଇଏଲ୍) ପାଇଁ ଇ-ଅକ୍ସନ ବ୍ୟବସ୍ଥା ଉପରେ ବିଚାର କରୁଛନ୍ତି। ଏହାଦ୍ୱାରା ସିଆଇଏଲ୍ ବିଭିନ୍ନ ପ୍ରକାର ନିଲାମକୁ ଗୋଟିଏ ୱିଣ୍ଡୋ ମାଧ୍ୟମରେ କରିପାରିବ। ଏହାଦ୍ୱାରା ଗୋଟିଏ କୋଇଲା ଗ୍ରେଡ୍ ପାଇଁ ଗୋଟିଏ ପ୍ରକାର ମୂଲ୍ୟ ଧାର୍ଯ୍ୟ କରାଯାଇପାରିବ। ଦେଶର କୋଇଲା କ୍ଷେତ୍ରରେ ବ୍ୟବସାୟିକ କୋଇଲା ଉତ୍ପାଦନ ଏକ ବିପ୍ଳବାତ୍ମକ ପଦକ୍ଷେପ। ଭାରତୀୟ କୋଇଲା କ୍ଷେତ୍ର ସକାଶେ ଏହା ପ୍ରମୁଖ ଖଣିଲିଜଧାରୀମାନଙ୍କୁ ସର୍ବାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଏବଂ ମୂଲ୍ୟ ଉପରେ ପ୍ରତିଯୋଗିତା କରିବାର ସୁଯୋଗ ସୃଷ୍ଟି କରିବ। ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ଜମି ବିକ୍ରି ମାମଲା

**ନୂଆଦିଲ୍ଲୀ, ୨୫।୩:** ଶ୍ରୀମନ୍ଦିର ଜମି ବିକ୍ରି କରିବାକୁ ନେଇ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି , ତାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଜନ ସ୍ୱାଭିମାନ ୱେଲ୍‌ଫେୟାର ସୋସାଇଟି ପକ୍ଷରୁ ଦାଖଲ କରାଯାଇଥିବା ମାମଲାରେ କେନ୍ଦ୍ର, ରାଜ୍ୟ ସରାକର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ପକ୍ଷଭୁକ୍ତ କରାଯାଇଛି। ଶ୍ରୀମନ୍ଦିର ଜମି ବିକ୍ରିକୁ ବନ୍ଦ କରିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ଭାଙ୍ଗିବା ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନିକ ବ୍ୟବସ୍ଥାକୁ ପରିଚାଳନା ଲାଗି ଏକ ଅନ୍ତରୀଣ ଜୁଡିସିଆଲ୍ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ସ୍ୱାଭିମାନ ☞ପୃଷ୍ଠା-୪






# ଆଜି ଭାରତ ବନ୍ଦ

- ସମର୍ଥନ ଜଣାଇଲା ପ୍ରଦେଶ କଂଗ୍ରେସ
- ସ୍କୁଲ, କଲେଜ ବନ୍ଦ ରଖିବାକୁ ନିଷ୍ପତ୍ତି
- ୩୦କୁ ଘୁଞ୍ଚିଲା ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା
- ସରକାରୀ କର୍ମଚାରୀଙ୍କ ଲାଗି ସ୍ୱତନ୍ତ୍ର ବିଜ୍ଞପ୍ତି
- ସାମିଲ ହେବେନି ଘରୋଇ ବସ୍, ଟ୍ରକ୍ ମାଲିକ ସଂଘ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ବିରୋଧରେ ଆନ୍ଦୋଳନକୁ ଜୋର୍‌ଦାର କରିବା ଲାଗି ଶୁକ୍ରବାର ଭାରତ ବନ୍ଦ ଡାକରା ଦେଇଛି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଡାଏରି ଆଦି ବନ୍ଦ ରଖିବାକୁ ଏସ୍‌କେଏମ୍ ପକ୍ଷରୁ ନିବେଦନ କରାଯାଇଛି। ଏଥିରେ ଦେଶର ସମସ୍ତ ଚାଷୀ ଏବଂ ଶ୍ରମିକ ସଙ୍ଗଠନ ସାମିଲ ହେଉଥିବାବେଳେ ବନ୍ଦକୁ ସମର୍ଥନ ଜଣାଇଛି ଓଡ଼ିଶା ପ୍ରଦେଶ କଂଗ୍ରେସ। ଅପରପକ୍ଷେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ଯୁକ୍ତ ୩ ପରୀକ୍ଷା ଆସନ୍ତା ୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେହିପରି କର୍ମଚାରୀଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ନୂତନ କୃଷି ଆଇନକୁ ବିରୋଧ କରି ୪ମାସ ଧରି ଚାଷୀ ଆନ୍ଦୋଳନ ଜାରି ରହିଛି। ଏହାକୁ ଆହୁରି ଶାଣିତ କରିବାକୁ ଏସ୍‌କେଏମ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାବେଳେ ବନ୍ଦ ସମର୍ଥନରେ ବାହାରିଛି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)। ଏ ସଂକ୍ରାନ୍ତରେ ଦଳୀୟ ☞ପୃଷ୍ଠା-୪




# ସୁଏଜ୍ କେନାଲରେ ଟ୍ରାଫିକ୍ ଜାମ୍

## ମଝିରେ ଫସିଛି ବିଶାଳକାୟ 'ଏଭର୍ ଗିଭେନ୍' ଜାହାଜ



- ଜାହାଜରେ ଥିବା ସମସ୍ତ ୨୫ କ୍ରିଉ ମେମ୍ବର ଭାରତୀୟ
- ଜଳପଥ ଉଭୟ ପଟେ ଅଟକିଛି ୧୮୦ରୁ ଊର୍ଦ୍ଧ୍ୱ ଭେସେଲ

**କାଏରୋ, ୨୫।୩**

ତିନୋଟି ଫୁଟ୍‌ବଲ ପଡ଼ିଆର ଆୟତନଠାରୁ ବଡ଼ ଆକୃତିର ଏକ ଜାହାଜ ସୁଏଜ୍ କେନାଲରେ ଅଚଳାବସ୍ଥା ସୃଷ୍ଟି କରିଛି। ଉକ୍ତ ମାଲବାହୀ ଜାହାଜ ଯୋଗୁ ସୁଏଜ୍ କେନାଲରେ ଟ୍ରାଫିକ୍ ଜାମ୍ ହୋଇଯାଇଛି। ଏଥିଯୋଗୁ ଜଳପଥର ଉଭୟ ପାର୍ଶ୍ୱରେ ୧୮୦ରୁ ଅଧିକ ଜାହାଜ ଓ ବୋଟ୍ ଫସିରହିଛନ୍ତି। ବାଣିଜ୍ୟିକ ପରିବହନ ବାଧାପ୍ରାପ୍ତ ହେବା ଫଳରେ ଘଣ୍ଟା ପ୍ରତି ୪୦୦ ନିୟୁତ ଡଲାର କ୍ଷତି ହେବାରେ ଲାଗିଛି। ତେବେ ଉକ୍ତ ଜାହାଜରେ ଥିବା ୨୫ ଭାରତୀୟ କ୍ରିଉ ମେମ୍ବର ଭାରତୀୟ ଏବଂ ସେମାନେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ବିଶ୍ୱର ପ୍ରାୟ ୧୨% ବାଣିଜ୍ୟ କାରବାର ଇଜିପ୍ଟର ୧୨୦ ମାଇଲ ☞ପୃଷ୍ଠା-୪






ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଳ୍ପ ଭାବେ ଦେଖୁଥିବାରୁ ଦିଲ୍ଲୀ ସରକାରଙ୍କୁ ଦୁର୍ବଳ କରିବା ପାଇଁ ଜିଏନ୍‌ସିଟିଡି ବିଲ୍ ଅଣାଯାଇଛି।

-ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ୫୪ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା

**କଲମ୍ବୋ, ୨୫।୩:** ଶ୍ରୀଲଙ୍କା ନୌସେନା ୫୪ ଭାରତୀୟ ମତ୍ସ୍ୟଜୀବୀଙ୍କୁ ବୁଧବାର ଗିରଫ କରିବା ସହ ୫ ଟ୍ରଲର ଜବତ କରିଛି। ଶ୍ରୀଲଙ୍କା ଜଳସୀମାରେ ବେଆଇନ ଭାବେ ପ୍ରବେଶ କରିଥିବାରୁ ସେମାନଙ୍କୁ ଉତ୍ତର ଓ ଉତ୍ତରପୂର୍ବ ଉପକୂଳରୁ ଗିରଫ କରାଯାଇଥିବା ସେଠାକାର ନୌସେନା ପକ୍ଷରୁ କୁହାଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀ ତଥା ମତ୍ସ୍ୟ ସମ୍ପଦ ଉପରେ ବିଦେଶୀଙ୍କ ପ୍ରଭାବକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ଶ୍ରୀଲଙ୍କା ନୌସେନା ଏକ ବିବୃତ୍ତି ଜାରି କରିଛି। ଅନେକ ସମୟରେ ଉଭୟ ଦେଶର ମତ୍ସ୍ୟଜୀବୀଙ୍କୁ ବେଆଇନ ଭାବେ ଜଳସୀମାରେ ପ୍ରବେଶ ଅଭିଯୋଗରେ ଗିରଫ କରାଯାଉଛି। ଦୁଇ ଦେଶରେ ଦ୍ୱିପାକ୍ଷିକ ସମ୍ପର୍କରେ ଏହା ବାଧା ଉପୁଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ କରାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।

### ପିଓକେରେ ହିମସ୍ଖଳନ: ୫ ମୃତ

**ଇସ୍‌ଲାମାବାଦ, ୨୫।୩:** ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ହିମସ୍ଖଳନ ଯୋଗୁ ଗୁରୁବାର ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୪ ଶିଶୁ ରହିଛନ୍ତି। ବରଫ ଖଣ୍ଡ ଧସେଇ ପଶିବା ଯୋଗୁ ନିଲମ ଭ୍ୟାଲିର ସାରଗାନ୍ ଗ୍ରାମରେ ଥିବା ମହିଳାଙ୍କ ଘର ଭାଙ୍ଗି ଯାଇଥିଲା। ୫ ଜଣଙ୍କୁ ସେଠାରୁ ଉଦ୍ଧାର ପରେ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ନିର୍ବାଚନ ପରିଚାଳନାରେ ହସ୍ତକ୍ଷେପ କରୁଛି ଭାଜପା



**କୋଲକାତା, ୨୫।୩:** ପଶ୍ଚିମବଙ୍ଗରେ ନିର୍ବାଚନ ପରିଚାଳନାରେ ଭାଜପା ହସ୍ତକ୍ଷେପ କରୁଥିବା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଗୁରୁବାର ଅଭିଯୋଗ ଆଣିଛନ୍ତି। ଗତ କିଛି ଦିନ ନିର୍ବାଚନ କମିଶନ (ଇସି) ସରକାରୀ ଅଧିକାରୀଙ୍କୁ ନେଇ ବଡ଼ ଧରଣର ଅଦଳବଦଳ କରିଥିବାରୁ ମମତା ବର୍ଷିଛନ୍ତି। ଡାଣ୍ଟନରେ ଏକ ସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, ନିର୍ବାଚନ କମିଶନ ଯେତେ ଅଧିକାରୀଙ୍କୁ ବଦଳି କଲେ ମଧ ଟିଏମ୍‌ସିର ବିଜୟ ରୋକିପାରିବେ ନାହିଁ। ସେହିପରି ମୁସ୍‌ଲିମ ବିଦ୍ୱାନ ଅବାସ ସିଦ୍ଦିକିଙ୍କ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍)କୁ ଇଙ୍ଗିତ କରି କରି ମମତା କହିଛନ୍ତି, ସଂଖ୍ୟାଲଘୁ ଭୋଟ କାଟିବା ପାଇଁ ଭାଜପା ଏକ ନୂଆ ରାଜନୈତିକ ଦଳକୁ ସମର୍ଥନ ଦେଇଛି। ଏହାର ପ୍ରାର୍ଥୀମାନଙ୍କୁ ଭୋଟ ଦିଅନ୍ତୁ ନାହିଁ ବୋଲି ମମତା ଅନୁରୋଧ କରିଛନ୍ତି।

### ବ୍ୟାଙ୍କ ଜାଲିଆତି: ୧୦୦ ସ୍ଥାନରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ, ୨୫।୩:** ୩୦ ବ୍ୟାଙ୍କ ଜାଲିଆତି ମାମଲାରେ ସିବିଆଇ ପକ୍ଷରୁ ୧୧ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଶତାଧିକ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଭିଯୋଗ କ୍ରମେ ଅପରାଧୀମାନଙ୍କୁ ଧରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍‌ର ଅଂଶବିଶେଷ ଭାବେ ଏହି ଚଢ଼ାଉ କରାଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଜାଲିଆତି ମାମଲାରେ ୩,୭୦୦ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ, କାନାରା ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାଲିଆତି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ କାନପୁର, ଦିଲ୍ଲୀ, ଗାଜିଆବାଦ, ମଥୁରା, ନୋଇଡା, ଗୁରୁଗ୍ରାମ, ଚେନ୍ନାଇ, ଥିରୁଭରୁର, ପେଲୋର, ତିରୁପୁର, ବେଙ୍ଗାଲୁରୁ, ଗୁଣ୍ଟୁର, ହାଇଦ୍ରାବାଦ, ବରେଲି, ବଡଦୋରା, କୋଲକାତା, ପଶ୍ଚିମ ଗୋଦାବରୀ, ସୁରତ, ମୁମ୍ବାଇ, ଭୋପାଳ, ନିମାଡି, ତିରୁପତି, ବିଶାଖାପାଟଣା, ଅହମଦାବାଦ, ରାଜକୋଟ, କର୍ନଲ, ଜୟପୁର ଏବଂ ଶ୍ରୀଗଙ୍ଗନଗରରେ ସିବିଆଇ ଅଧିକାରୀମାନେ ଚଢ଼ାଉ କରିଥିଲେ।

## ଭର୍ଜିନିଆରୁ ହଟିଲା ମୃତ୍ୟୁଦଣ୍ଡ



**ୱାଶିଂଟନ୍, ୨୫।୩:** ଦକ୍ଷିଣ ଆମେରିକାର ପ୍ରଥମ ରାଜ୍ୟ ଭାବେ ଭର୍ଜିନିଆରେ ମୃତ୍ୟୁଦଣ୍ଡ ନିଷିଦ୍ଧ କରାଯାଇଛି। ୧୮୬୧-୬୫ ଆମେରିକା ଗୃହଯୁଦ୍ଧବେଳେ ମୃତ୍ୟୁଦଣ୍ଡ ହଟାଇବା ପାଇଁ ଏହି ରାଜ୍ୟ ପଦକ୍ଷେପ ନେଇଥିଲା। ଏପରି ନୀତି ଆଣିବାରେ ଭର୍ଜିନିଆ ଆମେରିକାର ୨୩ ତମ ପ୍ରଦେଶ ହୋଇଛି। ଡେମୋକ୍ରାଟିକ ରାଜ୍ୟପାଳ ରାଲ୍‌ଫ ନର୍‌ଥାମ ବୁଧବାର ଏହି ଆଇନରେ ସ୍ୱାକ୍ଷର କରିଛନ୍ତି। ମୃତ୍ୟୁଦଣ୍ଡ ମୌଳିକ ଅଧିକାର ନଷ୍ଟ କରିବା ସହ ଜାତି ତଥା ବର୍ଣ୍ଣ ବୈଷମ୍ୟ ଭେଦଭାବ କ୍ଷେତ୍ରରେ ଏହାର ଅପବ୍ୟବହାର ହେଉଥିବା ରାଜ୍ୟପାଳ କହିଥିଲେ। ଏବେ ରାଜ୍ୟରେ ମୃତ୍ୟୁ ଦଣ୍ଡାଦେଶ ପାଇଁ ଅପେକ୍ଷା କରିଥିବା ଦୁଇ ବନ୍ଦୀଙ୍କୁ ଆଜୀବନ କାରାଦଣ୍ଡ ପ୍ରଦାନ କରାଯିବ।

## ଭୋଟ ଦେଲେ ଜହ୍ନକୁ ବୁଲାଇ ନେବି



**ଚେନ୍ନାଇ, ୨୫।୩:** ଭୋଟ ଦେଇ ଜିତାଇଦେଲେ ଜହ୍ନକୁ ବୁଲାଇନେବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି ତାମିଲନାଡୁ ମଦୁରାଇ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଥୁଲାମ ସର୍ବାନନ୍। କେବଳ ଏତିକି ନୁହେଁ, ନିର୍ବାଚନରେ ବିଜୟୀ ହେଲେ ସବୁ ଘରକୁ ବର୍ଷକୁ କୋଟିଏ ଟଙ୍କା, ବିବାହରେ ସୁନା ଅଳଙ୍କାର, ୩ଟି କୋଠରୀ ଥିବା ଘର, ସ୍ତ୍ରୀ ଲୋକଙ୍କ କାମ କମାଇବା ପାଇଁ ରୋବୋ ଦେବାକୁ ମଧ ସେ କହିଛନ୍ତି। ଥୁଲାମଙ୍କ ଏଭଳି ପ୍ରତିଶ୍ରୁତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରଦାତାରୁ ପ୍ରାର୍ଥୀ ହୋଇଥିବା ଥୁଲାମ ନାମାଙ୍କନ ଦାଖଲ ପାଇଁ ୨୦ ହଜାର ଟଙ୍କା ଧାର ଆଣିଥିବା କହିଛନ୍ତି। ତାଙ୍କ ନିର୍ବାଚନୀ ଚିହ୍ନ 'ଡଷ୍ଟବିନ୍' ରହିଛି।

# ପ୍ରତିଦିନ ନୂଆ ରେକର୍ଡ

- ୨୪ ଘଣ୍ଟାରେ ୫୩,୪୭୬ ସଂକ୍ରମିତ
- ଏପ୍ରିଲ ଦ୍ୱିତୀୟ ଭାଗରେ ଶୀର୍ଷରେ ପହଞ୍ଚିପାରେ ସଂକ୍ରମଣ

**ନୂଆଦିଲ୍ଲୀ/ମୁମ୍ବାଇ, ୨୫।୩**

ଲକ୍‌ଡାଉନ୍‌ର ଠିକ୍ ବର୍ଷକ ପରେ ଦେଶରେ କରୋନା ସଂକ୍ରମଣ ପୁଣିଥରେ ଉପରମୁହାଁ ହୋଇଛି। ଗତ ଫେବୃୟାରୀରେ ଦେଶରେ ସଂକ୍ରମଣ ବଢ଼ିଚାଲିଥିବାବେଳେ କିଛିଦିନ ହେଲା ଦୈନିକ ମାମଲା କ୍ରମାଗତ ୪୦ ହଜାର ଉପରେ ରହିଛି। ଗୁରୁବାର ଗୋଟିଏ ଦିନରେ ସଂକ୍ରମଣ ୫୩,୪୭୬ରେ ପହଞ୍ଚିଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଏକ ରିପୋର୍ଟ ଅନୁଯାୟୀ ଦେଶରେ କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହର ଏପ୍ରିଲ ଦ୍ୱିତୀୟ ଭାଗ ବେଳକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ। ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିବା ଏହି ଲହର ୧୦୦ ଦିନ ପର୍ଯ୍ୟନ୍ତ ରହିବ ବୋଲି କୁହାଯାଉଛି। ଦ୍ୱିତୀୟ ପ୍ରବାହରେ ମୋଟ ସଂକ୍ରମଣ ୨୫ ଲକ୍ଷ ହେବା ପୂର୍ବାନୁମାନ କରାଯାଉଛି। ମହାମାରୀରୁ ବର୍ତ୍ତିବାର ଏକମାତ୍ର ଆଶା ଟିକା ବୋଲି ୨୮ ପୃଷ୍ଠା ସମ୍ବଳିତ ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି। ସଂକ୍ରମଣ ବୃଦ୍ଧିକୁ ନେଇ କେତେକ ରାଜ୍ୟ ଲକ୍‌ଡାଉନ୍ ଓ ଅନ୍ୟାନ୍ୟ କଟକଣା ଜାରି କରିଛନ୍ତି। ଫଳରେ ଗତ ସପ୍ତାହରେ ଆର୍ଥିକ କାରବାର ହ୍ରାସ ପାଇଛି। ଆଗକୁ ଏହା ଅଧିକ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ବର୍ତ୍ତମାନ ଦୈନିକ ୩୪ ଲକ୍ଷ ଟିକା ଦିଆଯାଉଥିବାବେଳେ ଏହାକୁ ୪୫ ଲକ୍ଷ ପର୍ଯ୍ୟନ୍ତ ବଢ଼ାଇବା ଆବଶ୍ୟକ। ଏପରି କରାଗଲେ ୪୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ୪ ମାସ ମଧ୍ୟରେ ଭାକ୍ସିନ ନେଇପାରିବେ।





ସଂକ୍ରମଣ ଭୟରେ ହାଇଦ୍ରାବାଦର ଓସ୍‌ମାନିଆ ୟୁନିଭର୍ସିଟିକୁ ବନ୍ଦ କରିଦିଆଯାଇଛି। ଛାତ୍ରୀମାନେ ହଷ୍ଟେଲ ଛାଡ଼ି ଘରକୁ ଯାଉଛନ୍ତି।

### ଭୂତାଣୁ ଆତଙ୍କ

**ମହାରାଷ୍ଟ୍ର:** ଦେଶର ଆର୍ଥିକ ରାଜଧାନୀରେ କରୋନା ସଂକ୍ରମଣ ଦୈନିକ ରେକର୍ଡ କରୁଛି। ଗୁରୁବାର ୩୫,୯୫୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫,୫୦୪ ମୁମ୍ବାଇ ବାସିନ୍ଦା। ଧରାବୀରେ ୫୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୭୧ ଜଣଙ୍କୁ ଭାକ୍ସିନ ଦିଆଯାଇଛି। ତେବେ ସହରରେ ଦିନକୁ ନୂଆ ୧୦,୦୦୦ ମାମଲା ସାମ୍ନାକୁ ଆସିଲେ ମଧ ସ୍ଥିତି ଆୟତ୍ତକୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଛି। ଭୟଭୀତ ହେବାର କାରଣ ନାହିଁ ବୋଲି ବିଏମ୍‌ସି କମିଶନର ଇକ୍‌ବାଲ ସିଂ ଚହଲ ଏକ ବିବୃତିରେ କହିଛନ୍ତି।

**ଦିଲ୍ଲୀ:** ଜାତୀୟ ରାଜଧାନୀରେ ୨୪ ଘଣ୍ଟାରେ ନୂଆ ୧,୫୧୫ କୋଭିଡ୍-୧୯ ମାମଲା ସାମ୍ନାକୁ ଆସିଥିବାବେଳେ ୫ ସଂକ୍ରମିତଙ୍କ ଜୀବନ ନେଇଛି ଭୂତାଣୁ।

**ତାମିଲନାଡୁ:** ନିର୍ବାଚନ ହେଉଥିବା ଦକ୍ଷିଣ ଭାରତର ଏହି ରାଜ୍ୟରେ ଦିନକ ଭିତରେ ୧୭୭୯ ନୂଆ ମାମଲା ସହ ୧୧ ସଂକ୍ରମିତ ପ୍ରାଣ ହରାଇଛନ୍ତି।

**କେରଳ:** ଏଠାରେ ଗୁରୁବାର କରୋନା ଭାଇରସ୍ ୧୨ ଜଣଙ୍କ ଜୀବନ ନେଇଛି। ୨୪,୩୮୦ ସକ୍ରିୟ ମାମଲା ରହିଥିବା ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ସୂଚନା ଦେଇଛନ୍ତି।

**ପଞ୍ଜାବ:** ୨,୭୦୦ ନୂଆ ମାମଲା ସାମ୍ନାକୁ ଆସିଛି। ଦିନକରେ ୪୩ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

**ଗୁଜରାଟ:** ଏହି ରାଜ୍ୟରେ ଗୁରୁବାର ୧,୯୬୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟାରେ ୭ ଜଣଙ୍କ ଜୀବନ ନେଇଛି କରୋନା ଭାଇରସ୍। କଚ୍ଛ ୟୁନିଭର୍ସିଟିକୁ ଶୁକ୍ରବାରଠାରୁ ୩ ଦିନ ବନ୍ଦ କରାଯାଇଛି।

**କର୍ନାଟକ:** ୨୫୨୩ ନୂଆ କୋଭିଡ୍ ମାମଲା ଚିହ୍ନଟ ହୋଇଥିବାବେଳେ ୧୦ ଜଣଙ୍କ ଜୀବନ ଯାଇଛି।

## 'ମତେ ବଳିବୋଦା କରାଯାଇଛି'

### ଆଣ୍ଟିଲିଆ ମାମଲା

**ମୁମ୍ବାଇ, ୨୫।୩**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ମିଳିବା ଘଟଣାରେ ଗିରଫ ହୋଇଥିବା ନିଲମ୍ବିତ ପୋଲିସ ଅଫିସର ସଚିନ ୱାଜେଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଜେରା ପାଇଁ ଏପ୍ରିଲ ୩ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି। ଏହି ମାମଲାରେ ତାଙ୍କୁ ବଳିବୋଦା କରାଯାଇଥିବା ୱାଜେ କହିଛନ୍ତି।

ଏନ୍‌ଆଇଏର ସୂଚନା ଅନୁଯାୟୀ ୱାଜେଙ୍କ ଘରୁ ୬୨ଟି ଗୁଳି ଜବତ ହୋଇଥିଲା। ତାଙ୍କ ସର୍ଭିସ ରିଭଲଭର ପାଇଁ ଦିଆଯାଇଥିବା ୩୦ଟି ବୁଲେଟ୍ ମଧ୍ୟରୁ ୫ଟି ମିଳିଥିଲା। ଅବଶିଷ୍ଟ ଗୁଳି ସମ୍ପର୍କରେ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ଏସ୍‌ୟୁଭି ମାଲିକ ଠାଣେର ବ୍ୟବସାୟୀ ମନସୁଖ ହିରେନ ହତ୍ୟା ଘଟଣାରେ ୱାଜେଙ୍କୁ ଗିରଫ କରାଯାଇଥିଲା। ୱାଜେ ହିରେନଙ୍କୁ ଫେବୃୟାରୀ ୧୭ରେ ଭେଟି ତାଙ୍କଠାରୁ ଏସ୍‌ୟୁଭି ଚାବି ଆଣିଥିବାର ପ୍ରମାଣ ମିଳିଛି ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।



ସଚିନ ୱାଜେ

## ହାଇକୋର୍ଟ ଗଲେ ପରମବୀର ସିଂ

**ମୁମ୍ବାଇ, ୨୫।୩**

ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଗୁରୁବାର ବମ୍ବେ ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି। ତାଙ୍କୁ କମିଶନର ପଦବୀରୁ ବଦଳି କରାଯାଇଥିବାରୁ ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ସହ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଆଣ୍ଟିଲିଆ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ ହେବା ଘଟଣାରେ ପରମବୀରଙ୍କୁ ରାଜ୍ୟ ସରକାର ମୁମ୍ବାଇ ପୋଲିସ କମିଶନର ପଦବୀରୁ ହଟାଇ ଦେଇଥିଲେ। ପରେ ସେ ଗୃହମନ୍ତ୍ରୀଙ୍କ ବିରୋଧରେ ବଟି ଆଦାୟ ଅଭିଯୋଗ ଆଣିବା ସହ ଏହାର ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ପ୍ରଥମେ ହାଇକୋର୍ଟରେ ଆବେଦନ କରିବା ଲାଗି ସର୍ବୋଚ୍ଚ ଅଦାଲତ ତାଙ୍କୁ ପରାମର୍ଶ ଦେଇଥିଲେ।

## ମହାରାଷ୍ଟ୍ର ସରକାରରେ ସଙ୍କଟ

**ମୁମ୍ବାଇ/ନୂଆଦିଲ୍ଲୀ, ୨୫।୩**

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଦୁର୍ନୀତି ଅଭିଯୋଗ ଆଣିବା ପରେ ସରକାରରେ ସଙ୍କଟ ଦେଖାଦେଇଛି। ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ପାଇଁ ଭାଜପା ଦାବି କରିଛି। ଶିବସେନା ନେତୃତ୍ୱରେ ଏନ୍‌ସିପି ଏବଂ କଂଗ୍ରେସକୁ ନେଇ ଗଠିତ ମହାବିକାଶ ଅଘାଡ଼ି ସରକାର ସଙ୍କଟ ଦେଇ ଗତି କରୁଥିବାବେଳେ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ଗୁରୁବାର କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିବା ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ସୂଚନାଯୋଗ୍ୟ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିଆରୀଙ୍କୁ ଭେଟି ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କଠାରୁ ଷ୍ଟାଟସ୍ ରିପୋର୍ଟ ମାଗିବା ପାଇଁ ଅନୁରୋଧ କରିଥିଲେ। ଗୁରୁତର ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ରାଜ୍ୟ ସରକାରଙ୍କୁ ସବିଶେଷ ବିବରଣୀ ମାଗିବା ଲାଗି ଭାଜପା ନେତାମାନେ ରାଜ୍ୟପାଳଙ୍କୁ କହିଥିଲେ।

### ସୋନିଆଙ୍କୁ ଭେଟିଲେ ସୁପ୍ରିୟା ସୁଲେ



# ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

### ଆସାମ ୪୭, ପଶ୍ଚିମବଙ୍ଗର ୩୦ ଆସନରେ ଶନିବାର ଭୋଟ

**କୋଲକାତା/ଗୁଆହାଟୀ, ୨୫।୩**

ପଶ୍ଚିମବଙ୍ଗ ଓ ଆସାମରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ହାଇଭୋଲ୍ଟେଜ ପ୍ରଚାର ଥମିଛି। ଏହି ପର୍ଯ୍ୟାୟରେ ଶନିବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆସାମର ୪୭ ଓ ପଶ୍ଚିମବଙ୍ଗର ୩୦ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ।

ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୫ ଜିଲା ପଶ୍ଚିମ ମେଦିନୀପୁର (ପ୍ରଥମ ଭାଗ), ପୂର୍ବ ମେଦିନୀପୁର (ପ୍ରଥମ ଭାଗ), ବାଙ୍କୁରା, ଝାରଗ୍ରାମ ଓ ପୁରୁଲିଆର ୩୦ ଆସନରେ ମତଦାନ ହେବ। ଆଦିବାସୀ ବହୁଳ ଏହି ୩୦ ଆସନକୁ ଏକଦା ବାମପନ୍ଥୀଙ୍କ ଗଡ଼ ବିବେଚନା କରାଯାଉଥିଲା। ଏହି ଆସନଗୁଡ଼ିକ ପାଇଁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଜୋର୍‌ଦାର ପ୍ରଚାର କରିଛନ୍ତି। ସେହିପରି ଭାଜପାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଦଳର ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ପ୍ରଚାର ମଇଦାନରେ ଉଷ୍ମତା ଭରିଦେଇଛନ୍ତି।

ଆସାମର ୪୭ ଆସନର ମଇଦାନକୁ ୨୬୪ ପ୍ରାର୍ଥୀ ଓହ୍ଲାଇଛନ୍ତି। ଶନିବାର ୮୧,୦୯,୮୧୫ ଭୋଟର ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଏଠାରେ ଭାଜପା ନିଜ ସମ୍ମାନ ରକ୍ଷା ପାଇଁ ପୁଣିଥରେ କ୍ଷମତାକୁ ଆସିବା ପାଇଁ ଆସୋମ ଗଣ ପରିଷଦ ଏବଂ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ ସହ ମେଣ୍ଟ କରିଛି। କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟରେ ଏଆଇୟୁଡିଏଫ୍, ସିପିଆଇ, ସିପିଏମ୍, ସିପିଆଇଏମ୍‌ଏଲ୍, ଆଞ୍ଚଳିକ ଗଣ ମୋର୍ଚ୍ଚା ଓ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ରହିଛନ୍ତି।



ପଶ୍ଚିମବଙ୍ଗବାସୀ ସ୍କିମ୍ ଚାହୁଁଥିଲେ ମୋଦିଙ୍କୁ ଓ ସ୍କାମ୍ ଚାହୁଁଥିଲେ ଦିଦିଙ୍କୁ ଭୋଟ ଦିଅନ୍ତୁ।

-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ନିର୍ବାଚନୀ ହିଂସା: ୨ ଟିଏମ୍‌ସି ସମର୍ଥକ ମୃତ

**କୋଲକାତା, ୨୫।୩**

ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା ଯୋଗୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨ ସମର୍ଥକ ପ୍ରାଣ ହରାଇଛନ୍ତି। ପଶ୍ଚିମ ବର୍ଦ୍ଧମାନ ଜିଲା ଜାମଦାବାଦ ବେନେଡିରେ ବୁଧବାର ରାତିରେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୪୦ ବର୍ଷୀୟ ଟିଏମ୍‌ସି କର୍ମୀ ସରବନ ଚୌଧୁରୀଙ୍କ ଜୀବନ ଯାଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ସେହିପରି ଦକ୍ଷିଣ ୨୪ ପ୍ରଗଣା ଜିଲାର ମଧ ବେଲେଗାଚି ଗ୍ରାମରେ ଟିଏମ୍‌ସି ଏବଂ ସିପିଆଇ-ଆଇଏସ୍‌ଏଫ୍ ମେଣ୍ଟ ମଧ୍ୟରେ ବୁଧବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ୬୦ ବର୍ଷୀୟ ଟିଏମ୍‌ସି କର୍ମୀ ରୁହୁଲ ଅମିନ ମିଦ୍ୟେଙ୍କ ମୃତ୍ୟୁ ଘଟିଛି।

# କୋଭିଶିଲ୍ଡ ରପ୍ତାନି ସ୍ଥଗିତ

### ପ୍ରଭାବିତ ହେବ ଟିକା କୂଟନୀତି

**ନୂଆଦିଲ୍ଲୀ, ୨୫।୩**

ଭାରତରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବାରୁ ସରକାରଙ୍କ କୋଭିଡ୍ ଟିକା କୂଟନୀତି ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଭାରତ ଗରିବ ଦେଶକୁ କୋଭିଡ୍ ଟିକା ଯୋଗାଣ ନିଷ୍ପତ୍ତିର ପୁନର୍ବିଚାର କରିପାରେ। ଭାରତର ଟିକା ଚାହିଦା ପୂରଣ ଲାଗି ଇତିମଧ୍ୟରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଟିକା ରପ୍ତାନିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଫଳରେ ଗ୍ଲୋବାଲ ଆଲିଆନ୍ସ ଫର୍ ଭାକ୍ସିନ୍ ଆଣ୍ଡ ଇମ୍ୟୁନାଇଜେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କୋଭାକ୍ସ କାର୍ଯ୍ୟକ୍ରମକୁ ଟିକା ଯୋଗାଣ ପ୍ରଭାବିତ ହେବ। ଏହି କାର୍ଯ୍ୟକ୍ରମରେ ୬୪ ଗରିବ ଦେଶକୁ କୋଭିଡ୍ ଟିକା ପଠାଯାଉଥିଲା। ଭାରତ ଉକ୍ତ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୬୦.୫ ନିୟୁତ ଡୋଜ୍ ଟିକା ଯୋଗାଇ ଦେଇଛି।





# ୨ ସପ୍ତାହ ପୂର୍ବରୁ ସରିଲା ବଜେଟ ଅଧିବେଶନ

### ୧୮ ବିଲ୍ ଗୃହୀତ

**ନୂଆଦିଲ୍ଲୀ, ୨୫।୩**

ଦୁଇ ସପ୍ତାହ ପୂର୍ବରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଶେଷ ହୋଇଛି। ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯିବା ସହ ରାଜ୍ୟ ସଭାକୁ ସାଇନ୍-ଏ-ଡାଏ କରାଯାଇଛି। ବଜେଟ ଅଧିବେଶନରେ ମୋଟ ୨୦ଟି ବିଲ୍ ଅଣାଯାଇଥିଲା ଏବଂ ସେଥିରୁ ୧୮ଟି ଗୃହୀତ ହୋଇଛି। ଉଭୟ ଗୃହର କାର୍ଯ୍ୟ ବେଶ୍ ସଫଳ ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି। ଦୁଇ ପର୍ଯ୍ୟାୟରେ ଲୋକ ସଭା ମୋଟ ୨୪ ଦିନ ଏବଂ ରାଜ୍ୟ ସଭା ୨୩ ଦିନ ଚାଲିଥିଲା। ଜାନୁୟାରୀ ୨୯ରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ଏପ୍ରିଲ ୮ ପର୍ଯ୍ୟାନ୍ତ ଚାଲିବା ଲାଗି ସ୍ଥିର ହୋଇଥିଲା। ତେବେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାରୁ ପ୍ରଚାର ଉପରେ ଫୋକସ୍ ଦେବା ଲାଗି ଅନେକ ସଦସ୍ୟ ଅଧିବେଶନ କାଟଛାଣ୍ଟ କରିବା ଲାଗି ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଥିଲେ। ନିକଟରେ କରୋନା ସଂକ୍ରମିତ ହୋଇଥିବା ବାଚସ୍ପତି ଗୃହରେ ଯୋଗଦେଇ ନ ଥିଲେ। ବାଚସ୍ପତିଙ୍କ ଅନୁପସ୍ଥିତିରେ ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାନୁୟାରୀ ୨୯ରେ ପାର୍ଲାମେଣ୍ଟ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିଥିଲେ। କଂଗ୍ରେସ ସମେତ ୨୦ରୁ ଅଧିକ ଦଳ ତାଙ୍କ ଉଦ୍‌ବୋଧନକୁ ବର୍ଜନ କରିଥିଲେ। ଫେବୃୟାରୀ ୧ରେ କେନ୍ଦ୍ର ବଜେଟ ଉପସ୍ଥାପନ କରାଯାଇଥିଲା। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଆରମ୍ଭ ହୋଇଥିଲା। ତେବେ ତୈଳ ଓ ଗ୍ୟାସ୍ ଦରବୃଦ୍ଧିକୁ ନେଇ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ଏହି ପର୍ଯ୍ୟାୟରେ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୧, ବୀମା (ସଂଶୋଧନ) ବିଲ୍ ଗୃହୀତ ହୋଇଥିଲା। ସେହିପରି ଲୋକ ସଭାରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଫାଇନାନ୍ସି ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ଡେଭେଲପମେଣ୍ଟ ବିଲ୍, ୨୦୨୧କୁ ଅନୁମୋଦନ ମିଳିଥିଲା। ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବା ପୂର୍ବରୁ ଭର୍ତ୍ତୃହରି କହିଥିଲେ, ଅଚଳାବସ୍ଥା ସତ୍ତ୍ୱେ ନିମ୍ନ ସଦନର ଅଧିବେଶନ ୧୧୪ ପ୍ରତିଶତ ସଫଳ ହୋଇପାରିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୫୬,୧୧,୮୮୯ | ୨୭,୬୦,୪୦୬ | ୧୦,୧୪,୬୦,୧୨୩ |
| ଭାରତ | ୧,୧୮,୩୪,୬୦୯ | ୧,୬୦,୮୮୮ | ୧,୧୨,୫୬,୦୩୨ |
| ଓଡ଼ିଶା | ୩,୩୯,୪୬୦ | ୧୯୧୯(+୫୩) | ୩,୩୬,୪୦୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨୦୦ ଡେଇଁଲା ସଂକ୍ରମଣ

**ହାତରୁ ଖସୁଛି ସ୍ଥିତି**

- ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ଆଇଏଲ୍ଏସ୍ ନିର୍ଦ୍ଦେଶକ
- ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ରାଜ୍ୟର କରୋନା ସ୍ଥିତି। ସଂକ୍ରମଣ ହୁହୁ ହୋଇ ବଢ଼ିବାରେ ଲାଗିଛି। ସପ୍ତାହେ ପୂର୍ବରୁ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳେ ରହୁଥିବାବେଳେ ଏବେ ୨ଶହ ଟପିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୨୧୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୨୬ କ୍ୱାରାଣ୍ଟାଇନ୍ ଓ ୮୮ ଲୋକାଲ୍ କେସ୍ ରହିଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୩ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି କଟକ ସମେତ ଛତିଶଗଡ଼ ଓ ଅନ୍ୟ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲାରେ ସଂକ୍ରମଣ ବଢ଼ୁଛି। ଇତିମଧ୍ୟରେ ମାଲକାନଗିରି, ନବରଙ୍ଗପୁରରେ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ଲକ୍‌ଡାଉନ, ଶଟ୍‌ଡାଉନ୍, କଣ୍ଟେନମେଣ୍ଟ ଜୋନ୍ ଫେରିବା ଆଶଙ୍କା ଉପୁଜିଲାଣି। ଲୋକେ ଗତବର୍ଷର ଯନ୍ତ୍ରଣାରୁ ଏବେବି ମୁକୁଳି ନ ଥିବାବେଳେ ପୁଣି ସଂକ୍ରମଣ ବଢ଼ିବା ପରେ ଚିନ୍ତା ବଢ଼ିଲାଣି। ତେବେ ଲୋକମାନେ ଭୟଭୀତ ନ ହେବାକୁ ଆଇଏଲ୍ଏସ୍ ନିର୍ଦ୍ଦେଶକ ଡ. ଅଜୟ ପରିଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଥିଲେ ବି ରାଜ୍ୟର ସ୍ଥିତି ଠିକ୍ ରହିଛି। ରାଜ୍ୟର ବିଭିନ୍ନ ଜିଲାରୁ ସଂଗୃହୀତ ନମୁନାରୁ ସ୍ଥିତି



ଭୟାନକ ନ ଥିବା ଜଣାପଡିଛି। ବର୍ତ୍ତମାନ ନୂଆପଡା, କନ୍ଧମାଳ, କଳାହାଣ୍ଡିରେ ନମୁନା ପରୀକ୍ଷା କରାଯାଉଛି। ସ୍ଥିତି ଗମ୍ଭୀର ନ ଥିଲେ ମଧ୍ୟ ଆଗକୁ ହୋଲି ଭଳି ପର୍ବପର୍ବାଣିରେ ସତର୍କ ରହିବାକୁ ପଡ଼ିବ। ଏଥିସହ ରାଜ୍ୟରେ କୋଭିଡ୍ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯିବା ନେଇ ସେ ମତ ରଖିଛନ୍ତି। ନୂଆ ଷ୍ଟ୍ରେନ୍ ସଂକ୍ରାନ୍ତରେ ଡ. ପରିଡ଼ା କହିଲେ, ଓଡ଼ିଶାରେ ଜଣେ ଡବଲ ମ୍ୟୁଟାଣ୍ଟ (ଦୁଇ ପ୍ରକାର ଷ୍ଟ୍ରେନ୍) କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ଗତ ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ୨୨୦ ସାମ୍ପଲ ଟେଷ୍ଟ କରାଯାଇଥିଲା। ସେଥିରୁ ଗୋଟିଏ ଡବଲ ମ୍ୟୁଟେଶନ ମିଳିଥିଲା। ତେବେ ଚିହ୍ନଟ ବ୍ୟକ୍ତି ଜଣକ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଛନ୍ତି ଏବଂ କାହାକୁ ସଂକ୍ରମିତ କରି ନାହାନ୍ତି। ଏବେ ଓଡ଼ିଶା ଓ ଛତିଶଗଡରୁ ୩ଟି ଲେଖାଏ ମ୍ୟୁଟାଣ୍ଟ ମିଳିଛି। ମାତ୍ର ସେମାନେ ବେଶି ମାରାତ୍ମକ ନୁହନ୍ତି କି ସଂକ୍ରାମକ ମଧ୍ୟ ନୁହନ୍ତି। ମହାରାଷ୍ଟ୍ର ଓ ପଞ୍ଜାବରେ ଓଡ଼ିଶା ତୁଳନାରେ ସଂକ୍ରମଣ ହାର ଅଧିକ ରହିଛି। ମହାରାଷ୍ଟ୍ରରେ ପ୍ରତି ସପ୍ତାହରେ ପଜିଟିଭ ସଂଖ୍ୟା ୨ଗୁଣରୁ ଅଧିକ ବଢିଛି। ସେହିପରି ପୁନଃ ସଂକ୍ରମଣ ହାର ୧.୧ରୁ ୧.୫କୁ ବୃଦ୍ଧି ପାଇଛି। ପଞ୍ଜାବରେ ୭୦ ପ୍ରତିଶତ ୟୁକେ (ବ୍ରିଟେନ) ଭେରିଏଣ୍ଟ ରହିଛି। କୋଭିଡ୍‌କୁ ପ୍ରତିହତ କରିବା ପାଇଁ ସମସ୍ତେ କଟକଣା ଓ ନିୟମକୁ କଡାକଡି ପାଳନ କରିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତା ମାନିବା ଓ ଭାକ୍ସିନ ନେବାକୁ ଡ. ପରିଡା ପରାମର୍ଶ ଦେଇଛନ୍ତି।

# ସ୍କୁଲ ବନ୍ଦ ନେଇ ନିଷ୍ପତ୍ତି ନିଆଯାଇନି

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ରାଜ୍ୟରେ କିଛି ଦିନ ଧରି କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଓ କର୍ମଚାରୀ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଗୁରୁବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୩ଜଣ ଏବଂ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଜଣେ ଛାତ୍ର କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏବେ ଶିକ୍ଷାନୁଷ୍ଠାନରେ କରୋନା କଟକଣାକୁ ନେଇ ବେଶ୍ ତତ୍ପରତା ପ୍ରକାଶ ପାଇଛି। ତଥାପି ଏଯାବତ୍ କୌଣସି ସରକାରୀ ସ୍କୁଲ୍‌ରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ କରାଯାଇ ସ୍କୁଲ୍‌ରେ ଶିକ୍ଷାଦାନ ଚାଲିଛି। ତେଣୁ ସ୍କୁଲ ବନ୍ଦ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ସୂଚନା ଦେଇଛନ୍ତି। ଘରୋଇ ସ୍କୁଲ୍‌ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ପଶିଲା କରୋନା

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବେ କରୋନା ପଶିଛି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଜଣେ ଛାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ଏନେଇ ବିଦ୍ୟାଳୟର ଭାଇସ୍ ପ୍ରିନ୍ସପାଲ ଉପେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ପୃକ୍ତ ଛାତ୍ରଙ୍କ ବାପା ବୁଧବାର ରାତି ୧୦ଟାରେ ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଛାତ୍ରଙ୍କ ବାପା ମଧ୍ୟ ପୂର୍ବରୁ କରୋନା ପଜିଟିଭ୍ ଥିବାବେଳେ ମା'ଙ୍କ ରିପୋର୍ଟ ନେଗେଟିଭ୍ ରହିଛି। ତେବେ ଗତ ଶନିବାର ସମ୍ପୃକ୍ତ ଛାତ୍ର ବିଦ୍ୟାଳୟରେ ହୋଇଥିବା ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ତାଙ୍କଠାରେ ପୂର୍ବରୁ କୋଭିଡ୍‌ର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ବର୍ତ୍ତମାନ ସେ ହୋମ୍ ଆଇସୋଲେଶନରେ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ପୃକ୍ତ ଛାତ୍ରଙ୍କୁ ବିଦ୍ୟାଳୟ ପ୍ରବେଶରେ ରୋକ୍ ଲଗାଯାଇଛି। ଏଥିସହ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ(ଏକ୍ସଆଇଏମ୍‌ବି)ରୁ ୪୫ଜଣ ଚିହ୍ନଟ ହୋଇଥିଲେ। ସେହିଭଳି କଟକରେ ରେଭେନ୍‌ଶା ସମେତ ଏକାଧିକ ଶିକ୍ଷାନୁଷ୍ଠାନ ଓ ରାଉରକେଲା ଏନ୍‌ଆଇଟିରେ କରୋନା ଭୂତାଣୁ ଚିହ୍ନଟ ହୋଇଥିବାରୁ ଏବେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରେଭେନ୍‌ଶା ଛାତ୍ରୀ ପଜିଟିଭ, ପରୀକ୍ଷା ବାତିଲ



- କ୍ୟାମ୍ପସକୁ ବାହାର ଲୋକଙ୍କ ପ୍ରବେଶ ମନା
- ପୂର୍ବରୁ ୨ ଅଧ୍ୟାପିକା ପଜିଟିଭ ବାହାରିଥିଲେ
- ୧୪ଦିନ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପାଠପଢ଼ା ହେବ

**କଟକ ଅଫିସ, ୨୫।୩**

କଟକ ସହରରେ କରୋନା ପୁଣି କାୟା ବିସ୍ତାର କଲାଣି। ଗତ ଏକସପ୍ତାହକ ମଧ୍ୟରେ ୧୧୨ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏମାନଙ୍କ ମଧ୍ୟରେ ୨ଟି ଘରୋଇ ଓ ଗୋଟିଏ ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ରହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ପୂର୍ବରୁ ୨ଜଣ ଅଧ୍ୟାପିକା ପଜିଟିଭ ବାହାରିଥିବାବେଳେ ଗୁରୁବାର ଜଣେ ଛାତ୍ରୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଗୁରୁବାର ଓ ଶୁକ୍ରବାର ହେବାକୁ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି। ଏ ନେଇ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାରମ୍ୟାନ ସ୍ମୃତିପ୍ରଭା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ହୋଲି ପରେ ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଛି। ଚେୟାରମ୍ୟାନ ଦାସ କହିଛନ୍ତି, ଆକ୍ରାନ୍ତ ଛାତ୍ରୀ ଜଣକ ମହାନଦୀ ହଷ୍ଟେଲରେ ରହୁଥିଲେ। ସେ ନିଜ ପକ୍ଷରୁ ଆଣ୍ଟିଜେନ୍ ଓ ପରେ ଆର୍‌ଟିପିସିଆର ଟେଷ୍ଟ ମଧ୍ୟ କରିଥିଲେ। ଉଭୟ ରିପୋର୍ଟ ପଜିଟିଭ ଆସିବା ପରେ ଘଟଣା ଜଣାପଡିଥିଲା। ତାଙ୍କୁ ପରିବାର ଲୋକେ ହଷ୍ଟେଲରୁ ନେଇଯାଇଛନ୍ତି। ଏଥିସହ ସମ୍ପୃକ୍ତ ହଷ୍ଟେଲ ଅନ୍ତେବାସୀଙ୍କୁ ସିଏମ୍‌ସି ପକ୍ଷରୁ ସ୍କ୍ରିନିଂ କରାଯାଇଛି। ଯେଉଁ ଛାତ୍ରୀଙ୍କଠାରେ ଲକ୍ଷଣ ଦେଖାଯିବ ତାଙ୍କୁ ଟେଷ୍ଟ କରାଯିବ। ସଂକ୍ରମିତ ଛାତ୍ରୀଙ୍କ ସଂସ୍ପର୍ଶରେ ଆସିଥିବା ଛାତ୍ରୀମାନଙ୍କୁ ଆଇସୋଲେଶନରେ ରହିବାକୁ କୁହାଯାଇଛି। ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ଟେଷ୍ଟିଂ ପାଇଁ ପଠାଯାଇଛି ଏବଂ ଉକ୍ତ ହଷ୍ଟେଲକୁ ସାନିଟାଇଜ୍ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଆଗାମୀ ୧୪ ଦିନ ପର୍ଯ୍ୟନ୍ତ ସମସ୍ତ କ୍ଲାସ ଅନ୍‌ଲାଇନ ମାଧ୍ୟମରେ କରାଯିବ। ବାହାର ଲୋକଙ୍କୁ କ୍ୟାମ୍ପସ ମଧ୍ୟରେ ପ୍ରବେଶ କରିବାକୁ ବାରଣ କରାଯାଇଛି ବୋଲି ପିଜି କାଉନସିଲ ଚେୟାରମ୍ୟାନ ଦାସ କହିଛନ୍ତି। ଅନ୍ୟପକ୍ଷରେ କରୋନା ବାହାରିବା ପରେ କେତେଜଣ ଛାତ୍ରୀ ହଷ୍ଟେଲ ଛାଡ଼ିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଗତ ଶନିବାର ଓ ସୋମବାର ମନସ୍ତତ୍ତ୍ୱ ବିଭାଗର ୨ଜଣ ଅଧ୍ୟାପିକା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେହିପରି କିଛିଦିନ ତଳେ ଅରୁଣୋଦୟ ନଗର ଓ ତାଳଦଣ୍ଡା କେନାଲ ନିକଟ ଦୁଇଟି ଘରୋଇ କଲେଜରୁ ମୋଟ ୪୨ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ଟିକା ନେବା ପରେ ପଜିଟିଭ୍

**ଅନୁଗୋଳ ଅଫିସ, ୨୫।୩**

କରୋନା ଟିକାର ଦୁଇଟି ଡୋଜ୍ ନେବା ପରେ ମଧ୍ୟ ଜଣେ ସ୍ୱାସ୍ଥ୍ୟକର୍ମୀ ଏହି ମହାମାରୀରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁବାର ଏହି ଘଟଣା ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟକର୍ମୀ ଜଣଙ୍କ ଟିକାର ପ୍ରଥମ ଡୋଜ୍ ଫେବୃୟାରୀ ୧୬ରେ ନେଇଥିଲେ। ଏହାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କରୋନା ଲକ୍ଷଣ ଦେଖାଦେବାରୁ ସ୍ୱାବ୍ ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିଥିବାରୁ ସେ ଏବେ ହୋମ୍ ଆଇସୋଲେଶନ୍‌ରେ ଥିବା ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ କହିଛନ୍ତି, ସ୍ୱାସ୍ଥ୍ୟକର୍ମୀଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏ ନେଇ ଅବଗତ ନାହିଁ। ଘଟଣାର ଅନୁଧ୍ୟାନ କରାଯିବ।



Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8895088261 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Laikara 9658855530, Jamankira 9437393978 Titilagarh 9437224027, Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Laikara 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

**ଆଜିର ମନ୍ତବ୍ୟ**
ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ଏନ୍‌ଆଇଏ, ସିବିଆଇ ଏବଂ ଇଡି ଭଳି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବ୍ୟବହାର କରାଯାଉଛି।
—ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଶ୍ରିତ ପଟ୍ଟନାୟକ ଭାଜପା ପ୍ରାର୍ଥୀ

## ପିପିଲି ଉପନିର୍ବାଚନ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ପିପିଲି ବିଧାନସଭା ଉପନିର୍ବାଚନ ଏପ୍ରିଲ ୧୭ରେ ହେବ। ଏହା ପୂର୍ବରୁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବ ତାକୁନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଭାଜପା ଗୁରୁବାର ଆଶ୍ରିତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଆଶ୍ରିତ ଗତ ସାଧାରଣ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ୭୨,୭୧୩ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏଥର ଭାଜପା ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଉପନିର୍ବାଚନ ନେଇ ଗତ ୨୩ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ୩୦ରେ ନାମାଙ୍କନ ଦାଖଲର ଶେଷଦିନ। ୩୧ରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଏପ୍ରିଲ ୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ। ତେବେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କ ନଜର ଥିଲା। ଭାଜପା ଏହି ପ୍ରକ୍ରିୟାରେ ଆଗକୁ ଚାଲି ଯାଇଥିବାବେଳେ ପ୍ରଦେଶ କଂଗ୍ରେସ ଶୁକ୍ରବାର ଘୋଷଣା କରିବ ବୋଲି ଜଣାପଡ଼ିଛି। ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)କୁ ୩ଜଣଙ୍କ ନାମ ପଠାଯାଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ତେବେ ଶାସକ ବିଜେଡି ଏପର୍ଯ୍ୟନ୍ତ କାହା ନାମ ଘୋଷଣା କରି ନାହିଁ ଯାହାକୁ ନେଇ ପିପିଲି ନିର୍ବାଚନମଣ୍ଡଳୀରେ ଘନଘନ ଚର୍ଚ୍ଚା ଲାଗି ରହିଛି। ସ୍ୱର୍ଗତ ପ୍ରଦୀପ


ଆଶ୍ରିତ ପଟ୍ଟନାୟକ

ମହାରଥୀଙ୍କ ସ୍ତ୍ରୀ ପ୍ରତିଭା ମହାରଥୀ ଏବଂ ତାଙ୍କ ପୁଅ ରୁଦ୍ର ମହାରଥୀଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ସେନେଇ ସମସ୍ତେ ଦ୍ୱନ୍ଦରେ ରହିଛନ୍ତି। ନିର୍ବାଚନମଣ୍ଡଳୀରେ ଅଧା ବିଜେଡି କର୍ମୀ ମହାରଥୀଙ୍କ ସ୍ତ୍ରୀଙ୍କ ସପକ୍ଷରେ ରହିଥିବାବେଳେ ଆହୁରି କେତେଜଣ ପୁଅଙ୍କ ପାଇଁ ଲବି ଚଲାଇଛନ୍ତି। ତେବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମସ୍ତଙ୍କ ଅପେକ୍ଷା ରହିଛି। ଅନ୍ୟପଟେ ଟିକେଟ ପାଇବାପରେ ଆଶ୍ରିତ କହିଛନ୍ତି, ଉପନିର୍ବାଚନରେ ଭାଜପା ପିପିଲିରେ ଇତିହାସ ରଚିବ। ଗରିବ ଲୋକଙ୍କ ପାଇଁ ଲଢେଇ ଜାରି ରହିବ ଏବଂ ପୁରୁଣା ଗଡ଼ ଭାଙ୍ଗି ଭାଜପା ବିଜୟୀ ହେବ ବୋଲି ଅଶ୍ରୀତ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସୁ ଆସୁ କହିଦେଲୁ ଏତିକିରେ ହିଁ ଛିଡ଼ିଗଲୁ।**

ସବୁ କହିବ କିନ୍ତୁ ଲୋକଙ୍କୁ ତାଙ୍କ ମରମ କଥା କହିବ ନାହିଁ। ମରମ ଭେଦି କଥା ଶୁଣିଲେ ଅନେକଙ୍କ ମନରେ ଏକ ପ୍ରକାର ବିତୃଷ୍ଣା ଭାବ ଆସିଯାଏ। କଥାଟା ଯେତେ ସତ ବା ବାସ୍ତବ ହୋଇଥିଲେ ମଧ୍ୟ ଲୋକେ ତାହାକୁ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ଅପ୍ରିୟ କଥା ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆ ପଛକୁ ଯା ପଛକୁ ହାବୁଡ଼ି ଗଲି ତାଳ ଗଛକୁ।**

ପରିସ୍ଥିତିରେ ପଡ଼ି ଜଣେ ଏପାଖ ସେପାଖ ହେବାରେ ମଧ୍ୟ ପ୍ରତିବନ୍ଧକ ଆସେ। ବେଳେବେଳେ ମଣିଷ କ'ଣ କରିବ କ'ଣ ନ କରିବ କିଛି ସ୍ଥିର କରି ପାରି ନ ଥାଏ। ହଁ, ନାହିଁ ଭିତରେ ଘାଣ୍ଟି ହୋଇ କିଛି କୂଳ କିନାରା ପାଇ ନ ଥାଏ। କିଛି ବୁଦ୍ଧି ବାଟ ନ ପାଇ ଦ୍ୱନ୍ଦ୍ୱରେ ପଡ଼ି ଘାରି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାର ୧୩ ଖଣି...

ଭାରତୀୟ କୋଇଲା ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ଉନ୍ନତି ହେବା ସହ ଆଧୁନିକୀକରଣ ହୋଇପାରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତବର୍ଷ ବ୍ୟବସାୟିକ କୋଇଲା ପାଇଁ ନିଲାମ କରାଯାଇଥିଲା। ୯.୫ ପ୍ରତିଶତରୁ ୬୬.୭୫ ପ୍ରତିଶତ ମାଧ୍ୟମରେ ନିଲାମ କରାଯାଇଥିଲା। ଏହି କୋଇଲା ଖଣିରୁ ରାଜ୍ୟଗୁଡ଼ିକୁ ପ୍ରାୟ ୭ ହଜାର କୋଟି ଟଙ୍କାର ରାଜସ୍ୱ ମିଳିବ ବୋଲି ଅନୁମାନ କରାଯାଉଛି।

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର...

ୱେଲଫେୟାର ପକ୍ଷରୁ ଆଇନଜୀବୀ ଶଶାଙ୍କ ଶେଖର ଝାଁ ଆବେଦନରେ ଦର୍ଶାଇଛନ୍ତି। ଏଥିସହିତ ଶ୍ରୀଜଗନ୍ନାଥଙ୍କ ପୂଜା କରୁଥିବା ବ୍ୟକ୍ତିବିଶେଷ ବା ନିଯୋଗର ସଦସ୍ୟଙ୍କ ନିମନ୍ତେ କେବଳ ମହାପ୍ରଭୁଙ୍କ ସମ୍ପତ୍ତିକୁ ନେଇ ସାମୟିକ ବା ସ୍ଥାୟୀ ସମାଧାନ କରିବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନରେ କୁହାଯାଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିକୁ ଅନୁଧାନ କରିବାକୁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ କମିଶନ ଗଠନ କରିବାକୁ ମଧ୍ୟ ଆବେଦନରେ ପ୍ରାର୍ଥନା କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୫ହଜାର ଏକର ଜମି ବିକ୍ରି କରିବାକୁ ଯୋଜନା କରାଯାଉଛି ବୋଲି ଗତ ୧୬ ତାରିଖରେ ବିଧାନସଭାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଥିଲେ। ଏନେଇ ଧରିତ୍ରୀରେ ଏକ ସବିଶେଷ ରିପୋର୍ଟ ପ୍ରକାଶ ପାଇଥିଲା। ଜମି ବିକ୍ରି ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରୁ କଡ଼ା ସମାଲୋଚନାର ଶିକାର ହେବା ପରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଇନ ମନ୍ତ୍ରୀ ବିଧାନସଭାରେ ଦେଇଥିବା ଉତ୍ତରକୁ ବିରୋଧ କରି ଏକ ପ୍ରତିବାଦ ଦିଆଯାଇଥିଲା। ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଓ ଅସତ୍ୟ ବୋଲି କୁହାଯାଇଥିଲା। ଦୀର୍ଘ ବର୍ଷ ଧରି ବିଭିନ୍ନ ବ୍ୟକ୍ତି ମହାପ୍ରଭୁଙ୍କ ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି। ସେଗୁଡ଼ିକ ୟୁନିଫାଏଡ୍ ପଲିସି ଅନୁଯାୟୀ ମନ୍ଦିର କମିଟି ଦ୍ୱାରା ୨୦୦୩ରେ ସ୍ଥିର କରାଯାଇଥିଲା। ତେବେ ୨୦୦୧ରୁ ୨୦୧୦ ମଧ୍ୟରେ ୨୯୧ ଏକର ଏବଂ ୨୦୧୧ରୁ ୨୦୨୧ ମଧ୍ୟରେ ୯୬ ଏକର ଜମି ସର୍ବସାଧାରଣଙ୍କ ଉପକାର ପାଇଁ ସ୍କୁଲ, ମେଡିକାଲ କଲେଜ, ରାସ୍ତା ଇତ୍ୟାଦି ନିର୍ମାଣ ସକାଶେ ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଥିଲେ। ମନ୍ତ୍ରୀ ଏବଂ ମନ୍ଦିର ପ୍ରଶାସନଙ୍କ ୨ପ୍ରକାର କଥା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା।

## ଆତଙ୍କବାଦୀ ଆକ୍ରମଣ:...

ନିକଟବର୍ତ୍ତୀ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ସବ୍‌ଇନ୍ସପେକ୍ଟର ମାଙ୍ଗାରାମ ଦେବ ବର୍ମନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣଙ୍କୁ ମିଲିଟାରୀ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ କନ୍‌ଷ୍ଟେବଲ ଅଶୋକ କୁମାରଙ୍କର ମୃତ୍ୟୁ ହୋଇଥିଲା।

## ପେଟ୍ରୋଲ ୨୧,...

ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୧ ପଇସା ଏବଂ ଡିଜେଲରେ ୨୨ ପଇସା ହ୍ରାସ ଘଟିଛି। ଫଳରେ ଏଠାରେ ଲିଟର ପିଛା ପେଟ୍ରୋଲ ୯୧.୫୧ ଟଙ୍କା ରହିଥିବା ବେଳେ ଡିଜେଲ ଦର ୮୮.୩୮ ଟଙ୍କାକୁ ଖସିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୧ ପଇସା ଏବଂ ଡିଜେଲରେ ୨୦ ପଇସା ହ୍ରାସ ହୋଇଛି। ଫଳରେ ଏହି ସହରରେ ପେଟ୍ରୋଲ ଦର ଲିଟର ପିଛା ୯୦.୭୮ ଟଙ୍କା ଓ ଡିଜେଲ ଦର ୮୧.୧୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଯଥା ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୨.୭୭ ଟଙ୍କା, ୯୦.୯୮ଟଙ୍କା ଏବଂ ୯୭.୧୯ ଟଙ୍କା ରହିଛି।। ଏହି ୩ ସହରରେ ଡିଜେଲ ଦର ଲିଟର ପିଛା ୮୬.୧୦ ଟଙ୍କା, ୮୩.୯୮ ଟଙ୍କା ଏବଂ ୮୮.୨୦ ଟଙ୍କାକୁ କମିଥିବା ଜଣାପଡିଛି। ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଅହେତୁକ ଭାବେ ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଟିକସ ହ୍ରାସ ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଟିକସ ହ୍ରାସ ଦ୍ୱାରା ଦର କମିବା ସହ ଖାଉଟି କିଛିଟା ଆଶ୍ୱସ୍ତି ଲାଭ କରନ୍ତେ। ବିଭିନ୍ନ ମହଲରୁ ଏ ନେଇ ଦାବି କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଚଳିତ ମାସରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଲଗାତର ହ୍ରାସ ହେଉଛି। ସେହିଭଳି ବର୍ତ୍ତମାନ ସମୟରେ ଦେଶର କିଛି ସହରରେ ପେଟ୍ରୋଲ ଦର ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଉ କିଛି ସ୍ଥାନରେ ୧୦୦ ନିକଟବର୍ତ୍ତୀ ରହିଥିବା ସୂଚନା ମିଳିଛି। ଗତ ୩ ସପ୍ତାହରରୁ ଊର୍ଦ୍ଧ୍ୱ ସମୟ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଉଥିବା ଜଣାପଡ଼ିଛି। ଏହି ସମୟରେ ସରକାର ତେଲ ଉପରେ ଲାଗୁ ହୋଇଥିବା ଟିକସକୁ ଯଦି କିଛି ପରିମାଣରେ ହ୍ରାସ କରନ୍ତେ ତେବେ ଇନ୍ଧନ ଦରରେ ହ୍ରାସ ହୁଅନ୍ତା। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ସମୟରେ ଏହା କିଛି ପରିମାଣରେ ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ କରନ୍ତା ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଆଜି ଭାରତ...

ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ରାଜ୍ୟର ସବୁ ସ୍ଥାନରେ କଂଗ୍ରେସ କର୍ମୀମାନେ ବନ୍ଦ ପାଳନକୁ ସମର୍ଥନ କରିବେ। ଏଥିଲାଗି ସେ ସମସ୍ତ ଜିଲା ସଭାପତିଙ୍କୁ ଅନୁରୋଧ କରିଛନ୍ତି। ନୂତନ କୃଷି ଆଇନକୁ ବିରୋଧ କରି ଚାଲିଥିବା ଆନ୍ଦୋଳନରେ ବହୁ ଚାଷୀଙ୍କ ଜୀବନ ଗଲାଣି। ତଥାପି ଅହଙ୍କାରୀ କେନ୍ଦ୍ର ସରକାର ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ତେଣୁ ଦଳୀୟ କର୍ମୀ ଏବଂ ଜନସାଧାରଣ ବନ୍ଦ ଡାକରାକୁ ସମର୍ଥନ କରିବାକୁ ନିରଞ୍ଜନ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ସମେତ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ପୂର୍ବାହ୍ନ ସାଢେ ୯ଟା ସୁଦ୍ଧା ଅଫିସରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକସେବା ଭବନର ସମ୍ମୁଖ ଗେଟ୍ ୧୦ଟା ୧୫ରେ ବନ୍ଦ କରିଦିଆଯିବ। ତେବେ ନାଲି କୋଠା ଏବଂ ମୁଖ୍ୟ ଲୋକସେବା ଭବନ ବିଲ୍ଡିଂକୁ ସଂଯୋଗ କରୁଥିବା ଗେଟ୍ ଖୋଲାରହିବ। କର୍ମଚାରୀମାନେ ସେମାନଙ୍କ ପରିଚୟ ପତ୍ର ଆଣିବେ। ଭିଜିଟରମାନେ ବିଭାଗର ମୁଖ୍ୟ ଅଧିକାରୀଙ୍କଠାରୁ ପାସ୍ ଆଣି ଭିତରକୁ ଯାଇପାରିବେ। ଉପଯୁକ୍ତ ଅଧିକାରୀଙ୍କ ପରମିଟ୍ ବିନା କାର୍ ପାସ୍ ଗ୍ରହଣ କରାଯିବନାହିଁ। କର୍ମଚାରୀମାନେ ଅଫିସ ଆସିବା ବାଟରେ ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଲାଗି ସ୍ୱତନ୍ତ୍ର ନମ୍ବର ଜାରି କରାଯାଇଛି। ସେହିପରି ଶୁକ୍ରବାର (୨୬ ତାରିଖ) ହେବାକୁ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାକୁ ଆସନ୍ତା ୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ବନ୍ଦରେ ଘରୋଇ ବସ୍ ଓ ଟ୍ରକ୍ ମାଲିକ ସଂଘ ସାମିଲ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ଗାଡ଼ି ଚଳାଚଳ ସ୍ୱାଭାବିକ ରହିବ। ଆଇନଶୃଙ୍ଖଳା ଭଙ୍ଗ ପରିସ୍ଥିତି ଉପୁଜିବା ଆଶଙ୍କାରେ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ସୁଏଜ୍ କେନାଲରେ...

ବିଶିଷ୍ଟ ସୁଏଜ୍ କେନାଲ ଦେଇ ହୋଇଥାଏ। ଉତ୍ତରରେ ଭୂମଧ୍ୟସାଗରକୁ ଦକ୍ଷିଣର ଲୋହିତ ସାଗର ସହ ଯୋଡୁଥିବା ଏହି କେନାଲ ହେଉଛି ଏସିଆ ଏବଂ ୟୁରୋପ ମଧ୍ୟରେ କ୍ଷୁଦ୍ରତମ ଜଳପଥ। କେନାଲର ଜଳପଥର ଓସାର ମାତ୍ର ୨୦୫ ମିଟର ହୋଇଥିବାରୁ ନିମ୍ନ ଦୃଶ୍ୟମାନତା ଯୋଗୁ ଜାହାଜ ଚଳାଚଳରେ ଅସୁବିଧା ହୋଇଥାଏ। ୧୮୬୯ରେ ସୁଏଜ୍ କେନାଲର ନିର୍ମାଣ ଶେଷ ହେବା ପରଠାରୁ ବିଶ୍ୱର ମହାଶକ୍ତିଗୁଡ଼ିକ ଏହାକୁ ନେଇ ମୁହାଁମୁହିଁ ହୋଇଥାଆନ୍ତି। ତାଇୱାନର ପରିବହନ କମ୍ପାନୀ ଏଭରଗ୍ରୀନ୍ ମେରାଇନ୍ ଦ୍ୱାରା ପରିଚାଳିତ କଣ୍ଟେନର ଶିପ୍ ଏଭର୍ ଗିଭେନ୍ ରୋଟରଡାମ୍‌ରୁ ଚାଇନା ଅଭିମୁଖେ ଯାଉଥିଲା।

ମଙ୍ଗଳବାର ଭୋର୍ ୫ଟା ୪୦ରେ ଖୁବ୍ ଜୋର୍‌ରେ ପବନ ବହି ଧୂଳିଝଡ଼ ହେବାରୁ ଏହି କେନାଲରେ ଫସିଯାଇଥିଲା। ଉକ୍ତ ଜାହାଜରେ ୨୦,୧୦୦ରୁ ଊର୍ଦ୍ଧ୍ୱ ଷ୍ଟିଲ୍ ବକ୍ସ ରହିଛି। ଏହା ବିଶ୍ୱର ଅନ୍ୟତମ ବୃହତ୍ କଣ୍ଟେନର ଜାହାଜ, ଯାହାର ଆକୃତି ଇଫେଲ୍ ଟାୱାରଠାରୁ ମଧ୍ୟ ବଡ଼ ଏବଂ ଆୟତନ ୩ଟି ଫୁଟ୍‌ବଲ ଫିଲ୍ଡଠାରୁ ଅଧିକ ବୋଲି ମାରିଟାଇମ୍ ଆଡ୍‌ଭାଇଜର ଡ୍ରେୱରି କନ୍‌ସଲ୍‌ଟାନ୍ସି ନିର୍ଦ୍ଦେଶକ ଜୟେନ୍ଦୁ କ୍ରିଷ୍ଣା ସୂଚନା ଦେଇଛନ୍ତି। ସୁଏଜ୍ କେନାଲରେ ଧୂଳିଝଡ଼ ଯୋଗୁ ଦୃଶ୍ୟମାନତା ହ୍ରାସ ପାଇଛି। କିଛି ଦେଖାଯାଉ ନ ଥିବାରୁ ୪୦୦ ମିଟର ଲମ୍ବା ଓ ୨୦୦,୦୦୦ ଟନ୍ ଓଜନର ଏହି ଜାହାଜ ସେଠାରେ ଫସିରହିଛି। ସ୍ଥାନୀୟ କର୍ତ୍ତୃପକ୍ଷ ଓ ଜାହାଜ ପରିଚାଳନା କମ୍ପାନୀ ବର୍ନହାର୍ଡ ସ୍କୁଲଟେ ଶିପ୍‌ମ୍ୟାନେଜ୍‌ମେଣ୍ଟ ସହାୟତାରେ ଏହାକୁ ବାହାର କରିବା ପାଇଁ ଚେଷ୍ଟା ଚାଲିଛି। ୪୮ ଘଣ୍ଟାର ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଏହି ବିଶାଳକାୟ ଜାହାଜକୁ ବାହାର କରାଯାଇ ପାରିନାହିଁ। ଜାହାଜ ଯେଉଁଠି ଫସିଥିଲା ଏବେ ମଧ୍ୟ ସେଇଠି ରହିଛି। ଫଳରେ ବିଶ୍ୱ ବାଣିଜ୍ୟିକ ପରିବହନ ବାଧାପ୍ରାପ୍ତ ହୋଇଛି। ଏହି ଅଚଳାବସ୍ଥା ପାଇଁ ଉକ୍ତ ଜାହାଜର ଜାପାନୀ ମାଲିକ ଶୋଏଇ କିଏସ୍ କାଇଶା କ୍ଷମା ମାଗିଛନ୍ତି।

ସୁଏଜ୍ କେନାଲରେ ଟ୍ରାଫିକ୍ ଜାମ୍ ହେବା ପରେ ବୁଧବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୬% ବୃଦ୍ଧି ପାଇଥିଲା। ବିଶ୍ୱ ବାଣିଜ୍ୟ ଏକ ପ୍ରତିକୂଳ ସମୟ ଦେଇ ଗତିକରୁଥିବାରୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ତୈଳ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏଭଳି ସମୟରେ କେନାଲ ଭିତରେ ଏଭର ଗିଭେନ୍ ଦୁଇଦିନ ଫସିରହିବା ବିଶ୍ୱ ଅର୍ଥନୀତି ପାଇଁ ବଡ଼ କ୍ଷତିର କାରଣ ସାଜିପାରେ ବୋଲି ଜେଓସି ଗ୍ରୁପ୍ ୟୁରୋପିଆନ୍ ଏଡିଟର ଗ୍ରେଗ୍ ନୋଲର କହିଛନ୍ତି। କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଏକ ବିକଳ୍ପ ରୁଟ୍‌ରେ ଜାହାଜ ଚଳାଚଳ କରିବା ପାଇଁ ୨ ସପ୍ତାହ ଲାଗିଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଚନ୍ଦ୍ର ଦୃଷ୍ଟ ବୁଧ ହେତୁ ଆକସ୍ମିକ ଭାବରେ ସକାଳୁ ସକାଳୁ ବନ୍ଧୁପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଯାତ୍ରା ସମୟରେ ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ଅର୍ଥହାନିର ସମ୍ଭାବନା ରହିଛି। ନଚେତ୍ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହେବାକୁ ପଡିବ।

**ବୃଷ**

କର୍ମସ୍ଥାନରେ ବୁଧଙ୍କ ଯୋଗୁ ଅର୍ଥ ଓ ସମ୍ମାନ ପ୍ରାପ୍ତି ସହ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଆପଣା ଛାଏ ଆସିବ। ପଡୋଶୀଙ୍କ ପରାମର୍ଶରେ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ମୃଗଶିରାର ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**

ଚନ୍ଦ୍ରଙ୍କ ଷଷ୍ଠରେ ଅଷ୍ଟମସ୍ଥ ଗୁରୁ ଓ ଶନି କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଉଚ୍ଚବାଚ୍ଚ ଘଟି କୈଫିୟତ୍ ଦେବାକୁ ପଡିପାରେ। ଘରେ ସାଧାରଣ କଥାରୁ ବିବାଦର ସୂତ୍ରପାତ ହୋଇପାରେ। କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଧୀରେ ସୁସ୍ଥେ କାମ କରବାକୁ ବାଧ ହେବେ। ପ୍ରତୀକ୍ଷିତ କୌଣସି ଖବର ପାଇ ଖୁସି ହେବେ।

**କର୍କଟ**

ଆଜି ଚନ୍ଦ୍ରଙ୍କ ଯୋଗୁ ଅର୍ଥପ୍ରାପ୍ତି ସହ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ଦିଗରେ ମନ ବଳାଇବେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରି ଖୁସି ରହି ପାରନ୍ତି। ସହକର୍ମୀଙ୍କ ନିକଟରେ ମନକଥା ମନରେ ରଖିପାରିବେ ନାହିଁ। ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ**

ନୀଚସ୍ଥ ବୃହସ୍ପତି ହେତୁ କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ବନ୍ଧୁଙ୍କ ଦୋଷ, ଦୁର୍ବଳତାକୁ ଘୋଡାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସମସ୍ୟାରେ ଚିନ୍ତିତ ରହିପାରନ୍ତି।

**କନ୍ୟା**

ରାଶିକୁ ରବି ଓ ଶୁକ୍ର ଦେଖୁଥିବାରୁ ସୌଖୀନ ଜିନିଷ କ୍ରୟରେ ଅର୍ଥ ବ୍ୟୟ କରିବେ। ବାକି ରଖିଥିବା ଲୋକଟି ହଠାତ୍ ନିଜେ ଆସି ଟଙ୍କା ଦେଇଯିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ତୁଳା**

ଉଚ୍ଚସ୍ଥ ରାଶ୍ୟାଧିପତି ହେତୁ ଖୁସି ମନରେ କାମ କରିବା ସହ ସମସ୍ୟା ସମାଧାନରେ ସଫଳ ହେବେ। ବୁଦ୍ଧିଜୀବୀଙ୍କ ନିମନ୍ତ୍ରଣ ପାଇବା ସହ ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ବିଛା**

ସୁଚିନ୍ତିତ ବିଚାରଧାରା ହେତୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ ଦୂରେଇ ଯାଇଥିବା ବନ୍ଧୁଟି ପାଖେଇ ଆସିବ। ଅଷ୍ଟମାଧିପତି ବୁଧଙ୍କ ଯୋଗୁ ପରିବାରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆଜି ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ**

ନବମସ୍ଥାନକୁ ବୁଧର ଦୃଷ୍ଟି ପ୍ରଭାବରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ପୂର୍ବାଷାଢା ନକ୍ଷତ୍ର ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆଜି ଆପଣଙ୍କ କଠିନ ପରିଶ୍ରମ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରିବ ନାହିଁ।

**ମକର**

ସବୁ ସମୟରେ ଟେନ୍ସନ ଲାଗି ରହିବାରୁ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଏଣେ ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**

ଶନିଙ୍କ ଦୃଷ୍ଟିରେ ଶୁକ୍ରଥିବାରୁ ଘରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟମାନଙ୍କ ସହ ତର୍କ ଓ ବିବାଦ ବଢ଼ିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ**

ଆନୁଷ୍ଠାନିକ କ୍ଷେତ୍ରରେ ଏକ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ମାର୍ଚ୍ଚ ୨୬ ତାରିଖ। ରାଶିନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୯ମି. ଗତେ ଘ.୦୬.୩୭ମି. ମଧ୍ୟେ, ଘ. ୦୭.୨୬ମି. ଗତେ ଘ.୦୯.୫୧ମି. ମଧ୍ୟେ, ଘ.୧୨.୧୬ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୪.୧୮ମି. ଗତେ ଘ.୦୫.୫୫ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୯.୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୨୧ମି. ଗତେ ଘ.୧୧.୫୨ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




**SALE**

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed gharabari boundary** ଥାଇ ପ୍ଲଟ୍ କିଣନ୍ତୁ। **7008492511.** D-69388

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Ready to move 2BHK, 3BHK, Apartment Hanspal, Jharpada, Nayapalli, Sum Hospital, Forestpark, duplex Hanspal, Padasahi and Patia. 8455036260.** D-20278

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**Two storey Building with 1400sqft. land sale at Puri near Atharanala. Bank finance available. Call for details (Only genuine buyer): 8144658008 / 6372897984.** D-20336

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ, near Rabi Talkies, ଘରବାରି ପାଚେରି, ଲାଇନ ସହିତ। 9178660666. D-70569

ପୁରୀ ବାଟମଙ୍ଗଳା ସମ୍ମୁଖ **200ଫୁଟ୍** ବାଇପାସ୍‌ରୋଡ୍ ପାଖରେ **1000sqft.** ଜାଗା ସହ **2BHK and 2Bedrooms with garage** ମାତ୍ର **24ଲକ୍ଷ। Bank Finance available. 6372897984, 8984304650.** D-20335

ଭୁବନେଶ୍ୱର ପଟିଆ ରେଲୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

1560sqft. land & 2storey building with underground 1st floor @Khandagiri caves Tourism. Electricity & waters ready connection cost- 150lacs (Negotiable)immediate contact- 9439953866. D-67785




1200sqft. fully furnished Office space having with furniture available at 2nd floor Bapuji Nagar, Bhubaneswar @ 12000/- & 1800sqft. @12000/- on sharing basis. Contact: 7008485542. D-67588

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Refreshing your mind your body with the best therapy at Lotus Spa. 9801811949. D-70441

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Swarna SPA newly open positively health benefits with expert therapist. 9556978408. D-70566

Get good massage for your health the best therapy. 7749997224. D-70440

Zen SPA positively health benefits with experts therapeutic genuinely massage. 7205084157. D-70568




ରୋଜଗାର ରୋଜଗାର:- **AEPS & Mobile recharge portal** ନିଅନ୍ତୁ। **Daily 1000/-** ରୁ **1500/- income** କରନ୍ତୁ। **Contact: 7852932323.** D-20271

**LOST**

I, Kiran Kumar Panda (44), Khalasi street opposition Berhampur Stadium, Berhampur, Ganjam lost my original E-RSD vide No. 10571201275 on dated 24.03.2021 while travelling from Chatrapur to Taratarini Temple road. Anybody found pls. contact on mobile- 7008348352 or P.S.- Purusottampur (G.M). D-66656

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ୫ ମାମଲାରେ ପେଞ୍ଚ

## ଡଙ୍କାରୀ, ଆରୁହା ପାହାଡ଼ରୁ କଳାପଥର ଲୁଟ୍ ଘଟଣା

- ପ୍ରଶାସନିକ ଅଧିକାରୀଙ୍କ ସହଯୋଗ
- ସରକାର ହରାଉଛନ୍ତି ରାଜସ୍ୱ

**ଯାଜପୁର ଅଫିସ, ୨୫।୩**

ଯାଜପୁର ଜିଲା ରାଜସ୍ୱ ବିଭାଗର ଛତ୍ରଛାୟା ତଳେ ଚାଲିଥିବା ବେଆଇନ କଳାପଥର ଲୁଟ୍ ଘଟଣା ଦିନକୁଦିନ ଅଣାୟତ୍ତ ହେବାରେ ଲାଗିଛି। ତହସିଲ କୋର୍ଟରୁ ଆରମ୍ଭ କରି ଏନ୍‌ଜିଟି, ହାଇକୋର୍ଟ ଓ ଲୋକାୟୁକ୍ତଙ୍କ ନିକଟରେ ଏନେଇ ଅଭିଯୋଗ ହେଉଥିଲେ ହେଁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଆଇନଗତ ନିର୍ଦ୍ଦେଶ ଆସିଲେ ଯେନତେନ ଉପାୟରେ ବେଆଇନ ଖନନକାରୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବାକୁ ପ୍ରଶାସନିକ ଅଧିକାରୀମାନେ ଉଦ୍ୟମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଡଙ୍କାରୀ ଓ ଆରୁହା ପାହାଡ଼ରୁ ବେଆଇନ କଳାପଥର ଉତ୍ତୋଳନକୁ ଉଦାହରଣ ଭାବେ ନିଆଯାଇପାରେ । ଏ ସଂକ୍ରାନ୍ତରେ ୫ଟି ମାମଲା ରୁଜୁ ହୋଇଛି । ହେଲେ ପ୍ରଶାସନିକ ପେଞ୍ଚ ଯୋଗୁ ସରକାର ବିପୁଳ ରାଜସ୍ୱ ହରାଉଥିବା ସାଧାରଣରେ ମତପ୍ରକାଶ ପାଇଛି।

୨୦୦୨ରୁ ୨୦୧୮ ପର୍ଯ୍ୟନ୍ତ ଡଙ୍କାରୀ ପାହାଡ଼ରୁ କୌଣସି ପରିବେଶଗତ ଅନୁମତି ନ ଥାଇ ବହୁ କୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ଏହି ଅଭିଯୋଗ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ମାମଲା ନଂ.୬୦୪/୨୦୧୮ ଉପରେ ୪।୧।୨୦୧୯ରେ ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିପାଇଁ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀମାନଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଥିଲା । ହେଲେ ଉପରୋକ୍ତ ଅର୍ଥ ପଇଠ କରିବା ପରିବର୍ତ୍ତେ ନିଜକୁ ଓ ବେଆଇନ ଖାଦାନ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଯାଜପୁର ଅତିରିକ୍ତ ଜିଲାପାଳ ଓ ଧର୍ମଶାଳା ତହସିଲଦାର ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ।


ଆରୁହା କଳାପଥର ଖାଦାନ।

ଦ୍ୱିତୀୟ ଘଟଣା ହେଉଛି ଧର୍ମଶାଳା ତହସିଲ ଅଧୀନ ଆରୁହା ମୌଜାରେ ଥିବା ଏକ ସରକାରୀ ଜମି (ଖାତା ନଂ. ୬୭୯ ଅଧୀନ ପ୍ଲଟ ନଂ. ୨୮୧୦)କୁ ୧୯୯୦ରୁ ଜବରଦଖଲ କରି କଳାପଥର ଲୁଟ୍ ହେଉଥିବା ନେଇ ମାମଲା ରୁଜୁ ହୋଇଥିଲା। ଆରୁହା ଗ୍ରାମର ମନୋରଞ୍ଜନ ଜେନା ୨୦୧୯ ଫେବୃୟାରୀ ୨୫ରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଆରୁହା ଗ୍ରାମର ପ୍ରଭାକର ଜେନା ବେଆଇନ ଭାବେ କଳାପଥର ଉତ୍ତୋଳନ କରିବା ସହ ସେଠାରେ ଏକ କ୍ରଶର ସ୍ଥାପନ କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତ ପ୍ରଭାକରଙ୍କୁ ଜେଲଯିବାକୁ ପଡ଼ିଥିଲା । ସେ ଜାମିନରେ ମୁକୁଳିଛନ୍ତି। ତେବେ ଏହି ଜାମିନ ପାଇଁ ବ୍ୟାପକ ଚଞ୍ଚକତା ହୋଇଥିବା ଜଣେ ଆଇନଜୀବୀ ପ୍ରକାଶ କରିଛନ୍ତି।

ତୃତୀୟ ଘଟଣାରେ ୨୦୧୬ରେ ଡଙ୍କାରୀ ସୈରାତ ଲିଜ୍‌ଧାରୀ ଶ୍ରୀବାସ ଜେନା ଅନୁମତିଠାରୁ ଯଥେଷ୍ଟ ଅଧିକ ପରିମାଣର ଲଘୁ ଖଣିଜ ଉତ୍ତୋଳନ କରିଥିବା ଅଭିଯୋଗରେ ୫୮ କୋଟି ୬୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଜରିମାନା ଆଦାୟ କରିବାରେ ପ୍ରଶାସନ ସକ୍ଷମ ହୋଇପାରିଲା ନାହିଁ । ବରଂ ନ୍ୟାୟିକ ବ୍ୟବସ୍ଥାରେ ମାମଲା ଛନ୍ଦି ହୋଇଗଲା। ଏନେଇ ହାଇକୋର୍ଟରେ ଆଗତ ଆଉ ଏକ ମାମଲା (ଡବ୍ଲ୍ୟୁପିସି ନଂ.୨୧୦୭୮/୨୦୨୦)ର ଆଦେଶ ଆସିବା ପରେ ବର୍ତ୍ତମାନ ଜିଲାପାଳ ତାହା ଉପରେ ପଦକ୍ଷେପ ନେବାକୁ ତତ୍ପରତା ପ୍ରକାଶ କରିଥିବା ଜଣାପଡ଼ିଛି ।

ଚତୁର୍ଥ ଘଟଣାରେ ଯାଜପୁର ଓ ଢେଙ୍କାନାଳ ସୀମାନ୍ତ ଡଙ୍କାରୀ ପାହାଡ଼ରୁ ବିପୁଳ ପରିମାଣ କଳାପଥର ଲୁଟ୍ ମାମଲାରେ ଧର୍ମଶାଳା ତହସିଲ ପକ୍ଷରୁ ୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ସେମାନେ ହେଲେ ଡଙ୍କାରୀ ଗ୍ରାମର ରବି ଦାସ, ଚଢ଼େଇଧରା ଗ୍ରାମର କୁନା ପୃଷ୍ଟି ଓ ଢେଙ୍କାନାଳ ଜିଲା ନାଜିଚୌକିଛକ ଗ୍ରାମର ସ୍ୱରୂପାନନ୍ଦ ଦାସ। ଜେନାପୁର ଥାନାଧିକାରୀଙ୍କୁ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ହେଲେ କେଉଁ କାରଣରୁ ୪ ମାସ ହେଲା ଅଭିଯୁକ୍ତମାନଙ୍କୁ ମାଫ୍ କରାଯାଇଛି ତାହା ବୁଝାପଡୁ ନ ଥିବା ସାଧାରଣରେ ଆଲୋଚନା ହେଉଛି।

୫ମ ଘଟଣା ଅନୁଯାୟୀ, ଆରୁହା ପାହାଡ଼ରୁ ନିର୍ଦ୍ଧାରିତ ଲିଜ୍ ଏରିଆଠାରୁ ବହୁ ଗୁଣରେ ଅଧିକ ମୂଲ୍ୟବାନ୍ କଳାପଥର ବେଆଇନ ଭାବେ ଉତ୍ତୋଳନ ହୋଇଛି। ଏଥିପାଇଁ ରାଜ୍ୟ ସରକାର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇଛନ୍ତି। ଏନେଇ ଲୋକାୟୁକ୍ତଙ୍କ କୋର୍ଟରେ ୧୩୫୫/୨୦୨୦ ନମ୍ବର ମାମଲା ରୁଜୁ ହୋଇଛି। ଲୋକାୟୁକ୍ତ ନିର୍ଦ୍ଦେଶକ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ତେବେ ଏହି ଲୁଟ୍ ମାମଲାକୁ ମଧ୍ୟ ଦବେଇ ଦେବାକୁ ପ୍ରଶାସନିକସ୍ତରରେ ଉଦ୍ୟମ ହେଉଥିବା ଅଭିଯୋଗ କରିଛନ୍ତି ଆବେଦନକାରୀ ସର୍ବେଶ୍ୱର ବେହୁରା। ସେ କହିଛନ୍ତି, ସମସ୍ତ ଲୁଟ୍ ମାମଲାରେ ପ୍ରଶାସନିକ ସହଯୋଗ ରହିଆସୁଛି। ତେଣୁ କାର୍ଯ୍ୟାନୁଷ୍ଠାନ ବଦଳରେ ଓଲଟା ମାଫିଆମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗସ୍ତରରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ନେଇ କାର୍ଯ୍ୟାନୁଷ୍ଠାନ ଲାଗି ଉଦ୍ୟମ ଜାରି ରହିଛି । ରାଜସ୍ୱହାନି ଘଟଣାରେ ତହସିଲ ପ୍ରଶାସନର କୌଣସି ସହଯୋଗ ନାହିଁ।

# 'ବନ୍ଦ ହେବନି ଟିଟିପିଏସ୍‌ର ୩ୟ ପର୍ଯ୍ୟାୟ ସମ୍ପ୍ରସାରଣ କାମ'

## କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)–** ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର(ଟିଟିପିଏସ୍)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରାଯିବ । ଏହାସହ ଭବିଷ୍ୟତରେ ଏହି ପ୍ରକଳ୍ପ ବନ୍ଦ ହେବନାହିଁ ବୋଲି କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଆର.କେ ସିଂହ ପ୍ରତିଶ୍ରୁତି ଦେଇଥିବା ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଧର୍ମେନ୍ଦ୍ର ତାଳଚେରରେ ଆଉ ଏକ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀ ସିଂହଙ୍କୁ ଅନୁରୋଧ କରିଛନ୍ତ। ତେବେ ଓଡ଼ିଶା ସରକାର ଏଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେଲେ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଆର.କେ ସିଂହ ପ୍ରତିଶ୍ରୁତି ଦେଇଥିବା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବୋଦୟ କଳ୍ପନାରେ ଏହି ବିକାଶ ହେବ ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି ।

ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ୩ୟ ପର୍ଯ୍ୟାୟର ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ ଶକ୍ତି ମନ୍ତ୍ରଣାଳୟର ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାକୁ ଦୀର୍ଘ ୨୫ ବର୍ଷ ଶକ୍ତି ଯୋଗାଇବାକୁ ୨୦୧୦ରେ ଏନଟିପିସି ଟିଟିପିଏସର ଷ୍ଟେଜ୍–୩ ସମ୍ପ୍ରସାରଣ ପାଇଁ ୧୩୨୦ ମେଗାୱାଟ ପର୍ଯ୍ୟନ୍ତ ଅତ୍ୟାଧୁନିକ ସୁପର କ୍ରିଟିକାଲ ପାୱାର ଷ୍ଟେସନ ଭାବେ ୬୬୦ ମେଗାୱାଟର ୨ଟି ୟୁନିଟ୍ ବିଶିଷ୍ଟ ଏକ ପ୍ରକଳ୍ପ ଲାଗି ପ୍ରସ୍ତାବ ଦେଇଥିଲା। ଅକ୍ଟୋବର ୨୦୧୧ରେ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଏହାକୁ ସର୍ବବୃହତ ପ୍ରକଳ୍ପର ମାନ୍ୟତା ପ୍ରଦାନ କରାଯାଇଥିଲା। ଏଥିପାଇଁ ଏନଟିପିସି ଦ୍ୱାରା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆନୁଷଙ୍ଗିକ ଅନୁମତି ପ୍ରଦାନ କରାଯାଇଥିଲା। ୧୮ ଏପ୍ରିଲ ୨୦୧୭ରେ ଏନଟିପିସି ଦ୍ୱାରା ଓଡିଶା ସରକାରଙ୍କ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପାଇଁ ଆବେଦନ କରାଯାଇଥିଲା। ଏକ ବୃହତ ପ୍ରକଳ୍ପ ହୋଇଥିବା କାରଣରୁ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ କମିଟିର ଅନୁମତି ଆବଶ୍ୟକତା ଥିଲା। ମାତ୍ର ଅନୁମୋଦନରେ ବିଳମ୍ବ ଯୋଗୁ କେନ୍ଦ୍ରମନ୍ତ୍ରୀ ୧୧ ସେପ୍ଟେମ୍ବର ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କହିଥିଲେ। ଏନେଇ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ମଧ୍ୟ ପତ୍ର ଲେଖିଥିଲେ। ପ୍ରଧାନମନ୍ତ୍ରୀ ୨୦୧୮ରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିପାରିଥାନ୍ତେ। ମାତ୍ର ୨୦୨୦ ଫେବୃୟାରୀରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଏହି ପ୍ରକଳ୍ପ ପାଇଁ ଅନୁମତି ପ୍ରଦାନ କରିଥିଲା। ତେବେ ସ୍ଥାନୀୟ ଜନସାଧାରଣଙ୍କ ଜୀବନଜୀବିକା ତଥା ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ଲାଗି ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପୂର୍ବ ଭାରତ ଏବଂ ଓଡ଼ିଶାର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସ୍ୱଳ୍ପ ମୂଲ୍ୟର ଏବଂ ନିର୍ଭରଯୋଗ୍ୟ ଶକ୍ତିର ନିରନ୍ତର ଉପଲବ୍ଧତାକୁ ସୁନିଶ୍ଚିତ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ୨୮, ୨୯ରେ ସ୍କୁଲ ବନ୍ଦ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ):** ଆସନ୍ତା ୨୮ ଏବଂ ୨୯ ତାରିଖ ଦୁଇ ଦିନ ପାଇଁ ସ୍କୁଲ ବନ୍ଦ ରହିବ। ଏହି ଦୁଇ ଦିନ ପାଠପଢ଼ା ହେବ ନାହିଁ ବୋଲି ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଦୁଇ ଦିନ ଦୋଳ ପୂର୍ଣ୍ଣିମା ଏବଂ ହୋଲି ଯୋଗୁ ଏହି ଦୁଇ ଦିନ ପାଇଁ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ର ସବୁ ଜିଲା ଶିକ୍ଷା ଅଧିକାରୀ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସମସ୍ତ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ୨୮ ଓ ୨୯ ତାରିଖରେ ଦୋଳ ଏବଂ ହୋଲି ଯୋଗୁ ପାଠପଢ଼ା ନ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ରାଜ୍ୟର ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଓ ବେସରକାରୀ ସ୍କୁଲ ପାଇଁ ଉଦ୍ଦିଷ୍ଟ। ଏହି ଦୁଇ ଦିନ କୌଣସି ପ୍ରକାର ପାଠପଢ଼ା ନ କରିବା ଲାଗି କୁହାଯାଇଛି।

# ଟିଟିପିଏସ୍ ଗୋଟିଏ ୟୁନିଟ୍ ଲାଇଟ୍ ଅଫ୍

**ତାଳଚେର, ୨୫।୩ (ନି.ପ୍ର.)**

ନିର୍ଦ୍ଧାରିତ ତାରିଖ ମାର୍ଚ୍ଚ ୩୧ ପୂର୍ବରୁ ଅନୁଗୋଳ ଜିଲା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ହଠାତ୍ ବନ୍ଦ ସମ୍ପର୍କିତ ଏନ୍‌ଟିପିସିର ନିଷ୍ପତ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ବେଗ ଓ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଆର.କେ. ସିଂଙ୍କୁ ଚିଠି ପରେ ଗୁରୁବାର ରାତିରେ ଟିଟିପିଏସ୍‌ର ଗୋଟିଏ ୟୁନିଟ୍ ଲାଇଟ୍ ଅଫ୍ କରାଯାଇଛି। ଏଥିସହ ବିଳମ୍ବିତ ରାତିରେ ଉକ୍ତ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ପ୍ଲାଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ଟିଟିପିଏସ୍ ଶ୍ରମିକ ମହଲରେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପାଇଛି। ପ୍ରକାଶ ଯେ, ଏନ୍‌ଟିପିସି ପରିଚାଳନାଧୀନ ଟିଟିପିଏସ୍‌ର ସମସ୍ତ ୟୁନିଟ୍‌କୁ ଗତ ୨୨ ତାରିଖ ରାତିରୁ ହଠାତ୍ ବନ୍ଦ ରଖାଯାଇଥିଲା। ଶ୍ରମିକମାନେ

## ଶ୍ରମିକ ମହଲରେ ସାମାନ୍ୟ ଆଶ୍ୱସ୍ତି

କାମ ନ କରିବାରୁ ୟୁନିଟ୍‌ଗୁଡିକ ବନ୍ଦ ରହିଛି ବୋଲି ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏହାକୁ ଶ୍ରମିକମାନଙ୍କ ପକ୍ଷରୁ ଖଣ୍ଡନ କରାଯାଇଥିଲା । ପ୍ରଦୂଷଣ ନିରାକରଣ ସମ୍ପର୍କିତ ଆଦେଶ କାର୍ଯ୍ୟକାରୀ ନ କରି ଏନ୍‌ଟିପିସି କର୍ତ୍ତୃପକ୍ଷ ଟିଟିପିଏସ୍‌କୁ ବନ୍ଦ କରିବାର ଯୋଜନା କରିଥିବା ଶ୍ରମିକମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏନ୍‌ଟିପିସିର ଏପରି ନିଷ୍ପତ୍ତିକୁ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଆର.କେ. ସିଂଙ୍କୁ ଚିଠି ଲେଖିଥିଲେ। ଏନ୍‌ଟିପିସିର ଷ୍ଟେଜ୍–୩ ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୨୦ ଫେବୃୟାରୀରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଅଥରିଟି ମାଧ୍ୟମରେ ଅନୁମୋଦନ ଦିଆଯାଇଥିବା ଓ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଥିବାରୁ ତୁରନ୍ତ ଷ୍ଟେଜ୍–୩ ୟୁନିଟ୍ ସ୍ଥାପନ କାମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ ଗୁରୁବାର ସକାଳେ ଟିଟିପିଏସ୍ ଅଧିକାରୀମାନେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଇଥିଲେ। କୋଇଲା ଫିଡିଙ୍ଗ ସହ ଖାଲି ବଙ୍କରଗୁଡ଼ିକରେ କୋଇଲା ମହଜୁଦ ରଖାଇଥିଲେ। ରାତି ୭ଟା ୪୫ରେ ୬ ଗୋଟି ୟୁନିଟ୍ ମଧ୍ୟରୁ କେବଳ ୩ ନମ୍ବର ୟୁନିଟ୍ ବଏଲରର ଲାଇଟ ଅଫ୍ କରାଯାଇଥିଲା। ଟିଟିପିଏସ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଡି.ଏନ. ତିୱାର କହିଛନ୍ତି, ୩ ନମ୍ବର ୟୁନିଟ୍ ଲାଇଟ ଅଫ୍ କରାଯାଇଛି। ଆଉ ୩/୪ ଘଣ୍ଟା ପରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହେବ।

# ପୋଷ୍ଟ ମାଷ୍ଟରଙ୍କୁ ୭ ବର୍ଷ ଜେଲ

**ଭଦ୍ରକ ଅଫିସ, ୨୫।୩**

ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରିଥିବା ପୋଷ୍ଟମାଷ୍ଟର କମଳାକାନ୍ତ ନାୟକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ପୁଣି ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ ଆହାରପଦା ଶାଖା ପୋଷ୍ଟ ଅଫିସର ତତ୍କାଳୀନ ପୋଷ୍ଟମାଷ୍ଟର ନାୟକ ୧୮୫ ଜମାକାରୀଙ୍କ ୩୫ ଲକ୍ଷ ଜମାରାଶି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ୨୦୧୬ରେ ତତ୍କାଳୀନ ଭଦ୍ରକ ମଣ୍ଡଳ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ପରମାନନ୍ଦ ସାହୁ ଅଡିଟ୍ ସମୟରେ ଏହି ଅନିୟମିତତା ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୭୦/୧୬ ) ରୁଜୁ ହୋଇଥିଲା। ୨୦୧୭ ଅଗଷ୍ଟ ୨୩ରେ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର କୋର୍ଟ ଚୂଡ଼ାନ୍ତ ରାୟ ପ୍ରକାଶ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ଦୁର୍ଗା ରାୟମହାପାତ୍ର ଓ ଜତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

# 'ରାଧେ' ଫିଲ୍ମରେ ଓଡ଼ିଆ ଅଭିନେତା ରାମ ସିର୍କା


ପ୍ରଭୁ ଦେବାଙ୍କ ସହ ରାମ ସିର୍କା।

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୫।୩**

ଇଚ୍ଛା ଥିଲେ, ନିଜର ଉଦ୍ୟମ ବଳରେ ସବୁ କିଛି ହାସଲ କରିହେବ। ଏହାକୁ ପ୍ରମାଣିତ କରିଛନ୍ତି ବଲିଉଡ୍‌ରେ ଷ୍ଟାର ପାଲଟିଥିବା ଆଦିବାସୀ ଯୁବକ ରାମ ସିର୍କା। ପ୍ରଭୁଦେବା ନିର୍ଦ୍ଦେଶିତ ଓ ସଲମାନ ଖାନ ଅଭିନୀତ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ରାଧେ'ରେ ସେ ଅଭିନୟ କରିବାର ସୁଯୋଗ ପାଇଥିବା ବେଳେ ଆସନ୍ତା ଇଦ୍‌ରେ ଏହି ସିନେମା ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି ।

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକର ନିପଟ ମଫସଲ ଖନ୍ତ ଗ୍ରାମରେ ରାମଙ୍କର ଜନ୍ମ। ଦୀର୍ଘ ବର୍ଷ ଧରି ମାୟା ନଗରୀ ମୁମ୍ବାଇରୁ ନିଜ ମାତୃଭୂମିକୁ ଆସିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। କେନ୍ଦୁଝର ଜିଲାକୁ ବୁଧବାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ 'ଧରିତ୍ରୀ'କୁ ତାଙ୍କର ଅନୁଭୂତି କହିଥିଲେ।

ଗରିବ ପରିବାରରେ ତାଙ୍କର ଜନ୍ମ। ବାପା ଶିବ ସିର୍କା କାମ ଅନ୍ୱେଷଣରେ ୧୯୭୪ରେ ଟାଟା ନଗର ଚାଲିଯାଇଥିଲେ। ସେଠାରେ ରାମ ପାଠ ପଢ଼ା ସହିତ ମାର୍ସଲଆଟ୍ ଶିକ୍ଷା ନେଇ ବ୍ଲାକ ବେଲ୍ଟ ପାଇଥିଲେ। ଏହି ଖେଳ ଦିନେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା ସେ ଜାଣି ନ ଥିଲେ । ପିଲା ଦିନରୁ ଅଭିନୟ କରିବାର ଆଶା ଥିଲେ ହେଁ ପରିବାରର ଅଭାବ ଅନାଟନ ଯୋଗୁ ତାଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ତେବେ ଗ୍ରାଜୁଏସନ ପରେ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୦୫ରେ ମୁମ୍ବାଇକୁ ଚାଲିଯାଇଥିଲେ । ସେଠାରେ ମାର୍ସଲ ଆର୍ଟରେ ପ୍ରଶିକ୍ଷଣ ଦେଇ ରୋଜଗାର କରଥିଲେ। ଭାଗ୍ୟ ବଦଳିଯାଇଥିଲା ଯେତେବେଳେ ଏହି ଆର୍ଟ ଶିଖିବା ପାଇଁ ନାମୀଦାମୀ ଲୋକ ଆସିଲେ। ପରବର୍ତ୍ତୀ ସମୟରେ ନବକୁମାର ରାଜୁ ନାମକ ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କୁ ଗୁରୁ ଭାବେ ଗ୍ରହଣ କରିନେଇଥିଲେ। କିଛି ବର୍ଷ ପରେ ବଲିଉଡ୍ ଅଭିନେତା ଅଭିନେତ୍ରୀଙ୍କର ଫିଟନେସ ଟ୍ରେନର ଭାବରେ କାମ କରିବାକୁ ସୁଯୋଗ ପାଇଲେ। ପରେ ହିନ୍ଦୀ ସେନେମା ଦବଙ୍ଗ ୩ , ମର୍ଦ କୋ ଦର୍ଦ ନେହିଁ ହୋତା ଭଳି ହିନ୍ଦି ସିନେମା ଏବଂ ମାଲାୟଲମର ଦ କୁଙ୍ଗ୍ଫୁ ମାଷ୍ଟର, ଆକ୍ସନ ହିରୋ ବୁଜୁ ଆଦି ସିନେମାରେ ଅଭିନୟ କରିବାର ସୁଯୋଗ ପାଇଥିବା କହିଛନ୍ତି। ଏହା ସହିତ ସେ ବହୁ ରିଆଲିଟି ଶୋ, ସିରୟଲରେ ମଧ୍ୟ ଅଭିନୟ କରିବାର ସୁଯୋଗ ପାଇଥିଲେ। 'ରାଧେ' ସିନେମାରେ ଅଭିନେତା ସଲମନ ଖାନଙ୍କ ସହିତ ଅଭିନୟ କରିବା ପରେ ସେ ଭାବ ବିହ୍ୱଳ ହୋଇ ଉଠିଥିଲେ । ଏହି ସିନେମାକୁ ନେଇ ସେ ବହୁତ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। ମୁମ୍ବାଇରେ ଏଥିପାଇଁ ତାଙ୍କୁ ଦୀର୍ଘ ବର୍ଷ ଧରି ବହୁ ଉଦ୍ୟମ ଓ ସଂଘର୍ଷ କରିବାକୁ ପଡ଼ିଥିବା କହିଛନ୍ତି। ଏହି ସିନେମାରେ ଅଭିନୟକୁ ନେଇ ସେ କିଛି କହି ନ ଥିଲେ ହେଁ ନେଗେଟିଭ ରୋଲ ମିଳିଛି ଯାହାକୁ ଲୋକେ ଦେଖିଲେ ଜାଣିପାରିବେ। ସେ ତାଙ୍କ ସ୍ତ୍ରୀ ଓ ଝିଅ ସହିତ ମୁମ୍ବାଇରେ ରହୁଛନ୍ତି। ଘରେ ବାପା, ମା ଓ ବଡ଼ଭାଇ ଅଛନ୍ତି । ଭଉଣୀ ବିବାହିତା ବୋଲି କହିଛନ୍ତି। ସିନେମା ଦୁନିଆକୁ ଯାଇ ମଧ୍ୟ ନିଜର ପରମ୍ପରା ଭୁଲି ନ ଥିବା କୁହନ୍ତି। ସୁଯୋଗ ମିଳିଲେ ଓଡ଼ିଆ ସିନେମାରେ ଅଭିନୟ କରିବେ ବୋଲି କହିଛନ୍ତି। ସେହିପରି ନିଜ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରି ପାରିଲେ ସବୁଠି ସଫଳ ହୋ ପାରିବେ ବୋଲି କହିଛନ୍ତି।



ଇହୁଦୀମାନେ ଭଗବାନଙ୍କୁ ଭୟ କରୁଥିବା ଭକ୍ତମାନଙ୍କୁ ଆବିଷ୍କାର କରିଛନ୍ତି। କିନ୍ତୁ ଭାରତବର୍ଷ ଭଗବତ୍ -ଜ୍ଞାନୀ ଓ ଭଗବତ୍-ପ୍ରେମୀମାନଙ୍କୁ ଆବିଷ୍କାର କରିଛି।... ଭଗବାନଙ୍କ ଦାସ ଜୁଡିଆ ଦେଶରେ ଜନ୍ମିଥିଲେ। କିନ୍ତୁ ଭାରତବର୍ଷର ଭଗବତ୍- ଦାସ ଜଣେ ଦାସ୍ୟଭକ୍ତ। **-ଶ୍ରୀଅରବିନ୍ଦ**



# ଯୁବକଙ୍କୁ ଟିକା ଦିଅ

ଭାରତରେ ଏବେ କରୋନା ଭୂତାଣୁର ଦ୍ୱିତୀୟ ଲହର ଦେଖାଦେଇଛି। ଆଜି ଦେଶରେ ୫୩ ହଜାରରୁ ଅଧିକ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟା ଗତ ୪ ମାସ ମଧ୍ୟରେ ସର୍ବାଧିକ। ଅପରପକ୍ଷରେ ସୁସ୍ଥତା ହାର ହ୍ରାସ ପାଇଛି। ସଂକ୍ରମଣକୁ ରୋକିବା ଲାଗି ମହାରାଷ୍ଟ୍ର, ପଞ୍ଜାବ ଏବଂ କେରଳ ପୁନର୍ବାର ଲକ୍‌ଡାଉନ ଲାଗୁ କରିବା ଆରମ୍ଭ କରିଛନ୍ତି। ଆମ ରାଜ୍ୟରେ ମଧ୍ୟ କେତେକ ଜିଲାରେ ନାଇଟ୍ କର୍ଫ୍ୟୁ ଲାଗୁହୋଇଛି। ମଙ୍ଗଳବାର ମାଲକାନଗିରି ପ୍ରଶାସନ ପୁଣି ନାଇଟ୍ କର୍ଫ୍ୟୁ ଲାଗୁ କରିଥିବାବେଳେ ରାଜ୍ୟ ସରକାର ବୁଧବାର ନବରଙ୍ଗପୁରରେ ୨୫ ମାର୍ଚ୍ଚରୁ ପୁନର୍ବାର ନାଇଟ୍‌କର୍ଫ୍ୟୁ ଲାଗୁ କରିଛନ୍ତି। ଆହୁରି ଅଧିକ ଜିଲାରେ ଏହା ଲାଗୁ କରାଯାଇପାରେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ, ଯଦି ସମୂହ ସଂକ୍ରମଣ ପ୍ରକାଶ ପାଏ ତେବେ ସରକାର ସଂକ୍ରମିତ ଅଞ୍ଚଳଗୁଡ଼ିକରେ ଲକ୍‌ଡାଉନ ଲଗାଇବାକୁ ପଶ୍ଚାଦପଦ ହେବେ ନାହିଁ। ତେବେ ପୁନଃ ସଂକ୍ରମଣ ରୋକିବା ଲାଗି ସରକାର ସମ୍ପୂର୍ଣ୍ଣ ଲକ୍‌ଡାଉନ ଲଗାଇବାକୁ ଇଚ୍ଛାପ୍ରକାଶ କରିନାହାନ୍ତି। କାରଣ ଲକ୍‌ଡାଉନରୁ ଅଦ୍ୟାବଧି ସଫଳତା ମିଳିବାର ପ୍ରମାଣ ମିଳିନି। ଗତ ବର୍ଷ ଲକ୍‌ଡାଉନ ଲାଗୁ କରାଯାଇଥିବାବେଳେ କରୋନା ଭୂତାଣୁର ପଜିଟିଭ କେସ୍ ଧୀରେ ଧୀରେ ବୃଦ୍ଧି ପାଇଥିଲା। ଗତ ବର୍ଷ ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡିଥିଲା। ଏହା ଯୋଗୁ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ଜୀବିକା ହରାଇଥିଲେ। ମାନ୍ଦା ଅର୍ଥବ୍ୟବସ୍ଥା ତା'ର କୋଭିଡ ପୂର୍ବାବସ୍ଥାକୁ ଫେରିବା ଲାଗି ଏବେ ସୁଦ୍ଧା ସଂଗ୍ରାମ ଜାରି ରଖିଛି। ରିୟଲ ଇଷ୍ଟେଟ ଭଳି ଅନେକ କ୍ଷେତ୍ର ଏ ଯାଏ ମାନ୍ଦାବସ୍ଥାରେ ରହିଛନ୍ତି। ଏବେଠାରୁ ଯଦି ପରିସ୍ଥିତି ପୁଣି ବିଗିଡ଼ିଯାଏ, ତବେ ଆଉ ଥରେ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିବା ବ୍ୟତୀତ ସରକାରଙ୍କ ପାଖରେ ଆଉ କିଛି ବିକଳ୍ପ ରହିବ ନାହିଁ। କିନ୍ତୁ ଭଗବାନ ଏହା ନ କରନ୍ତୁ।

୪୫ରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତିଙ୍କୁ ଟିକା ଦେବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ବୟସ ବର୍ଗର ଯେକୌଣସି ବ୍ୟକ୍ତି ରୋଗ ଥାଉ ବା ନ ଥାଉ ସମସ୍ତେ କରୋନା ଟିକା ନେଇପାରିବେ ବୋଲି କୁହାଯାଇଛି। ଟିକା ନେବା ଲାଗି ଏମାନଙ୍କ ପାଇଁ କୌଣସି ମେଡ଼ିକାଲ ସାର୍ଟିଫିକେଟ ଆବଶ୍ୟକ ପଡିବ ନାହିଁ। ସରକାରଙ୍କର ଏଭଳି ନିଷ୍ପତ୍ତି ବହୁତ ପୂର୍ବରୁ ନେବାର ଉଚିତ ଥିଲା, ତେବେ ଏହା ଏବେ ନିଆଯାଇଛି ଓ ଟିକା ନେବାକୁ ଅପେକ୍ଷାରତ ଏହି ବର୍ଗର ଲୋକମାନଙ୍କୁ ବେଶ୍ ଉତ୍ସାହିତ କରିଛି। ସେମାନଙ୍କ ଅଶା ମଧ୍ୟ ବଢିଯାଇଛି। କାରଣ,ଏମାନଙ୍କ ମଧ୍ୟରେ ରହିଥିବା ସମସ୍ତ କର୍ମଜୀବୀ ବର୍ଗର ବ୍ୟକ୍ତିଙ୍କୁ କୋଭିଡ୍ ନିରୋଧୀ ଟିକା ନେବାକୁ ଆଉ ଅପେକ୍ଷା କରିବାକୁ ପଡ଼ିବନି। ଟିକାକରଣ ପ୍ରକ୍ରିୟା ଉପରେ ସରକାର ପ୍ରଥମରୁ ଅତ୍ୟଧିକ କଟକଣା ଲଗାଇବା ଦ୍ୱାରା ଏହା ମନ୍ଥର ହୋଇଯାଇଛି। ଏଭଳି କରାଯାଇ ନ ଥିଲେ ଆମେ ହୁଏତ ମହାମାରୀର ଦ୍ୱିତୀୟ ଲହରକୁ ଦୂରେଇ ଦେଇ ପାରିଥାନ୍ତେ। ଏଥିରୁ ବି ଆମେ ବର୍ତ୍ତି ଯାଇଥାଆନ୍ତେ। ଦେଖିବାକୁ ଗଲେ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହେବା ଠାରୁ ତାହା ତ୍ରୁଟିପୂର୍ଣ୍ଣ ରହି ଆସିଛି। ପ୍ରଥମତଃ, ଟିକାକରଣ ପ୍ରକ୍ରିୟାକୁ ସରକାରୀ ହସ୍ପିଟାଲଗୁଡ଼ିକରେ ସୀମିତ ରଖି ବେସରକାରୀ ହସ୍ପିଟାଲଗୁଡ଼ିକ ଉପରେ କଟକଣା ରଖିବା ନିଷ୍ପତ୍ତି ସରକାରଙ୍କର ଏକ ରଣନୀତିକ ତ୍ରୁଟି । ଏହା ଅନାବଶ୍ୟକ ଥିଲା। ଏହି ନିଷ୍ପତ୍ତି ଟିକାକରଣ ପ୍ରକ୍ରିୟାର ଗତିକୁ ମନ୍ଥର କରିଦେଲା। ଘରୋଇ ହସ୍ପିଟାଲଗୁଡ଼ିକୁ ଟିକାକରଣ ଯୋଜନାରେ ସାମିଲ ନ କରିବା ଦ୍ୱାରା ମୂଲ୍ୟବାନ ସମୟକୁ ନଷ୍ଟ କରାଗଲା । ଏହି ସମୟ ମଧ୍ୟରେ କରୋନାର ଦ୍ୱିତୀୟ ଲହରକୁ ରୋକା ଯାଇ ପାରିଥାନ୍ତା। ଘରୋଇ ହସ୍ପିଟାଲଗୁଡ଼ିକ ସେମାନଙ୍କ ଭିତ୍ତିଭୂମି ଏବଂ କର୍ମଶକ୍ତିକୁ ବିଚାରକୁ ନେଇ ସଂଖ୍ୟାନୁପାତରେ ସେମାନେ ନିଶ୍ଚିତ ଭାବେ ଅଧିକ ପ୍ରତିଶତ ଲୋକଙ୍କୁ ଟିକା ଦେଇପାରିଥାନ୍ତେ। କିନ୍ତୁ ଏହା ହେଲା ନାହିଁ। ଯେଉଁ ସମୟରେ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରିବାର ନିଷ୍ପତ୍ତି ନେଲେ ସେତେବେଳକୁ ବହୁମୂଲ୍ୟ ସମୟ ହାତରୁ ଚାଲିଯାଇଥିଲା। ଏବେକାର ଦ୍ରୁତ ସଂକ୍ରମଣକୁ ବିଚାରକୁ ନେଲେ ୪୫ରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତିଙ୍କୁ ଟିକା ଦେବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଏକ ସର୍ବୋତ୍ତମ ନିଷ୍ପତ୍ତି ହୋଇ ନ ପାରେ। ଯେଉଁ ସମୟରେ ତୁମ ପାଖରେ ପର୍ଯ୍ୟାପ୍ତ ଟିକା ଥିଲା ଏବଂ ଘରୋଇ ସଂସ୍ଥାଗୁଡ଼ିକୁ ଏହି ଯୋଜନାରେ ସାମିଲ କରିଲ ସେତେବେଳେ ୪୫ରୁ କମ୍ ବୟସର ସମସ୍ତ ବ୍ୟକ୍ତିଙ୍କୁ ଟିକା ନ ଦେଇ ଏହାଠାରୁ ଅଧିକ ବୟସର ବ୍ୟକ୍ତିଙ୍କୁ କାହିଁକି ଟିକା ଦେଲ। ଯୁବକମାନଙ୍କୁ ଏହି ଯୋଜନାରେ କାହିଁକି ଅନ୍ତର୍ଭୁକ୍ତ କରିଲ ନାହିଁ। ଅନ୍ତତଃ ଦେଶର ଶ୍ରମ ତଥା କର୍ମଶକ୍ତି କୁହାଯାଉଥିବା ୨୦ରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ଲୋକମାନଙ୍କୁ ଟିକା ନେବାକୁ ଅନୁମତି ଦେବା ଉଚିତ ଥିଲା। ଫଳରେ ସେମାନଙ୍କର ଆଉ ସଂକ୍ରମଣ ଭୟ ରହି ନ ଥାନ୍ତା ଏବଂ ଏହା ଯୋଗୁ ଅର୍ଥବ୍ୟବସ୍ଥା ସୁଧାରିବାରେ ସେମାନଙ୍କ ଯୋଗଦାନ ରହିପାରିଥାନ୍ତା। ଏହି ବର୍ଗର ବ୍ୟକ୍ତିମାନେ କର୍ମକ୍ଷେତ୍ରକୁ ଆସିବା ଦ୍ୱାରା ବାହ୍ୟ ପରିବେଶ ସଂସ୍ପର୍ଶରେ ଆସିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକ ରହିଛନ୍ତି ଯୁବକ। ଏଣୁ ଯୁବକମାନଙ୍କୁ ଟିକାକରଣରେ ଅଧିକ ସାମିଲ କରାଗଲେ ତାହା ଦ୍ୱିତୀୟ ଲହରର କ୍ଷତିକୁ କମାଇବା ପାଇଁ ଏକ ପ୍ରଭାବୀ ଉପାୟ ହେବ। କେନ୍ଦ୍ର ଅନ୍ୟ ଦେଶଗୁଡ଼ିକୁ ଟିକା ରପ୍ତାନି ବନ୍ଦ କରିବା ଉଚିତ। ଅନ୍ୟ ପକ୍ଷରେ ୭୦ଟି ଦେଶକୁ ଟିକା ରପ୍ତାନି କରି ପ୍ରଧାନମନ୍ତ୍ରୀ ଶ୍ରେୟ ନେଲେ। ବୈଶ୍ୱିକ ମହାମାରୀ ସମୟରେ ସରକାର ବହାର ଦେଶଗୁଡ଼ିକୁ ଟିକା ଯୋଗାଇ ଆନ୍ତର୍ଜାତିକ ସହାନୁଭୂତି ପ୍ରକାଶ କରିବାକୁ ଆମେ ଅସ୍ୱୀକାର କରୁନାହୁଁ, କିନ୍ତୁ ନିଜ ଦେଶର ଲୋକମାନେ ଏ କ୍ଷେତ୍ରରେ ଅଗ୍ରାଧିକାର ପାଇବା ଉଚିତ।

## ଆଜିର ଅର୍ଥନୀତି

# ଅନିଶ୍ଚିତତାରେ ପରୀକ୍ଷାର୍ଥୀ



ଡ. ମୌସୁମୀ ପରିଡ଼ା

ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ପିଲାମାନଙ୍କ ପାଇଁ ୨୦୨୧ର ଶିକ୍ଷାବର୍ଷ ଏକ ସମସ୍ୟା ବହୁଳ ବର୍ଷ କହିଲେ ଭୁଲ୍ ହେବନାହିଁ। ଗତବର୍ଷ କୋଭିଡ୍ ସଂକ୍ରମଣ ଯୋଗୁ ବାକି ଥିବା ଗୋଟିଏ କିମ୍ବା ଦୁଇଟି ପେପର୍‌ର ପରୀକ୍ଷା ସିନା ବାତିଲ୍ ହୋଇଥିଲା, କିନ୍ତୁ ପିଲାମାନେ ପାଠ ତ ଠିକ୍ ଭାବେ ପଢ଼ିଥିଲେ ଓ ସେଥିପାଇଁ ପର୍ଯ୍ୟାପ୍ତ ସମୟ ମଧ୍ୟ ପାଇଥିଲେ। ଏଥର କିନ୍ତୁ ବର୍ଷଟା ସାରା ପାଠପଢ଼ାର ଭିନ୍ନ ପରିବେଶ। କୋଭିଡ୍ ସଂକ୍ରମଣ ପାଇଁ ଅନ୍‌ଲାଇନ୍ ପାଠପଢ଼ା ପ୍ରକୃତ ଆବଶ୍ୟକତା ପୂରଣ କରିପାରିଲା ନାହିଁ। ଅବଶ୍ୟ ଏ ବର୍ଷ ଜାନୁୟାରୀ ଆଠ ତାରିଖରୁ ଶ୍ରେଣୀଗୃହରେ ପାଠପଢ଼ା ଆରମ୍ଭ ହେଲା, ଯେଉଁ ସମୟରେ ସମ୍ପୂର୍ଣ୍ଣ କୋର୍ସ ସରି ରିଭିଜନ୍ ହେଉଥାଏ। ସେ ଯାହା ବି ହେଉ ଅନ୍‌ଲାଇନ୍ ପାଠପଢ଼ାରୁ ଆରମ୍ଭ ହେଲା ଏଥର ଶିକ୍ଷାବର୍ଷ। କିନ୍ତୁ ସବୁ ପିଲା ଏହାର ଫାଇଦା ଉଠେଇପାରିଲେ ନାହିଁ।

ଅନ୍‌ଲାଇନ୍ ପାଠପଢ଼ା ଭିତରେ ନାହିଁ ନ ଥିବା ଅସୁବିଧାକୁ ସାମ୍ନାସାମ୍ନି କଲେ ଉଭୟ ବିଦ୍ୟାର୍ଥୀ, ଶିକ୍ଷକ, ଅଧ୍ୟାପକ। କେତେବେଳେ ନେଟ୍ ଆସୁ ନ ଥିଲା ତ କେତେବେଳେ ଖୁବ୍ ମନ୍ଥର ଥିଲା। ପିଲାମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟୁଥିଲା ତ କେତେବେଳେ ଶିକ୍ଷକ ବା ଅଧ୍ୟାପକଙ୍କର। ଶ୍ରେଣୀ ଗୃହର ପାଠପଢ଼ା ତୁଳନାରେ ଅନ୍‌ଲାଇନ୍ ପାଠପଢ଼ା ତା'ର ପ୍ରକୃତ ଚମକ ହରାଇଲା। ତେବେ ବି ଅନ୍‌ଲାଇନ୍ ପାଠପଢ଼ା ଜାରିରହିଲା ନିୟମ ମୁତାବକ।

ଏ ବର୍ଷ ଜାନୁୟାରୀ ଆଠ ତାରିଖରୁ କୋଭିଡ୍ ପାଇଁ ସ୍ୱତନ୍ତ୍ର ନିୟମ ପାଳନ ପୂର୍ବକ ରବିବାର ସହିତ ଛୁଟିଦିନ ସବୁକୁ ବାତିଲ୍ କରି ପ୍ରଦାନ କରାଯାଉଥିବା ଶିକ୍ଷା, ପିଲାମାନଙ୍କ ଆବଶ୍ୟକତା କେତେ ପରିମାଣରେ ପୂର୍ଣ୍ଣ କରିପାରିଛି ସେକଥା ସମୟ କହିବ। ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣର ଅନ୍ଧାଧୁନିଆ ଦୌଡ଼ ପିଲାମାନଙ୍କୁ ଆଗକୁ କେତେ ସାମର୍ଥ୍ୟ କରିପାରିବ ତାହା ଚିନ୍ତାର ବିଷୟ। ଏବେ ପରୀକ୍ଷା ଖୁବ୍ ନିକଟରେ। ଅଥଚ ହାତରେ ଉପଯୁକ୍ତ ସମୟ ନାହିଁ ପ୍ରସ୍ତୁତ ହେବାକୁ।

ଗତବର୍ଷଠାରୁ ନିୟମିତ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ଦେଇଆସୁଥିବା ଅଧ୍ୟାପକ ବା ଶିକ୍ଷକମାନେ ଶ୍ରେଣୀଗୃହର ପାଠପଢ଼ାରେ ପୁନର୍ବାର ସେହି ବିଷୟସବୁକୁ ପଢ଼ାଇ ସମ୍ପୂର୍ଣ୍ଣ କରାଇବା ଚ୍ୟାଲେଞ୍ଜିଂ ନିଶ୍ଚୟ। ଯେନତେନ ପ୍ରକାରେ ପାଠପଢ଼ା ଚାଲିଛି। ତା' ସହିତ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳିତ ବି ହେଉଛି। ପିଲାମାନଙ୍କୁ ଠିକ୍ ରୂପେ ଶିକ୍ଷାଦାନ କରିବାକୁ ସବୁ ପ୍ରକାରର ଚେଷ୍ଟା ନିୟମାନୁସାରେ ପାଳନ ହେଲେ ବି ପ୍ରକୃତରେ କ'ଣ କିଛି ଅସୁବିଧା ନାହିଁ, ଭାବିବାର କଥା। ଯୁକ୍ତ ଦୁଇର ବିଷୟବସ୍ତୁ ଅନୁସାରେ ପ୍ରଶ୍ନାବଳୀର ଆକାର ଓ ପ୍ରକାର ମାର୍ଚ୍ଚ ଚାରି ତାରିଖରେ ଯେଉଁଭଳି ଭାବେ ପ୍ରକାଶିତ ହେଲା, ଯାହା ଜଣାପଡଛି ପାଶ୍ କରିବା ସହଜ ହୋଇପାରେ। କିନ୍ତୁ ଅନ୍ୟାନ୍ୟ ଦିଗ ପ୍ରତି ଦୃଷ୍ଟିଦେଲେ ଅନୁଭୂତ ହୁଏ ଯେ କିଛି ସମସ୍ୟା ତ ରହିଯାଉଛି। କାରଣ ପିଲାମାନଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନାହିଁ ନିଜସ୍ୱ ପାଠ ପଢ଼ିବାକୁ।

ବିଜ୍ଞାନରେ ପଢୁଥିବା ପିଲାଙ୍କ ପାଇଁ ସମସ୍ୟା ଗଭୀରତର। କୋଚିଂ ସେଣ୍ଟର୍‌ରେ ଘୋଡ଼ା ଦୌଡ଼ କରି ମଧ୍ୟ ପିଲାମାନେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କୋର୍ସ ସାରିପାରିନାହାନ୍ତି। ସ୍ୱଳ୍ପ ସମୟ ଭିତରେ ଏତେଗୁଡ଼େ ବିଷୟ ସାରିବାକୁ ଉଭୟ ଅଧ୍ୟାପକ ଓ ପିଲାମାନେ କମ୍ କସରତ କରୁନାହାନ୍ତି। କୋଭିଡ୍ ପାଇଁ ସମୟ ସହ ଜୀବନର ଗତି ମଧ୍ୟ ବଦଳିଯାଇଛି! ଅନ୍ୟବର୍ଷଗୁଡ଼ିକରେ ପରୀକ୍ଷାର ଯଥେଷ୍ଟ ପୂର୍ବରୁ କୋର୍ସ ସାରି ଘରେ ପଢ଼ିବାକୁ ପାଖାପାଖି ତିନି, ଚାରିମାସ ସମୟ ପାଇଯାଉଥିଲେ ପିଲାମାନେ। କିନ୍ତୁ କୋଭିଡ୍ ପାଇଁ ସମୟ ସଙ୍କୁଚିତ ହୋଇଯାଇଥିବାରୁ ଏଥର ସେମାନେ ନିଜ ପାଠପଢ଼ାକୁ ନେଇ ସନ୍ତୁଷ୍ଟ ହୋଇପାରୁନାହାନ୍ତି। ଅଭିଭାବକମାନେ ବି ପିଲାମାନଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ।

ପ୍ରଶ୍ନାବଳୀରେ କିପରି ପ୍ରଶ୍ନସବୁ ରହିବ ଓ କିପରି ପରୀକ୍ଷାଗୁଡ଼ିକ ନିର୍ଦ୍ୱନ୍ଦ୍ୱରେ ସମାପ୍ତ ହେବ, ପରୀକ୍ଷାର୍ଥୀଙ୍କ ସହ ଅଭିଭାବକମାନେ ଏ ସମସ୍ୟାକୁ ନେଇ ଚିନ୍ତାଗ୍ରସ୍ତ ହେବା ସାଧାରଣ କଥା। କାରଣ କରୋନାର ଦ୍ୱିତୀୟ ଲହରିଟି ଏବେ ଆମକୁ ଘାରିବା ଆରମ୍ଭ କଲାଣି। ପଞ୍ଜାବ ସରକାର ତାଙ୍କ ରାଜ୍ୟରେ ଦଶମ ଓ ଦ୍ୱାଦଶ ପିଲାଙ୍କ ପରୀକ୍ଷାକୁ ସ୍ଥଗିତ ରଖିଛନ୍ତି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ। ଅନ୍ୟ ରାଜ୍ୟଗୁଡ଼ିକ ଏ ପନ୍ଥାକୁ ଆପଣେଇବାକୁ ବାଧ୍ୟ ହେବେ, ଯଦି ସଂକ୍ରମଣ ସୀମା ଉଲ୍ଲଂଘନ କରେ। ଏଭଳି ସ୍ଥଳରେ ପିଲାମାନଙ୍କ ସହିତ ଅଭିଭାବକମାନେ ମଧ୍ୟ ଚାପଗ୍ରସ୍ତ।

ଏବେ ଅନ୍ୟ ସମସ୍ୟାଗୁଡ଼ିକୁ ଦେଖିଲେ ଜଣାପଡ଼ିବ ଯେ, ଦିଆଯାଇଥିବା ପ୍ରଶ୍ନାବଳୀର ଆକାର ପ୍ରକାର ଅନୁଯାୟୀ ଗଣିତ ବିଭାଗରେ ଏକ ନମ୍ବର ବିଶିଷ୍ଟ ପଚାଶଟି ପ୍ରଶ୍ନ ପଡୁଥିବାରୁ ତିନିଘଣ୍ଟାରେ ପୂରା ୧୦୦ ନମ୍ବରର ଉତ୍ତର ଦେଇପାରିବା ସମ୍ଭବ ହେବ କି ନା ତାହା ବି ଏକ ପ୍ରଶ୍ନ। ସେହି ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ ପାଇଁ ଅତି କମ୍‌ରେ ଯଦି ଦୁଇରୁ ତିନି ମିନିଟ୍ ଦରକାର ହୁଏ, ମୋଟ ପଚାଶଟି ପ୍ରଶ୍ନର ଉତ୍ତର କରିବାକୁ ଶହେ ମିନିଟ୍‌ରୁ ଦେଢ଼ଶହ ମିନିଟ୍ ବା ଏକ ଘଣ୍ଟା ଚାଳିଶ ମିନିଟ୍‌ରୁ ଅଢ଼େଇ ଘଣ୍ଟା ସମୟ ଲାଗିବ। ହଁ, କିଛି ସହଜ ଓ କିଛି କଠିନ ପ୍ରଶ୍ନାବଳୀ ବି ଥିବ। ବାକି ପଚାଶ ନମ୍ବରର ଦୀର୍ଘ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକୁ ଧୀର ସ୍ଥିର ଭାବେ କରିବା ନିଶ୍ଚିତ ସମୟସାପେକ୍ଷ ଓ କଷ୍ଟକର। ଗଣିତରେ ପ୍ରାକ୍ଟିକାଲ୍ ନ ଥିବାରୁ ତାହା ମଧ୍ୟ ପିଲାମାନଙ୍କ ପାଇଁ ଏମିତିରେ ଏକ ପୁରାତନ ସମସ୍ୟା।

ଏସବୁ ବ୍ୟତୀତ ଏହି ଶିକ୍ଷାବର୍ଷରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ସମୟ କିମ୍ବା ସ୍ଥିତି ଏମାନଙ୍କ ସପକ୍ଷରେ ନାହିଁ। ଏମିତିରେ ଯୁକ୍ତ ଦୁଇ ବିଜ୍ଞାନର ପାଠ୍ୟଖସଡା ବେଶ୍ ଓଜନିଆ। ସେହି ଅନୁସାରେ ବିଭିନ୍ନ ପ୍ରବେଶିକା ପରୀକ୍ଷାର ପ୍ରଶ୍ନସବୁ ବି ବେଶ୍ କଷ୍ଟକର। ଏଥର ନିଟ୍ କିମ୍ବା ଆଇ.ଆଇ.ଟି. ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଥିବା ପିଲାମାନେ ସମ୍ପୂର୍ଣ୍ଣ ବହିପାଠ ପଢ଼ିପାରି ନାହାନ୍ତି। ପ୍ରଥମରେ କୋଭିଡ୍ ପାଇଁ ତିରିଶ ପ୍ରତିଶତ ବିଷୟ ପ୍ରତ୍ୟେକ ବିଭାଗରୁ କଟିଥିବାରୁ ପିଲାମାନେ ସବୁ ବିଷୟରେ ସମ୍ପୂର୍ଣ୍ଣ ଅବଗତ ନୁହନ୍ତି, ଯେଉଁଥିପାଇଁ ନିକଟରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାଗୁଡ଼ିକରେ ଏମାନେ ସଫଳ ହେବା ମୁସ୍କିଲ୍ ହେବ। ଏମିତିରେ ପର୍ଯ୍ୟାପ୍ତ ସମୟ ନାହିଁ ସେହି ସତୁରି ପ୍ରତିଶତ ପାଠକୁ ଆହରଣ କରିବାକୁ। ଏସବୁ ସ୍ଥିତିକୁ ପଙ୍ଖାନୁପୁଙ୍ଖ ଆଲୋଚନା କଲେ ମନେହେଉଛି ଏମାନେ ଏକ କଠୋର ପରିସ୍ଥିତି ଦେଇ ଗତିକରୁଛନ୍ତି ଯେପରି! କୋଭିଡ୍ ପାଇଁ ଯାହାସବୁ କ୍ଷତି ହୋଇଛି, ସେସବୁ ଭିତରେ ଏହି ବର୍ଗର ବିଦ୍ୟାର୍ଥୀମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି।

ଦ୍ୱିତୀୟ କଥା ହେଲା, ନିଟ୍ ତା'ର ବିଷୟବସ୍ତୁରେ କୌଣସି ପରିବର୍ତ୍ତନ କରିନାହିଁ ଯଦିଓ ଏଥର ପିଲାମାନଙ୍କ କୋର୍ସରୁ କିଛି ବିଷୟ କଟିଛି। ତେଣୁ ଏଥର ଅଗଷ୍ଟ ଏକ ତାରିଖରେ ହେଉଥିବା ନିଟ୍ ପରୀକ୍ଷାରେ ଏହି ଶିକ୍ଷାବର୍ଷର ପିଲାମାନେ ସଫଳ ହେବା ଅନିଶ୍ଚିତ ; ଯାହାର ଫାଇଦା ପୂର୍ବ ବର୍ଷର ପିଲାମାନେ ବେଶି ପାଇପାରିବେ। ଏହି ଶିକ୍ଷାବର୍ଷର ପିଲାମାନେ କେବଳ ଏ ବର୍ଷ କାହିଁକି ଆସନ୍ତା ବର୍ଷଗୁଡ଼ିକରେ ବି ଅନେକ ଅସୁବିଧାର ସମ୍ମୁଖୀନ ହେବେ। ବର୍ତ୍ତମାନ ସମୟରେ ଆବଶ୍ୟକତାକୁ ଅନୁଧ୍ୟାନ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ ହେବା ଉଚିତ।

ଏସବୁ ଦିଗବାଗକୁ ଦୃଷ୍ଟିରେ ରଖି ନୂତନ ପଦକ୍ଷେପ ନିଆଗଲେ ପିଲାମାନଙ୍କ ମନଭିତରର ଅନିଶ୍ଚିତତା ଉଭେଇଯିବ। ଯଦି ଏମାନଙ୍କ ପାଇଁ ପ୍ରବେଶିକା ପରୀକ୍ଷାଗୁଡ଼ିକରେ କିଛି ପରିବର୍ତ୍ତନ କରାଯାଇପାରନ୍ତା କିମ୍ବା ସ୍ଥିତିକୁ ଆଗରେ ରଖି ନୂତନ ଯୋଜନା ପ୍ରସ୍ତୁତ କରାଯାଆନ୍ତା, ତେବେ ବହୁତ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ। କୋଭିଡ୍ ମହାମାରୀର ମୁକାବିଲା ପାଇଁ ସରକାର ବହୁତ ଗଠନମୂଳକ କାର୍ଯ୍ୟ କରି ବିଶ୍ୱ ଦରବାରରେ ଉଚ୍ଚପ୍ରଶଂସିତ ହୋଇଛନ୍ତି। ଚ୍ୟାଲେଞ୍ଜଗୁଡ଼ିକୁ ସତର୍କତାର ସହ ଗ୍ରହଣ କରି ଲୋକପ୍ରିୟତା ହାସଲ କରିଛନ୍ତି। ଏବର୍ଷ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କ ପାଇଁ ସେହିପରି କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଗଲେ ସେମାନେ ମଧ୍ୟ ନିଜ ମନଲାଖି ଭବିଷ୍ୟତ ଚୟନ କରିପାରନ୍ତେ ତଥା ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପକୃତ ହୁଅନ୍ତେ।

mousumi.mama7@gmail.com

# ଚିକିତ୍ସକ ଓ ଚିକିତ୍ସିତଙ୍କ ସମ୍ପର୍କ



ଡ. ଜୟଦେବ ସାହୁ

ସେଦିନ ଚୋରଟି ବୁର୍ଲାର ଜଣେ ଡାକ୍ତରଙ୍କ ଉଦ୍ଦେଶ୍ୟରେ ଚିଠିଟି ଲେଖି ଚୋରି କରିଥିବା ଦୁଇଚକିଆ ଯାନ ଉପରେ ରଖି ଦେଇଥିଲା। ଚିଠିରେ ଲେଖିଥିଲା, ''ଆଜ୍ଞା ଆପଣଙ୍କ ବାଇକ ବୋଲି ଜାଣି ନ ଥିଲି। ଆପଣ ଜଣେ ମହାନ୍ ଡାକ୍ତର। ଆପଣଙ୍କ ଯାନକୁ ମୁଁ ଚୋରି କରି ଅନୁତପ୍ତ।'' ଏହା ଚୋରଟିର ଜଣେ ଲୋକପ୍ରିୟ ଡାକ୍ତର ପ୍ରତି ଥିବା ସମ୍ମାନକୁ ପ୍ରତିପାଦନ କରେ। ଭାରତରେ ଡାକ୍ତର ନାରାୟଣଙ୍କ ଅନ୍ୟ ସ୍ୱରୂପ। ସେଥିପାଇଁ କୁହାଯାଏ 'ବୈଦ୍ୟ ନାରାୟଣ ହରିଃ।' ଭାରତୀୟ ସମାଜ ଡାକ୍ତରଙ୍କୁ ଭଗବାନର ଆସନ ଦିଏ। ଡାକ୍ତରଙ୍କ ବିନା ସମାଜର କଳ୍ପନା କରାଯାଇ ନ ପାରେ। କଥାରେ ଅଛି 'ଯେଉଁଠି ଡାକ୍ତର ନାହାନ୍ତି, ସେଠି ବାସକରିବା ଅନୁଚିତ।' ଧନିକ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟସ୍ତୁ ପଞ୍ଚମ, ପଞ୍ଚ ଯତ୍ର ନ ବିଦ୍ୟତେ ତତ୍ର ବାସଂ ନ କାରୟେତ। ଡାକ୍ତର ଆମର ଯତ୍ନ ନିଅନ୍ତି ଏବଂ ନୂତନ ଜୀବନ ପ୍ରଦାନ କରନ୍ତି। ପ୍ରତି ମା'ବାପାଙ୍କ ଇଚ୍ଛା ତାଙ୍କ ସନ୍ତାନ ସନ୍ତତି ଡାକ୍ତର ହୁଅନ୍ତୁ। ଦେଖାଯାଏ ଭଲ ପାଠ ପଢୁଥିବା ଛାତ୍ରୀଛାତ୍ର ହିଁ ଚିକିତ୍ସକ ହୁଅନ୍ତି। ମାନବ ସେବା କରିବା ପାଇଁ ସେମାନେ ସୁଯୋଗ ପାଆନ୍ତି। କିଛି ଡାକ୍ତର ଏହାକୁ ସେବା ଭାବରେ ଗ୍ରହଣ କରୁଥିବାବେଳେ ଆଉ କିଛି ଡାକ୍ତର ଏହାକୁ ପେସା ରୂପେ ଗ୍ରହଣ କରନ୍ତି। ଯେଉଁମାନେ ଡାକ୍ତରୀ ପାଠକୁ ସେବା ଭାବରେ ଗ୍ରହଣ କରନ୍ତି, ସେମାନେ ସମାଜରେ ଆଦୃତ ହୋଇଥାନ୍ତି।

ଓଡ଼ିଶା ସରକାର ଡାକ୍ତରମାନଙ୍କ ଗୁରୁତ୍ୱ ଉପଲବ୍ଧି କରି ବିନା ଦାବିରେ ଅବସର ବୟସସୀମା ୬୦ରୁ ୬୫ ବର୍ଷ କରିଛନ୍ତି। ଅନୁନ୍ନତ ଅଞ୍ଚଳରେ ନିଯୁକ୍ତି ପାଇଁ ପ୍ରୋତ୍ସାହନ ରାଶି ମଧ୍ୟ ଦେଉଅଛନ୍ତି। ଡାକ୍ତରଙ୍କ ଘରୋଇ ଚିକିତ୍ସା ଉପରେ ମଧ୍ୟ କଟକଣା କରାଯାଇନାହିଁ। ସରକାରଙ୍କ ଉଦ୍ଦେଶ୍ୟ ହେଲା ଜନତା ଠିକ୍ ଚିକିତ୍ସା ଲାଭ କରନ୍ତୁ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ସାଧାରଣ ଜନତା ଡାକ୍ତରଖାନାରେ ହଇରାଣ ହରକତ ହେଉଥିବା ଦେଖାଯାଉଛି। ଡାକ୍ତର ରୋଗୀର କଥା ଶୁଣିବା ଅବସ୍ଥାରେ ନ ଥାଆନ୍ତି। ଅନେକ ସମୟରେ ସରକାରୀ ଡାକ୍ତରଖାନାରେ ବି ହାତଗୁଞ୍ଜା ଦେବାକୁ ପଡ଼େ। ଯେଉଁ ଡାକ୍ତର ସରକାରୀ ଡାକ୍ତରଖାନାରେ ଠିକ୍ ଭାବେ କଥା ହୁଅନ୍ତି ନାହିଁ ସେ ଘରୋଇ ଡାକ୍ତରଖାନାରେ ସହାସ୍ୟ ବଦନରେ କଥା ହୁଅନ୍ତି ଏବଂ ରୋଗୀକୁ ସମୟ ଦିଅନ୍ତି। ସେଥି ପାଇଁ ଯାହା ପାଖରେ ଅର୍ଥ ଅଛି ସେ ଘରୋଇ ଡାକ୍ତରଖାନାକୁ ଯାଏ। ଅବଶ୍ୟ ସବୁ ଡାକ୍ତର ଯେ ଏମିତି, ଏହା କହିବା ଭୁଲ୍। ଏମିତି ବି ଡାକ୍ତର ଅଛନ୍ତି ଯେଉଁମାନେ ରୋଗୀ ସେବାକୁ ନିଜ ବ୍ରତ ଭାବରେ ଗ୍ରହଣ କରିଛନ୍ତି। ପୁଣେର ଡାକ୍ତର ଅଭିଜିତ ସୋନାଉଅନେ ଗରିବ ଲୋକଙ୍କ ସେବା ପାଇଁ ଅଗଷ୍ଟ ୧୫, ୨୦୧୫ରେ ଚାକିରିରୁ ଇସ୍ତଫା ଦେଇ ନିଜକୁ ଗରିବଙ୍କ ସେବାରେ ଉତ୍ସର୍ଗୀକୃତ କରିଛନ୍ତି। କଳାହାଣ୍ଡିରେ ଏମିତି ଜଣେ ଅବସରପ୍ରାପ୍ତ ଶିଶୁରୋଗ ବିଶେଷଜ୍ଞ ଅଛନ୍ତି, ଯିଏ ମାତ୍ର ପଚାଶ ଟଙ୍କାରେ ଏବେ ବି ରୋଗୀ ଚିକିତ୍ସା କରୁଛନ୍ତି। ଯାହା ପାଖରେ ପଇସା ନ ଥିବ ସେ ତାଙ୍କଠାରୁ ପଇସା ନ ନେଇ ତାଙ୍କୁ ମିଳିଥିବା ନମୁନା ଔଷଧ ବିତରଣ କରନ୍ତି। ଏମିତି ଡାକ୍ତରଙ୍କ ଅଭାବ ଆମ ଦେଶରେ ନାହିଁ।

ରୋଗୀ ଓ ଡାକ୍ତରଙ୍କ ସମ୍ପର୍କ ଅତି ପବିତ୍ର। ଡାକ୍ତର ରୋଗୀ ପାଇଁ ଭଗବାନ। ରୋଗୀର ଡାକ୍ତର ଉପରେ ଅଗାଧ ବିଶ୍ୱାସ ଓ ଭରସା। କୋଭିଡ୍-୧୯ ସମୟରେ ନିଜ ପ୍ରାଣକୁ ବାଜି ଲଗାଇ ଅନେକ ଡାକ୍ତର ରୋଗୀଙ୍କ ସେବାଶୁଶ୍ରୂଷା କଲେ। ସେଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକ ଡାକ୍ତରମାନଙ୍କ ପାଇଁ ଘଣ୍ଟି ବଜାଇ କରୋନା ଯୋଦ୍ଧା ଭାବରେ ସମ୍ମାନ ଜ୍ଞାପନ ନିମନ୍ତେ ଲୋକମାନଙ୍କୁ ଅନୁରୋଧ କଲେ। ସାରା ଦେଶ କରୋନା ଯୋଦ୍ଧାଙ୍କ ପାଇଁ ଏକ ହୋଇ ସମ୍ମାନ ଜ୍ଞାପନ କଲା। କିନ୍ତୁ ଏହି ସମୟରେ ଆଉ ଏକ ଦୃଶ୍ୟ ଦେଖାଗଲା। ରୋଗୀ ଓ ଡାକ୍ତରଙ୍କ ଭିତରେ ଏକ ଫାଟ ସୃଷ୍ଟି ହେଲା। କରୋନା ଭୟରେ ରୋଗୀ ଓ ଚିକିତ୍ସକଙ୍କ ଭିତରେ ଦୂରତା ବଢ଼ିଗଲା। ଅନ୍ୟ ରୋଗରେ ପୀଡ଼ିତଙ୍କ ଦୁଃଖ ବଢ଼ିଗଲା। ଅନେକେ ଠିକ୍ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁବରଣ କଲେ। ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ଭିତରେ ବଚସା, ହିଂସାକୁ ପ୍ରୋତ୍ସାହନ କଲା। ଏକ ପବିତ୍ର ସମ୍ପର୍କରେ ଭଙ୍ଗା ପଡ଼ିଲା। ଏଥିରେ ଗୋଟିଏ ପକ୍ଷକୁ ଦୋଷ ଦିଆଯାଇ ନ ପାରେ। ରୋଗୀର ସମ୍ପର୍କୀୟମାନେ ଚିନ୍ତା କରିବା ଦରକାର ଯେ, ଡାକ୍ତରମାନେ ବି ମଣିଷ। ସେମାନଙ୍କର ବି ପରିବାର ଅଛି। ସବୁବେଳେ ରୋଗୀର ଆଶା ମୁତାବକ ସେବା ମିଳି ନ ପାରେ। ରୋଗୀଙ୍କ ସମ୍ପର୍କୀୟମାନେ ଉତ୍କ୍ଷିପ୍ତ ହୋଇ ହିଂସା ଆଚରଣ କରିବା ଅନୁଚିତ। ଏକ ଆକଳନରୁ ଜଣାଯାଏ ଯେ, ୭୫ ପ୍ରତିଶତ ଡାକ୍ତର ତାଙ୍କ କର୍ମସ୍ଥଳୀରେ ହିଂସାର ଶିକାର ହୋଇଛନ୍ତି। ଏହା ଜନସମାଜ ପାଇଁ ଏକ ଶୁଭଙ୍କର ଲକ୍ଷଣ ନୁହେଁ। ଅନେକ ସମୟରେ ରୋଗୀମାନେ ଡାକ୍ତରଙ୍କ ନାମରେ କୋର୍ଟର ଦ୍ୱାରସ୍ଥ ହୁଅନ୍ତି ଏବଂ କ୍ଷତିପୂରଣ ଦାବି କରନ୍ତି। ଏହା ରୋଗୀ ଓ ଚିକିତ୍ସକଙ୍କ ସମ୍ପର୍କକୁ ଆହୁରି ଖରାପ କରେ। ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଡାକ୍ତରଙ୍କ ନାମରେ ମକଦ୍ଦମା କରିବା ଏକ ପ୍ରକାର ବିରଳ ଥିଲା। ଇଂଲଣ୍ଡରେ ଡାକ୍ତର ଯଦି ଠିକ୍ ଚିକିତ୍ସା କରିଛନ୍ତି ତେବେ ସେ କୌଣସି କ୍ଷତିପୂରଣ ଦେବେ ନାହିଁ। ଆମେରିକାରେ ଯେ କୌଣସି ଚିକିତ୍ସା ସମ୍ପର୍କରେ ଡାକ୍ତର ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇବେ ଏବଂ ତା'ପରେ ହିଁ ଚିକିତ୍ସା କରିବେ। ଏଥିରେ ଅବହେଳା କଲେ ଡାକ୍ତରଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ। ଭାରତରେ ମଧ୍ୟ ରୋଗୀର ରୋଗ ସମ୍ପର୍କରେ ଜାଣିବାର ଅଧିକାର ଅଛି। କିନ୍ତୁ ବେଳେ ବେଳେ ଡାକ୍ତରଙ୍କ ମନମୁଖି କାରବାର ପାଇଁ ରୋଗୀ ହନ୍ତସନ୍ତ ହେବା କଥା ନଜରକୁ ଆସେ । ତେବେ ଡାକ୍ତରଙ୍କ ସୁରକ୍ଷା ପାଇଁ ଅନେକ କଡ଼ା ନିୟମ ଥିଲାବେଳେ ରୋଗୀଙ୍କ ହିତ ପାଇଁ ସେମିତି ଆଖିଦୃଶିଆ ନିୟମ ନାହିଁ।

ମାନବ ସେବା ହିଁ ମାଧବ ସେବା। ସେଥିପାଇଁ ଡାକ୍ତରଙ୍କ ଆସନ ଏବେ ବି ବହୁ ଉଚ୍ଚରେ। ବହୁ ଅତୀତରୁ ଡାକ୍ତରଙ୍କ ପ୍ରତି ଜନତାର ସମ୍ମାନ ଅତୁଟ ରହିଛି। ରୋଗୀ ସେବାକୁ ପ୍ରାଧାନ୍ୟ ଦେବା ପାଇଁ ଭାରତର ମହାମନୀଷୀମାନେ ଉପଦେଶ ଦେଇଛନ୍ତି। ରୋଗୀମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଭଗବାନ ଗୌତମ ବୁଦ୍ଧ ତାଙ୍କ ଶିଷ୍ୟମାନଙ୍କୁ ପରାମର୍ଶ ଦେଉଥିଲେ। ସମ୍ରାଟ ଅଶୋକ ମଧ୍ୟ ମଣିଷ ଓ ପଶୁଙ୍କ ସେବା କରିବା ନିମନ୍ତେ ସାମ୍ରାଜ୍ୟରେ ନିୟମ ପ୍ରଣୟନ କରିଥିଲେ। ପ୍ରାଚୀନ ଭାରତୀୟ ଚିକିତ୍ସକ ଚରକ ଥରେ କହିଥିଲେ, ''ଏକ ଭଲ ଚିକିତ୍ସକ ମା, ବାପା ଓ ଭାଇ ଭଳି ରୋଗୀକୁ ସ୍ନେହ କରି ଜୀବନ ଦାନ କରେ।'' ଏହି ସେବାର ମହାନତାକୁ ବଜାୟ ରଖିବା ପାଇଁ ଚିକିତ୍ସା ବିଜ୍ଞାନର ଜନକ ହିପୋକ୍ରେଟିସ ଡାକ୍ତରଙ୍କ ପାଇଁ ଶପଥପାଠ ଛାଡ଼ି ଯାଇଛନ୍ତି। ସବୁ ଡାକ୍ତରୀ ଛାତ୍ରମାନେ ଡାକ୍ତର ହେବା ପୂର୍ବରୁ ଏହି ଶପଥପାଠ କରିଥାନ୍ତି। ଶପଥ ପାଠରେ ଲେଖା ଅଛି, ମୁଁ ଜାତି, ଧର୍ମ, ବର୍ଣ୍ଣ, ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ଯତ୍ନ ନେବି ଏବଂ ଗରିବ ଓ ଗୃହ ଶୂନ୍ୟଙ୍କ ପାଇଁ ମୋର କିଛି ସମୟ ବିନିଯୋଗ କରିବି। ଏହି ଶପଥପାଠକୁ ଯଦି ସବୁ ଡାକ୍ତର ପାଳନ କରନ୍ତି ତେବେ ରୋଗୀମାନେ ଅବହେଳିତ ହୋଇ ରହିବେ ନାହିଁ। ସେମାନଙ୍କ ଭଲ ବ୍ୟବହାର ରୋଗୀକୁ ଶୀଘ୍ର ଭଲ କରିବାରେ ସହାୟକ ହୁଏ। ତେଣୁ ଚିକିତ୍ସକ ମାନବବାଦୀ ହେବା ଅତ୍ୟନ୍ତ ଜରୁରୀ।

ଭବାନୀପାଟନା,
ମୋ- ୭୯୭୮୯୯୦୦୧୬

## ଏଇ ଭାରତରେ

ଉତ୍ତରପ୍ରଦେଶର ଦୁଇ ଭାଇ ମୁକେଶ ଏବଂ ଚନ୍ଦ୍ରମୌଳି ପାଣ୍ଡେ ବର୍ଷକୁ ଦୁଇ ଶହ କୁଇଣ୍ଟାଲ ଗୋବର୍ଜ୍ୟ (ଗୋବର, ନଷ୍ଟ ହେଉଥିବା ନଡ଼ା ଓ ଘାସ)ରୁ ଜିଆଖତ ପ୍ରସ୍ତୁତ କରି ୨୦ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ ୨୦୧୭ରେ ନବଚେତନ ଆଗ୍ରୋ ସେଣ୍ଟର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ଏହି ଦୁଇ ଭାଇ ମିର୍ଜାପୁର ଜିଲା ଶିଖର ବ୍ଲକର ୨୧ଟି ଗାଁରେ ଗୋବର୍ଜ୍ୟ ସଂଗ୍ରହ କରି ସେଥିରୁ ଜିଆଖତ ପ୍ରସ୍ତୁତ କରୁଛନ୍ତି। ଏହି ଗାଁଗୁଡ଼ିକରୁ ଗୋବର୍ଜ୍ୟ ସଂଗ୍ରହ କରିବା ପାଇଁ ୨୭ ଜଣଙ୍କୁ ବି ନିଯୁକ୍ତି ଦେଇଛନ୍ତି। ଜିଆଖତକୁ ସେମାନେ ଦେଶର ବିଭିନ୍ନ ସ୍ଥାନରେ ବିକ୍ରି କରିବା ସହ ମାଲଦ୍ୱୀପ, ଶ୍ରୀଲଙ୍କା ଏବଂ ନେପାଳକୁ ରପ୍ତାନି କରୁଛନ୍ତି। ଶିଖର ବ୍ଲକର ଗାଁଗୁଡ଼ିକରେ ଲୋକମାନେ ବହୁଳ ଭାବେ ଗୋବର ଗ୍ୟାସକୁ ଜାଳେଣି ଇନ୍ଧନ ଭାବେ ଉପଯୋଗ କରୁଥିଲେ। କିନ୍ତୁ ଉଜ୍ଜ୍ୱଳା ଯୋଜନାରେ ସବସିଡିରେ ଏଲ୍‌ପିଜି ସିଲିଣ୍ଡର ପାଇବା ପରେ ଗାଁଗୁଡ଼ିକରେ ଗୋ-ବର୍ଜ୍ୟ ଠୁଳ ହେବାରେ ଲାଗିଲା। ପୂରା ପରିବେଶ ପ୍ରଦୂଷିତ ହୋଇଗଲା। ଏହାକୁ ଦୂର କରିବା ଲାଗି ମୁକେଶ ଓ ଚନ୍ଦ୍ରମୌଳି ଗୋବର୍ଜ୍ୟରୁ ଜିଆଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। କୃଷକଙ୍କଠାରୁ ଯେତିକି ଗୋବର୍ଜ୍ୟ ସଂଗ୍ରହ କରୁଛନ୍ତି ତା'ବଦଳରେ ୬୦% ଖତ ଦେଇ ସେମାନଙ୍କୁ ଜୈବିକ କୃଷି କରିବାକୁ ଉତ୍ସାହିତ କରିଆସୁଛନ୍ତି। ଦୁଇ ଭାଇ ଆଇଆଇଟି କାନପୁର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ନ୍ୟାଶନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଅଣ୍ଡର ରୁରାଲ ଡେଭେଲପମେଣ୍ଟରୁ ଏହି ଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୯୬

- ଶ୍ରୀଲଙ୍କାର ପୂର୍ବ ତ୍ରିଙ୍କୋମାଳି ଜିଲାରେ ଏଲ୍‌ଟିଟିଇ ଉଗ୍ରବାଦୀ ଓ ଶ୍ରୀଲଙ୍କା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୧୫ ସୈନ୍ୟ ନିହତ।
- ତାମିଲନାଡୁର ଡିଣ୍ଡିଗୁଲ ଆନ୍ନା ଜିଲା ଅନ୍ତର୍ଗତ ଆନ୍ନାଥୁରାଇ ନିକଟରେ ବସ୍ ଦୁର୍ଘଟଣା ଘଟି ୨ ମହିଳାଙ୍କ ସମେତ ୧୨ ମୃତ।
- ରପ୍ତାନି କ୍ଷେତ୍ରକୁ ଆହୁରି ଅଧିକ ସଂପ୍ରସାରିତ କରିବା ପାଇଁ କେନ୍ଦ୍ର ସରକାର ସଂଶୋଧିତ ରପ୍ତାନି-ଆମଦାନୀ (ଏକ୍ଜିମ) ନୀତି ଘୋଷଣା କରିଛନ୍ତି।

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର-ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | 1 | | | | 9 | | | | | 8 | 7 |
| | 8 | | | | B | | | A | | | | 4 | | C |
| | | D | | | | 7 | | E | | | | 0 | 2 | |
| | | | 0 | 9 | A | | | C | | | | 1 | D | |
| C | E | 9 | 5 | | | | | | | B | | | | |
| E | D | | | 6 | | | 7 | | 4 | | | | | |
| | 0 | | 8 | | | | | 4 | | C | | | 7 | D |
| 2 | 6 | | | D | | | | | | | 9 | B | | |
| | | | 2 | 4 | E | | | | | | D | 6 | | 0 |
| 7 | | 3 | | | | B | | | | | 0 | | 9 | |
| | | | 7 | E | | 8 | | | | A | 1 | | | 3 |
| | 2 | | 1 | C | | | | 5 | 9 | | | | | |
| 5 | | | | | | | A | | 2 | E | | | 4 | 6 |
| | | A | | | | | | | | 6 | | | | |
| D | 9 | 8 | | 0 | | 6 | E | | | 5 | 7 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | 6 | 5 | 9 | 7 | E | 0 | D | C | A | 2 | 1 | 3 | 8 |
| 1 | 8 | 0 | C | A | 4 | 9 | 2 | B | 7 | 3 | E | D | 5 | 6 |
| C | 5 | D | 6 | 3 | 0 | 7 | 8 | A | 9 | B | 1 | 4 | E | 2 |
| 9 | E | 2 | 8 | B | D | 1 | C | 3 | 5 | 6 | 4 | 0 | A | 7 |
| 3 | 7 | A | 1 | 2 | E | 5 | 6 | 4 | 0 | D | 8 | 9 | C | B |
| 6 | 0 | 1 | A | E | 8 | 4 | 5 | C | D | 2 | 9 | B | 7 | 3 |
| 4 | 9 | B | 7 | 0 | 3 | D | A | 8 | E | 5 | 6 | C | 2 | 1 |
| E | A | 8 | 9 | D | 6 | 2 | 1 | 7 | 3 | C | B | 5 | 4 | 0 |
| 7 | C | 5 | 2 | 4 | 1 | B | 3 | 6 | A | 8 | 0 | E | 9 | D |
| 2 | D | 3 | B | C | 5 | 0 | E | 9 | 4 | 1 | 7 | 6 | 8 | A |
| A | B | E | 4 | 5 | C | 6 | D | 2 | 1 | 7 | 3 | 8 | 0 | 9 |
| D | 3 | C | E | 6 | 9 | A | 7 | 1 | 8 | 0 | 5 | 2 | B | 4 |
| 8 | 6 | 4 | 0 | 1 | 2 | 3 | 9 | 5 | B | E | A | 7 | D | C |
| 0 | 1 | 9 | D | 7 | A | 8 | B | E | 2 | 4 | C | 3 | 6 | 5 |
| 5 | 2 | 7 | 3 | 8 | B | C | 4 | 0 | 6 | 9 | D | A | 1 | E |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୃଷ୍ଟି ପଡୁ

ମହାଶୟ,

କଟକ-ଭୁବନେଶ୍ୱର ଟ୍ୱିନସିଟିରେ ଦୁଇଚକିଆ ଯାନ ଏବଂ ଭାରିଯାନ ଅଧିକ ହେବା ଏବଂ ଦୁର୍ଘଟଣା ବୃଦ୍ଧି ପାଇବା ଫଳରେ ସରକାର ଉକ୍ତ ଗାଡ଼ିଗୁଡ଼ିକର ଯାଞ୍ଚ ନିମନ୍ତେ ପୋଲିସ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ପୋଲିସ ମଧ୍ୟ ଦୁଇଚକିଆ ଯାନର ହେଲମେଟ୍ ଏବଂ ଭାରିଯାନଗୁଡ଼ିକୁ ଯାଞ୍ଚ କରୁଥିବା ଯୋଗୁ ଲୋକମାନେ ସଚେତନ ହେବା ସହ ଦୁର୍ଘଟଣା ମଧ୍ୟ କମ୍ ହେଉଛି। କିନ୍ତୁ ଅନ୍ୟପକ୍ଷରେ ଦେଖିଲେ କିଛି ଅସାଧୁ ପୋଲିସ କର୍ମଚାରୀ ଗାଡ଼ି ଯାଞ୍ଚ ନାଁରେ ନିଜର ହାତ ଚିକ୍‌କଣ କରୁଥିବାର ଦେଖାଯାଉଛି। ସେମାନେ ଅନେକ ସମୟରେ ଲୋକମାନଙ୍କୁ ହଇରାଣ କରୁଛନ୍ତି। ଫଳରେ ପୋଲିସ ବିଭାଗ ପ୍ରତି ଲୋକମାନଙ୍କ ଆସ୍ଥା ତୁଟିଯାଉଛି। କର୍ତ୍ତୃପକ୍ଷ ଅସାଧୁ ପୋଲିସମାନଙ୍କ ଉପରେ ଦୃଷ୍ଟି ଦେଲେ ପୋଲିସ ଉପରେ ଲୋକମାନଙ୍କର ଭରସା ବଢ଼ନ୍ତା।

-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨ କିନ୍ନର ଗୋଷ୍ଠୀ ପିଟାପିଟି

ଭଦ୍ରକ ଅଫିସ,୨୫।୩-ଭଦ୍ରକ ଜିଲା ଚରମ୍ପାରେ ରହୁଥିବା ୨ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଟ୍ରେନ୍‌ରେ ଚାନ୍ଦା ଆଦାୟ କରିବାକୁ ନେଇ ଗୁରୁବାର ସନ୍ଧ୍ୟାରେ ଦୁଇଗୋଷ୍ଠୀ ପିଟାପିଟି ହୋଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ଉଭୟ ଗୋଷ୍ଠୀର କିନ୍ନରମାନଙ୍କୁ ଡକାଯାଇ ସମାଧାନ ପାଇଁ ଉଦ୍ୟମ କରାଯିବା ବେଳେ ପୋଲିସ ଉପସ୍ଥିତିରେ ମଧ୍ୟ ସେମାନେ ଗଣ୍ଡଗୋଳ କରିଥିଲେ। ପିଟାପିଟିରେ ଉଭୟ ଗୋଷ୍ଠୀର ୭ଜଣ ଆହତ ହୋଇଛନ୍ତି। ପୋଲିସ ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ କିନ୍ନରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।



### ସଂକ୍ଷେପରେ

## ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

**ଭବାନୀପାଟଣା, ୨୫।୩ (ଡି.ଏନ.ଏ.):** ଜମିର ମ୍ୟୁଟେଶନ କରିଦେବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି କଳାହାଣ୍ଡି ଜିଲା ନର୍ଲା ତହସିଲ ଅନ୍ତର୍ଗତ ତୁଲାପଡ଼ା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଥବୀର ଭୋଇ। ରାଜସ୍ୱ ନିରୀକ୍ଷକ ଥବୀରଙ୍କୁ ଅଧିକ ତଦନ୍ତ ପାଇଁ ଭବାନୀପାଟଣା ନିଆଯାଇଥିବା ଜଣାପଡିଛି। ଆରଆଇଙ୍କ ନିଜ ଗାଁ କେସିଙ୍ଗା ବ୍ଲକ ଲଇତରାକୁ ଯାଇ ଭିଜିଲାନ୍ସ ଟିମ୍ ତଦନ୍ତ କରୁଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନର୍ଲା ତହସିଲ ବାଲସିଙ୍ଗା ପଞ୍ଚାୟତ ଅଧୀନ ତେରଲୋ ଗାଁର ନିରଞ୍ଜନ ନାୟକ ୧୫ଟି ପ୍ଲଟ୍‌ର ସ୍କେଚମ୍ୟାପ ଓ ଡିମାର୍କେଶନ ପାଇଁ ଆରଆଇ ଥବୀରଙ୍କୁ କହିଥିଲେ। ଏଥିପାଇଁ ସେ ୫ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ନିରଞ୍ଜନ ଜିଲା ଦୁର୍ନୀତି ନିବାରଣ ବିଭାଗକୁ ଜଣାଇଥିଲେ। ଗୁରୁବାର ଆର୍‌ଆଇ ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। କଳାହାଣ୍ଡି ଜିଲା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ନୂଆପଡ଼ା ଇନ୍ସପେକ୍ଟର ଦୀନବନ୍ଧୁ ବେହେରା ଏବଂ ସରକାରୀ ସାକ୍ଷୀ ଭାବେ ଦକ୍ଷିଣ ଡିଏଫଓ ଶୁଭମ ପଣ୍ଡା ଓ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଚଢ଼ାଉ ବେଳେ ଉପସ୍ଥିତ ଥିଲେ।

## ରୁସା ଅର୍ଥ ଦେବାକୁ ବିଜେଡିର ଦାବି

**ନୂଆଦିଲ୍ଲୀ, ୨୫।୩:** ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଯୋଜନାରେ କେନ୍ଦ୍ରରୁ ଓଡ଼ିଶାକୁ ୨୦୨୦-୨୧ ଶିକ୍ଷା ବର୍ଷପାଇଁ ମିଳିବାକୁ ଥିବା ୧୨୯.୯୬କୋଟି ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ବିଜେଡି ଦାବି କରିଛି। ଗୁରୁବାର ବିଜେଡି ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରୁସା ଯୋଜନାରେ ୧୩୫କୋଟି ଟଙ୍କା ଓଡ଼ିଶା ପାଇବାକୁ ଥିବାବେଳେ ଗତ ମାର୍ଚ୍ଚ ୮ତାରିଖ ସୁଦ୍ଧା ମାତ୍ର ୫.୦୪ କୋଟି ଟଙ୍କା ମିଳିଛି। ୨୦୨୦-୨୧ ଶିକ୍ଷା ବର୍ଷ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି। ତେଣୁ ବାକି ଟଙ୍କା ତୁରନ୍ତ ପ୍ରଦାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

## ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇଦେଲେ ସ୍ୱାମୀ

**ନନ୍ଦାହାଣ୍ଡି, ୨୫।୩(ଡି.ଏନ୍.ଏ.):** ଘରୋଇ କଳିରୁ ଉତ୍ତ୍ୟକ୍ତ ହୋଇ ଜଣେ ମଦ୍ୟପ ସ୍ୱାମୀ ନିଜ ସ୍ତ୍ରୀଙ୍କୁ କିରୋସିନ ପକାଇ ଜାଳି ଦେଇଛନ୍ତି। ଏଭଳି ଲୋମହର୍ଷଣକାରୀ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଖନାଗୁଡ଼ା ଗ୍ରାମରେ। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୁକ୍ତ ବଳି ଭତରାଙ୍କୁ ଗିରଫ କରିଛି।
ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟାରେ ବଳି ଓ ତାଙ୍କ ସ୍ତ୍ରୀ ଡମୁଣୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ବଳି ରାଗିଯାଇ ଘର ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ମଦ ପିଇ ଘରକୁ ଫେରିଥିଲେ। ଏହି ସମୟରେ ଘରେ ଶୋଇଥିବା ଡମୁଣୀଙ୍କ ଉପରେ କିରୋସିନ ଫିଙ୍ଗି ବଳି ନିଆଁ ଲଗାଇ ଦେଇଥିଲେ। ଡମୁଣୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ମୀନକେତନ ଗନ୍ତାୟତ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଡମୁଣୀଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଫାଣ୍ଡି ଅଧିକାରୀ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ୧୩୮/୨୧ରେ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି ବୋଲି ନବରଙ୍ଗପୁର ଥାନାଧିକାରୀ ସୂଚନା ଦେଇଛନ୍ତି।

# ‘ଚଳଚ୍ଚିତ୍ର ଜଗତରେ ବୃହତ୍ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ’

### ନିବେଶ ହେବ ୨ ଶହ କୋଟି

### କଳିଙ୍ଗ ଷ୍ଟୁଡିଓ ପୁନର୍ବିକାଶ ପ୍ରକଳ୍ପର ଶିଳାନ୍ୟାସ



କଳିଙ୍ଗ ଷ୍ଟୁଡିଓର ପୁନର୍ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଶିଳାନ୍ୟାସ କରୁଛନ୍ତି।

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଆଗକୁ ପୁଣି ଥରେ ନୂଆ ରୂପରେ ଝଲସିବ କଳିଙ୍ଗ ଷ୍ଟୁଡିଓ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଳିଙ୍ଗ ଷ୍ଟୁଡିଓର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିଛନ୍ତି। ଷ୍ଟେଟ୍ ଅଫ୍ ଦି ଆର୍ଟ ଭିତ୍ତିଭୂମି ସହ ଷ୍ଟୁଡିଓକୁ ବିକଶିତ କରାଯିବ। ଏହି ପ୍ରକଳ୍ପ କାମ ଶେଷ ହେଲେ ସିନେମା ସହ କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ଦିଗରେ ମନୋରଞ୍ଜନ ଶିଳ୍ପକୁ ଏକ ବଡ଼ ଶକ୍ତି ମିଳିବ। ଏହା ସହ ରାଜ୍ୟରେ ଚଳଚ୍ଚିତ୍ର ଜଗତରେ ବୃହତ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ଲାଗି ରାଜ୍ୟ ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୧୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆନ୍ତର୍ଜାତିକ ସଂସ୍ଥା ଗ୍ରାଣ୍ଟ ଥ୍ରୋନ୍‌ଟନ୍ ଭାରତ ଏଲ୍‌ଏଲ୍‌ପି ଦ୍ୱାରା ଏହି ପ୍ରକଳ୍ପର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଇଡ୍‌କୋ ଦ୍ୱାରା ଉକ୍ତ ପ୍ରକଳ୍ପ କାର୍ଯ୍ୟ କରାଯିବ। ଡିସେମ୍ବର ୨୦୨୨ ସୁଦ୍ଧା ଏହାର ନିର୍ମାଣ ଶେଷ ହେବ ବୋଲି ଆଶା କରାଯାଉଛି।

ଏହି ପ୍ରକଳ୍ପ ସିଧାସଳଖ ଚଳଚ୍ଚିତ୍ର, ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ର ସହ ଜଡ଼ିତ ପ୍ରାୟ ୨ ହଜାର ନିଯୁକ୍ତି ଯୋଗାଇବ। ପରୋକ୍ଷ ଭାବେ ୧୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ଷ୍ଟୁଡିଓକୁ ଅତ୍ୟାଧୁନିକ ଭିତ୍ତିଭୂମି ସହ ୩ଟି ଭିନ୍ନ ଭିନ୍ନ ଜୋନ୍‌ରେ ବିକଶିତ କରାଯି ; ଯେଉଁଥିରେ ମଲ୍ଟି ସାଇଜ୍‌ଡ୍ ଇନ୍‌ଡୋର୍ ସିଟିଂ ହଲ୍, ମେକ୍ ବିଲିଭ୍ ସୁଟିଂ, ଥିମ୍‌ଭିତ୍ତିକ ପାର୍କ, ପୋଷ୍ଟ-ପ୍ରଡକ୍ସନ୍ ସୁବିଧା ଯଥା- ଡବିଂ, ମିକ୍ସିଂ ଷ୍ଟୁଡିଓ, ଆନିମେସନ୍ ୱାର୍କ ଷ୍ଟେଶନ, ଏଡିଟିଂ ସୁଟ୍, ଡିଜିଟାଲ ଇଣ୍ଟର ମିଡିଏଟ୍ ଷ୍ଟୁଡିଓ, ପ୍ରିଭ୍ୟୁ ଥିଏଟର, ଡାଇରେକ୍ଟର୍ସ ରୁମ୍, ସ୍କ୍ରିପ୍ଟ ନ୍ୟାରେଶନ, କାଷ୍ଟିଂ, ରେକର୍ଡିଂ ଲାବ୍, ରେଡିଓ ଏବଂ ମିଡିଆ ହାଉସ୍ ଆଦି ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିବ। ଫିଲ୍ମ ପ୍ରଡକ୍ସନ୍ ସହ ଫନ୍, ଏଣ୍ଟରଟେନ୍‌ମେଣ୍ଟ, ଲିଜର ହବ୍ ଆଦି ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି। ସେହିପରି ଲାଇଭ୍ ପରଫରମାନ୍ସ ଷ୍ଟେଜ୍, ଆଡ୍‌ଭେଞ୍ଚର ପାର୍କ, କିଡ୍‌ସ ପ୍ଲେ ଏରିଆ, ୱାଟର ଗେମ୍‌ସ, ସ୍ନୋ ୱାର୍ଲ୍ଡ, ଆଇକନିକ୍ ପଏଣ୍ଟ ଆଦି ବ୍ୟବସ୍ଥା ରହିବ। ଏହାଛଡ଼ା ଚଳଚ୍ଚିତ୍ର କ୍ରୁଙ୍କ ଲାଗି ରହିବା ସୁବିଧା ଉପଲବ୍ଧ ହେବ। ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଏଠାରେ ସ୍ଥାନ ରହିବ।

୧୯୮୦ରେ ସ୍ଥାପିତ କଳିଙ୍ଗ ଷ୍ଟୁଡିଓ ଓଡ଼ିଆ ସିନେମା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ପୂର୍ବାଞ୍ଚଳରେ ଶ୍ରେଷ୍ଠ ସରଞ୍ଜାମ ସହ ଏହା କେବଳ ଏକମାତ୍ର ଫିଲ୍ମ ଷ୍ଟୁଡିଓ ଥିଲା। ଅତୀତରେ ଏଠାରେ ବହୁ ସୁନ୍ଦର ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ତେବେ ଏହି ସିନେମା ଶିଳ୍ପକୁ ଚଳଚ୍ଚିତ୍ର ନିର୍ମାଣ ଲାଗି ଉନ୍ନତ ଭିତ୍ତିଭୂମି ଓ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ଐତିହ୍ୟ ସମ୍ପତ୍ତିର ସଂରକ୍ଷଣ ସହ ଓଡ଼ିଆ ଚଳଚ୍ଚିତ୍ର ଜଗତର ପୁନରୁଦ୍ଧାର ପାଇଁ ସହାୟତା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଭିତ୍ତିଭୂମି ସିନେମା ଶିଳ୍ପ ଇକୋ-ସିଷ୍ଟମ ତିଆରି କରିବ ; ଯାହା କେବଳ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବିକଶିତ କରିବନି ବରଂ ବୃହତ୍ ମନୋରଞ୍ଜନ ଏବଂ ସର୍ଜନାତ୍ମକ ସେବା ପ୍ରଦାନ କରିବ। ଏହି ପ୍ରକଳ୍ପ ଫିଲ୍ମ ମିଡ଼ିଆ ଏବଂ ମନୋରଞ୍ଜନ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବ ବୋଲି ଆଶା କରାଯାଉଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ କିଛି ବରିଷ୍ଠ କଳାକାରଙ୍କୁ ଭେଟିବା ସହ ତାଙ୍କ ସହ ଆଲୋଚନା କରିଛନ୍ତି।

## ଅଭିଯୁକ୍ତଙ୍କୁ ଆଜୀବନ ଜେଲ

### ମହିଳାଙ୍କୁ ପୋଡ଼ି ହତ୍ୟା ମାମଲା

**ଅନୁଗୋଳ ଅଫିସ, ୨୫।୩**

ସମ୍ବଲପୁର ଜିଲା ଶାସନ ଥାନା ଷଣ୍ଢସିଂହା ଗ୍ରାମର ଜଣେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ପୋଡ଼ି ହତ୍ୟା କରାଯିବା ମାମଲାର ବିଚାର କରି ଅନୁଗୋଳ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାଶ ଅଭିଯୁକ୍ତ ମୁକେଶ ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୫ ଜୁଲାଇ ୨୪ ରାତିରେ ଅଭିଯୁକ୍ତ ମୁକେଶ ପଡ଼ୋଶୀ ସନ୍ତୋଷ ବାଦିଙ୍କ ଘରେ ପଶିଥିଲେ। ସନ୍ତୋଷ ଗୋଟିଏ ଘରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ସୁଷମା ବାଦି ଓ ଶିଶୁ ଅନ୍ୟତ୍ର ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ମୁକେଶ କିରୋସିନ ଢାଳି ସୁଷମାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଦେଖି ସନ୍ତୋଷ ତୁରନ୍ତ ଉଠି ସ୍ତ୍ରୀ ଓ ଶିଶୁକୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଶିଶୁଙ୍କୁ ଉଦ୍ଧାର କରିବା ପରେ ସ୍ତ୍ରୀଙ୍କୁ ଆଣିବାକୁ ଗଲାବେଳେ ଅଭିଯୁକ୍ତ ମୁକେଶ ସୁଷମାଙ୍କ ମୁହଁରେ ତକିଆ ଦେଇ ମାଡ଼ି ବସିଥିବା ଦେଖିଥିଲେ। ତେବେ କୌଣସିମତେ ସନ୍ତୋଷ ସୁଷମାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କ ମୃତ୍ୟୁ ହୋଇଯାଇଥିଲା। ସୁଷମାଙ୍କ ବାପା ଦଧିବାମନ ୨୫ ତାରିଖରେ ଶାସନ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୧୨/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତ ମୁକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସମ୍ବଲପୁର ଏଡିଜେଙ୍କ କୋର୍ଟରେ ଚାଲିଥିବା ବେଳେ ୧୫ଜଣଙ୍କ ସାକ୍ଷ୍ୟ ଗ୍ରହଣ ସରିଥିଲା। ହେଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୦୧୯ ଜୁଲାଇ ୨୯ରେ ମାମଲା ଅନୁଗୋଳ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋଟ୍ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ମୁକେଶ ଭୋଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରିଥିବା କୋର୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## କାହ୍ନା ଜଙ୍ଗଲରେ ବାଘୁଣୀ ସୁନ୍ଦରୀ



**ବନ୍ତଲା,୨୫।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ରାଇଗୁଡ଼ା ଏନ୍‌କ୍ଲୋଜରରେ ଦୀର୍ଘ ଅଢ଼େଇବର୍ଷ ଧରି ବନ୍ଦୀ ଜୀବନ କାଟୁଥିବା ବାଘୁଣୀ ସୁନ୍ଦରୀକୁ ମଧ୍ୟପ୍ରଦେଶ କାହ୍ନା ଜାତୀୟ ଉଦ୍ୟାନର ଘୋରେଲା ଜଙ୍ଗଲରେ ଛାଡ଼ି ଦିଆଯାଇଛି। ମଙ୍ଗଳବାର ଅପରାହ୍ନରେ ସାତକୋଶିଆରୁ ସ୍ୱତନ୍ତ୍ର ଗାଡ଼ିରେ ଯାଇଥିବା ବାଘୁଣୀ ଦୀର୍ଘ ୩୧ ଘଣ୍ଟାର ଯାତ୍ରା ପରେ ମଧ୍ୟପ୍ରଦେଶ କାହ୍ନା ବ୍ୟାଘ୍ର ପ୍ରକଳ୍ପରେ ବୁଧବାର ରାତି ୧୧ଟା ୩୦ରେ ପହଞ୍ଚିଥିଲା। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗୁରୁବାର ଭୋର ସମୟରେ ବାଘୁଣୀକୁ ଘୋରେଲା ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସୁନ୍ଦରୀକୁ ଛାଡିବାକୁ ଯାଇଥିବା ସାତକୋଶିଆର ଏସିଏଫ୍ ସରୋଜ ପଣ୍ଡା ଓ ପ୍ରାଣୀ ଡାକ୍ତର କିଶୋର ସାହୁ ଫେରି ଆସିଥିବା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ ପ୍ରକାଶ କରିଛନ୍ତି।

## ଖରସ୍ରୋତାରେ ବୁଡ଼ି ୨ ଭାଇ ମୃତ

**ରସୁଲପୁର/ ଯାଜପୁର ସଦର/ ଯାଜପୁର ଟାଉନ, ୨୫।୩ (ଡି.ଏନ୍.ଏ.)**

ଯାଜପୁର ସଦର ଥାନା ଅଧୀନ ବେରୁଦା ପଞ୍ଚାୟତ ଚିନ୍ତାପଲୀ ଗାଁ ନିକଟ ଖରସ୍ରୋତା ନଦୀରେ ବୁଡ଼ି ୨ ଭାଇଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେମାନେ ହେଲେ ଚିନ୍ତାପଲୀ ଗ୍ରାମର ଦୀନବନ୍ଧୁ ଚନ୍ଦ(୧୮) ଓ ତାଙ୍କ ସାନଭାଇ ଦିବାକର ଚନ୍ଦ(୧୫)। ଦୁହେଁ ସାଙ୍ଗ ହୋଇ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ଦୀନବନ୍ଧୁ ଓ ଦିବାକର ଗାଧୋଇବା ବେଳେ ଗଭୀର ଜଳକୁ ଚାଲି ଯାଇଥିଲେ। ସେମାନେ ବୁଡ଼ି ଯାଉଥିବା ଦେଖି ପାଖରେ କାମ କରୁଥିବା ଲୋକେ ଦୁହିଁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଶେଷରେ କୁଆଖିଆ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଦିବାକରଙ୍କୁ ସ୍ଥାନୀୟ ଲୋକେ ମଧୁବନ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦୀନବନ୍ଧୁଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆଖିଆ ପୋଲିସ ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୀନବନ୍ଧୁ ସ୍ଥାନୀୟ ମଧୁବନ କଲେଜର ଯୁକ୍ତ ୨ ଛାତ୍ର ଥିବା ବେଳେ ଦିବାକର ଗିରିଧାରୀ ପାର୍ବତୀ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର ଥିଲେ। ଏହି ଘଟଣା ପରେ ଚିନ୍ତାପାଲୀ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## କୃଷି, ରେଳ, ସ୍ୱାସ୍ଥ୍ୟ ପ୍ରସଙ୍ଗ ଉଠାଇଥିଲେ ଓଡ଼ିଶା ଏମ୍‌ପି

### ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୨୫।୩**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଶେଷ ହୋଇଛି। ଚାଷୀ ଆନ୍ଦୋଳନ ଓ ତୈଳ ଦର ବୃଦ୍ଧିକୁ ନେଇ ଗୃହକାର୍ଯ୍ୟ ଏକାଧିକ ଥର ଅଚଳ ହୋଇଥିଲା। ଏହା ସତ୍ତ୍ୱେ ଓଡ଼ିଶାର ଏମ୍‌ପିମାନେ ରେଲ୍‌ୱେଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟ କୈନ୍ଦ୍ରିକ ଦାବି ଉପସ୍ଥାପନ କରିଥିଲେ। ବିଜେଡି, କଂଗ୍ରେସ, ଭାଜପା ଏମ୍‌ପିମାନେ ରାଜ୍ୟ ଓ ଜାତୀୟ ଗୁରୁତ୍ୱ ଥିବା ୭୦୨ଟି ତାରକା ଓ ଅଣତାରକା ପ୍ରଶ୍ନ ଉଠାଇଥିଲେ। ଲୋକ ସଭାରେ ସେମାନେ ୪୦୮ ପ୍ରଶ୍ନ କରିଥିବାବେଳେ ରାଜ୍ୟ ସଭାରେ ୨୯୪ ପ୍ରଶ୍ନ ଉଠାଇଥିଲେ। ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ବିଲ୍ ପାସ୍ କରାଇବାକୁ ବିଜେଡି ଏମ୍‌ପିମାନେ ଦାବି ଦୋହରାଇଥିଲେ।

କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ ଲାଗି ଦୀର୍ଘଦିନର ଦାବିକୁ ଦଳ ପକ୍ଷରୁ ପୁନର୍ବାର ଉଠାଯାଇଥିଲା। ଏଥିସହିତ ରାଜ୍ୟରୁ ଅଧିକ ଧାନ କିଣିବା ପାଇଁ ଦାବି କରିବା ସହ ଏହି ମର୍ମରେ ଏକ ସ୍ମାରକପତ୍ର ଦେଇଥିଲେ। ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର ବିଲ୍, ୨୦୨୧ ବ୍ୟତୀତ ଅନ୍ୟ ସବୁ ବିଲ୍‌କୁ ବିଜେଡି ସମର୍ଥନ କରିଥିଲା। ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୧କୁ ମଧ୍ୟ ବିଜେଡି ସମର୍ଥନ ଜଣାଇଥିଲା। ତେବେ ଖଣି ନିଲାମ ଏବଂ ଜିଲା ଖଣି ଫାଉଣ୍ଡେଶନ ପାଣ୍ଠି ବିନିଯୋଗରେ କେନ୍ଦ୍ରକୁ ଅଧିକ କ୍ଷମତା ପ୍ରଦାନକୁ ବିଜେଡି ବିରୋଧ କରିଥିଲା। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଏବଂ ବିଜେଡି ସଦସ୍ୟ ଭାସ୍କର ରାଓ ମୋବାଇଲ ନେଟ୍‌ୱର୍କ ସମସ୍ୟା କଥା ଉଠାଇଥିଲେ। ସେହିପରି ବିଜେଡିରୁ ସୁଜିତ କୁମାର ରାଜ୍ୟରେ ଦୁର୍ବଳ ବ୍ୟାଙ୍କିଂ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସୁନ୍ଦରଗଡ଼ ଜିଲାରେ ଆଉ ଏକ ଏମ୍ସ ଖୋଲିବା ପାଇଁ ଡ. ରାଜଶ୍ରୀ ମଲିକ ଏବଂ ଅମର ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟର ୭ ଜିଲାକୁ ଏପର୍ଯ୍ୟନ୍ତ ରେଳ ସଂଯୋଗ ହୋଇ ନ ଥିବା ନେଇ ବିଜେଡି ଏମ୍‌ପି ଅନୁଭବ ମହାନ୍ତି, ସୁବାସ ଚନ୍ଦ୍ର ସିଂ ଏବଂ ଭାଜପାର ନିତେଶ ଗଙ୍ଗଦେବ ଚିନ୍ତାବ୍ୟକ୍ତ କରିଥିଲେ। ବରିଷ୍ଠ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଛତିଶଗଡ଼ ସହ ମହାନଦୀ ଜଳବିବାଦ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବି କରିଥିବାବେଳେ ରାଜ୍ୟ ସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ପ୍ରତି ଜିଲାରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ଦାବି କରିଥିଲେ।

## ଜୟପୁର ଉପ କାରାଗାରରେ ୩ ଅନ୍ତେବାସୀଙ୍କୁ କରୋନା

**ଜୟପୁର, ୨୫।୩ (ନି.ପ୍ର.)**

ଜୟପୁର ଉପକାରାଗାରର ୩ ଅନ୍ତେବାସୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ଆଲଗା କୋଠରିରେ ରଖାଯାଇଛି। କାରାଗାରରେ ୨୨ତାରିଖରେ ଜଣେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ୧୦ ଜଣ ଅନ୍ତେବାସୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା । ସେହି ୧୦ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏହି ୪ ଅନ୍ତେବାସୀଙ୍କୁ ଆଇସୋଲେଶନ ୱାର୍ଡରେ ରଖାଯାଇଥିବା ଜେଲ ଅଧୀକ୍ଷକ ଲଲାଟେନ୍ଦୁ ଭୂଷଣ ଦାସ କହିଛନ୍ତି। କାରାଗାରରେ କରୋନା ପଜିଟିଭ ସଂଖ୍ୟା ବଢୁଥିବାରୁ ଏପ୍ରିଲ ୧୦ ଯାଏ ସାକ୍ଷାତ କରିବାକୁ ବନ୍ଦ କରାଯାଇଛି। ୧୭ତାରିଖରେ ବୈପାରିଗୁଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫକରି ବନ ବିଭାଗ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସେ ଉକ୍ତ କାରାଗାରକୁ ଆସିଥିଲେ। ତାଙ୍କର ପୂର୍ବରୁ ମେଡିକାଲରେ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ଏହି ରିପୋର୍ଟ ନେଗେଟିଭ ଥିବାରୁ ତାଙ୍କୁ ଜେଲରେ ରଖାଯାଇଥିଲା। ପରେ ଆର୍‌ଟିପିସିଆର୍ ପରୀକ୍ଷା ପାଇଁ ପଠାଯାଇଥିଲା। ଏହି ରିପୋର୍ଟ ପଜିଟିଭ ଆସିଥିଲା। ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା(SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୬୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ୍: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି ଭଭିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୦୪.୨୦୨୧ରିଖ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ**
**ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଭଗବତୀ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ରମେଶ ଚନ୍ଦ୍ର ସାହୁ, ଠିକଣା ୧**-ପ୍ଲଟ୍ ନଂ.: ୧୮, ନୂଆଗାଁ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **ଠିକଣା ୨**-ପ୍ଲଟ୍ ନଂ.: ୧୯୮, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩, **ଜାମିନଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ**, ପ୍ଲଟ୍ ନଂ.: ୧୮, ନୂଆଗାଁ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **୨) ଶ୍ରୀ ରମେଶ ଚନ୍ଦ୍ର ସାହୁ**, ପ୍ଲଟ୍ ନଂ.: ୫୦୨/୫୬୧୮, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର-୭୫୧୦୦୨, **୩) ଶ୍ରୀ ନିରଞ୍ଜନ ସାହୁ**, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୫୦୨/୫୬୧୮, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର-୭୫୧୦୦୨, **୪) ଶ୍ରୀ କୈଳାଶ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁ, ସା: ଜୁନେଇ, ପୋ: କୋଣାର୍କ, ଜିଲ୍ଲା: ପୁରୀ-୭୫୨୧୧୧, **୫) ଶ୍ରୀ ସୁବାସ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁ, ସା: ଜୁନେଇ, ପୋ: କୋଣାର୍କ, ଜିଲ୍ଲା: ପୁରୀ-୭୫୨୧୧୧, **୬) ଶ୍ରୀ ସୁରେଶ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁ, ସା: ଜୁନେଇ, ପୋ: କୋଣାର୍କ, ଜିଲ୍ଲା: ପୁରୀ-୭୫୨୧୧୧, **୭) ଶ୍ରୀ ରମେଶ ଚନ୍ଦ୍ର ସାହୁ**, ପିତା: ୰ ମହେଶ୍ୱର ସାହୁ, ସା: ଜୁନେଇ, ପୋ: କୋଣାର୍କ, ଜିଲ୍ଲା: ପୁରୀ-୭୫୨୧୧୧, **୮) ଶ୍ରୀ ରମେଶ ଚନ୍ଦ୍ର ସାହୁ**, ପ୍ଲଟ୍ ନଂ.: ୫୨-ଏ, କଳ୍ପନା ଏରିଆ, ବିଜେବି ନଗର, ଭୁବନେଶ୍ୱର, **୯) ଶ୍ରୀ ରମେଶ ଚନ୍ଦ୍ର ସାହୁ**, ପ୍ଲଟ୍ ନଂ.: ୧୯୮, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩। | **(୧) ନିରଞ୍ଜନ ସାହୁ**, ପିତା: ରମେଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍ ଯାହାର ମୌଜା: ଘାଟିକିଆ, ତହସିଲ: ଭୁବନେଶ୍ୱର, ଏସ୍‌ଆର୍‌ଓ/ଥାନା: ଖଣ୍ଡଗିରି, ଥାନା ନଂ.: ୫୦, ଜିଲ୍ଲା: ଖୋର୍ଦ୍ଧା, ଡ୍ରଇଂ ନଂ.: ବି/୩୬୦, ଡ୍ରଇଂ ପ୍ଲଟ୍ ନଂ./ଜିଏ ପ୍ଲଟ୍ ନଂ.: ୫୦୯, କ୍ଷେତ୍ର: ଏକର ୦.୧୨୪ ଡିସିମିଲ୍ (୫୪୦୦ ବର୍ଗଫୁଟ), କିସମ: ଘରବାଡ଼ି, ସତ୍ୱ: ସ୍ଥିତିବାନ, ୧୯୬୨ ମସିହା ସେଟେଲ୍‌ମେଣ୍ଟ ଖାତା ନଂ.: ୪୪୩, ପ୍ଲଟ୍ ନଂ.: ୫୨ (ଅଂଶ), କ୍ଷେତ୍ର: ଏକର ୦.୧୨୪ ଡିସିମିଲ୍ ଉପରେ ନିର୍ମିତ ମିରାକଲ୍ ହୋମସ୍ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ. ୨୦୧, ୨ୟ ମହଲା, ସୁପର ବିଲ୍ଟ ଏରିଆ ୧୫୦୦ ବର୍ଗଫୁଟର ଘର ଯାହାକି ବିଏମ୍‌ସି ଅଧିନ ରେଭେନ୍ୟୁ ଭିଲେଜ ଘାଟିକିଆଠାରେ ଅବସ୍ଥିତ। | ୧୨.୦୮.୨୦୧୯ ପର୍ଯ୍ୟନ୍ତ ସୁଧ ସହିତ ଟ.୨୦,୦୦,୪୦,୮୦୬.୪୭ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୨.୦୮.୨୦୧୯ | ଟ.୪୯,୦୦,୦୦୦/- / ଟ.୪,୯୦,୦୦୦/- / ଟ.୨୫,୦୦୦/- |
| | **(୨) କୈଳାସ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ**, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ ଏବଂ **ନିରଞ୍ଜନ ସାହୁ**, ପିତା: ରମେଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: କେଉଟଟୁଙ୍ଗା, ତହସିଲ/ଥାନା: ଗୋପ, ଥାନା ନଂ.: ୧୭୦, ଜିଲ୍ଲା: ପୁରୀ, **(କ)** ଯାହାର ପରିବର୍ତ୍ତିତ ଜମିର ଖାତା ନଂ.: ୨୪୬/୫୨, ପ୍ଲଟ ନଂ.: ୧୬୨, କ୍ଷେତ୍ର: ଏକର ୧.୨୩୦ ଡିସିମିଲ୍, କିସମ: ଘରବାଡ଼ି, ପ୍ଲଟ ନଂ.: ୧୬୨/୫୪୬, କ୍ଷେତ୍ର: ଏକର ୧.୦୦୦ ଡିସିମିଲ୍, କିସମ: ଘରବାଡ଼ି, ପ୍ଲଟ ନଂ.: ୧୬୨/୫୪୫, କ୍ଷେତ୍ର: ଏକର ୧.୦୦୦ ଡିସିମିଲ୍, କିସମ: ଘରବାଡ଼ି, ଯାହାକି ପରବର୍ତ୍ତୀ ସମୟରେ ଏକତ୍ରିକରଣ ହୋଇ ପୁରୁଣା ଖାତା ନଂ.: ୪୭, ଚକ ନଂ.: ୮୮, ପ୍ଲଟ୍ ନଂ.: ୧୬୨, କ୍ଷେତ୍ର: ୩.୨୩୦ ଡିସିମିଲ୍‌ରେ ପରିଣତ ହୋଇଛି, **(ଖ)** ପରିବର୍ତ୍ତିତ ଖାତା ନଂ.: ୨୪୬/୫୩, ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର ୦.୪୬୦ ଡିସିମିଲ୍, କିସମ: ଘରବାଡ଼ି, ପରିବର୍ତ୍ତିତ ପୁରୁଣା ଖାତା ନଂ.: ୨, ମୋଟ କ୍ଷେତ୍ର: ଏକର ୩.୬୯୦ ଡିସିମିଲ୍। | | ଟ.୧,୫୬,୦୦,୦୦୦/- / ଟ.୧୫,୬୦,୦୦୦/- / ଟ.୫୦,୦୦୦/- |
| | **(୩) ରମେଶ ଚନ୍ଦ୍ର ସାହୁ** ଏବଂ **ନିରଞ୍ଜନ ସାହୁଙ୍କ** ନାମରେ ଥିବା ବାଣିଜ୍ୟିକ ଗୃହ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୧୬, ଜୟଦେବ ବିହାର, ଲେନ ନଂ-୩ , ବିଜୁ ପଟ୍ଟନାୟକ କଲେଜ ନିକଟ, ତହସିଲ: ଭୁବନେଶ୍ୱର, ଥାନା: ନ୍ୟୁ କ୍ୟାପିଟାଲ, ଥାନା ନଂ.: ୩୩, ଜିଲ୍ଲା: ଖୋର୍ଦ୍ଧା, ହାଲ ସେଟେଲ୍‌ମେଣ୍ଟ ଖାତା ନଂ.: ୩୭୫, ପ୍ଲଟ ନଂ.: ୧୯୮, କ୍ଷେତ୍ର: ଏକର ୦.୦୬୩ ଡିସିମିଲ୍, ସାବିକ୍ ଖାତା ନଂ.: ୨୬୧, ପ୍ଲଟ୍ ନଂ.: ୭୩୬, କ୍ଷେତ୍ର: ଏକର ୦.୭୧୦ ଡିସିମିଲ୍‌ରୁ ଏକର ୦.୦୬୬ ଡିସିମିଲ୍, ସାବିକ୍ ମୌଜା: ନୟାପଲ୍ଲୀ, କିସମ: ଘରବାଡ଼ି, ସତ୍ୱ: ସ୍ଥିତିବାନ, ସମୁଦାୟ କ୍ଷେତ୍ର: ୫୭୦୨.୭୬ ବର୍ଗଫୁଟ (ଜି+୨ ର ଘର)। | | ଟ.୨,୯୩,୦୦,୦୦୦/- / ଟ.୨୯,୩୦,୦୦୦/- / ଟ.୫୦,୦୦୦/- |

*** ଏହି ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲ ରେ ଅଛି।**
**ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ: ତା.୨୨.୦୪.୨୦୨୧ ରିଖ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ**

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।**

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ ଦେଖନ୍ତୁ :
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୮୧୦୫୬୨୮୦୩

ତାରିଖ: ୨୫.୦୩.୨୦୨୧
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାର
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଦୁଇ ଲୁଟେରା ଗିରଫ

ସୁନ୍ଦରଗଡ଼,(ଡି.ଏନ୍.ଏ): ସ୍ଥାନୀୟ ବନଦୁର୍ଗା ମନ୍ଦିର ନିକଟରେ ଗତ୨୨ ତାରିଖରେ ଜଣେ ମହିଳାଙ୍କଠାରୁ ହୋଇଥିବା ଲୁଟ ଘଟଣାରେ ସୁନ୍ଦରଗଡ ଟାଉନ୍ ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାଜଗାଙ୍ଗପୁର ଥାନା ଭଗତଟୋଲାର ବିଷ୍ଣୁ ମାସନ (୨୦) ଓ କୁମରକେଲା ସମେଲପଦାର ଅଜରଲୁଗୁନ (୨୧)। ଗତ ୨୨ ତାରିଖ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଶାରନ ଗୋଲଇ ଗ୍ରାମର ଲିପସା ପୃଷ୍ଟେଠ (୨୫) ଜଣେ ମହିଳା ସ୍କୁଟି ଯୋଗେ କୁଲାବିରାରୁ ସୁନ୍ଦରଗଡକୁ ଫେରୁଥିବା ବେଳେ ବନଦୁର୍ଗା ମନ୍ଦିର ନିକଟରେ ଅପରାହ୍ନ ପ୍ରାୟ ୪ଟା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଏକ ବାଇକ୍‌ରେ ପିଛା କରି ତାଙ୍କଠାରୁ ଭ୍ୟାନିଟି ବ୍ୟାଗ ଛିନତାଇ କରି ଫେରାର ହୋଇଯାଇଥିଲେ। ଭ୍ୟାନିଟି ବ୍ୟାଗରେ ନଗଦ ୪ ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଆଧାର କାର୍ଡ, ଭୋଟର ପରିଚୟପତ୍ର ଆଦି ରହିଥିଲା।

**ସଂକ୍ଷେପରେ**

## ଭାରତ ବନ୍ଦକୁ ସିଆଇଟିୟୁର ସମର୍ଥନ

**ରାଉରକେଲା ଅଫିସ,୨୫।୩:** କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ ବିରୋଧରେ ଦେଶର ଲକ୍ଷ ଲକ୍ଷ କୃଷକ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚଳାଇ ରଖିଛନ୍ତି। ପ୍ରାୟ ୨୫୦ ଜଣ କୃଷକ ଶହୀଦ ହୋଇ ସାରିଥିବା ବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ବାରମ୍ବାର ଦରବୃଦ୍ଧି ଯୋଗୁ ସାଧାରଣ ଜନତାଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିବାକୁ ବସିଛି । ଦେଶର ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳ, ସେଲ୍, କୋଇଲା, ଏୟାରପୋର୍ଟ, ଏଲଆଇସି, ଜିଆଇସିକୁ କେନ୍ଦ୍ର ସରକାର ବିକ୍ରି କରୁଛି । ସରକାରଙ୍କ ଜନବିରୋଧୀ ଓ ଦେଶ ବିରୋଧୀ ନୀତି ବିରୋଧରେ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ୨୬ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସୁନ୍ଦରଗଡ ଜିଲାରେ ସଫଳ କରିବା ପାଇଁ ସୁନ୍ଦରଗଡ ମୋଟର କର୍ମଚାରୀ ସଂଘ, ରାଉରକେଲା ମିନି ବସ୍ ଆସୋସିଏଶନ (ସିଆଇଟିୟୁ) ନିଷ୍ପତ୍ତି ନେଇଛି ବୋଲି ସିଟୁ ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି, ଉପଦେଷ୍ଟା ରାଜକିଶୋର ପ୍ରଧାନ, ସମ୍ପାଦକ ଅକ୍ଷୟ ମହାନ୍ତି, ଜୁବେର ଖାଁ, ଅରୁଣ ମହାରଣା ପ୍ରମୁଖ ଜଣାଇଛନ୍ତି ।

## ଟ୍ରାକ୍ଟର ଓଲଟି ଚାଳକ ମୃତ

**ଲହୁଣୀପଡା, ୨୫।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତର ମରିଚିଡିହିଠାରେ ଗୁରୁବାର ଟ୍ରାକ୍ଟର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଓଆର୍ ୧୬ ସି- ୯୭୦୬ ଟ୍ରାକ୍ଟର ଚିପ୍ସ ନେଇ ଫୁଲଝର ନିକଟସ୍ଥ ମରିଚିଡିହି ଗ୍ରାମକୁ ଯାଇଥିଲା। ଚିପ୍ସ ଖାଲିକରି ଫେରୁଥିବାବେଳେ ମରିଚିଡିହି ଘାଟିରେ ଭାରସାମ୍ୟ ହରାଇ ଟ୍ରାକ୍ଟର ପାହାଡରେ ପିଟି ହେବା ଯୋଗୁ ଚାଳକ ସୂର୍ଯ୍ୟ ପାତ୍ର (୪୫) ଛିଟିକି ହୋଇ ପଡିଥିଲେ। ଟ୍ରାକ୍ଟର ତାଙ୍କ ଉପରେ ଓଲଟି ପଡିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ମହୁଲପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବରଯାତ୍ରୀ ଗାଡ଼ି ଦୁର୍ଘଟଣା: ୮ ଆହତ

**ସୁନ୍ଦରଗଡ଼, ୨୫।୩ (ଡି.ଏନ୍.ଏ.) :** ସୁନ୍ଦରଗଡ଼-ବାମରା ରାସ୍ତାର କିଂଜିର୍ମା ଛକଠାରେ ଗୁରୁବାର ବରଯାତ୍ରୀ ବୋଲେରୋ ଗାଡି ଅନ୍ୟ ଏକ ବୋଲେରୋ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବୋଲେରୋ ଗାଡିରେ ଥିବା ୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୨ ଶିଶୁକନ୍ୟା, ୨ମହିଳା ଓ ୪ଜଣ ପୁରୁଷ ଥିବା ଜଣାପଡିଛି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ପିଠାଭୂଇଁରୁ ସଦର ବ୍ଲକ କୁମୁଟି ମୁଣ୍ଡାକୁ ଓଡି ୧୬ ଏ ୪୯୭୫ ନଂ. ବିଶିଷ୍ଟ ବୋଲେରୋ ଗାଡି ଯୋଗେ ଏହି ବରଯାତ୍ରୀ ଦଳ ଯାଉଥିବା ବେଳେ କିଂଜିର୍ମା ଛକରେ କିଂଜିର୍ମା ଆଡୁ ଆସୁଥିବା ଓଆର ୧୬ସି ୩୯୮୨ ନଂ. ବିଶିଷ୍ଟ ଅନ୍ୟ ଏକ ବୋଲେରୋ ଗାଡି ହଠାତ ରାସ୍ତା ଉପରକୁ ବାହାରି ବରଯାତ୍ରୀ ଗାଡିକୁ ଧକ୍କା ଦେଇଥିଲା। ଫଳରେ ବରଯାତ୍ରୀ ଗାଡିଟି ଓଲଟି ପଡିଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଉରକେଲା ଓକିଲ ସଂଘ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି

**ରାଉରକେଲା ଅଫିସ/ବେଦବ୍ୟାସ, ୨୫।୩(ଡି.ଏନ.ଏ):** ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ରାଉରକେଲା ଓକିଲ ସଂଘର ନିର୍ବାଚନ ଆସନ୍ତା ୨୭ ତାରିଖରେ ହେବାକୁ ସ୍ଥିର କରାଯାଇଛି । ଏ ନେଇ ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଂଘର ସଭାଗୃହରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସହ ନିର୍ବାଚନ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଚଳିତ ବର୍ଷ ନିର୍ବାଚନ କିଭଳି ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳା ସହ କୋଭିଡ-୧୯ ନିର୍ଦ୍ଦେଶକୁ ପାଳନ କରି ଭୋଟରମାନେ ଭୋଟଦାନ କରିପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ' ୨୭ ସକାଳ ୮ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଚାଲିବ ଏବଂ ୪ଟାରୁ ଫଳାଫଳ ଘୋଷଣା କରାଯିବ।

# କୁତ୍ରାରେ ହାତୀପଲ: ଅଞ୍ଚଳବାସୀ ଆତଙ୍କିତ

**କୁତ୍ରା, ୨୫।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଚୁନିପଡାରେ ହାତୀ ଆତଙ୍କ ଦେଖାଦେଇଛି। ୧୫ରୁ ଊର୍ଦ୍ଧ୍ୱ ହାତୀ ଗୁରୁବାର ଦିନ ତମାମ ଗାଁ ପାଖରେ ରହିଥିବାର ଜଣାପଡିଛି। କିଛି ଦିନ ଅନ୍ତରରେ ପୁଣି ଥରେ କୁତ୍ରା ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗୁରୁବାର ସକାଳ ୬ଟାରେ ୧୫ ହାତୀ କୁତ୍ରା ଗିର୍ଜାପଡା ପଟରୁ ରାଜ୍ୟ ରାଜପଥ-୧୦କୁ ଅତିକ୍ରମ କରି ଚୁନିପଡା ପଟକୁ ଯାଇଥିଲେ। ସକାଳ ହୋଇଯାଇଥିବାରୁ ହାତୀ ଚୁନିପଡା ପାଖରେ ଥିବା ଜୁଗିଟୁଙ୍ଗରିରେ


କୁତ୍ରା ନିକଟରେ ଥିବା ହାତୀପଲ।

ରହିଯାଇଥିଲେ। ଖବରପାଇ ବଡ଼ଗାଁ ରେଞ୍ଜର ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦିନ ତମାମ ହାତୀପଲର ଗତିବିଧି ଉପରେ ନଜର ରଖିଥିଲେ। ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ହାତୀପଲ କୁତ୍ରା ଜୁଗିଟୁଙ୍ଗରିରେ ଥିବା ବନବିଭାଗ ପକ୍ଷରୁ ଜାଣିବାକୁ ମିଳିଛି। ହାତୀପଲକୁ ଦେଖିବା ପାଇଁ ଜୁଗିଟୁଙ୍ଗରି ପାଖରେ ଶହଶହ ଲୋକଙ୍କୁ ଦେଖିବାକୁ ମିଳିଥିଲା। ସୂଚନାଥାଉକି, ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ପଞ୍ଚରା ସେକ୍ସନର ବିଭିନ୍ନ ଜଙ୍ଗଲଗୁଡ଼ିକରେ ନିଆଁ ଲାଗୁଥିବାରୁ ଭୟରେ ହାତୀମାନେ ଗାଁ ମୁହାଁ ହେଉଛନ୍ତି ବୋଲି ଲୋକେ କହୁଛନ୍ତି। ହାତୀ ଗାଁମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତହୋଇ ରହୁଛନ୍ତି। ଏଣୁ ଏଦିଗରେ ବନ ବିଭାଗ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ବନାଗ୍ନି ଓ ବନ୍ୟପ୍ରାଣୀ ସୁରକ୍ଷା କର୍ମଶାଳା


ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା ସମ୍ପର୍କିତ କର୍ମଶାଳାରେ ବନବିଭାଗର ଅଧିକାରୀ ଉପସ୍ଥିତ।

**ଦେବଗଡ଼, ୨୫।୩(ଡି.ଏନ.ଏ.)**

ଦେବଗଡ଼ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ/କର୍ମଚାରୀଙ୍କୁ ନେଇ ବନାଗ୍ନି ଏବଂ ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ଦେବଗଡ଼ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଫାଲ୍ଗୁନୀ ସାରଥୀ ମଲ୍ଲିକ, ଅତିରିକ୍ତ ବନ ସଂରକ୍ଷକ ପ୍ରକାଶ ଚନ୍ଦ୍ର ସେଠୀ, ପିଟର ଟୀଗା ଓ ରଶ୍ମୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ବନାଗ୍ନି ନିୟନ୍ତ୍ରଣ ସହିତ ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେମାନେ ବନ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଦେବଗଡ଼ ବନଖଣ୍ଡରେ ଜୀବଜନ୍ତୁଙ୍କ ସୁରକ୍ଷା ସହ ବନାଗ୍ନି ନିୟନ୍ତ୍ରଣ କ୍ଷେତ୍ରରେ ବନ ବିଭାଗ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ପ୍ରକାଶ କରିଥିଲେ। ଏଥିସହ ସ୍ୱେଚ୍ଛାକୃତ ଭାବେ ବନାଗ୍ନି ରୋକିବା ନିମନ୍ତେ ଜିଲାର ପ୍ରତ୍ୟେକ ବନ ସୁରକ୍ଷା ସମିତି ଓ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ଦେବଗଡ ବନଖଣ୍ଡ ଅଧିକାରୀ ଷଡଙ୍ଗୀ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ/କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଦୁଇ ଦିନିଆ ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ମଞ୍ଚାସୀନ ବନବିଭାଗର ଅଧିକାରୀ ଓ ସ୍ୱେଚ୍ଛାସେବୀ।

**ଲହୁଣୀପଡା, ୨୫।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ବାଙ୍କି ରେଞ୍ଜ ନର୍ସରୀଠାରେ ଚାଲିଥିବା ଦୁଇ ଦିନିଆ ବନ ସୁରକ୍ଷା ସମିତି କାର୍ଯ୍ୟକର୍ତ୍ତାଙ୍କ ଗୋଷ୍ଠୀ ସଞ୍ଚାଳନ, ସଙ୍ଗଠନ ଗଠନ, ମୃତ୍ତିକା ସଂରକ୍ଷଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ବିକାଶ ଉପରେ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହା ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ବାଙ୍କି ରେଞ୍ଜର ଅଜୟ କୁମାର ଖେସ, ଲହୁଣୀପଡା ମୃତ୍ତିକା ସଂରକ୍ଷଣ ଅଧିକାରୀ ଗିରିଜା ନନ୍ଦ ପାଉଲେ, ଡିଏମ୍‌ଏଫ୍‌ର ବନାନୀ ମିଶ୍ର, ସ୍ୱେଚ୍ଛାସେବୀ ପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କୁ ଉପରୋକ୍ତ ବିଷୟବସ୍ତୁ ଉପରେ ତାଲିମ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତି ଜଙ୍ଗଲରେ ନିଆଁ ଲାଗିଯାଉଛି। ସାମାନ୍ୟ ମହୁଲ ପାଇଁ ହେଉ କିମ୍ବା ଅନ୍ୟ କାରଣ ପାଇଁ ହେଉ ଯେ କେହିବି ଏହି ଘୃଣ୍ୟ କାମ କରି ଜଙ୍ଗଲକୁ ପୋଡି ବନ୍ୟପ୍ରାଣୀ ନଷ୍ଟ କରୁଛନ୍ତି କିମ୍ବା ଜଙ୍ଗଲକୁ ନଷ୍ଟ କରୁଛନ୍ତି ସେ ସବୁକୁ ଆଇନ ଗତ ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ନିଜ ଅଞ୍ଚଳରେ ଲାଗିଥିବା ନିଆଁକୁ ଆୟତ୍ତ କରିବା କିମ୍ବା ଜଙ୍ଗଲରେ ନିଆଁ ନଲାଗିବା ପାଇଁ ସତର୍କ ରହିବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ସଭା ଶେଷରେ ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ମୀନାକ୍ଷୀ ସାହୁ, ଦୀପକ ମଲ୍ଲିକ, ଝସକେତନ ଶତପଥି, ସନ୍ତୋଷ ନାୟକ, ସମରେନ୍ଦ୍ର ରାଉତ, ରତନ ମହାକୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ସଂଖ୍ୟକ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଜମି ବିବାଦକୁ ନେଇ ଉଭୟ ପକ୍ଷ ମଧ୍ୟରେ ମାର୍‌ପିଟ

**ବେଦବ୍ୟାସ, ୨୫।୩ (ଡି.ଏନ.ଏ)** ଜମି ବିବାଦକୁ ନେଇ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟାଇଁସର ଖଡିଆଟୋଲାରେ ଗୁରୁବାର ଉଭୟ ପକ୍ଷଙ୍କ ମଧ୍ୟରେ ମାଡପିଟ ଅଶ୍ଳୀଳ ଭାଷା ବ୍ୟବହାର ଓ ଜୀବନରେ ମାରିଦେବା ଧମକ ଅଭିଯୋଗକୁ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଉଭୟ ପକ୍ଷଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୋଲିସ ସୂଚନାନୁଯାୟୀ, ଗୁରୁବାର ସକାଳ ସାଢ଼େ ୭ଟା ବେଳେ ଅଶୋକ ବାର୍ଲା ମହୁଲ ଗୋଟାଉଥିବା ବେଳେ ସେହି ଗ୍ରାମର ରାମଲାଲ ବାର୍ଲା ପହଞ୍ଚି ଅଶୋକ ବାର୍ଲାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ, ଜୀବନରେ ମାରିଦେବା ଧମକ ଓ ଟାଙ୍ଗିଆ ଦ୍ୱାରା ମରଣାତ୍ମକ ଆକ୍ରମଣ କରିଥିଲେ । ଫଳରେ ଅଶୋକଙ୍କ ମୁଣ୍ଡରେ ଗଭୀର ଆଘାତ ପାଇ ସେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଅଶୋକଙ୍କ ବଡ ଭାଇ ରମେଶ ବାର୍ଲା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଶୋକଙ୍କ ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନାରେ ମାମଲା (ନଂ. ୬୦/୨୧) ରୁଜୁ ହୋଇଛି। ସେହିପରି ଚୈତନ୍ୟ ଖଡିଆ ଟାଇସର ଗ୍ରାମର ରମେଶ ବାର୍ଲା, ଅଶୋକ ବାର୍ଲା, ଦିଲୀପ ବାର୍ଲା, ଶିବନାଥ ବାର୍ଲା ଓ ବଳଭଦ୍ର ବାର୍ଲାଙ୍କ ନାମରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ, ଘର ଚାଳ ଭାଙ୍ଗିବା, ଜୀବନରେ ମାରିଦେବା ଧମକ ଆଦିକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଚୈତନ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ. ୬୧/୨୧) ରୁଜୁ କରାଯାଇଛି । ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣା ସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ରାତି ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିନାହିଁ ।

# ଯୁବ ବିଜେଡି ସମ୍ପାଦକଙ୍କୁ ଗିରଫ ଦାବି

**ବଡଗାଁ, ୨୫।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ପରିସରରେ ମଙ୍ଗଳବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋଙ୍କୁ ତଲସରା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସମ୍ପାଦକ ସାହାଜବାହାଲ ଗ୍ରାମର ସରୋଜ ସାହୁ ଗାଳି, ଧମକ, ଜାତି ଆକ୍ଷେପ କରିବା ଅଭିଯୋଗକ୍ରମେ ଥାନା କେଶ ନଂ. ୪୮, ଦଫା ୨୯୪/୫୦୬/୩ ଏସ୍‌ଟି/ଏସସି ପିଏ ଆକ୍ଟରେ ମାମଲା ରୁଜୁ ହୋଇଛି । ଏହି ଘଟଣା ପରେ ଅଭିଯୁକ୍ତ ସରୋଜ ବଡଗାଁରେ ବୁଲିବା ସହିତ ବ୍ଲକ ଅଫିସ ନିକଟରେ କେତେକ ଯୁବକଙ୍କ ସହିତ ଦେଖିବା ପରେ ସରପଞ୍ଚମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୁରୁବାର ପୂର୍ବାହ୍ନରେ ଅଭିଯୋଗକାରୀ ସରପଞ୍ଚ

**ଆନ୍ଦୋଳନ ଚେତାବନୀ**

ଟପ୍ପୋ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ଭଗବାନ ଲାକ୍ରା ପ୍ରମୁଖ ବ୍ୟକ୍ତିମାନେ ଥାନା ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ୨ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସରପଞ୍ଚ ସଂଘ ସଭାପତି ବିକ୍ରମ ଟପ୍ପୋଙ୍କ ଠାରୁ ଜଣାପଡିଛି। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଏହି ଘଟଣାକୁ ନେଇ ଛାତ୍ର ବିଜେଡି ସମ୍ପାଦକଙ୍କ ନାମରେ ମାମଲା ଶୀର୍ଷକ ଏକ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଯୁବ ବିଜେଡି ସ୍ଥାନରେ ଭୂଲ କ୍ରମେ ଛାତ୍ର ବିଜେଡି ପ୍ରକାଶିତ ହୋଇଥିଲା।

# ଆର୍‌ଏମ୍‌ସି ଡେପୁଟି କମିଶନରଙ୍କୁ ଭେଟିଲେ ମହିଳା

**ରାଉରକେଲା ଅଫିସ,୨୫।୩**

ସହରାଞ୍ଚଳ, ପୌରପାଳିକା, ବିଜ୍ଞାପିତ ପରିଷଦରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ଯୋଗେଇଦେବାକୁ ରାଜ୍ୟ ସରକାର ଜାଗା ମିଶନ ଆରମ୍ଭ କରିଥିଲେ। କିନ୍ତୁ ରାଉରକେଲା ମହାନଗରରେ କର୍ମଚାରୀ ହେଉ କି ସରକାରୀ ଉଦାସୀନତା ଯୋଗୁ ଏହି କାର୍ଯ୍ୟ ଏକ ପ୍ରକାରର ଠପ ହୋଇଯାଇଥିବା ଦେଖାଯାଇଛି। ରାଉରକେଲା ସହରର ପାନପୋଷ, ଗୋପବନ୍ଧୁପଲ୍ଲୀ, ଛେଣ୍ଡ, ରେଲୱେ କଲୋନୀ, ରାଜୀବ ବସ୍ତି, ଶୀତଳପଡ଼ା, ଟ୍ରାଫିକ ମାର୍କେଟ ଏବଂ ବହୁତ ବସ୍ତି ଅଞ୍ଚଳରେ ୨୦୧୮ ରେ ସର୍ଭେ କାର୍ଯ୍ୟ କରାଯାଇ କେତେକ ଲୋକଙ୍କୁ ଜମି ଦିଆଯାଇଥିଲାବେଳେ ସିଂହଭାଗ ବସ୍ତିବାସିନ୍ଦା ଏବେ ବି ରାଜ୍ୟସରକାରଙ୍କ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ଆଉ ଏ ନେଇ ଗୁରୁବାର ବିଭିନ୍ନ ବସ୍ତି ଅଞ୍ଚଳର ମହିଳା ଭାଜପା ନେତ୍ରୀ ତଥା ସମାଜସେବୀ ନୂତନ ଦୀପଙ୍କ ନେତୃତ୍ୱରେ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ଭେଟି ବସ୍ତିବାସିନ୍ଦାଙ୍କ ଦାବି ଜଣାଇଥିଲେ। ଏ ନେଇ କମିଶନର ସମ୍ପୂର୍ଣ୍ଣ ସହଯୋଗ କରିବା ସହ କିପରି ଶୀଘ୍ର ଏ ନେଇ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ଉପସ୍ଥିତ ମହିଳା ସମେତ ଭାଜପା ନାରୀନେତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ, ଧାରଣା

**ରିଆମାଳ, ୨୫।୩ (ଡି.ଏନ୍.ଏ)**

ଦେବଗଡ଼ ଜିଲା ରିଆମାଳ ବ୍ଲକର କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିବା ସହ ଧାରଣା ଦେଇଛନ୍ତି। ଏହି ଆନ୍ଦୋଳନ ବୁଧବାର ଅପରାହ୍ନରୁ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ ଚାଲୁରହିଛି। ବିଡ଼ିଓଙ୍କ ନାମରେ ବ୍ଲକ ଅଧକ୍ଷା କରିଥିବା ମିଥ୍ୟା ଅଭିଯୋଗର ପ୍ରତିବାଦରେ ବ୍ଲକ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ରିଆମାଳ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚାଲିଥିବାବେଳେ ପୁରୁଣା ଫାଇଲରେ ଦସ୍ତଖତ କରିବାକୁ ବ୍ଲକ ଅଧକ୍ଷା ରିତାଞ୍ଜଳୀ ହାତୀ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ କହିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।


ରିଆମାଳ ବ୍ଲକର କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଛନ୍ତି।

ବ୍ଲକ ଅଧକ୍ଷା ଏନେଇ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ବିଡ଼ିଓ ତାଙ୍କୁ ଦୁର୍ବ୍ୟବହାର କରିଥିବା ବ୍ଲକ ଅଧକ୍ଷା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବ୍ଲକ ଅଧକ୍ଷା କରିଥିବା ଅଭିଯୋଗ ମିଥ୍ୟା ବୋଲି ବ୍ଲକ କର୍ମଚାରୀ କହିଛନ୍ତି। ବରଂ ବିଡ଼ିଓଙ୍କ ପ୍ରତି ଦୁର୍ବ୍ୟବହାର ହୋଇଥିବା କହିଛନ୍ତି। ଏହି ଆନ୍ଦୋଳନରେ ଏବିଡିଓ ଜିତୁରଞ୍ଜନ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ କୁମାର ମହାଲିକ, ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବ୍ଲକ କର୍ମଚାରୀ ଧାରଣାରେ ବସିଛନ୍ତି।

# ସ୍କୁଟି -ବାଇକ୍ ଧକ୍କା: ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**କୁତ୍ରା, ୨୫।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଦେଇ ଯାଇଥିବା ୧୦ନଂ. ରାଜ୍ୟ ରାଜପଥର ଗୋମାରଡିହି ବସଷ୍ଟାଣ୍ଡଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟିଛି। ଏକ ବାଇକ୍ ନଂ. ଓଡ଼ି ୩୩ ପି-୫୧୩୫ ଓ ଏକ ସ୍କୁଟି ନଂ. ଓଡ଼ି ୧୪ବି ୩୬୩୪ ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସ୍କୁଟି ଚାଳକ ତଥା ଶିକ୍ଷୟିତ୍ରୀ ତିଲେଶ୍ୱରୀ ଲାକ୍ରାଙ୍କର ମୃତ୍ୟୁ ଘଟିଛି। ତିଲେଶ୍ୱରୀ ସ୍କୁଲ ଛୁଟି ହେବା ପରେ କୁତ୍ରାରୁ ସ୍କୁଟିରେ ନିଜ ଘର ଘୁଇଡୁଙ୍ଗରିକୁ ଯାଉଥିଲେ। ଗୋମାରଡିହି ବସଷ୍ଟାଣ୍ଡ ଛକରେ ସେ ରାସ୍ତାର ଅପରପାର୍ଶ୍ୱକୁ ପାରିହେଉଥିବାବେଳେ ପଛପଟୁ ଆସୁଥିବା ଏକ ବାଇକ୍ ନଂ. ଓଡି ୩୩ପି ୫୧୩୫ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡି ଚାଳକ ରାସ୍ତାରେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ବାଇକ୍ ଓ ସ୍କୁଟି ଚାଳକଙ୍କୁ ଚିକିତ୍ସା ପାଇଁ କୁତ୍ରା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ତିଲେଶ୍ୱରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ


ଶିକ୍ଷୟିତ୍ରୀ ତିଲେଶ୍ୱରୀ ଲାକ୍ରା।

କରୁଥିବା ବେଳେ ଲାଇଙ୍ଗଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକଙ୍କୁ କୁତ୍ରା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। କୁତ୍ରା ପୋଲିସ ଏବାବଦରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଖବର ପ୍ରଚାର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭାରତ ସ୍କାଉଟ, ଗାଇଡ୍ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

**ସୁନ୍ଦରଗଡ଼ , ୨୫।୩ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାଳିକା ବିଭାଗରେ ଚାଲିଥିବା ଭାରତ ସ୍କାଉଟ ଗାଇଡ୍‌ର ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଶିବିରରେ ସୁନ୍ଦରଗଡ ଏସପି ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ଯୋଗଦେଇଥିବା ଜିଲାର ୯୦ଟି ବିଦ୍ୟାଳୟର ୨୧୫ସ୍କାଉଟ୍ ଓ ୩୨ଟି ବିଦ୍ୟାଳୟର ୧୭୫ଜଣ ଗାଇଡ୍ ଶିକ୍ଷାର୍ଥୀ ତଥା ସ୍କାଉଟ୍ ମାଷ୍ଟର ଓ ଗାଇଡ କ୍ୟାପଟେନକୁ ନେଇ ପ୍ରାୟ ୪୦୦ଜଣଙ୍କୁ ମୁଖ୍ୟ ଅତିଥି ନିଜ ଅନୁଭୂତିରୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ଶିବିରରୁ ପାଇଥିବା ଶିକ୍ଷା ଓ ଅଭିଜ୍ଞତାକୁ କାର୍ଯ୍ୟରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବଡେଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା, ବଡ଼ଗାଁ ଗୋଷ୍ଠୀ



ଭାରତ ସ୍କାଉଟ ଗାଇଡ୍‌ର ଜାତୀୟ ସଂହତି ଶିବିର ଉଦ୍‌ଯାପନୀ ମୂହୂର୍ତ୍ତ।

ଶିକ୍ଷାଅଧିକାରୀ ସାରଙ୍ଗଧର ବରିହା, ସୁନ୍ଦରଗଡ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ, କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ପ୍ରଥମେ ସମସ୍ତ ଶିକ୍ଷାର୍ଥୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସୁନ୍ଦରଗଡ ଭାରତସ୍କାଉଟ ଓ ଗାଇଡ୍‌ର ସମ୍ପାଦିକା ତଥା ଜିଲା ଶାରିରୀକ ଶିକ୍ଷା ନିରୀକ୍ଷିକା ସଂଯୁକ୍ତା ବହିଦାର ମୁଖ୍ୟ ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ତଥା ଏହି ସଂସ୍ଥାର ସଭାପତି ଷଡଙ୍ଗୀ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବତ୍ସ ଚୌଧୁରୀ ଓ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଧାନଙ୍କୁ ଶିବିର ସଫଳ ପରିଚାଳନା ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ଶିବିର ପରିଚାଳନାରେ ଦକ୍ଷ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କୁ ମଧ୍ୟ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଛାତ୍ର ମାନଙ୍କୁ ମୁଖ୍ଯ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସ୍କାଉଟ ଗାଇଡର ଜିଲା (ଟ୍ରେନିଂ କମିଶନର ) ତନ୍ମୁଳତା ବେହେରା ଧନ୍ୟବାଦ ଦେଇଥିଲେ।

## କମ୍ପାନୀ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡିଲେ ଦୁର୍ବୃତ୍ତ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ରେଙ୍ଗାଲିର ଠେଲକୋଲିସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀର ସୁରକ୍ଷା କର୍ମୀଙ୍କ ହାତରେ ଦୁର୍ବୃତ୍ତମାନେ ଧରାପଡିଛନ୍ତି। ଏହାସହ ୫ଟି ଟ୍ରକ୍‌କୁ ମଧ ସେମାନେ ଅଟକାଇ ଠେଲକୋଲି ଥାନା ଜିମା ଦେଇଛନ୍ତି। ଟ୍ରକ୍ ଚାଳକମାନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁସାରେ ଟ୍ରକ୍ କ୍ୟାବିନ ଉପରେ ୫୦୦ ଲିଟରର ଟାଙ୍କି କରାଯାଇଥିଲା। ଚାଳକମାନେ ସେଥିରେ ପାଣି ଭର୍ତ୍ତି କରି କମ୍ପାନୀକୁ ଆସୁଥିଲେ। ଗାଡିରେ ଲୋଡ ହୋଇଥିବା ପ୍ରାୟ ୫ କୁଇଣ୍ଟାଲ ଲେମକୋକ ବାହାରେ ବିକ୍ରି କରି ଦେଉଥିଲେ। ୫୦୦ ଲିଟର ପାଣି ଥିବାରୁ ଓଜନ ସମାନ ରହୁଥିଲା। ବହୁ ଚେଷ୍ଟା ପରେ କମ୍ପାନୀ ସୁରକ୍ଷା କର୍ମୀ ଏହା ଜାଣିବାକୁ ପାଇଥିଲେ। ଏ ନେଇ ଠେଲକୋଲି ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- କୃଷି ଆଇନ ବିରୋଧରେ ଜିଲା କୃଷକ ସୁରକ୍ଷା ସଂଗଠନର ରାସ୍ତା ଅବରୋଧ, ବରେଇପାଲି ମାର୍କେଟ ୟାର୍ଡ ସମ୍ମୁଖ ଜାତୀୟ ରାଜପଥ, ପୂର୍ବାହ୍ନ ୧୦ଟା।
- କୃଷି ଆଇନ ବିରୋଧରେ ଶ୍ରମିକ ସମନ୍ୱୟ ସମିତିର ଧାରଣା, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।

### ସଂକ୍ଷେପରେ

## ଶିକ୍ଷକ ସଂଘର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରେଢ଼ାଖୋଲ,୨୫।୩(ଡି.ଏନ.ଏ.):** ରଢାଖୋଲ ବ୍ଲକରେ କାର୍ଯ୍ୟରତ ଲେଭଲ-ଭି ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷକ ସଂଘ ଉଲ୍ଲେଖ କରିଛି ଯେ, ୨୦୧୭ ମାର୍ଚ୍ଚ ୧ ତାରିଖଠାରୁ ନିୟମିତ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ୬ ମାସର ବକେୟା ଦରମା ପ୍ରଦାନ କରାଯାଇନାହିଁ। ଏଥିସହିତ ଇନକ୍ରିମେଣ୍ଟ, ଏଚ୍ଆର୍ଏ, ଡିଏ ୨୦୧୮ ମସିହାଠାରୁ ନିୟମିତ ପ୍ରଦାନ କରିବା ଆଦି ୯ ଦଫା ଦାବି ରହିଛି। ସଂଘ ସଭାପତି ଚନ୍ଦ୍ରମଣି ପ୍ରଧାନ, ସମ୍ପାଦକ ସୁଶାନ୍ତ ସ୍ୱାଇଁ, ରମାକାନ୍ତ ବେହେରା, ରେଣୁକା ବେହେରା, ବିଳାସିନୀ ବେହେରା, ଗୋଲାପି ମିର୍ଦ୍ଧା, ରିନା ପ୍ରଧାନ, ଅନସୂୟା ପ୍ରଧାନ, ପ୍ରଦୀପ କୁମାର ଦାସଙ୍କ ସମେତ ବ୍ଲକର ବହୁ ଶିକ୍ଷକ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

**ସମ୍ବଲପୁର, ୨୫।୩ (ବ୍ୟୁରୋ):** ୪୮ତମ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏଥିରେ ଅଧକ୍ଷତା କରିଥିଲେ। ସମ୍ବଲପୁର ମଣ୍ଡଳ ୧୧.୩୨ ମିଲିୟନ ଟନ୍ ମାଲ ବୋଝେଇ କରିଛି, ଯାହାକି ଗତ ବର୍ଷ ତୁଳନାରେ ୮.୬୩ ପ୍ରତିଶତ ଅଧିକ। ସମ୍ବଲପୁର, ବଲାଙ୍ଗୀର, କେସିଙ୍ଗା, ଟିଟିଲାଗଡ ଷ୍ଟେଶନକୁ ସବୁଜ ପରିବେଶ କରାଯାଇଥିବା ପ୍ରବନ୍ଧକ ସୂଚନା ଦେଇଥିଲେ। ପରାମର୍ଶଦାତା କମିଟି ସଦସ୍ୟ ଅରୁଣ କୁମାର ମାଖାର୍ଜୀ, ପ୍ରଦୀପ କୁମାର ଦେବତା, କିଶୋର ହାଁସଦା, ସରୋଜ କୁମାର ପରିଡା, ବିକ୍ରମାନନ୍ଦ ବହିଦାର, ସତ୍ୟନାରାୟଣ ଭୁକ୍ତା, ରଶ୍ମିରଞ୍ଜନ ମହାପାତ୍ର, ତ୍ରିବେଣୀ ଭାରେ, ଚନ୍ଦ୍ର ପ୍ରକାଶ ପାଣ୍ଡେ, ବିଶ୍ୱଜିତ ଦାଶ, ଅଚ୍ୟୁତାନନ୍ଦ ସୁନାନି, ସୋମନାଥ ଅଗ୍ରୱାଲ, ଲିପଶିତ ମିଶ୍ର, ଗୋବିନ୍ଦ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ଆଲୋଚନାରେ ଭାଗ ନେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏସ୍.ଏସ୍. ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବେଡ୍ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ

**ଭିମ୍ସାର କୋଭିଡ୍ ମେଡିକାଲ**
- ଗତ ସପ୍ତାହରୁ ବୃଦ୍ଧିପାଉଛି ସଂଖ୍ୟା
- ପଡ଼ୋଶୀ ଜିଲାର ରୋଗୀ ମଧ ଚିକିତ୍ସିତ

**ସମ୍ବଲପୁର,୨୫।୩(ବ୍ୟୁରୋ)**

ଓଡ଼ିଶା ତଥା ପଡୋଶୀ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜିଲାପାଳମାନଙ୍କୁ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି କଟକଣା ମଧ ଲାଗୁ କରାଯାଇଛି। ଏଭଳି ପରିସ୍ଥିତିରେ ସମ୍ବଲପୁର ବୁର୍ଲା ଭିମ୍ସାରରେ ଜିଲାର ଏକମାତ୍ର କୋଭିଡ୍ ମେଡିକାଲରେ ବେଡ୍ ସଂଖ୍ୟାକୁ ନେଇ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି। ପୂର୍ବରୁ ବେଡ୍‌ସଂଖ୍ୟା ୩୦କୁ କମାଇବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ପୁନଃ ବିଚାର ପାଇଁ ଆଲୋଚନା ହୋଇଛି। ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧକ୍ଷ ପ୍ରଫେସର ଲାଲା ମୋହନ ନାଏକ, ଡିନ୍ ଓ ସମସ୍ତ ବିଭାଗର ମୁଖ୍ୟଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବେଡ୍ ସଂଖ୍ୟା ବୃଦ୍ଧିକୁ ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କୋଭିଡ୍ ପରିଚାଳନା ନୋଡାଲ ଅଫିସର ଡାକ୍ତର ସୁଦର୍ଶନ ପୋଥାଳ କହିଛନ୍ତି। ପ୍ରଥମେ ୩ରୁ ୪ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ପ୍ରାୟ ଏକସପ୍ତାହ ହେଲା କୋଭିଡ୍ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ଗୁରୁବାର ୨୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସମ୍ବଲପୁର ସମେତ ବରଗଡ, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଝାରସୁଗୁଡ଼ା, ଦେବଗଡ଼ ଆଦି ଜିଲାର ରୋଗୀମାନେ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଅନ୍ୟ ରୋଗ ପାଇଁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀଙ୍କ କୋଭିଡ୍ ପରୀକ୍ଷା ପରେ ପଜିଟିଭ୍ ଆସିଲେ ସେମାନଙ୍କୁ ମଧ କୋଭିଡ୍ ମେଡିକାଲରେ ଚିକିତ୍ସା କରାଯାଉଛି। ପୂର୍ବରୁ ରୋଗୀ ସଂଖ୍ୟା ମାତ୍ର ୩ରୁ ୪ଜଣ ରହୁଥିଲେ। ତେଣୁ ବେଡ୍ ସଂଖ୍ୟା କମାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏବେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। କୋଭିଡ୍ ମେଡିକାଲରେ ସମସ୍ତ ସୁବିଧା ରହିଛି। ୧ ଶହ ବେଡ୍ ଓ ଆଇସିୟୁରେ ୨୦ ବେଡ୍ ରହିଛି। ତେଣୁ କୌଣସି ସମସ୍ୟା ହେବ ନାହିଁ। ସରକାରଙ୍କ ଅନୁମୋଦନ ଆସିଲେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ପୋଥାଳ କହିଥିଲେ।

ସୂଚନାଯୋଗ୍ୟ, ଭିମ୍ସାରରେ ୨୦୨୦ ଅକ୍ଟୋବର ୧୨ ତାରିଖରେ ୯ ତାଲା କୋଠାରେ କୋଭିଡ୍ ମେଡିକାଲ ଆରମ୍ଭ ହୋଇଥିଲା। ଭିମ୍ସାରକୁ ଆସୁଥିବା ଅନ୍ୟ ଜିଲାର ରୋଗୀ ସହ ଜିଲାର ରୋଗୀମାନେ ଚିକିତ୍ସିତ ହେଉଥିଲେ। ରାଜ୍ୟରେ କରୋନା ସଂକ୍ରମଣ କମିବାରେ ଲାଗିଥିଲା। ଏପରି କି ଜିଲାରେ ମଧ ଅନେକ ଦିନ ସଂଖ୍ୟା ଶୂନ ହୋଇଥିଲା। ତେଣୁ ରାଜ୍ୟ ସରକାର କୋଭିଡ୍ ମେଡିକାଲ ବନ୍ଦ କରିବାକୁ ଯୋଜନା କରିଥିଲେ। ଯଦି ଏହା ଚାଲିବ ତାହାର ଉପଯୁକ୍ତ କାରଣ ଦେବାକୁ କୁହାଯାଇଥିଲା। ଏହାକୁ ନେଇ ଭିମ୍ସାରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଥିବା ୧୨୦ ବେଡ୍ ସଂଖ୍ୟା କମାଇ ୩୦ କରିବାକୁ ସରକାରଙ୍କୁ ମାର୍ଚ୍ଚ ୧୬ ତାରିଖରେ ପ୍ରସ୍ତାବ ଦିଆଯାଇଥିଲା। ଏବେ ତାହା ବିଚାରାଧୀନ ରହିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ଗୁରୁବାର ପୁଣି କୋଭିଡ୍ ସଂକ୍ରମଣ ଦୁଇଅଙ୍କ ଛୁଇଁ ୧୦ ହୋଇଛି। ଆଜି ପର୍ଯ୍ୟନ୍ତ ମୋଟ ୧୦ ହଜାର ୨୧୩ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ହଜାର ୯୨ ଜଣ ଚିକିତ୍ସିତ ହୋଇଥିବାବେଳେ ୭୮ ଜଣଙ୍କ ମୃତ୍ୟୁ ଘଟିଛି।



ବୁର୍ଲାସ୍ଥିତ ଭିମ୍ସାର ।

# ୬ବର୍ଷ ପରେ ପୁଣି ଭିଜିଲାନ୍ସର ତଦନ୍ତ

**ବେଲପାହାଡ ପୌର ପରିଷଦ ଏଲ୍ଇଡି ଲାଇଟ୍ କିଣା ଦୁର୍ନୀତି**
- କାର୍ଯ୍ୟନିର୍ବାହୀ ଅଧିକାରୀ,୨ ପୂର୍ବତନ ପୌରାଧ୍ୟକ୍ଷଙ୍କୁ ନୋଟିସ୍

**ଝାରସୁଗୁଡ଼ା ଅଫିସ୍,୨୫।୩**

ଝାରସୁଗୁଡ଼ା ଜିଲା ବେଲପାହାଡ ପୌର ପରିଷଦ ତରଫରୁ ପୌରାଞ୍ଚଳରେ ଆଲୋକୀକରଣ ପାଇଁ ୨୦୧୫ରେ ଏଲ୍ଇଡି ଲାଇଟ୍ କିଣାଯାଇଥିଲା। ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ପରେ ଭିଜିଲାନ୍ସ ତରଫରୁ ଏକ ମାମଲା ରୁଜୁହୋଇ ତଦନ୍ତ ଆରମ୍ଭ ହୋଇଥିଲା। ପୌର ପରିଷଦ କିରାଣୀ ଅଶୋକ ସାହୁଙ୍କ ଘରେ ଚଢାଉ କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ଏହାସହ କିରାଣୀ ସାହୁ, ପୌରାଧ୍ୟକ୍ଷ ଓ ପୌର ନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କୁ ଭିଜିଲାନ୍ସ ଜେରା କରିଥିଲା। ଏହି ମାମଲା ଆଉ ଆଗେଇ ପାରି ନ ଥିଲା। ଏବେ ୬ବର୍ଷ ପରେ ଭିଜିଲାନ୍ସ ବିଭାଗ ପୁଣି ମାମଲାର ପର୍ଦ୍ଦାଫାଶ୍ କରିବା ପାଇଁ ତତ୍ପର ହୋଇଛି। ଝାରସୁଗୁଡ଼ା ଜିଲା ପୂର୍ବରୁ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ଅଧୀନରେ ଥିବାବେଳେ ଏବେ ରାଉରକେଲା ଭିଜିଲାନ୍ସ ଏସ୍‌ପି ଅଧୀନରେ ରହିଛି। ରାଉରକେଲା ଏସ୍‌ପି ସୁବାସ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ମାମଲାର ପୁନର୍ବାର ତଦନ୍ତ ଆରମ୍ଭ ହୋଇଛି। ଝାରସୁଗୁଡା ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଦୀପ କୁମାର ଆଇଣ୍ଡ ଗତ ବୁଧବାର ପୌର ପରିଷଦର କିରାଣୀ ଅଶୋକ ସାହୁଙ୍କ ସମେତ କେତେଜଣ ଲାଇନ୍‌ମ୍ୟାନ୍‌ଙ୍କୁ ଜେରା କରିଛନ୍ତି। ଏପରି କି ପୌର ପରିଷଦକୁ ଲାଇଟ୍ ସପ୍ଲାଇ କରିଥିବା ଭୁବନେଶ୍ୱରର ଟେକ୍‌ମେକ୍ ସଂସ୍ଥାର ମାଲିକ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଗୁରୁବାର ଜେରା କରାଯାଇଥିବା ତଦନ୍ତକାରୀ ଅଧିକାରୀ ଆଇଣ୍ଡ କହିଛନ୍ତି। ୨ଜଣ ପୂର୍ବତନ ପୌରାଧ୍ୟକ୍ଷ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭିଜିଲାନ୍ସ ଅଫିସ୍‌ରେ ହାଜର ପାଇଁ ଭିଜିଲାନ୍ସ ପକ୍ଷରୁ ନୋଟିସ୍ ଜାରି ହୋଇଛି। ସୂଚନାଯୋଗ୍ୟ ପୌର ପରିଷଦ ତରଫରୁ ଟେଣ୍ଡର କରା ନ ଯାଇ ପର୍ଯ୍ୟାୟକ୍ରମର ୪୩୨ ଲାଇଟ୍ କିଣାଯାଇଥିଲା। ଏହାର ରିଟେଲିଂ ପ୍ରାଇସ୍ ଗୋଟାକୁ ୧୦ହଜାର ୪୦୪ଟଙ୍କା ରହିଥିବାବେଳେ ୪୪ହଜାର ୧୫୧ଟଙ୍କା ୫୦ପଇସାରେ କିଣାଯାଇଛି। ୨ଜଣ ପୌରାଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମୟରେ ଏପରି ହୋଇଥିଲା।

# ରାଷ୍ଟ୍ର ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର, ୨୫।୩ (ବ୍ୟୁରୋ)**

ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ସମ୍ବଲପୁର ଶାଖା ପକ୍ଷରୁ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ବୁଧବାର ଜମନକିରା ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଏଥିରେ ଜମନକିରା ବ୍ଲକର ବିଭିନ୍ନ ଯୁବକ ସଂଘ, ଯୁବ ସାମାଜିକ ଅନୁଷ୍ଠାନର ୫୦ ସଭ୍ୟ ଯୋଗଦେଇଥିଲେ। କୁଟୁରାଚୁଆଁ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଜମନକିରା ଏବିଡିଓ ପ୍ରଦୀପ ଛତ୍ରିଆ, ଅଧକ୍ଷ ଅରୁଣ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ମାନେଶ୍ୱର ମାନଧାତା ବାବା କଲେଜ ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଡ. ସତ୍ୟନାରାୟଣ ଠାକୁର, କୁଟୁରାଚୁଆଁ କଲେଜ ଅଧାପକ ସତ୍ୟନାରାୟଣ ପଟେଲ, ଅବସରପ୍ରାପ୍ତ ସେନା ଅଧିକାରୀ ଇନ୍ଦ୍ରଭୂଷଣ ମହାପାତ୍ର ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ, ସଂଗ୍ରାମୀମାନଙ୍କ ଚିନ୍ତା ଧାରା, ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଚନ୍ଦନ ମାକର, ଶିବାନୀ ବାଗ, ସରୋଜ ମେହେର, ସତ୍ୟପ୍ରିୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ ଜଳ ସଂରକ୍ଷଣ ଶୀର୍ଷକ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥିମାନେ ଶପଥ ଗ୍ରହଣ କରୁଛନ୍ତି।

## ମହିମା ଧ୍ୱନି ମନ୍ଦିରର ରତ୍ନମୁଦ ଉତ୍ସବ

**ଝାରସୁଗୁଡ଼ା ଅଫିସ୍,୨୫।୩**

ଲଖନପୁର ବ୍ଲକ୍ ବନ୍ଧବାହାଲ ସତ୍ୟ ମହିମା ଆଶ୍ରମ ପରିସରରେ ଏକ ଧ୍ୱନି ମନ୍ଦିର ନିର୍ମାଣ ଚାଲିଛି। ମନ୍ଦିରର ରତ୍ନମୁଦ ଉତ୍ସବ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆଶ୍ରମରେ ପ୍ରାତଃକାଳରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ରତ୍ନମୁଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ସୁନା, ରୁପା, ତମ୍ବା, ଟଙ୍କା ସାଙ୍ଗକୁ ଧାନ, ଚାଉଳ, ବିରି, ମୁଗ ଆଦି ଶସ୍ୟ ଧରି ମନ୍ଦିର ଶିଖରରେ ଚଢି ରତ୍ନଭଣ୍ଡାରରେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଶ୍ରମ ପ୍ରମୁଖ ବାବା ମୁକ୍ତେଶ୍ୱର ଦାସ ଓ ସାଧୁ ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର

**ଝାରସୁଗୁଡ଼ା ଅଫିସ୍,୨୫।୩**

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ରାଜ୍ୟ ଶାଖା ତରଫରୁ ଝାରସୁଗୁଡା ଜିଲା ଜୁନିୟର ରେଡ୍‌କ୍ରସ୍ ଆନୁକୂଲ୍ୟରେ ଅର୍ଡାସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ବିଦ୍ୟାଳୟ ପରିସରରେ ଏକ ତାଲିମ ଶିବିର ଚାଲିଛି। ୪ର୍ଥ ଦିବସରେ ବରିଷ୍ଠ ସାଧନକର୍ମୀ ବବନ ସିଂ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମ ଜିଲା ସମ୍ପାଦକ ଡମ୍ବରୁଧର ପୂଜାରୀ ଓ ଅଧିକାରୀ ବିମଳ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଚାଲିଛି।

# ଟାଉନ କ୍ରିକେଟ କ୍ଲବ ବିଜୟୀ

**ଦେବଗଡ଼, ୨୫।୩(ଡି.ଏନ.ଏ.)**

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ ମ୍ୟାଚ ଗୁରୁବାର ଷଷ୍ଠ ଦିବସରେ ପହଞ୍ଚିଛି। ଷଷ୍ଠ ଦିବସରେ ଦେବଗଡର ଟାଉନ କ୍ରିକେଟ କ୍ଲବ ଓ ବୁଢାପାଳ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବୁଢାପାଳ କ୍ରିକେଟ କ୍ଲବକୁ ୧୫୫ ରନ୍‌ରେ ପରାସ୍ତ କରି ଟାଉନ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟାଉନ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ସହ ୪୭ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କିରଣ ନାୟକ ସର୍ବାଧିକ ୧୦୦ ରନ (୧୦୯ବଲ)ସଂଗ୍ରହ କରିଥିଲେ । ବୁଢାପାଳ କ୍ରିକେଟ କ୍ଲବର ବୋଲର ଶରତ କିଷାନ ସର୍ବାଧିକ ୩ଟି ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ବୁଢାପାଳ କ୍ରିକେଟ କ୍ଲବ ବ୍ୟାଟିଂ କରି ୨୨.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୧ ରନ ସଗ୍ରହ କରିବା ସହ ୧୫୫ ରନରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ରାଜା ବେହେରା ସର୍ବାଧିକ ୪୩ ରନ (୨୧ ବଲ)ସଂଗ୍ରହ କରିଥିଲେ। ଟାଉନ କ୍ରିକେଟ କ୍ଲବର ବୋଲର ମହମ୍ମଦ ଆବୁଜାର ଓ ପିଂଟି କାରିଗର ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ଶତକୀୟ ଇନିଂସ ଖେଳିଥିବା ଟାଉନ କ୍ରିକେଟ କ୍ଲବର ବ୍ୟାଟ୍ସମ୍ୟାନ କିରଣ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ୍‌ର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମ୍ୟାଚକୁ ଅମ୍ପାୟାର ଭାବେ ଶିବାନନ୍ଦ ସାହୁ ଓ ମିଥିଲେଶ ପ୍ରସାଦ ପରିଚାଳନା କରିଥିଲେ। ଓଡିଶା କ୍ରିକେଟ ଆସୋସିଏଶନର ପ୍ରତିନିଧି ଭାବେ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ।



ମ୍ୟାନ ଅଫ୍ ଦି ମ୍ୟାଚ୍ କିରଣ ନାୟକ।

## ବନ୍ଦକୁ ସମର୍ଥନ କରିବ ଜିଲା ସଙ୍ଗଠନ

**ସମ୍ବଲପୁର, ୨୫।୩ (ବ୍ୟୁରୋ)**

କେନ୍ଦ୍ର କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଶୁକ୍ରବାର ଦେଇଥିବା ବନ୍ଦ ଡାକରାକୁ ଜିଲା କୃଷକ ସଂଗଠନ ସମର୍ଥନ କରିଛି। ବରେଇପାଲି ମାର୍କେଟ ୟାର୍ଡରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରେଇପାଲି ମାର୍କେଟ ୟାର୍ଡ ସମ୍ମୁଖରେ ଚାଷୀମାନେ ୫୫ନଂ. ଏନ୍ଏଚ୍ (ଜାତୀୟ ରାଜପଥ) ଅବରୋଧ କରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯିବ। ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ କରି ସହଯୋଗ କରିବାକୁ ଚାଷୀ ସଂଗଠନ ଜିଲା ସଭାପତି ମୁରାରୀ ପୁରୋହିତ, ବ୍ୟାମକେଶ ଠାକୁର ପ୍ରମୁଖ ଅନୁରୋଧ କରିଛନ୍ତି। ଜିଲା ଓକିଲ ସଂଘ ବନ୍ଦକୁ ସମର୍ଥନ ଜଣାଉଥିବା ନେଇ ସଂଘ ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଓକିଲ ସଂଘର ସଦସ୍ୟମାନଙ୍କୁ କୋର୍ଟରେ ଅନୁପସ୍ଥିତ ରହିବାକୁ ସେ ଅନୁରୋଧ କରିଛନ୍ତି।

## ତ୍ରିସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ୍ ବାତିଲ ହେବ

**ସମ୍ବଲପୁର, ୨୫।୩ (ବ୍ୟୁରୋ)**

ତ୍ରିସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ୍ ୦୮୪୪୭ ଭୁବନେଶ୍ୱର-କୋରାପୁଟ ଭାୟା କଟକ, ସମ୍ବଲପୁର, ରାୟଗଡା ଏପ୍ରିଲ ୪ ତାରିଖ ଠାରୁ ବାତିଲ ହେବ। ସେହିପରି ସଂଖ୍ୟା ୦୮୪୪୮ କୋରାପୁଟ-ଭୁବନେଶ୍ୱର ଟ୍ରେନ୍ ଭାୟା ରାୟଗଡା, ସମ୍ବଲପୁର, କଟକ ଏପ୍ରିଲ ୨୦ ତାରିଖରୁ ବାତିଲ ହେବ ବୋଲି ସମ୍ବଲପୁର ରେଳ ମଣ୍ଡଳ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରେଲ୍‌ୱେ ଇଞ୍ଜିନିୟରଙ୍କ ସମେତ ୫ ଗିରଫ

**ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣା**
- ଟଙ୍କାକୁ ନେଇ ୨ ପାର୍ଟନରଙ୍କ ଗଣ୍ଡଗୋଳ

**ସମ୍ବଲପୁର,୨୫।୩(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ଦାନିପାଲିରେ ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ପର୍ଦ୍ଦାଫାଶ୍ କରିଛି। ଜମି ବ୍ୟବସାୟରେ ଦୁଇ ପାର୍ଟନର ଡବ୍ଲୁ ଝା ଓ ସନ୍ତୋଷ କୁମାର ପ୍ରଜାପତିଙ୍କ ମଧ୍ୟରେ ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବ୍ୟବସାୟରେ ଫସିଯାଇଥିବା ୧୧ ଲକ୍ଷ ଟଙ୍କା ଅସୁଲି ପାଇଁ ସନ୍ତୋଷ ଭଡାଟିଆ ଗୁଣ୍ଡା ନିୟୋଜିତ କରିଥିଲେ। ସେମାନେ ଟଙ୍କା ଅସୁଲି କରିବାକୁ ଯାଇ ଡବ୍ଲୁଙ୍କ ମାଆ ରେଖାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପାଳମାଳର ସୁପାରୀ ନେଇଥିବା ଗୁଣ୍ଡା ଶିବଶଙ୍କର ବାଗ (୩୪), ଅଙ୍କିତ ସିଂ (୨୬), ମନୋରଞ୍ଜନ ମହାକୁଡ(୩୦), କୁନୁ ହରିପାଲ (୫୦) ଓ ପାର୍ଟନର ସନ୍ତୋଷ ପ୍ରଜାପତି (୫୦)। ସନ୍ତୋଷ ରେଲୱେ ଇଞ୍ଜିନିୟର ଭାବେ କାମ କରନ୍ତି। ବ୍ୟବହୃତ ମାରଣାସ୍ତ୍ର, ନଗଦ ୮ ହଜାର ୪୦୦ ଶହ ଟଙ୍କା, ୨ ନମ୍ବରବିହୀନ ବାଇକ୍ ପୋଲିସ ଜବତ କରିଛି। ଏ ନେଇ ୧୪୯/୨୧ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୩ରୁ ଅଧିକ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଜିଲାରେ ଦାଦାବଟି, ଟଙ୍କା ଅସୁଲି, ସୁପାରୀ ନେବା ଭଳି ଆପରାଧିକ କାର୍ଯ୍ୟ କରାଯାଉଛି। ଏଭଳି ଘଟଣା ହେଲେ ସିଧା ପୋଲିସକୁ ଅଭିଯୋଗ କରନ୍ତୁ ବୋଲି ଏସ୍‌ପି ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ତାରିଖରେ ଅଭିଯୁକ୍ତମାନେ ଦାନିପାଲିସ୍ଥିତ ଡବ୍ଲୁଙ୍କ ଘରକୁ ଆସିଥିଲେ। ସେଠାରେ ଡବ୍ଲୁଙ୍କୁ ନ ପାଇବାରୁ ତାଙ୍କ ମାଆ ରେଖା ଓ ଭଉଣୀ ରିଙ୍କିଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ରିଙ୍କି ଥାନାରେ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତମାନେ।

# ଆଦିବାସୀଙ୍କୁ ଅଣଦେଖା କରାଯାଉଛି: ଛତିଶଗଡ଼ ମନ୍ତ୍ରୀ

**ଝାରସୁଗୁଡ଼ାରେ ବଡ଼ଦେଓ ମହୋତ୍ସବ**

**ଝାରସୁଗୁଡ଼ା ଅଫିସ୍,୨୫।୩**

ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ତତ୍ତ୍ୱାବଧାନରେ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ କୁକେରମାରେ ଚାଲିଥିବା ବଡଦେଓ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଯାତ୍ରା, ପତାକା ଉତ୍ତୋଳନ ଓ ଆରାଧ୍ୟ ଦେବତା ବଡ଼ଦେଓଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଶଗଡ଼ ବାଣିଜ୍ୟ କର, ଅବକାରୀ ଓ ଶିଳ୍ପ ମନ୍ତ୍ରୀ କଓସୀ ଲଖମା ମୁଖ୍ୟଅତିଥି ଓ ଅଖିଳ ଭାରତୀୟ ମହାସଭାର ରାଷ୍ଟ୍ରୀୟ ସଭାପତି ତଥା ଛତିଶଗଡ଼ କାଙ୍କେର ବିଧାୟକ ଶିଶୁପାଳ ସୋରି, ସମ୍ପାଦକ ଦିବାକର ପେଣ୍ଡାମ, ଛତିଶଗଡ଼ ଏସ୍‌ଟି କମିଶନର ଭାଇସ୍ ଚେୟାରମ୍ୟାନ୍ ରାଜ କୁମାରୀ ଦିୱାନ, ରାଜ୍ୟ ମହିଳା ଆୟୋଜନ ସମିତିର ସୁକାନ୍ତିବାଳା ନାଏକ, ଉପସଭାପତି ଦମୟନ୍ତୀ ମହାପାତ୍ର, ସମ୍ପାଦକ ପ୍ୟାରୀମୋହନ ନାୟକ, ମୀନକେତନ ମାଝି, ସଦାଶିବ ନାଏକ, ଚୂଡାମଣି ଧୁରୁଆ, ରଘୁନାଥ ନାଏକ, ମାଧବ ସିଂହ ନାଏକ, ପବିତ୍ର ମୋହନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମୁଖ୍ୟଅତିଥି ମନ୍ତ୍ରୀ ଲଖମା କହିଥିଲେ, ରାଜ୍ୟ ଜନସଂଖ୍ୟାର ଶତକଡା ୨୫ ପ୍ରତିଶତ ଆଦିବାସୀ। ସେମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ସରକାର ନଜର ହଟେଇ ଦେଇଛନ୍ତି। ଦୀର୍ଘ ଦିନରୁ ଆଦିବାସୀମାନେ ଏସ୍‌ଟି କମିଶନ ଗଠନ ପାଇଁ ଦାବି କରିଆସୁଛନ୍ତି। ହେଲେ ଏ ଦିଗରେ ସରକାର ଶୁଣୁନାହାନ୍ତି। ଏହା ଗଠନ ହେଲେ ଆଦିବାସୀମାନେ ନ୍ୟାୟ ପାଇପାରନ୍ତେ। ଝାରସୁଗୁଡ଼ା ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଝୁଝୁମୁରା ବ୍ଲକ୍‌ରେ ୨୦୧୧ ଜନଗଣନା ଅନୁଯାୟୀ ସମସ୍ତ ବିଧିବ୍ୟବସ୍ଥା ପୂରଣ ହେଉଛି। ହେଲେ ଦୀର୍ଘବର୍ଷ ହେଲାଣି ଆଇଟିଡିଏ ବ୍ଲକ୍ ଭାବେ ଘୋଷଣା କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଲାବିରା ବ୍ଲକ୍ ଗସ୍ତରେ ଆସି ଆଇଟିଡିଏ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟ ସରକାର ଏହି ପ୍ରତିଶ୍ରୁତି ରକ୍ଷା କରିପାରିନାହାନ୍ତି। ଜିଲାରେ ବହୁ କଳକାରଖାନା ରହିଛି। ହେଲେ ଆଦିବାସୀ ଯୁବତୀଯୁବକଙ୍କୁ ନିଯୁକ୍ତି ନାହିଁ। ଶିଳ୍ପ ଉଦ୍ଦେଶ୍ୟରେ ଆଦିବାସୀଙ୍କ ଜମିକୁ ଜମି ମାଫିଆଙ୍କ ଜରିଆରେ ଶାଗମାଛ ଦରରେ କିଣାବିକା ହେଉଛି। ଏ ଦିଗରେ ସରକାରଙ୍କ ଲଗାମ ନାହିଁ। ଏସବୁ କ୍ଷେତ୍ରରେ ଆଦିବାସୀଙ୍କୁ ସରକାର ଅଣଦେଖା କରୁଛନ୍ତି। ଏଭଳି ପରିସ୍ଥିତି ଯଦି ଆଗକୁ ଜାରି ରହେ ତେବେ ରାଜ୍ୟରେ ଆଦିବାସୀ ଆନ୍ଦୋଳନ ତେଜିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାମାଜିକ ସଂଗଠନର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।



ମହୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ‘କରୋନାଠାରୁ ବେକାରି ବଡ଼ ମହାମାରୀ’

**ମୁଲତବୀ ଆଲୋଚନା**

- କାମ ନ ପାଇ ବେକାର ଯୁବକ ମାଓ ସଂଗଠନରେ ମିଶୁଛନ୍ତି : କଂଗ୍ରେସ
- ରାଜ୍ୟର ବିକାଶ ବଢ଼ିଚାଲିଛି: ଶାସକ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

କରୋନା ମହାମାରୀଠାରୁ ବେକାରି ମହାମାରୀ ବଢ଼ିଯାଇଛି। ଲକ୍ଷ ଲକ୍ଷ ବେକାର ଯୁବତୀ ଯୁବକ କାମଧନ୍ଦା ନ ପାଇ ମାଓବାଦୀ ହେବାକୁ ପସନ୍ଦ କରୁଛନ୍ତି । ହଜାର ହଜାର ଲୋକ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାୟନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମରୁ ବହୁସଂଖ୍ୟକ ଲୋକ ଅନ୍ୟ ରାଜ୍ୟକୁ ପଳାଇ ଯାଉଛନ୍ତି। ସ୍କିଲ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ ନିଯୁକ୍ତି ପାଇବାକୁ ଓଡ଼ିଶାର ପିଲାମାନେ ଅଯୋଗ୍ୟ। ପ୍ରତି ୩ ଜଣ ବେକାରଙ୍କ ମଧ୍ୟରୁ ୨ ଜଣ ଅଯୋଗ୍ୟ। ଦକ୍ଷତା ବିକାଶ କ୍ଷେତ୍ରରେ ବହୁ କୋଟି ଟଙ୍କା ପାଣିଭଳି ବୋହିଯାଉଥିଲେ ମଧ୍ୟ ବେକାରିମାନଙ୍କ ଦକ୍ଷତା ବଢ଼ିପାରୁ ନାହିଁ। କରୋନା ପରେ ରାଜ୍ୟରେ ବେକାରି ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟ ସରକାର ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି । ଗୁରୁବାର ରାଜ୍ୟର ବେକାରି ସମସ୍ୟାକୁ ବିରୋଧୀ ବିଧାନସଭାରେ ‘ଓଡ଼ିଶାରେ ବେକାରି... ବିକାଶ ଅର୍ଥ ପାଣିରେ ପଡ଼ିଲା’ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ଆଜି ଯୁବକଟିଏ ଚାକିରି ପାଇଁ ଦୌଡୁଛି। ଘରୋଇ ସଂସ୍ଥାରେ ବି ଓଡ଼ିଆ ପିଲା ଚାକିରି ପାଇଁ ଯୋଗ୍ୟବିବେଚିତ ହୋଇପାରୁନାହାନ୍ତି । ସ୍କିଲ୍ ଇଣ୍ଡିଆ ରିପୋର୍ଟ-୨୦୨୦ରେ ଏକଥା କୁହାଯାଇଛି। ରାଜ୍ୟର ୩ ଜଣ ପିଲାଙ୍କ ମଧ୍ୟରୁ ୨ଜଣ ଚାକିରି ପାଇଁ ଅଯୋଗ୍ୟ ବିବେଚିତ ହେଉଛନ୍ତି । ଯୋଗାଯୋଗ ଓ ଗାଣିତିକ ଜ୍ଞାନ ଅଭାବରୁ ପିଲାମାନେ ନିଯୁକ୍ତି ପାଇଁ ଅଯୋଗ୍ୟ ବିବେଚିତ ହେଉଛନ୍ତି ବୋଲି ରିପୋର୍ଟରେ କୁହାଯାଉଛି। ଏହା ରାଜ୍ୟ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ନୂତନ ପାର୍ଲାମେଣ୍ଟ ଭବନ ନିର୍ମାଣ ପାଇଁ ୯୭୧ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର ଖୋଲିବାକୁ ୧୩୨୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ୧୮ ଲକ୍ଷ ବେକାର ଯୁବତୀଯୁବକ ଚାକିରି ପାଇଁ ଘୂରି ବୁଲୁଛନ୍ତି । ଓଡ଼ିଶାରେ କାମ ନାହିଁ। କର୍ମ ନ ଥିବାରୁ ଯୁବତୀଯୁବକମାନେ ଏଠାରେ ଅସୁରକ୍ଷିତ। ସରକାରୀ ସଂସ୍ଥାରେ ୧ ଲକ୍ଷ ୩୦ ହଜାର ପଦବୀ ଖାଲିପଡ଼ିଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାର ନିଯୁକ୍ତି ଦେଉଥିବାବେଳେ ବେକାର ଯୁବତୀଯୁବକମାନେ କାମଧନ୍ଦା ନ ପାଇ ଘୂରିବୁଲୁଛନ୍ତି । ମା'ବାପାଙ୍କ ପାଇଁ ବୋଝ ପାଲଟିଛନ୍ତି । ପଶ୍ଚିମ ଓଡ଼ିଶାରୁ ବହୁ ଲୋକ କାମ ନ ପାଇ ଅନ୍ୟ ରାଜ୍ୟକୁ ଅଗ୍ରିମ ନେଇ ଦାଦନ ଖଟିବାକୁ ଚାଲି ଯାଉଛନ୍ତି । ସରକାର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାକୁ ଲକ୍ଷ୍ୟଭେଦି ଯୋଜନା କରନ୍ତୁ ବୋଲି ସେ କହିଛନ୍ତି । ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ରାଜ୍ୟର ବେକାରି ଚିତ୍ରକୁ ଆଲୋଚନା ବେଳେ ଥୋଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ୨୦୧୦ରୁ ୨୦୨୦ ମଧ୍ୟରେ ରାଜ୍ୟରେ ମାତ୍ର ୨୨୦୬୦ ଜଣ ନିଯୁକ୍ତି ପାଇଛନ୍ତି । ଏହି ସମୟରେ କର୍ମ ନିଯୋଜନ ସଂସ୍ଥାରେ ୩୧,୩୫,୮୩୯ ଜଣ ବେକାର ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୨୦୨୦ରେ ୮,୨୩,୬୩୯ ଜଣ ଜୀବନ୍ତ ପଞ୍ଜୀକରଣ ତାଲିକାରେ ରହିଛନ୍ତି। ୨୨,୫୨,୨୦୦ ଜଣ ବେକାର କୁଆଡ଼େ ଗଲେ। ବୟସ ଗଡ଼ିଯିବା ପରେ ସେମାନଙ୍କୁ ତାଲିକାରୁ କାଢ଼ି ଦିଆଯାଇଛି। ୨୦୨୦ରେ ମାତ୍ର ୨୩ ଜଣ ଚାକିରି ପାଇଛନ୍ତି । ରାଜ୍ୟ ସରକାର ନିଯୁକ୍ତିର ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୫କୁ ବୃଦ୍ଧି କରିବାକୁ ମହାଲିଙ୍ଗ ଦାବି କରିଛନ୍ତି । ଭାଜପା ସଭ୍ୟ ସୁକାନ୍ତ ନାୟକ କହିଲେ, ଇଟାଭାଟି ନିର୍ମାଣ କରିବାକୁ ହେଲେ ଝାଡ଼ଖଣ୍ଡ କିମ୍ବା ଛତିଶଗଡ଼ରୁ ଲୋକଙ୍କୁ ଆଣିବାକୁ ପଡୁଛି। ରାଜ୍ୟ ସରକାର ଏତେ ଆଇଟିଆଇ, ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଖୋଲିଲେ, ହେଲେ ଆମର ଏଭଳି କିଛି ଯୋଗ୍ୟତା ନାହିଁ। ରାଜ୍ୟ ସରକାର ୨୦୧୫-୧୬ରେ ୧୧୬୫ କୋଟି ଟଙ୍କା ଖର୍ଚ୍ଚ କଲେ, କିନ୍ତୁ ଗୋଟିଏ ଚାକିରି ନାହିଁ। ୨୦୧୬-୧୭ରେ ୭୮୫ କୋଟି ଟଙ୍କା ଖର୍ଚ୍ଚ କଲେ, ଗୋଟିଏ ବି ନିଯୁକ୍ତି ନାହିଁ। ୨୦୧୭-୧୮ରେ ୧୭୦୦ କୋଟି ଏବଂ ୨୦୧୮-୧୯ରେ ୬,୮୯୩ କୋଟି ଖର୍ଚ୍ଚ କଲେ, ମାତ୍ର ୭୭୫ ଜଣଙ୍କୁ ନିଯୁକ୍ତି ମିଳିଲା । ୨୦୧୯-୨୦ରେ ୧୪୪୫୬ କୋଟି ଖର୍ଚ୍ଚ ହେଲା, ମାତ୍ର ୫୪୧୮ ଜଣଙ୍କୁ ନିଯୁକ୍ତି ମିଳିପାରିଲା। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଆମେ ୨୦୦୦ରୁ ଦେଖି ଆସୁଛୁ କର୍ମନିଯୁକ୍ତି ସଂସ୍ଥାରେ ୧୦ ଲକ୍ଷ ବେକାର ନାମ ପଞ୍ଜୀକରଣ କରି ଆସୁଛନ୍ତି । ଏବେ ୮,୯୬, ୮୩୭ ଜଣ ବେକାର ନାମ ପଞ୍ଜୀକୃତ କରିଛନ୍ତି । ମାଟ୍ରିକ ପାସ୍ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୩,୩୫,୧୦୮, ଇଣ୍ଟରମିଡିଏଟ ୨୫ ହଜାର ୮୪୮, ଡିପ୍ଲୋମା ହୋଲଡର ୧,୬୨,୫୩୬ ବେକାର ଅଛନ୍ତି। ରାଜ୍ୟ ସରକାର କାହାକୁ ଚାକିରି ଦେଇନାହାନ୍ତି। ଯାହା ଅଫିସରମାନେ ଗ୍ୟାଲେରିରୁ କାଗଜ ଧରାଇଲେ ମନ୍ତ୍ରୀମାନେ ପଢ଼ିଦେଲେ। ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସଂଖ୍ୟା ୧୦,୭,୩୩୦ । ସେମାନେ ଇଟା ତିଆରି କରିବାକୁ ଯାଉଛନ୍ତି । ରାଜ୍ୟ ସରକାର ଯଦି ଟ୍ରେନିଂ ଦେଇଥାଆନ୍ତେ ତାହାହେଲେ ସେମାନେ ଯାଇ ନ ଥାଆନ୍ତେ । ରାଜ୍ୟରେ ୨୦ ଦାଦନପ୍ରବଣ ଜିଲା ଅଛି। ରାଜ୍ୟ ସରକାର ଆମକୁ ଏଠାରେ ଇଟା ତିଆରି କରିବାକୁ ଦେଉନାହାନ୍ତି । ୧ ଲକ୍ଷ ୩୦ ହଜାର ସରକାରୀ ଚାକିରି ପଦବୀ ଖାଲି ରହିଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ବେକାର ଯୁବତୀ ଯୁବକ ଚାକିରି ନ ପାଇ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଗଞ୍ଜାମ ଜିଲାରୁ ୧୨ରୁ ୧୫ ଲକ୍ଷ ଲୋକ ସୁରଟରେ ଅଛନ୍ତି। ଗଞ୍ଜାମ ଲୋକ ୨ଥର ଏମ୍‌ପି ଓ ୫ ଥର ମୁଖ୍ୟମନ୍ତ୍ରୀ କଲେ। ଶିକ୍ଷିତ ଯୁବତୀ ଯୁବକଙ୍କୁ ଚାକିରି ନାହିଁ। କୋରାପୁଟ ଜିଲାରୁ ଲୋକେ ଆନ୍ଧ୍ର, ତେଲଙ୍ଗାନା ଚାଲିଯାଉଛନ୍ତି। କାମଧନ୍ଦା ନ ପାଇ ବେକାର ଯୁବତୀଯୁବକ ମାଓବାଦୀରେ ସାମିଲ ହେଉଛନ୍ତି । ନିର୍ବାଚନ ପୂର୍ବରୁ ମୋଦି କହିଥିଲେ, ବର୍ଷକୁ ୨ କୋଟି ବେକାର ଯୁବତୀଯୁବକଙ୍କୁ ଚାକିରି ଦିଆଯିବ। ଗତ ୭ ବର୍ଷରେ ୧୪ କୋଟି ନିଯୁକ୍ତି ଦେବା କଥା । ଏ ପର୍ଯ୍ୟନ୍ତ ୧ କୋଟି ନିଯୁକ୍ତି ହୋଇପାରିଲା ନାହିଁ। ରାଜ୍ୟ ସରକାର ୨୨ ବର୍ଷ ପରେ ମଧ୍ୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇପାରିଲେ ନାହିଁ। ଯେଉଁ ଜିଲାର ପିଲା ସେହି ଜିଲାରେ ତାଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଦୃଷ୍ଟିଆକର୍ଷଣକାରୀ ନୋଟିସ୍ ମାଧ୍ୟମରେ ବିଜେଡି ସଦସ୍ୟ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ, ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ୨୨ ବର୍ଷ ହେଲା ନିରନ୍ତର କାର୍ଯ୍ୟକରି ଚାଲିଛନ୍ତି । କଂଗ୍ରେସ ସରକାର ସମୟରେ ସରକାରୀ କର୍ମଚାରୀଙ୍କୁ ବେତନ ଦେବା ଲାଗି ଋଣ କରାଯାଉଥିଲା । ହେଲେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଦାୟିତ୍ୱ ନେବା ପରେ ସେ ସ୍ଥିତି ଆଉ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ବହୁ ଶିଳ୍ପସଂସ୍ଥା ଓଡ଼ିଶାକୁ ଆକର୍ଷିତ ହୋଇ ଆସିଛନ୍ତି । ନିକଟରେ ଭାଜପାର ଜଣେ ରାଜ୍ୟ ସଭା ସଦସ୍ୟ ରାଜ୍ୟ ସଭାରେ ଓଡ଼ିଶା ସରକାରଙ୍କୁ ଦକ୍ଷତା ବିକାଶ ପ୍ରସଙ୍ଗରେ ଭୂରି ଭୂରି ପ୍ରଶଂସା କରିଥିଲେ। କରୋନା ମହାମାରୀ ସମୟରେ ରାଜ୍ୟକୁ ଅଧିକ ପୁଞ୍ଜି ଆସିଛି । ୧ ଲକ୍ଷ ୧୭ ହଜାର କୋଟି ଟଙ୍କାର ନିବେଶ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିରୁ ୫୩ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର , ଲତିକା ପ୍ରଧାନ ଏବଂ ଦେବେଶ ଆଚାର୍ଯ୍ୟ ସରକାରଙ୍କ ସଫଳତା ବଖାଣିବା ସହ ନିଯୁକ୍ତି ଦିଗରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଦର୍ଶାଇଥିଲେ। ଶେଷରେ ଉପବାଚସ୍ପତି ରଜନୀକାନ୍ତ ସିଂ ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

## ଆଗାମୀ ୫ ବର୍ଷରେ ୧.୫୧ ଲକ୍ଷ ପିଲାଙ୍କୁ ଦକ୍ଷତାବିକାଶ ତାଲିମ ମିଳିବ: ମନ୍ତ୍ରୀ


ପ୍ରେମାନନ୍ଦ ନାୟକ

ଭୁବନେଶ୍ୱର,୨୫।୩(ବ୍ୟୁରୋ)- ସାରା ପୃଥିବୀରେ କୁଶଳୀ ମାନବ ସମ୍ବଳର ଆବଶ୍ୟକତା ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭୂତ ହେଉଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ସ୍କିଲ୍ଡ ଇନ୍ ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି। ଗୁରୁବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଗତ ୩ ବର୍ଷଧରି କେନ୍ଦ୍ର ସରକାରଙ୍କ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶା କ୍ରମାଗତ ଦେଶରେ ପ୍ରଥମସ୍ଥାନ ହାସଲ କରିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ୧୨,୧୬୦ ଆଇଟିଆଇର ସର୍ବଭାରତୀୟ ର୍‍ୟାଙ୍କିଂ ତାଲିକାରେ ଦେଶର ଶ୍ରେଷ୍ଠ ୧୦୦ଟି ଆଇଟିଆଇ ମଧ୍ୟରେ ଓଡ଼ିଶାର ୧୧ଟି ଆଇଟିଆଇ ସ୍ଥାନ ପାଇଛି । ସେହିପରି ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଆଜି ପର୍ଯ୍ୟନ୍ତ ଭାରତ କେବଳ ଗୋଟିଏ ସ୍ୱର୍ଣ୍ଣପଦକ ହାସଲ କରିଛି, ଯାହା ଓଡ଼ିଶାର ପ୍ରତିଯୋଗୀ ହାସଲ କରିଥିଲେ । ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରଖିବା ଓ ଯୁବତୀଯୁବକଙ୍କୁ ନିଯୁକ୍ତିଯୋଗ୍ୟ କରାଇବା ଲକ୍ଷ୍ୟରେ ଓଡ଼ିଶା ଦକ୍ଷତାବିକାଶ କର୍ତ୍ତୃପକ୍ଷ ୨୦୧୬-୧୭ରେ ଗଠନ କରାଯାଇଛି । ଏହା ନିରନ୍ତର ଭାବେ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରୁଛି । ସିଏମ୍‌ଇଜିପି, ପିଏଲଟିପି, ପିଏକେଭିୱାଇ ଆଦି ଯୋଜନା ମାଧ୍ୟମରେ ଯୁବତୀଯୁବକଙ୍କ ଦକ୍ଷତା ବୃଦ୍ଧି କରାଯାଇ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବିଭିନ୍ନ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଓ ପଲିଟେକ୍ନିକ କଲେଜଗୁଡ଼ିକରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କୁ ଉଭୟ ସେଣ୍ଟ୍ରାଲ ପ୍ଲେସ୍‌ମେଣ୍ଟ ସେଲ୍ ଓ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ମାଧ୍ୟମରେ କର୍ମନିଯୁକ୍ତିର ବ୍ୟବସ୍ଥା କରାଯାଇଥାଏ । ବିଭିନ୍ନ ସରକାରୀ ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନିଜସ୍ୱ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ଜରିଆରେ କର୍ମନିଯୁକ୍ତି ପ୍ରଦାନ କରାଯାଉଛି । ରାଜ୍ୟର ୮୦ଟି ବ୍ଲକରେ ଦକ୍ଷତାବିକାଶ କେନ୍ଦ୍ର ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ କରାଯାଉଛି । ବିଶ୍ୱଦକ୍ଷତା କେନ୍ଦ୍ର ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଛି । ଆଗାମୀ ୫ ବର୍ଷରେ ୧ ଲକ୍ଷ ୫୧ ହଜାର ଯୁବତୀଯୁବକଙ୍କୁ ଦକ୍ଷତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି ।

## ଜଳସେଚିତ ଜମି କିସମ ପରିବର୍ତ୍ତନକୁ ନେଇ ଉଦ୍‌ବେଗ

**ରାଜ୍ୟରେ ୩୬ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା: ମନ୍ତ୍ରୀ**

ଭୁବନେଶ୍ୱର,୨୫।୩(ବ୍ୟୁରୋ): ରାଜ୍ୟରେ ୩୫ ଲକ୍ଷ ୯୯ ହଜାର ହେକ୍ଟର ଚାଷ ଜମିରେ ଜଳସେଚନ ସୁବିଧା କରାଯାଇଛି। ଜଳସମ୍ପଦ ବିଭାଗ ଦ୍ୱାରା ବୃହତ୍ ଓ ମଧ୍ୟ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧୪ ଲକ୍ଷ ୮୪ ହଜାର ହେକ୍ଟର ଜମି ଜଳସେଚନ ସୁବିଧା କରାଯାଇଥିବା ବେଳେ ବୃହତ୍ ଉଠା ଜଳସେଚନ ଦ୍ୱାରା ୩୪ ହଜାର ହେକ୍ଟର, ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଗଭୀର ନଳକୂଳ ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ୫୭ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ବିଜେଡି ସଭ୍ୟ ଅମର ଶତପଥୀଙ୍କ ମୂଳ ପ୍ରଶ୍ନ ନଂ. ୫୭୧ରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନରେ ଅମର ପଚାରିଥିଲେ ଯେ ରାଜ୍ୟରେ ଗତ ୫ ବର୍ଷରେ କେଉଁ କେଉଁ ପ୍ରକଳ୍ପରେ କେତେ ଜମିକୁ ଜଳସେଚନ ସୁବିଧା ଦିଆଯାଇଛି। ଚାଷ ଜମିରେ ଅନ୍ୟ ନିର୍ମାଣ କାର୍ଯ୍ୟ ହେବା ଫଳରେ ଗତ ୫ ବର୍ଷରେ କେତେ ପରିମାଣର ଜଳସେଚିତ ଜମି ପରିମାଣ ହ୍ରାସପାଇଛି। ମନ୍ତ୍ରୀ କହିଲେ, ଗତ ୫ ବର୍ଷ ମଧ୍ୟରେ ୬ଟି ବୃହତ୍ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୪୭ ହଜାର ହେକ୍ଟର, ୭ଟି ମଧ୍ୟ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୮ ହଜାର, ୧୦୯ଟି ବୃହତ୍ ଉଠା ଜଳସେଚନ ମାଧ୍ୟମରେ ପ୍ରାୟ ୧ ଲକ୍ଷ ୨୫ ହଜାର ହେକ୍ଟର , ୮୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ୮୨୮୨ ଆଡ଼ିବନ୍ଧ ମାଧ୍ୟମରେ ୧ ଲକ୍ଷ ୧୬ ହଜାର, ୫୭୭୦ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, ୪୮୧୩୨ ଗଭୀର ନଳକୂପ, ୩୪୬୬ ଅଗଭୀର ନଳକୂପ ଏବଂ ୬୯୧ ମାଇକ୍ରୋ ରିଭର ଲିଫ୍ଟ ମାଧ୍ୟମରେ ପ୍ରାୟ ୪ ଲକ୍ଷ ହେକ୍ଟର ଜମିକୁ ମିଶାଇ ମୋଟ ୭ ଲକ୍ଷ ୪୩ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯାଇଛି। ସହରୀକରଣ ଓ ଶିଳ୍ପାୟନ ଯୋଗୁ ଅନେକ ଜମିର କିସମ ପରିବର୍ତ୍ତନ ହୋଇଛି। କେତେ ପରିମାଣ ଜଳସେଚିତ ଜମି ହ୍ରାସପାଇଛି ତାହାର ଆକଳନ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର ଜରିଆରେ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅମର ପୁଣି ପଚାରିଲେ, ଜଳସେଚିତ ଜମିର କିସମ ପରିବର୍ତ୍ତନ ନ କରିବାକୁ ସରକାର ପଦକ୍ଷେପ ନେବେ କି। ମନ୍ତ୍ରୀ କହିଲେ, ଜମିର କିସମ ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା। ସହରୀକରଣ ଓ ଶିଳ୍ପାୟନ ପାଇଁ ଜଳସେଚିତ ଜମି ପରିମାଣ ହ୍ରାସପାଉଛି। ଜଳସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ଏ ନେଇ ମିଳିତ ଭାବେ ଆଲୋଚନା କରି ପଦକ୍ଷେପ ନେବେ। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ପଚାରିଲେ, ୨୦୦୫ରୁ ରାଜ୍ୟ ସରକାର ରାଜ୍ୟପାଳଙ୍କ ଜରିଆରେ କହିଲେ ଆସନ୍ତା ୫ବର୍ଷରେ ୩୧୪ ବ୍ଲକରେ ୩୫ ପ୍ରତିଶତ ଚାଷ ଜମିକୁ ଜଳସେଚିତ କରାଯିବ। ୨୦୧୧ରେ ସେ ସମୟ ଶେଷ ହୋଇଗଲାଣି। ୨୦୦୬ରେ କେତେ ବ୍ଲକରେ ୩୫ ପ୍ରତିଶତ ହୋଇଥିଲା ଓ ୨୦୧୧ରେ କେତେ ହୋଇଛି ମନ୍ତ୍ରୀ କହିବେ କି। ମନ୍ତ୍ରୀ କହିଲେ, ମୋ ପାଖରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ। ସରକାର ଜଳସେଚନ ପାଇଁ ପ୍ରୟାସ ଜାରି ରଖିଛନ୍ତି । ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସନ୍ତୋଷ ସିଂ ସାଲୁଜା, କେ. ନାରାୟଣ ରାଓ, ପ୍ରଦୀପ ଅମାତ, ଅତନୁ ସବ୍ୟସାଚୀ ନାୟକ, ଭବାନୀ ଶଙ୍କର ଭୋଇ, ପୂର୍ଣ୍ଣ ଚନ୍ଦ୍ର ବାକା, ଭାଗୀରଥି ସେଠୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଜ ନିଜ ଅଞ୍ଚଳର ଜଳସେଚନ ସମ୍ପର୍କରେ ପଚାରିଥିଲେ। ତେବେ ମନ୍ତ୍ରୀ ପରେ ତଥ୍ୟ ଯୋଗାଇ ଦେବେ ବୋଲି କହିଥିଲେ। ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ ପାଇଁ ଓଏମ୍‌ବିଏଡିସିର ୧୪ ହଜାର କୋଟି ମଞ୍ଜୁର

ଭୁବନେଶ୍ୱର,୨୫।୩(ବ୍ୟୁରୋ): ଆଗାମୀ ବର୍ଷରେ ବିଭିନ୍ନ ଜିଲାରେ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ (ଓଏମ୍‌ବିଏଡିସି) ପରିଚାଳନା ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଦେବଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳ ଓ କୋରାପୁଟ ଜିଲାରେ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଓଏମ୍‌ବିଏଡିସି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ୧୩,୮୧୬.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୧୭୮୯.୪୪ କୋଟି ଟଙ୍କା କାର୍ଯ୍ୟନିର୍ବାହୀ ସଂସ୍ଥା ଖର୍ଚ୍ଚ କରିଛନ୍ତି। ବଳକା ଅର୍ଥ ଆଗାମୀ ବର୍ଷରେ ଖର୍ଚ୍ଚ କରାଯିବ। ଏହାଛଡା ବିଭିନ୍ନ କ୍ଷେତ୍ର ପାଇଁ ୨୨୫.୬୫ କୋଟି ଟଙ୍କାର ପ୍ରକଳ୍ପ ଓଏମ୍‌ବିଏଡିସିର ପରିଚାଳନା ମଣ୍ଡଳୀ ଦ୍ୱାରା ଅନୁମୋଦିତ ହୋଇଛି। ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ଡିପିଆର ହସ୍ତଗତ ହେଲେ ସେଗୁଡିକ ଆଗାମୀ ବର୍ଷରେ କାର୍ଯ୍ୟକାରୀ କରାଯିବ। ବିଧାୟକ ନବ ଚରଣ ମାଝିଙ୍କ ପ୍ରଶ୍ନ ନଂ. ୫୭୩ର ଉତ୍ତରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ, ୯ଟି ଖଣିଜ ସମ୍ପଦଭରା ଅଞ୍ଚଳର ଲୋକମାନେ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ଓଏମ୍‌ବିଏଡିସି ଏହି ସବୁ ଜିଲାରେ କେତେ ଅର୍ଥ ଖର୍ଚ୍ଚ କରିଛି। ମନ୍ତ୍ରୀ କହିଲେ, ୮ଟି ଜିଲାରୁ ୧୬ ହଜାର କୋଟି ଆଦାୟ ହୋଇଛି। ସେଥିରୁ ୩ ହଜାର କୋଟି ଖର୍ଚ୍ଚ ହୋଇଛି। ୨୦୧୪ରେ ଓଏମ୍‌ବିଏଡିସି ଗଠନ ହୋଇଥିଲା। ଜଷ୍ଟିସ ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହା ସୁଚାରୁରୂପେ କାର୍ଯ୍ୟ କରୁଛି। ବିଧାୟକ ରମେଶ ଚନ୍ଦ୍ର ସାଏ, ମୋହନ ମାଝି ଅତିରିକ୍ତ ପ୍ରଶ୍ନ ପଚାରିଥିଲେ।

## ଅଡିଓ ଟେପ୍‌ର ଯାଞ୍ଚ ହେଉ, ନଚେତ୍ ଅଫିସରମାନେ ବାସିରେ ପଚାରିବେ ନାହିଁ

**ଗୃହରେ ବିଧାୟକଙ୍କ ଭିଡିଓ ଟେପ୍ ଆଲୋଚନାକୁ ବିରୋଧ**

ଭୁବନେଶ୍ୱର,୨୫।୩(ବ୍ୟୁରୋ)


ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ।

ଭଦ୍ରକ ଜିଲାର ଜଣେ ଏଏସ୍‌ଆଇଙ୍କୁ ଚାନ୍ଦବାଲି ବିଧାୟକ ଧମକ ଦେଉଥିବା ପ୍ରସଙ୍ଗକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ବୁଧବାର ବିଧାନସଭାରେ ଉଠାଇଥିଲେ। ଏହାକୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବିରୋଧ କରିଥିଲେ। ବିଧାୟକମାନଙ୍କ ବିରୋଧରେ ଅଡିଓ ଟେପ୍ ବିଷୟ ବିନା ଯାଞ୍ଚରେ ବିଧାନସଭାରେ ଆଲୋଚନା କରିବା ନେଇ ଶାସକ ଦଳ ସଭ୍ୟ ଭାଗୀରଥି ସେଠୀ କଡ଼ା ଆପତ୍ତି କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ବିଧାୟକମାନେ ଜନପ୍ରତିନିଧି। ସେମାନେ ଲୋକମାନଙ୍କ ପାଇଁ କାମ କରୁଛନ୍ତି। କେହି ନିଜର ବ୍ୟକ୍ତିଗତ କାମ ପାଇଁ କାହାରିକୁ ଫୋନ କରୁନାହାନ୍ତି। ଯେଉଁ ପୋଲିସ ଅଧିକାରୀ କିମ୍ବା ଅନ୍ୟ ଅଫିସର କାମ ନ କଲେ ବିଧାୟକମାନେ କହିବେ । ତାକୁ ଯଦି କୋଉ ଅଫିସର ରେକର୍ଡିଂ କରି ଆଣି ବିରୋଧୀ ଦଳ ସଦସ୍ୟଙ୍କୁ ଦେଉଛି ତାହାକୁ ଏଠାରେ ଇସ୍ୟୁ କରାଯାଉଛି। ଏଭଳି ଯଦି କରାଯିବ ତେବେ ବିଧାୟକମାନଙ୍କୁ ସରକାରୀ ଅଫିସର ବାସିରେ ପଚାରିବେ ନାହିଁ। ଏହା ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ବିଧାୟକଙ୍କ ପ୍ରସଙ୍ଗ ଆଲୋଚନା ହେବା ପୂର୍ବରୁ ଅଡିଓକୁ ଭଲଭାବେ ବାଚସ୍ପତି ଯାଞ୍ଚ କରିବା ଦରକାର। ଏ ଦିଗରେ ପଦକ୍ଷେପ ନେବାକୁ ସେଠୀ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ବନ୍ଦକୁ ନେଇ ଗୃହରେ ଉଦ୍‌ବେଗ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ବ୍ରଜ**

ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ) ବନ୍ଦକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଗୁରୁବାର ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ, ଏହା ଏକ ଅଭାବନୀୟ ଘଟଣା ହୋଇଛି। ୧୯୬୮ରେ ତିଆରି ତାଳଚେର ଥର୍ମାଲ ପାୱାର କମ୍ପାନୀକୁ ଏନ୍‌ଟିପିସି ଆସନ୍ତା ୩୧ ତାରିଖରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଚିଠି ଲେଖି ପ୍ଲାଣ୍ଟକୁ ବନ୍ଦ ନ କରିବା ଓ ଏନ୍‌ଟିପିସିର ଫେଜ-୩ ୧୩୨୦ ମେଗାୱାଟ ୟୁନିଟ୍‌କୁ କିପରି ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ସେ ନେଇ ଜଣାଇଛନ୍ତି। ଟିଟିପିଏସ୍ ଉପରେ ସିଧାସଳଖ ୧ ଲକ୍ଷ ପରିବାର ଲୋକଙ୍କ ଜୀବନଜୀବିକା ନିର୍ଭର କରୁଛି। ଏହା ଉପରେ ଏକ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଳଚେର ସାର କାରଖାନା ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ସେହି କାରଖାନାକୁ ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀ ଥିବାବେଳେ ବନ୍ଦକରି ଦିଆଯାଇଛି। ଏହାକୁ କିପରି ପୁନଃ କାର୍ଯ୍ୟକ୍ଷମ କରାଯିବ ସେ ନେଇ ମନ୍ତ୍ରୀ ଏକ କମିଟି ଡାକି ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ।

## ବେକାରି ସମସ୍ୟା ନେଇ ଗର୍ଜିଲା କଂଗ୍ରେସ


ଯୁବ କଂଗ୍ରେସର ଆକ୍ରୋଶ ସମାବେଶ ପରେ ବିଧାନସଭା ସମ୍ମୁଖରେ ପୋଲିସ ସହ ଧସ୍ତାଧସ୍ତି ଓ ଗିରଫ।

- ବିଧାନସଭା ଘେରାଉ ଉଦ୍ୟମ ବେଳେ ପୋଲିସ ସହ ଧସ୍ତାଧସ୍ତି
- ରାଜ୍ୟ, କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କଲେ ଦଳୀୟ ନେତା

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ରାଜ୍ୟରେ ବଢୁଥିବା ବେକାରି ସମସ୍ୟା ବିରୋଧରେ ଶାସକ ବିଜେଡି ଏବଂ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ଗର୍ଜିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ପରିସରରେ ଆୟୋଜିତ ହୋଇଥିଲା ‘ଯୁବ ଆକ୍ରୋଶ ସମାବେଶ’। ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି. ଯୋଗଦେଇ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ମୋଦି ସରକାର ନିର୍ବାଚନୀ ଇସ୍ତାହାରରେ ବର୍ଷକୁ ୨ କୋଟି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତାହା ଏବେ ପ୍ରତାରଣାରେ ପରିଣତ ହୋଇଛି। ସଭାସମିତିରେ ଭାଷଣ ଦେବାବେଳେ ବେକାରଙ୍କ ନିଯୁକ୍ତି ପ୍ରସଙ୍ଗରେ ମୋଦି ମୁହଁ ଖୋଲୁନାହାନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦର ନିୟନ୍ତ୍ରଣରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି, ଯାହାର ବୋଝ ସାଧାରଣ ପରିବାର ଉପରେ ପଡୁଥିବା ସେ କହିଛନ୍ତି। ଏହି ଅବସରରେ ସେ ଶାସକ ବିଜେଡି ସରକାରଙ୍କୁ ଟାର୍ଗେଟ କରିବାକୁ ଭୁଲି ନ ଥିଲେ। ରାଜ୍ୟ ସରକାରଙ୍କ ରିମୋଟ୍ କଣ୍ଟ୍ରୋଲ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ହାତରେ ରହିଛି। ଓଡ଼ିଶା ବେରୋଜଗାରରେ ୧ନମ୍ବର ସ୍ଥାନ ଅଧିକାର କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାରିବାପଣିଆର ପ୍ରମାଣ ବୋଲି ସେ ଆକ୍ଷେପ କରିଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବତୀଯୁବକଙ୍କ ସଂଖ୍ୟା ବଢ଼ିଚାଲିଛି। ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଏପରି ଉଦାସୀନତା ଯୁବ ସମାଜ ପ୍ରତି ଉପହାସ ବୋଲି ସ୍ମୃତିରଞ୍ଜନ ନିଜ ଅଭିଭାଷଣରେ କହିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ବିଧାୟକ ମହମ୍ମଦ ମୋକିମ୍ ପ୍ରମୁଖ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ବେକାରି ସମସ୍ୟା ପ୍ରମୁଖ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ପ୍ରାରମ୍ଭରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତିଙ୍କୁ ଦଳୀୟ କର୍ମକର୍ତ୍ତାମାନେ ବିମାନବନ୍ଦରରୁ ଶୋଭାଯାତ୍ରାରେ ପାର୍ଟି ଅଫିସ ଯାଏ ପାଛୋଟି ଆଣିଥିଲେ।

କାର୍ଯ୍ୟକ୍ରମ ଶେଷରେ ଏକ ବିଶାଳ ଶୋଭାଯାତ୍ରା ବିଧାନସଭା ଘେରାଉ ଲାଗି ଅଗ୍ରସର ହୋଇଥିଲା। ଏଥିରେ ବହୁସଂଖ୍ୟାରେ କଂଗ୍ରେସ କର୍ମୀ, ନେତୃବୃନ୍ଦ ସାମିଲ ହୋଇଥିଲେ। ତେବେ ବିଧାନସଭା ଯିବା ରାସ୍ତାରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଯୁବ କଂଗ୍ରେସ ସଭାପତିଙ୍କ ସମେତ କେତେଜଣ କର୍ମୀଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା।

**କଂଗ୍ରେସରେ ମହେଶ ପ୍ରସାଦ**

ବିଜେଡିର ଜଣାଶୁଣା ଛାତ୍ରନେତା ମହେଶ ପ୍ରସାଦ ଗୁରୁବାର ନିଜର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି କଂଗ୍ରେସ ଭବନକୁ ଆସି ଦଳରେ ମିଶିଥିଲେ। ଜଣେ ଛାତ୍ର ସଙ୍ଗଠନ ଭାବେ ମହେଶଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ବିଜେବି କଲେଜରୁ ଆରମ୍ଭ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଯାଏ ଛାତ୍ର ସଂସଦ ନିର୍ବଚନରେ ସଭାପତି ପଦବୀରେ ରହି ଛାତ୍ରୀଛାତ୍ରଙ୍କ ସମସ୍ୟା ବିରୋଧରେ ସ୍ୱର ଉଠାଇ ଆସୁଥିଲେ। ହେଲେ ବିଜେଡିରେ ତାଙ୍କୁ କାମ କରିବାର ସୁଯୋଗ ମିଳିଲାନାହିଁ। ଯୁବପିଢ଼ିଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ସେ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି।

# ନିବେଶକଙ୍କ କ୍ଷତି ୭ ଲକ୍ଷ କୋଟି

**ମୁମ୍ବାଇ,୨୫।୩**

ଭାରତରେ କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଇଛି। ଏହାର ପ୍ରଭାବ ପୁଞ୍ଜିବଜାର ଉପରେ ପଡ଼ିଛି। ଫଳରେ ଲଗାତର ଦ୍ୱିତୀୟ ଦିନ ହେବ ପୁଞ୍ଜିବଜାର ଖସିଛି। ଫଳରେ ନିବେଶକ ୭ ଲକ୍ଷ କୋଟି ଟଙ୍କା କ୍ଷତି ସହିଲେଣି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍‌ସେକ୍ସ ୭୪୦ ପଏଣ୍ଟ ନିମ୍ନରେ ରହିଥିବା ଜଣାପଡ଼ିଛି। ଅଟୋ ମୋବାଇଲ ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକ୍ କାରବାର ପ୍ରଭାବିତ ସ୍ଥିତିରେ ରହିବା ଯୋଗୁ ଷ୍ଟକ୍ ବଜାରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବୁଧବାର ମଧ୍ୟ ଷ୍ଟକ୍ ବଜାର ପ୍ରଭାବିତ ସ୍ଥିତିରେ ରହିଥିଲା। ଫଳରେ ନିବେଶକଙ୍କୁ ୩.୨୭ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିଲା। ଗୁରୁବାର ମଧ୍ୟ ଷ୍ଟକ୍ ବଜାର କାରବାର କ୍ଷତିଗ୍ରସ୍ତ ରହିଛି।



■ ୨ ଦିନ ହେବ ଖୁସୁଛି ପୁଞ୍ଜିବଜାର

■ ଗୁରୁବାର ସେନ୍‌ସେକ୍ସ ୭୪୦ ପଏଣ୍ଟ ନିମ୍ନରେ

ସେନ୍‌ସେକ୍ସ ୧.୫୧% ନିମ୍ନରେ ରହି ୪୮,୪୪୦ ପଏଣ୍ଟ ସ୍ତରକୁ ଖସି ଆସିଛି। ଏହି ସମୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୨୪ ପଏଣ୍ଟ ବା ୧.୫୪% ନିମ୍ନରେ ରହିବା ଯୋଗୁ କାରବାର ୧୪,୩୨୫ ପଏଣ୍ଟ ସ୍ତରକୁ ଖସିଛି।

ମାରୁତି, ଭାରତୀ ଏୟାରଟେଲ, ହିନ୍ଦୁସ୍ଥାନ ୟୁନିଲିଭର, ବଜାଜ ଅଟୋ, ଏନ୍‌ଟିପିସି, ବଜାଜ ଫାଇନାନ୍ସ ଭଳି କମ୍ପାନୀ ସେନ୍‌ସେକ୍ସରେ ସବୁଠାରୁ ବେଶି କାରବାର ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ଶେୟାର କାରବାର ପ୍ରାୟ ୩.୯୮% ନିମ୍ନରେ ରହିଛି। ଆଇସିଆଇସିଆଇ ବ୍ୟାଙ୍କ, ଏଲ୍ ଆଣ୍ଡ ଟି, ଏଚ୍‌ଡିଏଫ୍‌ସି ଏବଂ ଡ.ରେଡିସ ଭଳି କମ୍ପାନୀର ଶେୟାର କାରବାର ବେଶ୍ ଭଲ ରହିଛି। ନିଫ୍ଟି ପ୍ଲାଟ୍‌ଫର୍ମରେ ମିଡିଆ, ଅଟୋମୋବାଇଲ, ପିଏସ୍‌ୟୁ ବ୍ୟାଙ୍କ ଶେୟାର ୩.୦୬% ନିମ୍ନରେ ରହିଛି। କରୋନା ପାଇଁ ବଜାରକୁ ପୁଣି ଥରେ ଲକ୍‌ଡାଉନ କରାଯିବା ଭୟ ନିବେଶକଙ୍କ ମନରେ ରହିଛି; ଯାହାର ପ୍ରତ୍ୟକ୍ଷ ପ୍ରଭାବ ବଜାର ଉପରେ ପଡ଼ିଛି। ଆଂଶିକ ଲକ୍‌ଡାଉନ ହେଲେ ମଧ୍ୟ ଏହାର ପ୍ରଭାବ ବଜାରରେ ରହିବ ବୋଲି ନିବେଶକମାନେ ଭାବୁଛନ୍ତି।

# ହାଭେଲ୍ସର ନୂଆ ଶୋ'ରୁମ୍ ଉଦ୍‌ଘାଟିତ




ଶୋ'ରୁମ୍ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅଧିକାରୀ।

**ବାଲେଶ୍ୱର ଅଫିସ, ୨୫।୩**

ବାଲେଶ୍ୱର ରେମୁଣା ଗୋଲେଇଠାରେ ହାଭେଲ୍ସର ନୂଆ ଶୋ'ରୁମ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। କମ୍ପାନୀର ଓଡ଼ିଶା ସେଲ୍‌ସ ମୁଖ୍ୟ ଦେବାଶିଷ ମିତ୍ର ଏବଂ ମଦନମୋହନ ସେଲ୍‌ସର ସ୍ୱତ୍ତ୍ୱାଧିକାରୀ ଧରଣୀଧର ମହାନ୍ତି ଉପସ୍ଥିତ ରହି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଏହା ଓଡ଼ିଶାରେ ୧୬ତମ ହାଭେଲ୍ସ ଗ୍ୟାଲାକ୍ସି ଷ୍ଟୋର ହୋଇଥିବା ବେଳେ ବାଲେଶ୍ୱରରେ ଦ୍ୱିତୀୟ ଶୋ'ରୁମ୍। ଉଦ୍‌ଘାଟନୀ ଅବସରରେ କମ୍ପାନୀର ସିନିୟର ଏକ୍‌ଜିକ୍ୟୁଟିଭ୍‌ମାନଙ୍କ ସହ ଅନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଶୋ'ରୁମ୍‌ରେ ହାଭେଲ୍ସ କମ୍ପାନୀର ସମସ୍ତ ପ୍ରଡକ୍ଟସ ସହ ଲୋଏଡ୍ କମ୍ପାନୀର ଏସି, ଟିଭି, ଫ୍ୟାନ୍, ୱାସିଂ ମେଶିନ୍ ଏବଂ ସମସ୍ତ ଇଲେକ୍ଟ୍ରିକାଲ ଉପକରଣ ଉପଲବ୍ଧ ହେଉଥିବା ସ୍ୱତ୍ତ୍ୱାଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି।

# ଦୀପକ କୋଚ୍ଛରଙ୍କୁ ବମ୍ବେ ହାଇକୋର୍ଟଙ୍କ ଜାମିନ

**ମୁମ୍ବାଇ,୨୫।୩**

ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଛରଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କୁ ବମ୍ବେ ହାଇକୋର୍ଟ ଜାମିନ ଦେଇଛନ୍ତି। ତାଙ୍କ ବିରୋଧରେ ଇଡି ପକ୍ଷରୁ ବେଆଇନ ଅର୍ଥ କାରବାର ମାମଲା ଦାୟର ହୋଇଛି। ଗତବର୍ଷ ନଭେମ୍ବରରେ ଇଡି ଏହି ମାମଲାରେ ଚାର୍ଜଶିଟ ଦାଖଲ କରିଛି। ଏହି ମାମଲାରେ ୧୧ ଜଣ ଅଭିଯୁକ୍ତ ରହିଥିବା ବେଳେ କେବଳ ଦୀପକ କୋଚ୍ଛରଙ୍କୁ ହିଁ ଏଜେନ୍ସି ଗିରଫ କରିଥିଲେ। ୨୦୨୦ ସେପ୍ଟେମ୍ବର ୭ରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ସମନ ଜାରି ହୋଇଥିବା ବେଳେ ସେ ଏଜେନ୍ସି ସାମ୍ନାରେ ହାଜର ମଧ୍ୟ ହୋଇଥିଲେ। ୨୦୧୯ ଜାନୁୟାରୀରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତାଙ୍କ ବିରୋଧରେ ଠକେଇ ଏବଂ ଆପରାଧିକ ଷଡ଼ଯନ୍ତ୍ର ମାମଲା ଦାୟର କରିଥିଲା। ଚନ୍ଦା କୋଚ୍ଛର ଆଇସିଆଇସିଆଇ ବ୍ୟାଙ୍କର ସିଇଓ ଥିବା ସମୟରେ ଭିଡିଓକନ ଗ୍ରୁପ୍‌କୁ ଅନୁକମ୍ପାମୂଳକ ଋଣ ଦେଇ ନିଜ ପରିବାରକୁ ଫାଇଦା ଦେଇଥିବା ଅଭିଯୋଗ ଆସିଛି।

# ଇଣ୍ଡସ୍ ଫୁଡ୍ ପ୍ରଦର୍ଶନୀରେ ରୁଚି ଷ୍ଟଲ୍

**ନୂଆଦିଲ୍ଲୀ/କଟକ,୨୫।୩:** ଗ୍ରେଟର ନୋଏଡ଼ାର ଇଣ୍ଡିଆ ଏକ୍ସପୋ ମାର୍ଟ ପରିସରରେ ଆୟୋଜିତ ବୃହତ୍ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଦର୍ଶନୀ ଇଣ୍ଡସ୍ ଫୁଡର ଓଡ଼ିଶା ପ୍ୟାଭିଲିୟନରେ ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ରୁଚି ଅଂଶ ଗ୍ରହଣ କରିଥିଲା। ଏଥିରେ ଦେଶ ବିଦେଶର ବହୁ ଶିଳ୍ପୋଦ୍ୟୋଗୀ ଭାଗ ନେଇଥିବା ବେଳେ ରୁଚି ପକ୍ଷରୁ ମଧ୍ୟ ଏକ ଆକର୍ଷଣୀୟ ଷ୍ଟଲ ଖୋଲାଯାଇଛି। ଉକ୍ତ ଷ୍ଟଲକୁ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀର ବିଭିନ୍ନ ଦିବସରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଓଡ଼ିଶାର ରାଜ୍ୟସଭା ସଦସ୍ୟ ସୁବାସ ସିଂହଙ୍କ ସମେତ ବହୁ ଉଦ୍ୟୋଗୀ ରୁଚି ଷ୍ଟଲ ପରିଦର୍ଶନ କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ୪୫ବର୍ଷର ଅଭିଜ୍ଞତା ରଖିଥିବା ରୁଚି ଉଦ୍ୟୋଗର ବିଭିନ୍ନ ସାମଗ୍ରୀ ଉପରେ ବିଭିନ୍ନ ଉଦ୍ୟୋଗୀମାନେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ରୁଚିର ବିଜ୍‌ନେସ୍ ଡେଭଲପମେଣ୍ଟ ଅଫିସର ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପ୍ରଡକ୍ଟ ବିକ୍ରୟ ସମୟରେ ଗ୍ରାହକ ଓ ରୁଚି ଅଧିକାରୀମାନେ।

# ବୈଭବ କରନଙ୍କୁ ଡ. ବି. ପଣ୍ଡା ସ୍ୱର୍ଣ୍ଣପଦକ




**ଭୁବନେଶ୍ୱର,୨୫।୩:** ନିକଟରେ ଶେଷ ହୋଇଥିବା ୧୮ତମ ବାର୍ଷିକ ସମ୍ମିଳନୀରେ ଏନ୍‌ଆଇଟି,ରାଉରକେଲାଠାରେ ବୈଭବ କରନଙ୍କୁ ଡ. ବଂଶୀଧର ପଣ୍ଡା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ସେ ମେଟାଲର୍ଜିକାଲ ଆଣ୍ଡ ମ୍ୟାଟେରିଆଲ ଇଞ୍ଜିନିୟରିଂରେ ଶ୍ରେଷ୍ଠ ସ୍ନାତକ। ଡ. ପଣ୍ଡା ମଧ୍ୟ ଏନ୍‌ଆଇଟି ରାଉରକେଲା ପରିଚାଳନା ପରିଷଦର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଇମ୍ଫା ପରିବାର ପକ୍ଷରୁ କରନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୨୫।୩:** ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମ୍ପର୍କରେ ଘୋଷଣା କରାଯାଇଛି। ଜୁନାଗଡ଼ ରୋଡ୍, ଜଗଦଲପୁର ଓ ନୟାଗଡ଼ ଟାଉନକୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଭୁବନେଶ୍ୱର ଏବଂ ବିଜୟନଗରମ ମାର୍ଗ ଦେଇ ଭୁବନେଶ୍ୱରରୁ ଜୁନାଗଡ଼ ରୋଡ୍ ଏବଂ ଜଗଦଲପୁରକୁ ବିଶେଷ ଟ୍ରେନ୍ ଚଳାଚଳ ନେଇ ନିଷ୍ପତ୍ତି ହୋଇଛି। ଏପ୍ରିଲ ୧୦ରୁ ଭୁବନେଶ୍ୱରରୁ ଜୁନାଗଡ଼କୁ ସ୍ୱତନ୍ତ୍ର ଟ୍ରେନ୍ ଆରମ୍ଭ ହେବ। ଜୁନାଗଡ଼ଠାରୁ ଏପ୍ରିଲ ୧୧ରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଏହି ଟ୍ରେନ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଭୁବନେଶ୍ୱରରୁ ଏହି ଟ୍ରେନ୍ ରାତ୍ର ୯.୪୦ ମିନିଟରେ ଛାଡ଼ିବ। ଜୁନାଗଡ଼ ପଟୁ ଏହା ସନ୍ଧ୍ୟା ୫.୩୦ ମିନିଟରେ ଏହା ବାହାରିବ। ଏପ୍ରିଲ ୨୦ରୁ ଭୁବନେଶ୍ୱର ଜଗଦଲପୁର ବିଶେଷ ଟ୍ରେନ୍ ଆରମ୍ଭ ହେବ। ଏହା ଭୁବନେଶ୍ୱରରୁ ସନ୍ଧ୍ୟା ୭.୩୫ ମିନିଟରେ ଛାଡ଼ିବ। ଫେରିବା ବାଟରେ ଜଗଦଲପୁରରୁ ଅପରାହ୍ନ ୪.୩୦ରେ ବାହାରିବ। ଏପ୍ରିଲ ୧୩ରୁ ଭୁବନେଶ୍ୱର-ନୟାଗଡ଼ ଟାଉନ ବିଶେଷ ଟ୍ରେନ୍ ଚଳାଚଳ କରିବ ବୋଲି ଜଣାପଡିଛି। ଭୁବନେଶ୍ୱରରୁ ଏହି ଟ୍ରେନ ସନ୍ଧ୍ୟା ୬.୪୦ରେ ଛାଡ଼ିବ। ସେହିଭଳି ନୟାଗଡ଼ ପଟୁ ଏହା ରାତ୍ର ୬.୩୦ ମିନିଟରେ ବାହାରି ଭୁବନେଶ୍ୱରରେ ୯ଟାରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।


## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDH, UNIT-V, BHUBANESWAR

E-mail ID: cebuildings_orissa@yahoo.co.in
cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-I-(C)-08/2020 No. 12128 Dtd.18th Mar. 2021

No. B-847

**Invitation for Bids**

**Bid Identification No. EIC (B) - 19/2020-21**

| | | | |
|---|---|---|---|
| 1. | The Engineer-in-Chief (Buildings) Odisha, Bhubaneswar on behalf of Governor Odisha invites percentage rate bids in Double Cover System in ONLINE MODE only, for the work "Infrastructure Development of Maa Tara Tarini Pitha in the District of Ganjam, (Phase - III) under Integrated Development of Heritage and Monuments and Tourist Destination". Amounting to Rs.20,42,00,000/- (Approximate) as detailed below. | | |
| 2. | Nature of Work | : | Building works |
| 3. | No. of Works | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Super Class |
| 6. | Availability of Bid documents in the website | : | From Dt.31.03.2021 to 17.00 hours of Dt.20.04.2021 |
| 7. | Date of opening of Bid | : | Dt.22.04.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | | |

**Sd./- Engineer-in-Chief (Buildings)**
**Odisha, Bhubaneswar**
**OIPR-34117/11/0033/2021**

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, SUBARNAREKHA IRRIGATION CIRCLE, LAXMIPOSI

AT/P.O.- LAXMIPOSI, DIST.- MAYURBHANJ

**Government of Odisha e-PROCUREMENT NOTICE**

**No. A-715** **Bid Identification No. 08/2020-21 of SE, SIC, Laxmiposi**

| Sl. No. | Name of Works | Value of Works (Rupees in Lakhs) | Period of Completion | Date & time of availability of Bid Document in the portal | Last date of Receipt of Bid in the Portal | Name & Address of Officer Inviting Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Water Courses for Ayacut under Pani Panchayat No. SIP-SMC-05 (Chatra Minor System) including all Structures. | 268.11 | 11 (Eleven Calendar Months) | 30.03.2021 at 10 A.M. | 13.04.2021 upto 5.00 P.M. | Superintending Engineer, Subarnarekha Irrigation Circle, Laxmiposi, Mayurbhanj |
| 2 | Construction of Water Courses of Dumuria Minor System off-taking at RD 16750 M (L) of SMC for Ayacut under Pandabeswar Panipanchayat (SIP-SMC-07) including all Structures | 196.30 | - do - | - do - | - do - | - do - |
| 3 | Construction of Water Courses for Ayacut under Pani Panchayat No. SIP-SMC-10 (Dahisahi Minor, Nuagaon Sub-Minor & Purunapani Sub-Minor) including all Structures. | 187.05 | - do - | - do - | - do - | - do - |
| 4 | Construction of Water Courses for Ayacut under Pani Panchayat No. SIP-SMC-09 (Dahisahi Minor & Bhursani Sub-Minor) including all Strcutres. | 176.24 | - do - | - do - | - do - | - do - |

Further details can be had from the e-Procurement portal **https://tenderodisha.gov.in**.

**Sd./- Superintending Engineer**
**Subarnarekha Irrigation Circle, Laxmiposi**
**e-Mail ID: sesic12@gmail.com**

**Sd./- Executive Engineer**
**Subarnarekha Irrigation Division No.- I**
**Jharpokharia, e-Mail ID: sidivision1@gmail.com**

**Sd./- Chief Engineer & Basin Manager**
**Subarnarekha & Budhabalanga Basin**
**Laxmiposi, Mayurbhanj**
**OIPR-32120/11/0008/2021**

## DISTRICT PROJECT MANAGEMENT UNIT (MDM)
## DISTRICT EDUCATION OFFICE, JAJPUR

Email- dnojajpurmdm@gmail.com
**No. 739/DPMU/DAT: 22.03.2021**

Mid Day Meal Scheme
District Project Management Unit
Jajpur

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER MDM PROGRAMME**

Sealed tenders in the prescribed form are invited from the intending firms/individuals/ Companies/Corporation/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under MDM Programmes of School & Mass Education Deptt. in Jajpur District during the year 2021-22. The tender papers alongwith details of terms and conditions of tender EMD, Solvency Certificate or Capability Certificate and Statutory Requirements can be obtained by downloading from the District Website i.e. http://www.jajpur.nic.in. The cost of tender paper is Rs.10,500/- (Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of **District Project Management Unit Jajpur (MDM)** payble at **Axis Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as "**SEALED TENDER FOR UNDERTAKING TRANSPORTATION WORK OF FOODGRAINS (RICE) UNDER MDM PROGRAMME**" addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post/ Speed Post only so as to reach before **3 P.M. of 06.04.2021**. The tender shall be opened **at 4 P.M. on 07.04.2021** by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/cancel any or all the tenders without assigning any reason thereof.

**Sd./- Collector & District Magistrate, Jajpur**

## OFFICE OF THE CDM & PHO cum DMD, NUAPADA
## DISTRICT PROGRAMME MANAGEMENT UNIT, NHM

E-mail: nhmnuapada@gmail.com, Phone: (06678) 223346
Letter No. 1288/DPMU/NHM/2020-21 Date: 24.03.2021

**NOTICE INVITING TENDER**

No. E-653: Sealed tenders/bids are hereby invited from registered Manufacturer/Authorized Supplier for supply of Computer and other items to Office of the CDM & PHO, Nuapada.
Details terms and conditions may be downloaded from **www.nuapada.nic.in**. The sealed tender should reach the Office of the undersigned on or before 15.04.2021 till 5 P.M. along with the required documents. The tender will be opened on 16.04.2021 at 11 A.M. the office chamber of the undersigned. The undersigned reserves the right to reject any or all the quotations without assigning any reason thereof.

**Sd./- CDM & PHO cum DMD, Nuapada**
**OIPR-10055/11/0030/2021**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDH, UNIT-V, BHUBANESWAR

E-mail ID: cebuildings_orissa@yahoo.co.in
cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-IV-H-(H&D)-39/2019 Lr. No. 12894 Bhubaneswar, the 22nd Mar. 2021

No. B-848

**Invitation for Bids**

**Bid Identification No. EIC (B) - 21/2020-21**

| | | | |
|---|---|---|---|
| 1. | The Engineer-in-Chief (Building) Odisha, Bhubaneswar, on behalf of Governor of Odisha, invites percentage rate bids in Double Cover System in ONLINE MODE only, for Construction of Building works as detailed below. | | |
| 2. | Nature of Work | : | Building works |
| 3. | No. of Works | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Super |
| 6. | Availability of Bid documents in the website | : | From Dt.05.04.2021 to 17.00 hours of Dt.29.04.2021 |
| 7. | Date of opening of Bid | : | Dt.30.04.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Engineer-in-Chief (Buildings)**
**Odisha, Bhubaneswar**
**OIPR-34117/11/0031/2021**

## OFFICE OF THE PROJECT ADMINISTRATOR

**I.T.D.A., RAIRANGPUR**
**At-Rairangpur W. No.3, Mandirsahi,**
**P.O.- Rairangpur, Dist: Mayurbhanj - 757043**
**Email : paitdarrp@yahoo.in, itdargp@nic.in,**
**Office No. 06794-222024**

Letter No. 628 //2021-ITDARRP Dated, the 24.03.2021

**1ST CORRIGENDUM NOTICE**

No. CAD-1644: The following changes have been made to the Bid Identification No. 02/2020-21 date 19.03.2021 which was published in daily Oriya Newspaper "Dharitri" & " Sambad Kalika " on date 23.03.2021. Availability of online and offline bidding tender is modified in the DTCN Crtical Dates Col. No. 04 offline documents received through Speed post/Registered post from 22.03.2021 at 10.00 hours to 05.04.2021 at 17.00 hour (Working days only) instead of 22.03.2021 at 10.00 hours to 31.03.2021 up to 15.00 hour (Working days only), Col. No. 05 of Critical Dates of DTCN Bids received online shall be opened on 06.04.2021 at 11.00 hour onwards instead of 05.04.2021 at 11.00 hours onwards and Col. No. 06 of Critical Dates of DTCN the offline documents shall be opened in presence of the participate bidders 06.04.2021 at 15.00 hour onwards instead of 05.04.2021 at 15.00 hour onwards. The other terms and conditions are available in tender schedule are remain unchanged.
All concerned be presume as modified to above extent.

**Sd./- Project Administrator,**
**I.T.D.A. Rairangpur**
**OIPR-26041/11/0001/2021**

## OFFICE OF THE COLLECTOR, BALASORE
## (ST & SC DEV. SECTION)

Order No.29/ST & SC, Dt.25.03.2021

**SHORT TENDER CALL NOTICE**

Sealed tenders in prescribed format are invited from the Authorized Dealers/ Distributors/Firms/Registered Manufacturers/ Whole sale Co-operative Societies for "Supply of Items towards OBC Survey Balasore District". The tender paper shall complete in all respect should reach the DWO section, Collectorate, Balasore, Pin-756001 upto 5.00 P.M. on or before 31.03.2021 by hand to be put in the Tender Box/Registered Post/ Speed Post/Courier.The date of opening of the tender is on 31.03.2021 at 5.30 P.M. in the Office Chamber of Collector & District Magistrate, Balasore in presence of the Purchase Committee, Bidders or their authorized representatives only. The details about the tender is available in the district website http://baleswar.nic.in.

By order of Collector
**Sd./- District Welfare Officer, Balasore**

## ODISHA BIGYAN ACADEMY

**ADVERTISEMENT**

No. U-22: Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2020** based on scientific contributions upto 31st December, 2019.

1. **Biju Patnaik Award for Scientific Excellence.** (Minimum age limit of scientists should be 60 years by 31st December, 2019)
2. **Samanta Chandra Sekhar Award.** (Upper age limit of scientists should not exceed 60 years as on 31st December, 2019)
3. **Odisha Young Scientists Award.** (Upper age limit of Young Scientists should not exceed 35 years as on 31st December, 2019)
4. **Pranakrushna Parija Popular Science Book Award.** (For Authors of popular science books in Odia)
5. **Felicitation of Senior Scientists of Odisha.**

For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**.
The nomination proforma can be downloaded from the above website and required copies duly filled-in as per guideline along with other particulars stated therein, are to be sent to the Secretary, Odisha Bigyan Academy in the following address. The last date for receipt of nominations is **31.05.2021 (upto 5.00 P.M.). Nominations received after due date shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar,**
**Bhubaneswar-751 007, Odisha (INDIA)**
**OIPR-28002/11/0002/2021**

## O/O. THE DIVISIONAL FOREST OFFICER-CUM-DMU CHIEF, RAIRANGPUR

**At/P.O.- Rairangpur, Dist.- Mayurbhanj, PIN - 757043, Odisha**
**No. 29** **Dt.25.03.2021**

**ADVERTISEMENT**

**FOR CONTRACTUAL ENGAGEMENT FMU COORDINATOR (TRAINING AND PROCESS DOCUMENTATION) UNDER ODISHA FORESTRY SECTOR DEVELOPMENT PROJECT - II**

The DFO-cum-DMU Chief, Rairangpur DMU invites application from suitable candidates for engagement of One Post FMU Coordinator (Training and Process Documentation) in Rairangpur FMU of DMU, Rairangpur on Contractual Basis under the Odisha Forestry Sector Development Project, Phase - II.
Interested candidates may obtain terms of reference and application form from the O/o. DFO-cum-DMU Chief, Rairangpur during office hours or may download from the **ofsdp.org** website. Duly filled in application complete in all respect along with Demand Draft from any Nationalized Bank for Rs.500/- (Non-refundable) in favour of DFO-cum-DMU, Chief, OFSDP-II, Rairangpur Forest Division should reach the O/o the undersigned on or before **4.00 P.M. on 07.04.2021**.

**Job Description & Eligibility Criteria:**

| Job Description | Qualification & Experience |
|---|---|
| **He/She will:** Assist FMU Chief/Assistant FMU Cheif in Annual Plan & Implementation, executive capacity building plan, gender mainstreaming, assist to develop partnership & networks, act as resource for institutional capacity building, monitoring & reporting, coordinate with VSSs and other stakeholders. | **Essential Qualification:** Graduate in any Discipline (with more than 45% in aggregate in qualifying exam) |
| **Monthly Remuneration** | **Rs.25000/- per month (consolidated)** |

**Sd./- DFO-cum-DMU Chief**
**Rairangpur Forest Division**

See Career Appointment on every Wednesday & Saturday

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ପୁଣେ,୨୫।୩(ପି.ଟି.)

ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଶୁକ୍ରବାର ପରସ୍ପରକୁ ଭେଟିବେ। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଭାରତ ପାଇଁ ସିରିଜ ବିଜୟୀ ହେବାର ସୁଯୋଗ ସୃଷ୍ଟି କରିଛି। ୩ ମ୍ୟାଚ ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ସହଜରେ ୬୬ ରନରେ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହି ମ୍ୟାଚ୍ ଜିତି ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବାକୁ ପ୍ରୟାସ କରିବ। ଚାରିଆଡକୁ ଶଟ୍ ଖେଳିବାର କ୍ଷମତା ରଖୁଥିବା ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ସମସ୍ତଙ୍କ ନଜରରେ ରହିଛନ୍ତି। ଏହି ମ୍ୟାଚ୍‌ରେ ସେ ଦିନିକିଆ ପଦାର୍ପଣ କରିବେ।

କାନ୍ଧରେ ଆଘାତ ପାଇ ଶ୍ରେୟାସ ଆୟାର ଏହି ଦିନିକିଆ ସିରିଜ ସମେତ ସମ୍ପୂର୍ଣ୍ଣ ଭାବେ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ବାଦ୍ ପଡିଛନ୍ତି। ତେଣୁ ସୂର୍ଯ୍ୟକୁମାରଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଦିନିକିଆ ଫର୍ମାଟ୍‌ରେ ଆୟାର ସଫଳ ବ୍ୟାଟ୍ସମ୍ୟାନ ବିବେଚିତ ହେଉଛନ୍ତି। ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଜବରଦସ୍ତ ରହିଛି। ଗୋଟିଏ ସ୍ଥାନ ପାଇଁ ଏକାଧିକ ଖେଳାଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହା ଅଧିନାୟକ ବିରାଟ କୋହଲିଙ୍କ ପାଇଁ ସକାରାତ୍ମକ ଚିନ୍ତା ସୃଷ୍ଟି କରିଛି। ଏ ନେଇ ସେ ଅବଶ୍ୟ ଖୁସି ଅନୁଭବ କରୁଥିବେ।

ପାଖାପାଖି ୩ ମାସ ହେବ ରବୀନ୍ଦ୍ର ଜାଡେଜା ଦଳରେ ନାହାନ୍ତି। କିନ୍ତୁ ତାଙ୍କ ସ୍ଥାନରେ ଟେଷ୍ଟରେ ଅକ୍ଷର ପଟେଲ ଓ ଏବେ ଦିନିକିଆରେ କ୍ରୁନାଲ ପାଣ୍ଡ୍ୟା ଆଦୌ ନିରାଶ କରିନାହାନ୍ତି। ସେହିପରି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ନିଜର ପରିଚୟ ସୃଷ୍ଟି କରିଥିବା କର୍ନାଟକ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଘରୋଇ ପରିବେଶରେ ଦିନିକିଆରେ ପଦାର୍ପଣ କରି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ଅନୁପସ୍ଥିତିରେ ସେ ଦାୟିତ୍ୱ ସମ୍ଭାଳିବାରେ ସକ୍ଷମ ହୋଇଛନ୍ତି। ଯଦି ଜାଡେଜା ଓ ବୁମ୍‌ରା ଦଳକୁ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ କ୍ରୁନାଲ ଓ କ୍ରିଷ୍ଣା ସୁଯୋଗରୁ ନିଶ୍ଚିତ ଭାବେ ବଞ୍ଚିତ ହେବେ। କିନ୍ତୁ ଏହା ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥର ଗଭୀରତାକୁ ସୂଚାଉଛି।

ପ୍ରଥମ ମ୍ୟାଚରେ ୯୮ ରନକରି ଅଭିଜ୍ଞ ଓପନର ଶିଖର ଧାୱନ ଫର୍ମକୁ ଫେରିବା ସବୁଠାରୁ ବଡ଼ କଥା ଥିଲା। ଟି୨୦ ସିରିଜରେ ବେଞ୍ଚ୍‌ରେ ବସିବା ପରେ ସେ ଚାପରେ ଥିଲେ। ପୁଣି ଥରେ ସେ ବ୍ୟାଟିଂରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍‌ରେ କହୁଣିରେ ଆଘାତ ପାଇଥିବା ତାରକା ଓପନର ରୋହିତ ଶର୍ମା ଦ୍ୱିତୀୟ ମ୍ୟାଚ୍ ବେଳକୁ ଫିଟ୍ ହୋଇଥିବେ ବୋଲି ଆଶା କରାଯାଉଛି। ଯଦି ରୋହିତଙ୍କୁ ବିଶ୍ରାମ ଦିଆଯାଏ ତାହାହେଲେ ଶୁବମନ ଗିଲ୍ ଧାୱନଙ୍କ ସହ ଇନିଂସ ଓପନ କରିବେ ଓ ଲୋକେଶ ରାହୁଲ ମିଡ୍‌ଲ ଅର୍ଡରରେ ବ୍ୟାଟିଂ କରିବେ। ରୋହିତଙ୍କ ଇଞ୍ଜୁରି ସେତେଟା ଗୁରୁତର ନୁହେଁ ବୋଲି ଜଣାଯାଇଛି। ରିଷଭ ପନ୍ତ ବ୍ୟାଟ୍ସମ୍ୟାନ ଭାବେ ଦଳରେ ସ୍ଥାନ ପାଇବେ ଓ ରାହୁଲ ଉଇକେଟକିପିଂ ଜାରି ରଖିବେ ବୋଲି ଆଶା କରାଯାଉଛି।

ପ୍ରଥମ ମ୍ୟାଚ୍‌ରେ ୯ ଓଭରରେ ୬୮ ରନ ବ୍ୟୟ କରିଥିବା ଚାଇନାମ୍ୟାନ ବୋଲର କୁଲଦୀପ ଯାଦବଙ୍କ ବଦଳରେ ଲେଗ୍ ସ୍ପିନର ଯୁଜଭେନ୍ଦ୍ର ଚହଲ ଖେଳିବା ସମ୍ଭାବନା ରହିଛି। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର କୁମାର, ପ୍ରସିଦ୍ଧ କ୍ରିଷ୍ଣା ଓ ଉନ୍ନତ ପ୍ରଦର୍ଶନ କରୁଥିବା ଶାର୍ଦ୍ଦୁଳ ଠାକୁର ୯ ଉଇକେଟ ହାସଲ କରିଥିଲେ। ପୁଣି ଥରେ ଏହି ୩ ପେସର ଏହି ପ୍ରଦର୍ଶନକୁ ଦୋହରାଇବେ ବୋଲି ଆଶା କରାଯାଉଛି। ପ୍ରଥମ ୧୫ ଓଭରରେ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ ଧୂଆଁଧାର ବ୍ୟାଟିଂ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ ମଧ୍ୟ ପରେ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରି ଦଳକୁ ଜିତାଇଥିଲେ। ଟି. ନଟରାଜନ ଓ ମହମ୍ମଦ ସିରାଜଙ୍କୁ ମଧ୍ୟ ବୋଲିଂରେ ବିବିଧତା ପାଇଁ ସାମିଲ କରାଯାଇପାରେ। ଦଳର ପ୍ରଦର୍ଶନରେ କୋହଲି ଖୁସି ଜାହିର କରିଛନ୍ତି। ଅପରପକ୍ଷରେ ଇଂଲଣ୍ଡ ଏହି ମ୍ୟାଚ୍ ଜିତି ସିରିଜକୁ ୧-୧ ସମାନସ୍ତରକୁ ଆଣିବାକୁ ଚେଷ୍ଟା କରିବ।

## ଦ୍ୱିତୀୟ ଦିନିକିଆ ଆଜି

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ଲୋକେଶ ରାହୁଲ (ଉଇକେଟକିପର), ଯୁଜଭେନ୍ଦ୍ର ଚହଲ, କୁଲଦୀପ ଯାଦବ, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଟି. ନଟରାଜନ, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଦଳ:** ମୋଇନ ଅଲି, ଜନି ବେୟାରଷ୍ଟୋ, ସାମ ବିଲିଙ୍ଗ୍ସ, ଜୋଶ ବଟଲର (ଅଧିନାୟକ), ସାମ କୁରାନ, ଟମ୍ କୁରାନ, ଲିଆମ ଲିଭିଂଷ୍ଟୋନ, ମ୍ୟାଟ ପାର୍କିନଶନ, ଆଦିଲ ରସିଦ, ଜାସନ ରୟ, ବେନ୍ ଷ୍ଟୋକ୍ସ, ରିସି ଟପ୍ଲେ ଓ ମାର୍କ ଉଡ। ରିଜର୍ଭ ଖେଳାଳି: ଜ୍ୟାକ ବଲ, କ୍ରିସ୍ ଜୋର୍ଡାନ, ଡାୱିଡ ମଲାନ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୧.୩୦, ସ୍ଥାନ: ପୁଣେ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ୪୦୦ ମିଟରରେ ଜୟନ୍ତୀଙ୍କୁ ସ୍ୱର୍ଣ୍ଣ



ଜୟନ୍ତୀ ବେହେରା

ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ଚାଲିଥିବା ୧୯ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଧାବିକା ଜୟନ୍ତୀ ବେହେରା। ପ୍ରତିଯୋଗିତାର ୪୦୦ ମିଟର ଟି-୪୭ କାଟେଗୋରିରେ ଜୟନ୍ତି ୫୯.୪୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଶୁକ୍ରବାର ୧୦୦ ମିଟର ଫାଇନାଲ ଓ ୨୦୦ ମିଟର ରେସ୍‌ରେ ଭାଗନେବେ। ''ପାଖାପାଖି ଦୁଇବର୍ଷ ହେଲା ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କୌଣସି ପ୍ରତିଯୋଗିତାରେ ଭାଗ ନେବା ସମ୍ଭବ ହୋଇନି। ତେଣୁ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିବାରୁ ବହୁତ ଖୁସି। ଆଗକୁ ଆସୁଥିବା ଟୋକିଓ ପାରାଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି'' ବୋଲି ଜୟନ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଜୟନ୍ତୀଙ୍କୁ ଅଭିନନ୍ଦନ ଜଣାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଜୟନ୍ତୀ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି।

# ଓଡ଼ିଶା ଉଷୁ ଦଳକୁ ୧ ସ୍ୱର୍ଣ୍ଣ ସହ ୫ ପଦକ

ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି)





ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଝାଡ଼ଖଣ୍ଡର ରାଞ୍ଚିଠାରେ ୨୧ରୁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ୨୦ତମ ଜାତୀୟ ସବ୍‌ଜୁନିୟର ଉଷୁ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏଥିରୁ ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ମିଳିଛି। ସ୍ୱେତାରାଣୀ ମହନ୍ତ ୩୨ କେଜି ବାଳିକା ସାନଶୋଉ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୁମିତା ମୁଣ୍ଡା ୩୬ କେଜି ବାଳିକା ସାନଶୋଉ, ଗାର୍ଦ୍ଦି ମୁଣ୍ଡା ୨୦ କେଜି ବାଳକ ସାନଶୋଉ ଏବଂ ଅଖିଳ ମୁଣ୍ଡା ୨୪ କେଜି ବାଳକ ସାନଶୋଉ ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ମାଳିନୀ ମୁଣ୍ଡା ୨୮ କେଜି ବାଳିକା ସାନଶୋଉରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ସାଣ୍ଡା ବିଭାଗରେ ରାଜସ୍ଥାନ, ହରିୟାଣା, ଉତ୍ତର ପ୍ରଦେଶ, ତାଓଲୁରେ ମଣିପୁର, ମଧ୍ୟପ୍ରଦେଶ, ଆସାମ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ମଣିପୁର ଓଭରଅଲ୍ ଚାମ୍ପିୟନ ହୋଇଛି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ (ଏଓକେଏ) ସମ୍ପାଦକ ବିଭୂତି ଭୂଷଣ ବେହେରା କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମୋର୍ଗାନ ଖେଳିବେନି, ବଟଲର ଅଧିନାୟକ

**ପୁଣେ, ୨୫।୩ (ପି.ଟି.):** ଇଞ୍ଜୁରୀ ଯୋଗୁ ଇଂଲଣ୍ଡ କ୍ରିକେଟ ଅଧିନାୟକ ଇଅନ ମୋର୍ଗାନ ଭାରତ ବିପକ୍ଷ ଶେଷ ଦୁଇ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ ନାହିଁ। ସାମ ବିଲିଙ୍ଗ୍ସ ମଧ୍ୟ ସିରିଜର ଦ୍ୱିତୀୟ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ନାହିଁ। ମୋର୍ଗାନଙ୍କ ଅନୁପସ୍ଥିତିରେ ଜୋସ୍ ବଟଲର ଇଂଲଣ୍ଡର ନେତୃତ୍ୱ ନେବେ। ଲିଆମ୍ ଲିଭିଙ୍ଗଷ୍ଟୋନ୍ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିବେ। ଇଂଲଣ୍ଡ ଅଧିନାୟକ ଗୁରୁବାର ଏମ୍‌ସିଏ ଷ୍ଟାଡିୟମରେ ଟ୍ରେନିଂ ବେଳେ ଫିଲ୍ଡିଂ ଡ୍ରିଲ୍ କରିଥିଲେ ଏବଂ ପରେ ନିଜକୁ ଅନ୍‌ଫିଟ୍ ଘୋଷଣା କରିଥିଲେ। ମୋର୍ଗାନଙ୍କ ବିଶି ଓ ବୃଦ୍ଧାଙ୍ଗୁଳି ମଧ୍ୟରେ ଆଘାତ ଲାଗିଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଫିଲ୍ଡିଂ ବେଳେ ବିଲିଙ୍ଗ୍ସଙ୍କ କଲାରବୋନ୍ ମକଚି ହୋଇଯାଇଛି। ଗୁରୁବାର ସେ ଟ୍ରେନିଂ ପାଇଁ ଆସି ନ ଥିଲେ।

# ଅଲିମ୍ପିକ କ୍ୱାଲିଫାଏର ଭବାନୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୫।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସ ପାଇଁ ଅସି ଚାଳନାରେ କ୍ୱାଲିଫାଏ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ସି. ଏ. ଭବାନୀ ଦେବୀଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଅସି ଚାଳନାରେ ଅଲିମ୍ପିକ୍ କ୍ୱାଲିଫାଏ କରିବାରେ ତାମିଲନାଡୁର ଭବାନୀ ହେଉଛନ୍ତି ପ୍ରଥମ ଭାରତୀୟ। ଇଟାଲୀରୁ ତାଙ୍କ ମା' ଓ କୋଚ୍‌ଙ୍କ ସହ ଆସି ସେ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭବାନୀଙ୍କ ଲାଗି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତୀୟ ଅସି ଚାଳନା ସଂଘର ମହାସଚିବ ବସିର ଏ ଖାନ୍, ଓଡ଼ିଶା ଅସି ଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ଗ୍ରୀନ୍ ମ୍ୟାନ୍ ଡ. ଅବଦୁଲ୍ ଘନୀ, ଦୌଡ଼ରାଣୀ ଦୂତୀ ଚାନ୍ଦ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭବାନୀ କହିଥିଲେ, ବହୁଦିନରୁ ଅଲିମ୍ପିକ୍‌କୁ ଯିବା ପାଇଁ ତାଙ୍କ ଲକ୍ଷ୍ୟ ରହିଥିଲା। ସେହି ଲକ୍ଷ୍ୟ ହାସଲ କରିବା ଲାଗି ବହୁ ସଂଘର୍ଷ ଓ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏଥିପାଇଁ ସେ ତାଙ୍କର ମାତାପିତା, ଆରମ୍ଭରୁ ଆଜି ପର୍ଯ୍ୟନ୍ତ ରହି ଆସିଥିବା ତାଙ୍କ କୋଚ୍‌ମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଭବାନୀଙ୍କ ମାଆ ସି. ଏ. ରମଣୀ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ପଦାଧିକାରୀ ଉପସ୍ଥିତ ଥିଲେ।



ସି. ଏ. ଭବାନୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ରଶଂସନୀୟ ନିଷ୍ପତ୍ତି

ଭିଭିଏସ୍ ଲକ୍ଷ୍ମଣ

ଗତ ନଭେମ୍ବରପରଠାରୁ ଭାରତ ପ୍ରଥମ ଥର ସିରିଜର ପ୍ରଥମ ମ୍ୟାଚ ଜିତିବାରେ ସଫଳ ହୋଇଛି। ଦଳକୁ ବଡ଼ ଆଶ୍ୱସ୍ତି ମିଳିଥିବ। ଭାରତ ବର୍ତ୍ତମାନ ଭଲ ସ୍ଥିତିରେ ଥିବାରୁ ଇଂଲଣ୍ଡ ବିପକ୍ଷରେ ସମସ୍ତ ଫର୍ମାଟରେ କ୍ଲିନ୍ ସୁଇପ୍ ବିଜୟ ହାସଲ ସୁଯୋଗ ଆସିଛି। ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ବିଜୟ ହାସଲ କରିପାରି ନ ଥିବାରୁ ଭାରତର ରଣକୌଶଳକୁ ନେଇ ଇଂଲଣ୍ଡର ଚିନ୍ତା ବଢ଼ି ଯାଇଥିବ। ଶିଖର ଧାୱନ ଓ କେ.ଏଲ୍. ରାହୁଲଙ୍କ ଉପରେ ଭରସା ରଖିଥିବାରୁ ଟିମ୍ ମ୍ୟାନେଜମେଣ୍ଟକୁ ମୁଁ ପ୍ରଶଂସା ନ କରି ରହିପାରୁ ନାହିଁ। ସେମାନଙ୍କ ପାଖରେ ଅନେକ ବିକଳ୍ପ ରହିଥିଲା। ହୁଏତ ଦୁଇ ଖେଳାଳିଙ୍କ ମଧ୍ୟରେ ଜଣଙ୍କୁ ଦଳରେ ନେଇ ପାରିଥାନ୍ତେ। ମାତ୍ର ସେମାନେ ଏହି ଦୁଇ ପ୍ରତିଷ୍ଠିତ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବାକୁ ଚାହିଁଲେ। ପ୍ରଦର୍ଶନ ଜରିଆରେ ଧାୱନ ଓ ରାହୁଲ ଏହା ଯଥାର୍ଥ ବୋଲି ପ୍ରମାଣ କରି ଦେଖାଇ ଦେଇଥିଲେ। ନୂଆ ବଲ୍ ଯୋଡ଼ି ମାର୍କ ଉଡ୍ ଓ ସାମ୍ କୁରାନଙ୍କୁ ରୋହିତ ଶର୍ମା ଓ ଧାୱନ ନିର୍ମମ ପ୍ରହାର କରିଥିଲେ। ଧାୱନ ଓ କୋହଲିଙ୍କ ପାର୍ଟନରଶିପ୍ ବେଳେ ଭାରତ ଏକ ବଡ଼ ସ୍କୋର ଆଡକୁ ଅଗ୍ରସର ହେଉଥିବା ମନେ ହୋଇଥିଲା।

ମାତ୍ର ପରେ ଧାୱନଙ୍କ ସମେତ ୪ଟି ଉଇକେଟ ଶୀଘ୍ର ପତନ ଘଟିବାରୁ ରାହୁଲଙ୍କୁ ପ୍ରଥମେ ସତର୍କର ସହ ବ୍ୟାଟିଂ କରିବାକୁ ପଡ଼ିଥିଲା। ନବାଗତ କ୍ରୁନାଲ ପାଣ୍ଡ୍ୟା ଇଂଲଣ୍ଡ ବୋଲିଂକୁ ବେଖାତିର କରି ରନ ସଂଗ୍ରହ କରିବାରୁ ରାହୁଲ ଦ୍ରୁତ ବ୍ୟାଟିଂ କରିବା ଆରମ୍ଭ କରି ଦେଇଥିଲେ। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ପଦାର୍ପଣରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିପାରିଥିଲେ କ୍ରୁନାଲ। ସେ ଓ ରାହୁଲ ଇଂଲଣ୍ଡର ଡେଥ୍ ଓଭରଗୁଡ଼ିକରେ ହାତଖୋଲା ଶର୍ଟ ଖେଳି ଭାରତର ସ୍କୋରକୁ ଆଗେଇ ନେଇଥିଲେ। ରନ୍ ଚେଜ୍ ବେଳେ ଜନି ବେୟାରଷ୍ଟୋ ଓ ଜାସନ ରୟ ଯେପରି ଭାବେ ଖେଳିଲେ ୩୧୭ରନ ଭ୍ରମଣକାରୀ ଦଳ ପାଇଁ ସହଜ ମନେହୋଇଥିଲା। ସେତେବେଳେ ଭୁବନେଶ୍ୱର କୁମାରଙ୍କୁ ଛାଡ଼ିଦେଲେ ଅନ୍ୟ ବୋଲରମାନେ ପ୍ରଭାବହୀନ ପରିଲକ୍ଷିତ ହୋଇଥିଲେ। ଅନ୍ୟ ଜଣେ ପଦାର୍ପଣକାରୀ ପ୍ରସିଦ୍ଧ କ୍ରିଷ୍ଣା ତାଙ୍କ ପ୍ରଥମ ସ୍ପେଲରେ ୩୭ ରନ ଦେଇଥିଲେ। ସେ ତାଙ୍କ ଦ୍ୱିତୀୟ ସ୍ପେଲରେ କିନ୍ତୁ ରିଦିମ ଫେରି ପାଇଥିଲେ। ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲେ। ସେ ପ୍ରଥମେ ଜାସନ ରୟ ଏବଂ ପରେ ବେନ ଷ୍ଟୋକ୍ସଙ୍କୁ ଆଉଟ କରି ପ୍ୟାଭିଲିୟନ ପଠାଇ ଦେଇଥିଲେ। ଶାର୍ଦ୍ଦୁଳ ଠାକୁର ୬ ରନ ଭିତରେ ୩ଟି ଉଇକେଟ ଖସାଇ ଇଂଲଣ୍ଡ ବ୍ୟାଟିଂରେ ଅଙ୍କୁଶ ଲଗାଇ ଦେଇଥିଲେ। ମୋର ମନେହୁଏ ଇଞ୍ଜୁରି ପାଇଁ ଶ୍ରେୟାସ ଆୟାରଙ୍କ ଚଳିତ ସିରିଜରେ ଖେଳିବା ଶେଷ ହୋଇଛି। ସୂର୍ଯ୍ୟକୁମାର ଯାଦବ କିମ୍ବା ରିଷଭ ପନ୍ତଙ୍କ ମଧ୍ୟରୁ ଜଣେ କେହି ଦଳରେ ତାଙ୍କ ସ୍ଥାନ ପୂରଣ କରିପାରନ୍ତି। ଚମତ୍କାର ବ୍ୟାଟିଂ ଜରିଆରେ ମ୍ୟାଚ୍ ଜିତାଇବା ସାମର୍ଥ୍ୟ ଏହି ଖେଳାଳି ଦ୍ୱୟଙ୍କ ନିକଟରେ ରହିଛି।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ପାଇଁ ଓଡ଼ିଶା ଦଳ





ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୫।୩(କ୍ରୀଡ଼ା ପ୍ରତିନିଧି)- ହରିୟାଣାର କର୍ନାଲଠାରେ ଚଳିତ ମାସ ୨୭ ଓ ୨୮ରେ ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ୧୪ ଜଣିଆ ଦଳ ତାଲିକା ଗୁରୁବାର ଘୋଷଣା କରାଯାଇଛି। ଆସୋସିଏଶନ ଅଫିସ ଗୃହରେ ଗତ ୪ ମାସଧରି ଅଭ୍ୟାସ ଚଳାଇଥିବା ଓଡ଼ିଶାର ପ୍ରତିଯୋଗୀମାନେ କର୍ନାଲ ଯାତ୍ରା କରିଛନ୍ତି। ଓଡ଼ିଶା ଦଳରେ ସାମିଲ ହୋଇଥିବା ମହିଳା ଖେଳାଳିମାନେ ହେଲେ ମାଳତୀ ପନାଉରେ, ପୂଜାଶ୍ୱିନୀ ନାୟକ, ସିଲା ମନ୍ତ୍ରୀ, ଜୁଲି ସାହୁ, କରୀମୁନ ନିଶା ଓ ସୁପ୍ରିୟା ବିଶ୍ୱାସ। ସେହିପରି ପୁରୁଷ ଦଳରେ ଭି. ରମେଶ ରାଓ, ରାଖାଲ କୁମାର ସେଠୀ, ଦେବାମୃତ ସାହୁ, ପ୍ରଭାକର ବେହେରା, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ଅମିୟ ରଞ୍ଜନ ତ୍ରିପାଠୀ, ନିକୁପ୍ରଧାନ ଓ ପବିତ୍ର ସାହୁ ସ୍ଥାନ ପାଇଛନ୍ତି।

# ସାଇ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି)

## ଜାତୀୟ ଏକାଡେମୀ ମହିଳା ହକି

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ସବ୍‌ଜୁନିୟର ବିଭାଗରେ ସାଇ ଏକାଡେମୀ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଫାଇନାଲରେ ସାଇ ସଡନ୍ ଡେଥ୍ ୫-୪ (ଶୁଟ୍ ଆଉଟ) ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନଟିଏଚ୍)କୁ ପରାସ୍ତ କରିଛି। ଫାଇନାଲ ବେଶ୍ ରୋମାଞ୍ଚକ ହୋଇଥିଲା। ଏନ୍‌ଟିଏଚ୍‌ର ଅମନ ପ୍ରୀତ କୌର ୮ମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିବାବେଳେ ୩୮ତମ ମିନିଟରେ ସାଇ ଅଧିନାୟିକା ସୋନମ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୪୨ତମ ମିନିଟରେ ପ୍ରିୟା ଟପ୍ପୋ ଗୋଲ ଦେଇ ପୁଣି ଏନଟିଏଚ୍‌କୁ ଅଗ୍ରଣୀ ଦେଇଥିଲେ। ମାତ୍ର ସାଇର କିର୍ତ୍ତୀ ୫୫ତମ ମିନିଟରେ ଗୋଲଟିକୁ ପରିଶୋଧ କରିଦେବାରୁ ମ୍ୟାଚ ୨-୨ ସ୍ଥିତିରେ ଶେଷ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ମାତ୍ର ଏହି ପର୍ଯ୍ୟାୟ ମଧ୍ୟ ୫-୫ ଗୋଲରେ ବରାବର ରହିଥିଲା। ଫଳରେ ସଡନ୍ ଡେଥ୍ ପଦ୍ଧତି ଅବଲମ୍ବନ କରା ଯାଇଥିଲା। ପ୍ରଥମ ୩ ସୁଯୋଗରୁ ସାଇ ୨ଟି ଗୋଲ ଦେଇଥିବାବେଳେ ଏନଟିଏଚ୍ ମାତ୍ର ଗୋଟିଏ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଫଳରେ ସାଇ ଚାମ୍ପିୟନ ହୋଇଥିଲା। ସାଇ ପକ୍ଷରୁ ପ୍ରିୟା ଓ ପୂଜା ସାହୁ ଗୋଲ ଦେଇଥିବାବେଳେ ସୋନମ ମିସ୍ କରିଥିଲେ। ଅନ୍ୟପକ୍ଷରେ ଏନ୍‌ଟିଏଚ୍‌ର ସୁମି ମୁଣ୍ଡାରୀ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ତ୍ରୁଟି ଇଲାନି ଓ ଅଣିମା ରାଉଦ ମିସ୍ କରିଥିଲେ। ଫଳରେ ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ଏନଟିଏଚ୍ ଦୁର୍ଭାଗ୍ୟଜନକ ଭାବେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ପ୍ଲେ-ଅଫ୍ ମ୍ୟାଚରେ ମଧ୍ୟପ୍ରଦେଶ ଏକାଡେମୀ ୮-୦ ଗୋଲରେ ରାଉଣ୍ଡ ଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି।

## ଜୁନିୟର ସେମିରେ ଏନ୍‌ଟିଏଚ୍ ପରାସ୍ତ

ପ୍ରତିଯୋଗିତାର ଜୁନିୟର ବିଭାଗରେ ସେମିଫାଇନାଲରୁ ଏନଟିଏଚ୍‌ର ଅଭିଯାନ ଶେଷ ହୋଇଛି। ଗୁରୁବାର ସେମିଫାଇନାଲରେ ଏନଟିଏଚ୍ ୦-୬ ଗୋଲରେ ସାଇ ଏକାଡେମୀଠାରୁ ହାରି ଯାଇଛି। ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଏନ୍‌ଟିଏଚ୍ ସେମିଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟଏକ ସେମିଫାଇନାଲରେ ମଧ୍ୟପ୍ରଦେଶ ହକି ଏକାଡେମୀ ୨-୧ ଗୋଲରେ ଅମୃତସରର ଖାଲସା ହକି ଏକାଡେମୀକୁ ହରାଇ ଦେଇଛି। ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।



ଚାମ୍ପିୟନ ସାଇ ଏକାଡେମୀ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

# ନାଏକ କ୍ରିକେଟ ଏକାଡେମୀ ବିଜୟୀ

ବଲାଙ୍ଗୀର ଅଫିସ, ୨୫।୩

## ସିନିୟର ଇନଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟ

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ଓସିଏ ଭିଜନ ୨୦୨୪ର ସିନିଅର ଇନ୍‌ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟରେ ଗୁରୁବାର ମ୍ୟାଚ ନାଏକ କ୍ରିକେଟ ଏକାଡେମୀ ଓ ବୁଡାବାହାଲ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ନାଏକ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୮୪ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ ଅଂଶୁମାନ ମିଶ୍ର ଅପରାଜିତ ୧୦୯ ରନ୍ ଓ ସତ୍ୟଜିତ ଅପରାଜିତ ୬୪ ରନ୍ ସଂଗ୍ରହ କରିଥିଲେ। ବୁଡାବାହାଲ ଦଳ ତରଫରୁ ଧ୍ରୁବଲେଶ୍ୱର ବକୁଲ, ସୁବଳ ଭାଟି, ଆଶିଷ ଖମାରୀ ଓ ବିଜୟ ନାଏକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୮୫ ରନ୍‌ର ପିଛା କରିବାକୁ ଯାଇ ବୁଡାବାହାଲ ଦଳ ୨୭.୪ ଓଭର ସମସ୍ତ ଉଇକେଟ ହରାଇ ମାତ୍ର ୯୯ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ବୁଡାବାହଲ ତରଫରୁ ବିଜୟ ନାଏକ ୨୫ ଓ ଧ୍ରୁବଲେଶ୍ୱର ବକୁଲ ୧୫ ରନ୍ କରିଥିଲେ। ନାଏକ ଏକାଡେମୀ ତରଫରୁ କିଶନ୍ ନାଏକ ସର୍ବାଧିକ ୪ ଉଇକେଟ, ଶୁଭାଶିଷ ମିର୍ଦ୍ଧା ଓ ଅଙ୍କିତ ପଣ୍ଡା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ନାଏକ ଏକାଡେମୀର ଅଂଶୁମାନ୍ ମିଶ୍ରଙ୍କୁ ତାଙ୍କର ଅପରାଜିତ ଶତକ ପାଇଁ ଶ୍ରେଷ୍ଠ ଖେଳାଳି ଘୋଷିତ କରାଯାଇଥିଲା । ଏହି ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ପୃଥ୍ୱୀରାଜ ମିଶ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ସ୍ୱାଗତ ଶୁଭଙ୍କର ପଣ୍ଡା ଓ ଶୁଭମ ନାଏକ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ ।



ଆମୀରଙ୍କ ପରେ ଫିଲ୍ମ 'ଥ୍ରି ଇଡିୟଟ'ର ଆର୍. ମାଧବନ କରୋନାରେ ସଂକ୍ରମିତ ହୋଇଛନ୍ତି। ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ସେ ନିଜକୁ କ୍ୱାରାଣ୍ଟାଇନରେ ରଖିଥିବା କହିଛନ୍ତି। ଏ ନେଇ ମାଧବନ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ତାଙ୍କ ସହିତ ମିଳାମିଶା କରିଥିବା ଲୋକମାନେ ନିଜର ନମୁନା ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି। ସେ ମଜାଳିଆ ଢଙ୍ଗରେ ଟୁଇଟ୍‌ରେ ଲେଖିଛନ୍ତି, 'ଅଲ୍ ଇଜ୍ ୱେଲ। ମୁଁ ଓ ରାଞ୍ଚୋ ଖୁବ୍‌ଶୀଘ୍ର କରୋନାରୁ ମୁକ୍ତ ହେବୁ। ହେଲେ ରାଜୁଙ୍କୁ ଏପରି ସ୍ଥିତିରେ ଦେଖିବାକୁ ଚାହେଁ ନାହିଁ।'

# ୨୦ ଲକ୍ଷ ଜାଳିଦେଲେ ତହସିଲଦାର

## ଲାଞ୍ଚ ଧରିବାକୁ ଆସିଥିଲା ଏସିବି ଟିମ୍



**ଜୟପୁର,୨୫।୩**

ଦୁର୍ନୀତି ଧରିବାକୁ ଆସିଥିବା ଆଣ୍ଟାଇ କରପ୍ସନ ବ୍ୟୁରୋ (ଏସିବି) ଟିମ୍ ଘରର କବାଟ ବାଡ଼େଇଲା। ଚଢ଼ାଉ ହେବା ପୂର୍ବରୁ ତହସିଲଦାର ଓ ତାଙ୍କ ସ୍ତ୍ରୀ ରୋଷେଇ ଘରେ ୨୦ ଲକ୍ଷ ଟଙ୍କା ଜାଳିଦେଲେ। ଏସିବି ଅଧିକାରୀମାନେ ମୋବାଇଲ୍‌ରେ ଶୁଟିଂ କରିଥିବା ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାଜସ୍ଥାନର ସିରୋହୀ ଜିଲାରେ ବୁଧବାର ରାତିରେ ଏହି ଘଟଣା ଘଟିଛି।

ତହସିଲଦାର କଲ୍ପେଶ କୁମାର ଜୈନ ରାଜସ୍ଥାନ ରାଜସ୍ୱ ବିଭାଗର ଜଣେ ଅଧିକାରୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏସିବି ଅଧିକାରୀମାନେ ତାଙ୍କ ଘରକୁ ଯାଇଥିଲେ। ତହସିଲଦାର ଏହା ଜାଣିପାରି ସ୍ତ୍ରୀଙ୍କ ସହ ମିଶି ଘରେ ପଡ଼ିଥିବା ୨୦ ଲକ୍ଷର ୫୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ଜାଳିଦେଇଥିଲେ। କବାଟ ଖୋଲିବାକୁ ତହସିଲଦାରଙ୍କୁ ଏସିବି ଟିମ୍ ଯେତେ ବୁଝାଇଥିଲେ ବି ସେ ଖୋଲି ନ ଥିଲେ। ୪୫ ମିନିଟ ଧରି ଏସବୁ ଚାଲିଥିଲା। ଶେଷରେ ଏସିବି ଅଧିକାରୀମାନେ ରୋଷେଇ ଘର କବାଟ ଭାଙ୍ଗି ତହସିଲଦାରଙ୍କୁ ଗିରଫ କରିଥିଲେ।

ଏସିବି ଡିଆଇଜି ବିଷ୍ଣୁକାନ୍ତଙ୍କ କହିବା ଅନୁସାରେ ଜଣେ ବ୍ୟକ୍ତିଙ୍କୁ ଠିକା ଦେବା ପାଇଁ ତହସିଲଦାର ୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ତହସିଲଦାରଙ୍କ ପକ୍ଷରୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପ୍ରଭାତ ସିଂ ୧ ଲକ୍ଷ ଟଙ୍କା ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ନେଉଥିବାବେଳେ ଏସିବି ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସେମାନେ ତହସିଲଦାରଙ୍କ ପାଖକୁ ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ସେମାନେ ୧.୫ ଲକ୍ଷ ଟଙ୍କା ସହ ପୋଡ଼ା ନୋଟ୍‌ଗୁଡ଼ିକୁ ଜବତ କରିଛନ୍ତି। ଇତିମଧ୍ୟରେ କଂଗ୍ରେସ ବିଧାୟକ ଭରତ ସିଂ ତହସିଲଦାରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଉ ବୋଲି ଦାବିକରି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନିକଟକୁ ପତ୍ର ଲେଖିଛନ୍ତି।

# 'ପଠାନ' ପାଇଁ ଶାହାରୁଖଙ୍କୁ ଶହେ କୋଟି



**ମୁମ୍ବାଇ:** ଦୁଇ ବର୍ଷ ପରେ ଫିଲ୍ମକୁ ଫେରିଛନ୍ତି ବଲିଉଡ୍ ବାଦଶାହ ଶାହାରୁଖ ଖାନ। ୨୦୧୮ରେ ତାଙ୍କ ଅଭିନୀତ 'ଜିରୋ' ମୁକ୍ତିଲାଭ କରିଥିଲା। ଏବେ ତାଙ୍କ ନୂଆ ଫିଲ୍ମ 'ପଠାନ'ର ଶୁଟିଂରେ ସେ ବ୍ୟସ୍ତ ଅଛନ୍ତି। ଯଶରାଜ ବ୍ୟାନରରେ ଏହି ଚଳଚ୍ଚିତ୍ର ରିଲିଜ ହେବ। ରିପୋର୍ଟ ଅନୁଯାୟୀ ଫିଲ୍ମ 'ପଠାନ' ପାଇଁ ଯଶରାଜ ବ୍ୟାନର ଶାହାରୁଖଙ୍କୁ ୧୦୦ କୋଟି ଟଙ୍କା ଦେଇଛି। ଫଳରେ ବାଦଶାହ ଖାନ ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ହୋଇଛନ୍ତି। ଦୁବାଇରେ ଏହାର ଶୁଟିଂ ଚାଲିଛି। 'ପଠାନ'ରେ ଶାହାରୁଖଙ୍କୁ ନୂଆ ଲୁକ୍‌ରେ ଦେଖିବାକୁ ମିଳିବ। ଏଥିରେ ସେ ଲମ୍ବା କେଶ ଏବଂ ବଡ଼ ଦାଢ଼ି ରଖିଛନ୍ତି। ଚଳଚ୍ଚିତ୍ରର କାହାଣୀ ପ୍ରତିଶୋଧ ଡ୍ରାମା ଉପରେ ଆଧାରିତ। ଏଥିରେ ଅନେକ ଆକ୍ସନ ସିନ୍ ଦେଖିବାକୁ ମିଳିବ। ସଙ୍ଗୀତ ନିର୍ଦ୍ଦେଶକ ବିଶାଲ-ଶେଖର ଏହି ଫିଲ୍ମରେ ଏକାଠି କାମ କରୁଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରରେ ଜନ୍ ଆବ୍ରାହମ ଓ ଦୀପିକା ପାଦୁକୋନଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।

# ପୁରୁଷଙ୍କୁ ଦେଖିଲେ ଚେତା ହାଲିଯାଏ



**ଲଣ୍ଡନ:** ସୁନ୍ଦର ପୁରୁଷଙ୍କ ପ୍ରତି ମହିଳାଙ୍କ ଦୁର୍ବଳତା ରହିଥାଏ। ହେଲେ କୌଣସି ହ୍ୟାଣ୍ଡସମ୍ ବ୍ୟକ୍ତିଙ୍କୁ ଦେଖି ମହିଳା ଚେତାଶୂନ୍ୟ ହୋଇଯାଉଥିବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ହେଲେ ଏପରି ଘଟଣା ସତ। ବ୍ରିଟେନର ଜଣେ ମହିଳା କ୍ରିଷ୍ଟି ବ୍ରାଉନ କୌଣସି ସୁନ୍ଦର ବା ସ୍ମାର୍ଟ ପୁରୁଷଙ୍କୁ ଦେଖିଲେ ବେହୋସ୍ ହୋଇଯାଉଛନ୍ତି। ଦିନକୁ ୫ରୁ ୫୦ ଥର ପର୍ଯ୍ୟନ୍ତ ସେ ତାଙ୍କ ଚେତା ହରାଉଛନ୍ତି। କ୍ରିଷ୍ଟି କାଟାପ୍ଲେକ୍ସି ନାମକ ଏକ ବ୍ରେନ୍ ଡିଜଅର୍ଡର(ମସ୍ତିଷ୍କ ବ୍ୟାଧି)ରେ ପୀଡ଼ିତ। ଏହି ରୋଗରେ ପୀଡ଼ିତ ଲୋକଙ୍କ ମନରେ କ୍ରୋଧ, ଡର ଏବଂ ଖୁସି ଭଳି ଭାବପ୍ରବଣତା ସୃଷ୍ଟି ହେବା ମାତ୍ରେ ସେମାନଙ୍କ ମାଂସପେଶୀଗୁଡ଼ିକ ପକ୍ଷାଘାତର ଶିକାର ହୁଏ। ଏହା ଏକ ବିରଳ ରୋଗ। କୌଣସି ସୁନ୍ଦର ପୁରୁଷଙ୍କୁ ଦେଖିଲେ କ୍ରିଷ୍ଟିଙ୍କ ମନରେ ଦୁର୍ବଳତା ତଥା ଭାବପ୍ରବଣତା ଆସିଯାଇଥାଏ। ଫଳରେ ସେ ସଙ୍ଗେ ସଙ୍ଗେ ବେହୋସ୍ ହୋଇଯାଆନ୍ତି। ଏହି କାରଣରୁ କ୍ରିଷ୍ଟି ବାହାରକୁ ଆସିଲେ ମୁଣ୍ଡ ନୁଆଇଁ ଚାଲିଥାନ୍ତି, ଯେପରି ଅନ୍ୟ କାହାକୁ ସେ ଦେଖି ନ ପାରିବେ।

# ଚାଲାଣ କାଟିବାରୁ ପୋଲିସର ଏଟିଏମ୍ କାର୍ଡ ନେଇଗଲେ



**ଲକ୍ଷ୍ନୌ:** ଟ୍ରାଫିକ୍ ନିୟମ ଉଲ୍ଲଂଘନ ଯୋଗୁ ପୋଲିସ ଚାଲାଣ କାଟିବାରୁ ତୁମୁଳକାଣ୍ଡ ଘଟାଇଛନ୍ତି ଉତ୍ତରପ୍ରଦେଶ ଲକ୍ଷ୍ନୌର ଜଣେ ମହିଳା। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି, ମହିଳା ଜଣକ ଏକ ସ୍କୁଟିରେ ଯାଉଥିବାବେଳେ ଟ୍ରାଫିକ୍ ସିଗ୍‌ନାଲ ଉଲ୍ଲଂଘନ କରିଥିଲେ। ସେହି ସମୟରେ ଉପସ୍ଥିତ ପୋଲିସ ମହିଳାଙ୍କ ଗାଡ଼ିର ଫଟୋ ଉଠାଇଥିଲେ। ଏହା ଦେଖି ମହିଳା ଜଣକ ରାଗିଯାଇଥିଲେ। ଗାଡ଼ି ଅଟକାଇ ସେ ପୋଲିସ ସହ ଯୁକ୍ତିତର୍କ କରିଥିଲେ। ସ୍କୁଟିର ସବୁ କାଗଜପତ୍ର ଠିକ୍ ଥିବାରୁ ସେ ଚାଲାଣ ଦେବେନାହିଁ ବୋଲି କହିଥିଲେ। ହେଲେ ଜରିମାନା ଦେବାକୁ ପଡ଼ିବ ବୋଲି ପୋଲିସ କହିବା ପରେ ମହିଳା ଜଣକ ସମ୍ପୃକ୍ତ ଟ୍ରାଫିକ୍ ପୋଲିସକର୍ମୀଙ୍କ ଏଟିଏମ୍ କାର୍ଡ ଓ ଟୋପି ଛଡ଼ାଇ ନେଇ ସ୍କୁଟି ଡିକିରେ ରଖିଦେଇଥିଲେ। ଏହାକୁ ନେଇ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ଜାରି ରହିଥିଲା। ସ୍ଥାନୀୟ ଲୋକେ ସମ୍ପୃକ୍ତ ମହିଳାଙ୍କୁ ବୁଝାଇଥିଲେ। ପରେ ମହିଳା ଜଣକ ପୋଲିସକୁ ଏଟିଏମ୍ କାର୍ଡ ଓ ଟୋପି ଫେରାଇ ଦେଇଥିବା ଜଣାପଡ଼ିଛି।

# ନୀଳ କଦଳୀ

**ନୂଆଦିଲ୍ଲୀ:** କଦଳୀ ତ ପ୍ରାୟ ସମସ୍ତେ ଦେଖିଥିବେ। କଞ୍ଚା କଦଳୀ ଦେଖିବାକୁ ସବୁଜ ରଙ୍ଗର ଏବଂ ପାଚିଲା କଦଳୀ ହଳଦିଆ। ଏକଥା ସମସ୍ତେ କହିବେ, କିନ୍ତୁ କଦଳୀର ରଙ୍ଗ ବି ନୀଳ ହୋଇପାରେ, ଏକଥା ହୁଏତ କମ୍ ଜାଣିଥିବେ। କିନ୍ତୁ ଏହି ରଙ୍ଗର କଦଳୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରକାରର କଦଳୀକୁ ବିଭିନ୍ନ ଦେଶରେ ଏବେ ଚାଷ କରାଯାଉଛି ଏବଂ ଏହା ବହୁତ ସ୍ୱାଦିଷ୍ଟ। ଚୋପା ଭଳି କଦଳୀର ରଙ୍ଗ ମଧ୍ୟ ନୀଳ ରଙ୍ଗର। ତେବେ ବିଭିନ୍ନ ଦେଶରେ ଏହି କଦଳୀର ନାଁ ମଧ୍ୟ ଭିନ୍ନ ରହିଛି। ଭିନ୍ନ କଥା ହେଉଛି ଅନ୍ୟ ସବୁ କଦଳୀ ଯେପରି ଚାଷ ହୁଏ ଠିକ୍ ସେହିପରି ଏହି ନୀଳ ରଙ୍ଗର କଦଳୀକୁ ବି ଚାଷ କରାଯାଏ। ନୀଳ କଦଳୀ ଗଛଗୁଡ଼ିକ ପ୍ରାୟ ୬ ମିଟର ପର୍ଯ୍ୟନ୍ତ ହୋଇଥାଏ। ଏହି ଗଛକୁ ଲଗାଇବାର ପ୍ରାୟ ଦେଢରୁ ଦୁଇ ବର୍ଷ ମଧ୍ୟରେ ଫଳ ଆସିବା ଆରମ୍ଭ ହୋଇଥାଏ। ତେବେ ଏହି ନୀଳ କଦଳୀକୁ ଯେଉଁ ସବୁ ଦେଶରେ ଚାଷ କରାଯାଏ ସେଠାରେ ତା'ର ନାଁ ଭିନ୍ନ ଭିନ୍ନ ରହିଥାଏ। ଯେମିତି କି ଫିଜିରେ ଏହି କଦଳୀକୁ ହବାଇୟନ ବାନାନା ଏବଂ ଫିଲିପାଇନ୍ସରେ ମେଁ କ୍ରି ଅନ୍ୟ କେଉଁଠାରେ ଆଇସକ୍ରିମ ବାନାନା ମଧ୍ୟ କୁହାଯାଏ। ନୀଳ ରଙ୍ଗର କଦଳୀକୁ ବ୍ଲୁ ଜାବା କଦଳୀ ମଧ୍ୟ କୁହାଯାଏ। ଏହି କଦଳୀ ସବୁ ପ୍ରାୟ ୭ ଇଞ୍ଚର ଲମ୍ବା ହୋଇଥାଏ। ଟେକ୍ସାସ, ଫ୍ଲୋରିଡା, କାଲିଫର୍ନିଆ, ଲୁଇସିଆନା ଆଦି। ବିଭିନ୍ନ ଦେଶରେ ଏହି ନୀଳ ରଙ୍ଗର କଦଳୀ ପ୍ରଚୁର ଚାଷ କରାଯାଉଛି। ବିଶେଷକରି ଦକ୍ଷିଣପୂର୍ବ ଏସିଆରେ ଏହି ନୀଳ ରଙ୍ଗର କଦଳୀକୁ ବହୁଳଭାବରେ ଚାଷ କରାଯାଏ। ଦକ୍ଷିଣ ଆମେରିକାରେ ଏହି କଦଳୀ ଚାଷ କରାଯାଇଥାଏ। ତେଣୁ କମ୍ ତାପମାତ୍ରା ଥିବା ଦେଶଗୁଡ଼ିକରେ ଏହି କଦଳୀ ଅଧିକ ଅମଳ ହୋଇଥାଏ। ଏହି ନୀଳ ରଙ୍ଗର କଦଳୀଗୁଡ଼ିକର ସ୍ୱାଦ ବିଲକୁଲ ଭାନିଲା ଆଇସକ୍ରିମ ପରି ବୋଲି ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ କମେଣ୍ଟ ଦେଇ କହିଛନ୍ତି।



# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରାଯାଇଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ନିର୍ମଳ ରହିବ। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୧ | ୨୪.୫ |
| ଚାନ୍ଦବାଲି | ୩୭.୧ | ୨୨.୫ |
| କଟକ | ୩୯.୮ | ୨୩.୦ |
| ପାରାଦୀପ | ୩୬.୧ | ୨୪.୨ |
| ଭୁବନେଶ୍ୱର | ୪୦.୪ | ୨୩.୪ |
| ଗୋପାଳପୁର | ୩୫.୪ | ୨୪.୦ |
| ପୁରୀ | ୩୬.୨ | ୨୬.୦ |
| ଅନୁଗୋଳ | ୪୦.୧ | ୨୨.୦ |
| ବାରିପଦା | ୪୦.୦ | ୨୩.୫ |
| ଝାରସୁଗୁଡ଼ା | ୩୮.୫ | ୨୧.୫ |
| କେନ୍ଦୁଝର | ୩୬.୨ | ୨୨.୪ |
| ସମ୍ବଲପୁର | ୩୯.୪ | ୨୧.୬ |
| ସୁନ୍ଦରଗଡ଼ | ୩୬.୦ | ୨୧.୦ |
| ହୀରାକୁଦ | ୩୯.୧ | ୨୦.୫ |
| ତାଳଚେର | ୩୯.୭ | ୨୨.୫ |
| ଭବାନୀପାଟଣା | ୩୯.୨ | ୨୦.୫ |
| ବଲାଙ୍ଗୀର | ୪୦.୪ | ୨୧.୨ |
| କୋରାପୁଟ | ୩୫.୬ | ୧୭.୨ |
| ଫୁଲବାଣୀ | ୩୬.୪ | ୧୬.୫ |
| ଟିଟିଲାଗଡ଼ | ୪୦.୦ | ୨୨.୮ |
| ମାଲକାନଗିରି | ୪୦.୦ | ୨୩.୦ |
| ସୋନପୁର | ୪୦.୨ | ୨୦.୫ |
| ଦାରିଙ୍ଗିବାଡ଼ି | ୩୪.୦ | ୧୯.୫ |
| ନୟାଗଡ଼ | ୪୦.୦ | ୨୩.୦ |
| ବୌଦ୍ଧ | ୪୦.୮ | ୨୦.୦ |
| ଛତ୍ରପୁର | ୩୫.୦ | ୨୩.୫ |
| ପାରଳାଖେମୁଣ୍ଡି | ୩୫.୦ | ୨୬.୫ |
| ରାୟଗଡ଼ା | ୩୫.୦ | ୨୦.୧ |

ଡିଗ୍ରୀ ସେଲ୍‌ସିୟସ୍

# କୁକୁରର ନାଗିନ୍ ଡ୍ୟାନ୍ସ

**ନୂଆଦିଲ୍ଲୀ:** ବିବାହ ଉତ୍ସବରେ ଲୋକେ ନାଚିବା ସଭିଏ ଦେଖିଥିବେ। କିନ୍ତୁ କୌଣସି ଗୀତରେ କୁକୁର ନାଚ କରିବା କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ସୋସିଆଲ ମିଡିଆରେ ଏଭଳି ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଏକ କୁକୁର ମତୁଆଲା ହୋଇ ନାଚ କରୁଥିବା ଦେଖିବାକୁ ମିଳିଛି। ଜଣାଶୁଣା ମ୍ୟୁଜିକ୍ ତଥା ବିବାହରେ ବେଶ୍ ଚାହିଦା ଥିବା 'ନାଗିନ୍' ଟ୍ୟୁନରେ କୁକୁର ନାଚୁଛି। ଧଳାରଙ୍ଗର ଏକ କୁକୁର ପୂରା ମଣିଷ ଷ୍ଟାଇଲରେ ନାଚି ନାଚି ଗଡ଼ିଯାଉଥିବା ଦେଖିବାକୁ ମିଳିଛି। ତା' ସାଙ୍ଗରେ ଏକ କଳା କୁକୁର ମଧ୍ୟ ନାଚୁଛି। ଏହି ମଜାଦାର ଭିଡିଓଙ୍କୁ ବହୁସଂଖ୍ୟାରେ ଲୋକ ଦେଖି ସାରିଲେଣି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**SRIRAM FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂପ୍ରମୋଦିନୀ ମିଶ୍ର
(ଂପ୍ରତାପ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ)
ପ୍ଲଟ୍ ନଂ.- HIG 1/57, କପିଳପ୍ରସାଦ, BDA କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୧।୧୯୪୪
ତିରୋଧାନ: ୧୫।୦୩।୨୦୨୧
ବୋଉ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। ତୁମ ସ୍ନେହ, ମମତା ଓ ପ୍ରେରଣା ପରିବାର ସଦସ୍ୟଙ୍କ ମନ ଓ ହୃଦୟରେ ଚିର ସ୍ମରଣୀୟ ହୋଇ ରହିବ। ତୁମ ସ୍ନେହାଶୀର୍ବାଦ ସଦା ଆମ ଉପରେ ରହିଥାଉ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୨୦୩୩୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂପଣ୍ଡିତ ଶ୍ରୀଭାଗୀରଥି ରଥ
ଖଣ୍ଡପଡ଼ା ଇଚ୍ଛାପୁର, ଶାସ୍ତ୍ରୀନଗର ପ୍ଲଟ୍ ନଂ.- ୪୭, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୧୯୩୦। ୫ରିଖ ଅକ୍ଷୟ ତୃତୀୟା
ତିରୋଧାନ: ୧୯୯୬, ମାର୍ଚ୍ଚ ୩ତାରିଖ ଶୁକ୍ଳପକ୍ଷ ଦ୍ୱାଦଶୀ
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୨୦୩୩୦

**୧୯ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ
ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
କୋଳରେ ଯାହାର ମଥା ରଖିଦେଲେ ସବୁ ଦୁଃଖ ଯାଏ ଧୋଇ
ଝୁରୁଅଛୁ ଆମେ ସେହି କୋଳକୁ ହେଲେ ସେ କୋଳଟି ଆଜି ନାହିଁ।
ଖୋଜୁଅଛୁ ସେହି ପରଶକୁ ତୋର ଊଣେଇଶ ବର୍ଷ ଗଲାଣି ପାହି।
(ବୋଉ)
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୨୦୩୨୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂଗୋବିନ୍ଦ ଚନ୍ଦ୍ର ସ୍ୱାଇଁ
ଦରଜୀ ପୋଖରୀ ଛକ, ହେରାଗୌରୀ ସାହି, ପୁରୀ
ଆବିର୍ଭାବ: ୧୬।୧୧।୧୯୩୬
ତିରୋଧାନ: ୧୬।୦୩।୨୦୨୧
ଆଜିର ଏହି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଆପଣଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଆପଣଙ୍କର ହତଭାଗ୍ୟ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୮୮୬୩

# ସ୍ନୋ ଗର୍ଲ

**ସ୍ନୋ ସ୍ପୋର୍ଟ୍ସ ପରି ଏକ ବିପଦପୂର୍ଣ୍ଣ ଏବଂ ଆହ୍ୱାନଭରା ଗେମ୍‌କୁ କ୍ୟାରିୟର କରି ଆଗକୁ ବଢ଼ୁଛନ୍ତି ଓଡ଼ିଶାର ଦୁଃସାହସିକ କ୍ରୀଡ଼ାବିତ୍ ରଞ୍ଜିତା ବେହେରା। ଓଡ଼ିଶା ଭଳି ବରଫବିହୀନ ରାଜ୍ୟରେ ଜନ୍ମ ନେଇଥିଲେ ହେଁ ଦୃଢ଼ ମନୋବଳ ଏବଂ ସାଧନା ଦ୍ୱାରା ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି...**

ଆଇସ୍ ସ୍କେଟିଂ, ସ୍କିଇଂ, ସ୍ଲେଡିଂ, ସ୍ନୋବୋର୍ଡିଂ, ସ୍ନୋମୋବିଲିଂ ଆଦି ସାଧାରଣତଃ ବରଫ ପରିବେଷ୍ଟିତ ଅଞ୍ଚଳରେ ସମ୍ଭବ ହୋଇଥାଏ। ଛୋଟ ବେଳରୁ ବରଫକୁ ଦେଖି ଆସୁଥିବା, ତା' ଉପରେ ଖେଳୁଥିବା ଏବଂ ଏହାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ପିଲାମାନେ ସ୍ୱାଭାବିକଭାବେ ଏହି ଗେମ୍‌କୁ ଆସିଥାନ୍ତି। ଏହା ବାହାରେ ବଢ଼ିଥିବା ପିଲାଙ୍କ ପାଇଁ ବରଫ କ୍ରୀଡ଼ା ଏକ ସ୍ୱପ୍ନଭଳି। ମାତ୍ର ଏଥିରେ ବ୍ୟତିକ୍ରମ ସାଜିଛନ୍ତି ଓଡ଼ିଶାର ସାହସି ବାଳିକା ରଞ୍ଜିତା ବେହେରା। ପ୍ରତିକୂଳ ପରିବେଶରେ ବଢ଼ି ଆସିଥିଲେ ହେଁ ଅଦମ୍ୟ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ସ୍ନୋ ସ୍ପୋର୍ଟ୍ସ ପରି ଗେମ୍‌ରେ ସେ ଚମତ୍କାର ପ୍ରଦର୍ଶନ କରି ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। କଷ୍ଟସାଧ୍ୟ ଓ ଚ୍ୟାଲେଞ୍ଜପୂର୍ଣ୍ଣ ହେଲେ ହେଁ ଏହି ଗେମ୍‌କୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି ଅନ୍ନପୂର୍ଣ୍ଣା ଓ ରଘୁନାଥ ବେହେରାଙ୍କ ଏହି ଉଚ୍ଚାଭିଳାଷୀ କନିଷ୍ଠା କନ୍ୟା। ସେ ପାଲଟି ଯାଇଛନ୍ତି ଓଡ଼ିଶାର 'ସ୍ନୋ ଗର୍ଲ'। ପିଲାଦିନର ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହ ଯୋଗୁ ସେ ପର୍ବତାରୋହଣ ଏବଂ ସ୍ନୋ ସ୍ପୋର୍ଟ୍ସକୁ କ୍ୟାରିୟର କରିଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବାକୁ ପ୍ରତିଶ୍ରୁତିବଦ୍ଧ।

ଜମ୍ମୁ-କଶ୍ମୀରର ଗୁଲ୍‌ମାର୍ଗରେ ନିକଟରେ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ମନ ଜିତିଥିଲେ ଓଡ଼ିଶାର 'ସ୍ନୋ ଗର୍ଲ'। ଫେବୃୟାରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ରଞ୍ଜିତା ଆଲ୍‌ପାଇନ୍ ସ୍କି'ର ସ୍ଲାଲମ ଓ ଜ୍ୟାଣ୍ଟ ସ୍ଲାଲମ ବିଭାଗରେ ଭାଗ ନେଇଥିଲେ। ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) ଓ ଆର୍ମିର ପ୍ରଶିକ୍ଷିତ ପ୍ରତିଯୋଗୀଙ୍କ ଉପସ୍ଥିତିରେ ରଞ୍ଜିତା ଯଦିଓ ପଦକ ହାସଲ କରିପାରି ନ ଥିଲେ ତେବେ ଉପସ୍ଥିତ ସ୍ନୋ ସ୍କିୟର୍ସ ଏବଂ ଅଲିମ୍ପିଆନଙ୍କ ଦୃଷ୍ଟିଆକର୍ଷଣ କରିପାରିଥିଲେ। ଓଡ଼ିଶା ଭଳି ବରଫବିହୀନ ରାଜ୍ୟରୁ ଆସି ଅନ୍ୟ ହିମପାତ ରାଜ୍ୟ ଖେଳାଳି ଏବଂ ଆଇଟିବିପି ଓ ଆର୍ମି ପ୍ରତିଯୋଗୀଙ୍କ ସହିତ ସମକକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିପାରିଥିବାରୁ ଉପସ୍ଥିତ ଦର୍ଶକ ଓ ସ୍ନୋ ସ୍କିୟର୍ସମାନେ ରଞ୍ଜିତାଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ। ଗୁଲମାର୍ଗର 'ମେରି ସୋଲ୍ଡର' ବିପଦପୂର୍ଣ୍ଣ ବରଫ ଖସଡ଼ାରୁ ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ସ୍କି କରି ସମସ୍ତ ପ୍ରତିବନ୍ଧକ (ଗେଟ୍)କୁ ଅନାୟାସରେ ଅତିକ୍ରମ କରି ରଞ୍ଜିତା ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ। ପ୍ରତିଯୋଗିତା ସମୟରେ ସେ ଦକ୍ଷତା ଓ ସାହସର ପରିଚୟ ଦେଇଥିଲେ। ଭାରତୀୟ ସ୍କି ଓ ସ୍ନୋବୋର୍ଡ ପକ୍ଷରୁ ମାର୍ଚ୍ଚ ୨୬ରୁ ୨୮ ପର୍ଯ୍ୟନ୍ତ ଜାତୀୟ ସିନିୟର ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍ ହେବାର ଥିଲା। ମାତ୍ର କୋଭିଡ-୧୯ କଟକଣା ଯୋଗୁ ଏହାକୁ ବାତିଲ କରାଯାଇଛି। ପୂର୍ବରୁ ଫେବୃୟାରୀରେ ଏହା ହେବାର ଥିଲେ ହେଁ ବାତିଲ ହୋଇଥିଲା। ତେଣୁ ସ୍ୱାଭାବିକଭାବେ ମାନସିକ ସ୍ତରରେ ଆଘାତ ପାଇଛନ୍ତି ରଞ୍ଜିତା। ଏବେ ସେ ଟ୍ରେନିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ରଞ୍ଜିତାଙ୍କ ବାପା ହେଉଛନ୍ତି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜଣେ ଅବସରପ୍ରାପ୍ତ କର୍ମଚାରୀ।



ଓଡ଼ିଶା ଭଳି ବରଫବିହୀନ ରାଜ୍ୟରେ ଜନ୍ମ ନେଇଥିଲେ ହେଁ ଦୃଢ଼ ମନୋବଳ ପାଇଁ ରଞ୍ଜିତା ଆଗକୁ ବଢ଼ି ଚାଲିଛନ୍ତି। ଇସ୍ପାତ ସହର ରାଉରକେଲାର ରଞ୍ଜିତା ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଜଣେ ସି-ସାର୍ଟିଫିକେଟଧାରୀ ମଧ୍ୟ। ପ୍ରକାଶଯୋଗ୍ୟ ଯେ, ଦୁଃସାହସିକ କ୍ରୀଡ଼ାପ୍ରତି ପ୍ରବଳ ଆଗ୍ରହ ରଞ୍ଜିତାଙ୍କୁ ଗ୍ରାଜୁଏଶନ ପରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ଟ୍ରେନିଂ ପାଇଁ ଉତ୍ସାହିତ କରିଥିଲା। ୨୦୧୬ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଥମ ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନରେ ରୁଦୁଗାଇରା ପର୍ବତାରୋହଣ କରିଥିବା ଅଭିଯାତ୍ରୀଙ୍କ ମଧ୍ୟରେ ରଞ୍ଜିତା ସାମିଲ ଥିଲେ। ଏଥିରେ ସେ ଭାରତୀୟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମାଉଣ୍ଟେନେରିଂ ଓ ସ୍ନୋ ସ୍କିଂ ପାଇଁ ଉଦ୍ଦିଷ୍ଟ କୋର୍ସକୁ ସଫଳତାର ସହ ଶେଷ କରିଥିଲେ। ଏହା ବ୍ୟତୀତ ସେ ହିମାଳୟରେ ଥିବା ଆମେରିକାର ସମ୍ମାନଜନକ ନ୍ୟାଶନାଲ ଆଉଟଡୋର ଲିଡରଶିପ୍ ସ୍କୁଲ ଟ୍ରେନିଂ ଆରେନାରେ ଟ୍ରିପ ଇଣ୍ଡିଆ ଲିଡର ଏବଂ ୱାଇଲ୍ଡରନେସ ଫାର୍ଷ୍ଟ ରେସ୍ପଣ୍ଡର କୋର୍ସ କରିଥିଲେ। ଗୁଲମାର୍ଗରେ ଅନୁଷ୍ଠିତ ଶୀତକାଳୀନ କ୍ରୀଡ଼ାରେ ରଞ୍ଜିତାଙ୍କ ପ୍ରଦର୍ଶନରେ ଖୁବ୍ ପ୍ରଭାବିତ ହୋଇଥିଲେ ଆଇଟିବିପିର ମୁଖ୍ୟ କୋଚ୍ ନାନକ ଚାନ୍ଦ ଠାକୁର। ଯେଉଁ ରାଜ୍ୟରେ ବରଫ ଦେଖିବା ସ୍ୱପ୍ନ ସେଠାରୁ ଆସି ରଞ୍ଜିତା ଏତେ ସୁନ୍ଦର ସ୍କି କରିବା ସହଜରେ ବିଶ୍ୱାସ କରିହେଉନି ବୋଲି କହିଥିଲେ। ଭବିଷ୍ୟତରେ ଆଇଟିବିପି ପକ୍ଷରୁ ତାଙ୍କୁ ଟ୍ରେନିଂ ଦିଆଯିବା ସମ୍ପର୍କରେ ଚିନ୍ତା କରାଯିବ ବୋଲି ଠାକୁର କହିଥିଲେ।

ପ୍ରକାଶଯୋଗ୍ୟ ଯେ, ଫେବୃୟାରୀରେ ଅନୁଷ୍ଠିତ ପ୍ରତିଯୋଗିତା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁଭେଚ୍ଛା ଜଣାଇବା ସହ ପ୍ରଥମ ଓଡ଼ିଆଭାବେ ରଞ୍ଜିତା ସ୍ନୋ ଗେମ୍ସରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବା ଆମ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ଓଡ଼ିଶା ପରିବେଶରେ ବଢ଼ି ଏପରି ସଫଳତା ପାଇବା ଛୋଟ କଥା ନୁହେଁ। କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଜଣେ ସ୍କିଅର ହେବାପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପ୍ରଶଂସନୀୟ। ସେ ପଦକ ହାସଲ କରିବାପାଇଁ ଯାହାକିଛି ସହଯୋଗ ଆବଶ୍ୟକ ଯୋଗାଇ ଦିଆଯିବ। ସ୍କିଂ ସ୍ପୋର୍ଟ୍ସକୁ ନେଇ ସ୍ୱପ୍ନ ଦେଖୁଥିବା ଯୁବ ଖେଳାଳିଙ୍କ ପାଇଁ ସେ ଏକ ପ୍ରେରଣା ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଥିଲେ।

## ସଫଳତା

* ୨୦୧୫ ଡିସେମ୍ବରରେ ଦାର୍ଜିଲିଂର ସନ୍ଦକ ଫୁ'ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପ୍ରାୟୋଜିତ ଇଣ୍ଡିଆନ ମାଉଣ୍ଟେନରିଂ ଫାଉଣ୍ଡେଶନ ଆୟୋଜିତ ପ୍ରି-ଏକ୍ସପେଡିଶନ କ୍ୟାମ୍ପରେ ସଫଳତାର ସହ ଅଂଶଗ୍ରହଣ।
* ୨୦୧୬ ଜାନୁୟାରୀରେ ପଞ୍ଚଲିଙ୍ଗେଶ୍ୱରଠାରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପ୍ରାୟୋଜିତ ଇଣ୍ଡିଆନ ମାଉଣ୍ଟେନରିଂ ଫାଉଣ୍ଡେଶନ ଆୟୋଜିତ ରକ୍ କ୍ଲାଇମ୍ବିଂ ଆଣ୍ଡ ରାପେଲିଂ କ୍ୟାମ୍ପରେ ସଫଳ।
* ୨୦୧୬ ମେ'ରେ ଉତ୍ତରାଖଣ୍ଡର ଦୟରା ଅଞ୍ଚଳରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପ୍ରାୟୋଜିତ ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ ଆୟୋଜିତ ପ୍ରି-ଏକ୍ସପେଡିଶନ କ୍ୟାମ୍ପରେ ଅଂଶଗ୍ରହଣ।
* ୨୦୧୬ରେ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନରେ ମାଉଣ୍ଟ ରୁଦୁଗାଇରା (୧୯,୧୦୦ ଫୁଟ) ଆରୋହଣ କରିଥିବା ଅଭିଯାତ୍ରୀ ଦଳର ସଦସ୍ୟ। କିମ୍ବଦନ୍ତୀ ପର୍ବତାରୋହୀ ବଚେନ୍ଦ୍ରୀ ପାଲ୍ ଏହି ଅଭିଯାତ୍ରୀ ଦଳର ନେତୃତ୍ୱ ନେଇଥିଲେ।
* ୨୦୧୭ ଅକ୍ଟୋବରରେ ନେଚର ଆଣ୍ଡ ୱାଇଲ୍ଡଲାଇଫ୍ କଞ୍ଜରଭେସନ ସୋସାଇଟି ଅଫ୍ ଓଡ଼ିଶା ଏବଂ ଓଡ଼ିଶା ସ୍ପୋର୍ଟ୍ସ କ୍ଲାଇମ୍ବିଂ ଆସୋସିଏଶନ ଆନୁକୂଲ୍ୟରେ ମିଶନ 'ରୂପ କୁଣ୍ଡ' ଅଭିଯାନରେ ସାମିଲ। ଅଭିଯାତ୍ରୀ ଦଳର ନେତୃତ୍ୱ ନେଇଥିଲେ ସୁଶାନ୍ତ ଦାସ।
* ୨୦୧୧ ଓ ୨୦୧୨ରେ ଯଥାକ୍ରମେ ବିହାର ବୋଧଗୟା ଓ ରାଉରକେଲାରେ ଅନୁଷ୍ଠିତ ନ୍ୟାଶନାଲ ଇଣ୍ଟିଗ୍ରେଶନ କ୍ୟାମ୍ପରେ ଅଂଶଗ୍ରହଣ।
* ୨୦୧୨ ଅକ୍ଟୋବରରେ ଏନସିସି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଉତ୍ତର ପ୍ରଦେଶର କାନପୁରଠାରେ ବେସିକ୍ ଲିଡରଶିପ୍ କ୍ୟାମ୍ପରେ ଅଂଶଗ୍ରହଣ।
* ୨୦୨୧ ଫେବୃୟାରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଜମ୍ମୁ କଶ୍ମୀରର ଗୁଲମାର୍ଗରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାର ଆଲ୍‌ପାଇନ୍ ସ୍କି'ର ସ୍ଲାଲମ ଓ ଜ୍ୟାଣ୍ଟ ସ୍ଲାଲମ ବିଭାଗରେ ଅଂଶଗ୍ରହଣ।

## ସଂକ୍ଷେପରେ...

ନାମ: ରଞ୍ଜିତା ବେହେରା
ଜନ୍ମ: ୨୪ ଜୁଲାଇ ୧୯୯୪

**ପରିବାର:**
ମା'-ଅନ୍ନପୂର୍ଣ୍ଣା ବେହେରା
ବାପା-ରଘୁନାଥ ବେହେରା
ଭଉଣୀ-ରଶ୍ମି ବେହେରା
କୋଚ୍: ସୁଶାନ୍ତ ଦାସ
ଭାଷା: ଓଡ଼ିଆ, ଇଂଲିଶ୍, ହିନ୍ଦୀ
ହବି: ହର୍ସ ରାଇଡିଂ, ଫଟୋଗ୍ରାଫି, ସ୍କିଇଂ।

**ପେସାଦାର ଯୋଗ୍ୟତା**

* ଜମ୍ମୁ-କଶ୍ମୀର ପହଲଗାମଠାରେ ୨୦୧୭ରେ ଜବାହର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନରିଂ ଆଣ୍ଡ ୱିଣ୍ଟର ସ୍ପୋର୍ଟ୍ସରେ ବେସିକ୍ ମାଉଣ୍ଟେନରିଂ କୋର୍ସରେ 'ଏ' ଗ୍ରେଡ୍, ୨୦୧୮ରେ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସରେ 'ଏ' ଗ୍ରେଡ୍, ଏହି ବର୍ଷ ବେସିକ୍ ସ୍କିଇଂ କୋର୍ସରେ 'ଏ' ଗ୍ରେଡ୍, ଇଣ୍ଟରମିଡିଏଟ ସ୍କିଇଂ କୋର୍ସରେ 'ଏ' ଗ୍ରେଡ୍, ୨୦୧୯ରେ ମେଥଡ ଅଫ୍ ଇନ୍‌ଷ୍ଟ୍ରକ୍ସନ କୋର୍ସ(ମାଉଣ୍ଟେନରିଂ)ରେ 'ଏ' ଗ୍ରେଡ୍, ବେସିକ୍ ଆଡ୍‌ଭାନ୍ସଡ ସ୍କିଇଂ କୋର୍ସରେ 'ଏ' ଗ୍ରେଡ୍।
* ହିମାଚଳ ପ୍ରଦେଶର ମନାଲିଠାରେ ୨୦୨୦ ଫେବୃୟାରୀରେ ଅଟଳ ବିହାରୀ ବାଜପେୟୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନରିଂ ଆଣ୍ଡ ଆଲିଏଡ ସ୍ପୋର୍ଟ୍ସରେ ମେଥଡ ଅଫ୍ ଇନଷ୍ଟ୍ରକ୍ସନ କୋର୍ସ ଇନ୍ ସ୍ନୋ ସ୍କିଇଂରେ 'ବିଏକ୍ସ' ଗ୍ରେଡ୍।
* ୨୦୧୮ ଅକ୍ଟୋବର/ନଭେମ୍ବରରେ ଏନଓଏଲଏସ ଆୟୋଜିତ ଇଣ୍ଡିଆ ଟ୍ରିପ ଲିଡର କୋର୍ସ।
* ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ପକ୍ଷରୁ ଏନ୍‌ସିସି 'ସି' ସାର୍ଟିଫିକେଟ।

# ଚ୍ୟାଲେଞ୍ଜପୂର୍ଣ୍ଣ, ମାତ୍ର ସମ୍ଭବ

**ପ୍ରଃ** କୋଭିଡ୍-୧୯ କଟକଣା ପାଇଁ ଜାତୀୟ ଟୁର୍ନାମେଣ୍ଟ ବାତିଲ ହେଲା, କ'ଣ କହିବେ ?

**ଉଃ** ପୂର୍ବରୁ ଫେବୃୟାରୀରେ ସମାନ କାରଣ ପାଇଁ ଏହା ବାତିଲ ହୋଇଥିଲା। ଏବେ ଦ୍ୱିତୀୟ ଥର ପାଇଁ ହେଲା। ତେଣୁ ନିଶ୍ଚିତ ଖରାପ ଲାଗୁଛି। ମାତ୍ର ବର୍ତ୍ତମାନର ସ୍ଥିତି ଅନୁସାରେ ମନକୁ ବୁଝାଇବା ଛଡ଼ା ଅନ୍ୟ ଉପାୟ ନାହିଁ।

**ପ୍ରଃ** ସ୍ନୋ ଗେମ୍ସ କେତେ ବିପଦପୂର୍ଣ୍ଣ ?

**ଉଃ** ବହୁ ପରିମାଣରେ ନିଶ୍ଚିତ। ତେବେ ଜଣେ ନିଜକୁ କେତେ ପ୍ରସ୍ତୁତ କରିଛି ତା' ଉପରେ ଅନେକ କିଛି ନିର୍ଭର କରେ। ବାଲାନ୍ସ ଉପରେ ସବୁକିଛି ନିର୍ଭର କରିଥାଏ। ସବୁ ବରଫ ପଡୁଥିବା ସ୍ଥାନରେ ଯେ ସ୍କି ହୋଇପାରିବ ତା' ନୁହେଁ। ଏଥିପାଇଁ ନିର୍ଦ୍ଦିଷ୍ଟ ସ୍ଲୋପ ଥାଏ। ଭାରତରେ ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ସବୁଠାରୁ ଭଲ। ରେସ୍ ସମୟରେ ବହୁ ଉପରକୁ ଯାଇ ଖସିବାକୁ ପଡ଼େ। ତେଣୁ ପରିବେଶ ସହିତ ଖାପ ଖୁଆଇ ନ ପାରିଲେ କୋଲ୍ଡ ଇଞ୍ଜୁରି ହୋଇପାରେ। କେତେକ ସ୍ଥାନରେ ବରଫ ଖସିବାର ମଧ୍ୟ ସମ୍ଭାବନା ଥାଏ।

**ପ୍ରଃ** ଆପଣ ଏହାକୁ କେମିତି ଉପଭୋଗ କରୁଛନ୍ତି ?

**ଉଃ** ମୁଁ ଛୋଟ ବେଳରୁ ଦୁଃସାହସିକ କ୍ରୀଡ଼ାକୁ ଭଲପାଏ। ତେଣୁ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ଅଛି। ଜଣେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ ହେଲେ ନିଶ୍ଚିତ ଉପଭୋଗ କରିପାରିବ।



ମା' ଅନ୍ନପୂର୍ଣ୍ଣାଙ୍କ ସହ ରଞ୍ଜିତା

**ପ୍ରଃ** ସ୍ନୋ ଗେମ୍ସକୁ ନେଇ ଆଗକୁ କ'ଣ ଲକ୍ଷ୍ୟ ଅଛି ?

**ଉଃ** ଏହି ଗେମ୍‌କୁ ନେଇ ବହୁ ଆଗକୁ ଯିବାର ଲକ୍ଷ୍ୟ ଅଛି। ମାତ୍ର ସେଥିପାଇଁ ବିଦେଶ ଯାଇ ଉଚ୍ଚମାନର ଟ୍ରେନିଂ ନେବାକୁ ପଡ଼ିବ। ମାତ୍ର ମୋ ପାଇଁ ଏହା ଏବେ ସମ୍ଭବ ହେଉନି, କାରଣ ଏହା ଅତ୍ୟନ୍ତ ବ୍ୟୟ ବହୁଳ। ଉଚ୍ଚ ସ୍ତରର ଟ୍ରେନିଂ ନେଲେ ଯାଇ ଜଣେ ଅନ୍ତର୍ଜାତୀୟ ସ୍ତରର ଖେଳାଳିଙ୍କ ସମକକ୍ଷ ପ୍ରଦର୍ଶନ କରିପାରିବ। ନରୱେ, ଫିନ୍‌ଲାଣ୍ଡ, ସୁଇଜରଲାଣ୍ଡ, ଅଷ୍ଟ୍ରିଆ ପ୍ରଭୃତି ସ୍ଥାନରେ ଟ୍ରେନିଂ ପାଇଁ ଭଲ ପରିବେଶ ରହିଛି। ବିଦେଶ ଯାଇ ଟ୍ରେନିଂ ନେବାକୁ ଇଚ୍ଛା ଅଛି।

**ପ୍ରଃ** ଆପଣଙ୍କ ପାଇଁ ଆଉ କ'ଣ ଆବଶ୍ୟକ ?

**ଉଃ** ବରଫ ବେଷ୍ଟିତ ରାଜ୍ୟର ପିଲାମାନେ ଛୋଟ ବେଳରୁ ପରିବେଶ ସହିତ ଅଭ୍ୟସ୍ତ ଥାଆନ୍ତି। ମାତ୍ର ମୋ ପରି ପିଲାଙ୍କୁ ବରଫ ପଡୁଥିବା ରାଜ୍ୟକୁ ଯାଇ ପରିବେଶ ସହିତ ଅଭ୍ୟସ୍ତ ହେବାକୁ ପଡ଼େ। ସେଠାରେ ରହିବା, ଖାଇବା ଆଦି ବହୁ ବ୍ୟୟ ବହୁଳ ହୋଇ ଯାଇଥାଏ। ଏକ ସାଧାରଣ ପରିବାର ପାଇଁ ଏହା ନିଶ୍ଚିତ କଷ୍ଟକର। ଉପଯୁକ୍ତ ଟ୍ରେନିଂ ନେଲେ ଯାଇ ଜଣେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ରାଜ୍ୟ ସରକାରଙ୍କ ନିକଟରୁ ଯାହା ସାହାଯ୍ୟ ସହଯୋଗ ମିଳୁଛି ତାହା ପର୍ଯ୍ୟାପ୍ତ ନୁହେଁ। ସରକାର ପୂରା ଦାୟିତ୍ୱ ନେଲେ ଯାଇ ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବି। କେବଳ ଟୁର୍ନାମେଣ୍ଟ ବେଳେ ୨-୩ ମାସ ଟ୍ରେନିଂ କଲେ ହେବନି, ଉପଯୁକ୍ତ ଟ୍ରେନରଙ୍କ ଆବଶ୍ୟକତା ରହିଛି। ବିଦେଶରେ ଟ୍ରେନିଂ ନେଲେ ଯାଇ ଉଚ୍ଚସ୍ତରର ପ୍ରଦର୍ଶନ ସମ୍ଭବ ହୋଇପାରିବ। ଜମ୍ମୁ କଶ୍ମୀରର ଗୁଲମାର୍ଗରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) କର୍ମକର୍ତ୍ତା ମୋ ପ୍ରଦର୍ଶନରେ ପ୍ରଭାବିତ ହୋଇଥିଲେ। ସେମାନଙ୍କ ପକ୍ଷରୁ ଟ୍ରେନିଂ ଅଫର ଆସିବା ସମ୍ଭାବନା ରହିଛି। ମାତ୍ର ସେମାନେ ଯଦି ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ତେବେ ମୁଁ ଭବିଷ୍ୟତରେ ଆଇଟିବିପି ପକ୍ଷରୁ ପ୍ରତିନିଧିତ୍ୱ କରିପାରେ। ଫଳରେ ଆଉ ଓଡ଼ିଶା ପକ୍ଷରୁ ଭାଗନେବା ସମ୍ଭବ ହେବନି।

**ପ୍ରଃ** ଏହି ଗେମ୍ ପାଇଁ କେତେ ଫିଟ୍ ରହିବା ଜରୁରୀ ?

**ଉଃ** ସବୁ ଗେମ୍ ପାଇଁ ଫିଟ୍‌ନେସ ନିହାତି ଆବଶ୍ୟକ। ତେବେ ସ୍ନୋ ଗେମ୍ସ ପାଇଁ ଫୁଟବଲ କିମ୍ବା ହକି ଭଳି ନୁହେଁ ଭିନ୍ନ ଧରଣର ଫିଟ୍‌ନେସ ଆବଶ୍ୟକ। ଏଥିପାଇଁ ଗ୍ରାଉଣ୍ଡ ଟ୍ରେନିଂ ନ କରି ପାହାଡ ଉପରେ ରହି ଅଭ୍ୟାସ କରିବାକୁ ପଡ଼ିବ। ଥଣ୍ଡା ପରିବେଶ ସହିତ ଅଭ୍ୟସ୍ତ ହେବାକୁ ପଡ଼ିବ। ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବାକୁ ହେବ। ଟ୍ରେକିଂ, ପାରାଗ୍ଲାଇଡିଂ ଆଦି ନିୟମିତ ଅଭ୍ୟାସ କରିବାକୁ ପଡ଼ିବ। ଏଥିପାଇଁ ସରକାରଙ୍କ ସହଯୋଗ ନିହାତି ଆବଶ୍ୟକ।

**ପ୍ରଃ** ଓଡ଼ିଶା ପିଲାମାନେ କିପରି ଅଧିକ ସଂଖ୍ୟାରେ ଏହି ଗେମ୍ ପ୍ରତି ଆକୃଷ୍ଟ ହୋଇପାରିବେ ?

**ଉଃ** ମୋତେ ବହୁ ପଛରେ ରାଜ୍ୟ ସରକାରଙ୍କ ନିକଟରୁ ସମର୍ଥନ ମିଳିଥିଲା। ପ୍ରଥମେ ମୋତେ ବ୍ୟକ୍ତିଗତ ବହୁ ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏଥିପାଇଁ ମୋ ପରିବାର ବର୍ଗ ଅନେକ କଷ୍ଟ ସ୍ୱୀକାର କରିଥିଲେ। ତେଣୁ ଆରମ୍ଭ ସମୟ ନିଶ୍ଚିତ କଷ୍ଟକର। ସରକାର ଏ ଦିଗରେ ଧ୍ୟାନ ଦେଲେ ନିଶ୍ଚିତ ରାଜ୍ୟରୁ ଅଧିକ ପିଲା ଏହି ଗେମ୍‌କୁ ଆସି ପାରିବେ। ବରଫରେ ଅଭ୍ୟାସ କରିବାକୁ ପଡ଼ିବ। ଏଥିପାଇଁ ବେସିକ୍ କୋର୍ସଗୁଡ଼ିକ କରିବାକୁ ହେବ। କୋର୍ସରେ ଭଲ ଗ୍ରେଡ୍ ମିଳିବା ଏତେଟା ସହଜ ନୁହେଁ। ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏହା ବହୁ ଚ୍ୟାଲେଞ୍ଜପୂର୍ଣ୍ଣ।

-ପ୍ରସ୍ତୁତି: ତପନ ସ୍ୱାଇଁ

# ରେକର୍ଡ ମେକର

**ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଫେଲ୍ ମାରିଥିବା ମୁମ୍ବାଇ ଯୁବ ଓପନର ପୃଥ୍ୱୀ ଶ' ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ବିଜୟ ହଜାରେ ଟ୍ରଫିରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି...**

ଯୁବ ପ୍ରତିଭାସମ୍ପନ୍ନ ଓପନର ପୃଥ୍ୱୀ ଶଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ଦେଶର ସର୍ବବୃହତ୍ ଘରୋଇ ଦିନିକିଆ ଟୁର୍ନାମେଣ୍ଟ ତଥା ଦିନିକିଆ ରଣଜୀ କୁହାଯାଉଥିବା ବିଜୟ ହଜାରେ ଟ୍ରଫିରେ ମୁମ୍ବାଇ ଅଧିନାୟକ ତଥା ଓପନର ପୃଥ୍ୱୀ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଦିନିକିଆ ଦଳରେ ସାମିଲ ହେବା ପାଇଁ ନିଜର ଦୃଢ ଦାବି ଉପସ୍ଥାପନ କରିଥିଲେ। ବିଜୟ ହଜାରେ ଟ୍ରଫିରେ ସେ ମୋଟ ୮ଟି ଇନିଂସରେ ୮୨୭ ରନ ସଂଗ୍ରହ କରିଥିଲେ। ତାଙ୍କର ଆଭରେଜ ରନ ସଂଗ୍ରହ ହେଉଛି ୧୬୫.୪୦ ଓ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ହେଉଛି ୧୩୮.୨୯। ଟୁର୍ନାମେଣ୍ଟର ଗୋଟିଏ ସଂସ୍କରଣରେ ସେ ଏଥିସହିତ ୮୦୦ରୁ ଅଧିକ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ସେ ୭୩ ରନକରି ଏହି ସଫଳତା ପାଇଛନ୍ତି। ୨୧ ବର୍ଷୀୟ ପୃଥ୍ୱୀ ଏହି ସଂସ୍କରଣରେ ଗୋଟିଏ ଦ୍ୱିଶତକ ହାସଲ କରିବା ସହ ୩ଟି ଶତକ ଅର୍ଜନ କରିଥିଲେ। ସୌରାଷ୍ଟ୍ର ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେ ୧୨୩ଟି ବଲ୍ ଖେଳି ଅପରାଜିତ ୧୮୬ ରନ ସଂଗ୍ରହ କରିଥିଲେ। ସେହିପରି କର୍ଣ୍ଣାଟକ ବିପକ୍ଷ ସେମିଫାଇନାଲରେ ସେ ୧୨୨ ବଲରୁ ୧୬୫ ରନର ବୃହତ୍ ଶତକୀୟ ପାଳି ଖେଳିଥିଲେ। ପୁଡୁଚେରୀ ବିପକ୍ଷରେ ଅପରାଜିତ ୨୨୭ ରନର ଅପରାଜିତ ଦ୍ୱିଶତକୀୟ ପାଳି ଖେଳି ରେକର୍ଡ କରିଥିଲେ। ଗତ ଅଷ୍ଟ୍ରେଲିଆ ଗସ୍ତରେ ଟେକ୍‌ନିକ୍‌ରେ ସମସ୍ୟା ଥିବାରୁ ସେ ପ୍ରଥମ କେତୋଟି ଇନିଂସରେ ବିଫଳ ହୋଇଥିଲେ ଓ ସେ ଟେଷ୍ଟ ଦଳରୁ ବାଦ୍ ପଡିଥିଲେ। ତେବେ ଏହାର କିଛି ଦିନ ପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲିଷ୍ଟ- ଏ ମ୍ୟାଚ୍‌ରେ ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ହାସଲ କରିଥିବା ସର୍ବାଧିକ ବ୍ୟକ୍ତିଗତ ସ୍କୋର ରେକର୍ଡକୁ ମଧ୍ୟ ସେ ଅତିକ୍ରମ କରିଥିଲେ। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ୧୨୩ ବଲରୁ ଅପରାଜିତ ୧୮୫ ରନର ଶତକୀୟ ପାଳି ଖେଳି ଏହି ତାରକା ଖେଳାଳିଙ୍କୁ ପଛରେ ପକାଇଥିଲେ। ଏହାପୂର୍ବରୁ କର୍ଣ୍ଣାଟକ ଓପନର ଦେବଦୁତ୍ତ ପଡିକାଲ ମଧ୍ୟ ବିଜୟ ହଜାରେ ଟ୍ରଫିର ଗୋଟିଏ ସଂସ୍କରଣରେ ମୟଙ୍କ ଅଗ୍ରୱାଲ ହାସଲ କରିଥିବା ସର୍ବାଧିକ ରନ ରେକର୍ଡ (୭୨୩ରନ)କୁ ପଛରେ ପକାଇଥିଲେ। ୨୦୧୭-୧୮ରେ ମୟଙ୍କ ଏହି ରେକର୍ଡ ସୃଷ୍ଟି କରିଥିଲେ। ତେବେ ପଡିକାଲ ୭୩୭ ରନ ସଂଗ୍ରହ କରି ଏହି ରେକର୍ଡ ଭାଙ୍ଗିଥିଲେ। ପୃଥ୍ୱୀଙ୍କ ପଛକୁ ରହିଥିଲେ ପଡିକାଲ।

ମୁମ୍ବାଇ ଦ୍ରୁତ ବୋଲର ଧବଲ କୁଲକର୍ଣ୍ଣୀ ମଧ୍ୟ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ୩୨ ବର୍ଷୀୟ ଧବଲ ୬ଟି ମ୍ୟାଚ୍ ଖେଳି ୧୯ ରନ ଷ୍ଟ୍ରାଇକରେଟ୍ ଓ ୩. ୭୨ ଇକୋନୋମି ରେଟ୍‌ରେ ୧୪ଟି ଉଇକେଟ ଅକ୍ତିଆର କରିଥିଲେ। ବୋଲରଙ୍କ ମଧ୍ୟରେ ତାଙ୍କ ଆଭରେଜ ୧୧.୭୮ ରହିଛି। ସେହିପରି ବରୋଦା ଅଧିନାୟକ କ୍ରୁନାଲ ପାଣ୍ଡ୍ୟା ୫ଟି ମ୍ୟାଚ୍ ଖେଳି ୧୧୭.୯୩ ଷ୍ଟ୍ରାଇକ୍ ରେଟ୍‌ରେ ୧୨୯.୩୩ ହାରରେ ୩୮୮ ରନ ସଂଗ୍ରହ କରିଥିଲେ। ସେ ୫.୩୧ ହାରରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ହିମାଚଳ ପ୍ରଦେଶର ରିଷି ଧାୱନ ବିଜୟ ହଜାରେ ଟ୍ରଫିରେ ତୃତୀୟ ସର୍ବାଧିକ ଉଇକେଟ ହାସଲକାରି ସାବ୍ୟସ୍ତ ହୋଇଛନ୍ତି। ତେଣୁ ପୃଥ୍ୱୀଙ୍କ ସମେତ ପଡିକାଲ, ଧବଳ, କ୍ରୁନାଲ ଓ ରିଷି ଦିନିକିଆ ଦଳରେ ସ୍ଥାନ ପାଇବା ପାଇଁ ଯୋଗ୍ୟତା ରଖୁଛନ୍ତି। କ୍ରୁନାଲଙ୍କୁ ଚୟନକର୍ତ୍ତା ଭରସା କରିଛନ୍ତି। ପୃଥ୍ୱୀଙ୍କ ସମେତ ଏହି ୪ ଖେଳାଳିଙ୍କୁ କେବେ ସୁଯୋଗ ମିଳୁଛି ତାହା ଦେଖିବାକୁ ବାକି ରହିଲା।



ପୃଥ୍ୱୀ ଶ

# ଟେନିସ୍ ପ୍ରିମିୟର ଲିଗ୍

**ଦେଶରେ ଟେନିସର ପ୍ରଚାର ଓ ପ୍ରସାର ପାଇଁ ଟେନିସ ପ୍ରିମିୟର ଲିଗ୍ (ଟିପିଏ) ଆୟୋଜନ ହେବାକୁ ଯାଉଛି। ଲିଗ୍‌ର ତୃତୀୟ ସଂସ୍କରଣ ଚଳିତ ବର୍ଷ ଶେଷଆଡକୁ ଆୟୋଜନ ହେବ। ଲିଗ୍‌ରେ ରାମକୁମାର ରମନାଥନ ସବୁଠାରୁ ଦାମୀ ଖେଳାଳି ଦିଲ୍ଲୀ ଫ୍ରାଞ୍ଚାଇଜ୍‌ରେ ସାମିଲ ହୋଇଛନ୍ତି।**



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଢାଞ୍ଚାରେ ଆୟୋଜନ ହେବାକୁ ଯାଉଛି ଟେନିସ ପ୍ରିମିୟର ଲିଗ୍ (ଟିପିଏଲ୍)। ଟେନିସ୍‌କୁ ନେଇ ଆୟୋଜନ ହେବାକୁଥିବା ଏହି ଲିଗ୍ ଅବଶ୍ୟ ନୂଆ ନୁହେଁ। ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଓ ମହାରାଷ୍ଟ୍ର ଷ୍ଟେଟ୍ ଲନ୍ ଟେନିସ ଆସୋସିଏଶନ (ଏମ୍‌ଏସ୍‌ଏଲ୍‌ଟିଏ) ମିଳିତ ଆନୁକୂଲ୍ୟରେ ଏହା ପୂର୍ବରୁ ଦୁଇଥର ଅନୁଷ୍ଠିତ ହୋଇଛି। ୨୦୧୮ ଅକ୍ଟୋବରରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା। ସେହିପରି ଏହି ଲିଗ୍‌ର ଦ୍ୱିତୀୟ ସଂସ୍କରଣ ୨୦୧୯ ଡିସେମ୍ବରରେ ଖେଳାଯାଇଥିଲା। ଏହି ଦୁଇଟି ସଂସ୍କରଣ ବେଶ୍ ସଫଳତାର ସହ ଆୟୋଜିତ ହୋଇଛି। ଏଥର ଏହି ଲିଗ୍ ଚଳିତ ବର୍ଷ ଶେଷ ଆଡକୁ ମୁମ୍ବାଇରେ ଆୟୋଜନ ହେବ। ଏହାକୁ ଟେନିସ ପ୍ରିମିୟର ଲିଗ୍ ୩.୦ କୁହାଯାଉଛି।

ଦେଶରେ ଟେନିସର ପ୍ରଚାର ଓ ପ୍ରସାର ପାଇଁ ଏହି ଲିଗ୍ ଆରମ୍ଭ କରାଯାଇଛି। ଟେନିସ ପ୍ରତିଭାଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ପ୍ଲାଟଫର୍ମ ଦେବାକୁ ଏହି ଲିଗ୍ ମାଧ୍ୟମରେ ପ୍ରୟାସ ଆରମ୍ଭ କରାଯାଇଛି। ଦେଶର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଏଥିରେ ସାମିଲ ହେବେ। ବିଭିନ୍ନ ସହରକୁ ଭିତ୍ତିକରି ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳରେ ସବୁ ବର୍ଗରୁ ଦେଶର ଶ୍ରେଷ୍ଠ ୧୦ ଖେଳାଳି ସାମିଲ ରହିବେ। ପ୍ରତ୍ୟେକ ଦଳରେ କୋଚ୍, ମେଣ୍ଟର, ନ୍ୟୁଟ୍ରିଶନିଷ୍ଟମାନେ ଦାୟିତ୍ୱରେ ରହିବେ। ଏଥର ହ୍ୱିଲ ଚେୟାର ଖେଳାଳିମାନେ ଫୋକସରେ ରହିବେ। କୁନାଲ ଠାକୁର ଓ ମୃଣାଳ ଜୈନଙ୍କ ମାନସ ସନ୍ତାନ କୁହାଯାଉଥିବା ଟପିଏଲ୍ ଏଥର ମଧ୍ୟ ସଫଳ ହେବ ବୋଲି ଆଶା କରାଯାଉଛି। ଯୁକି ଭାମ୍ବ୍ରି ଦିଲ୍ଲୀ ଫ୍ରାଞ୍ଚାଇଜର ନେତୃତ୍ୱ ନେବେ। ଟିପିଏଲ୍‌ରେ ଏଥର ୫ଜଣ ଅନ୍ତର୍ଜାତୀୟ ମହିଳା ଖେଳାଳି ସାମିଲ ହେବେ। ରାମକୁମାର ରାମନାଥନ ସର୍ବାଧିକ ୪.୫ ଲକ୍ଷ ଟଙ୍କା ବିନିମୟରେ ମୁମ୍ବାଇ ଫ୍ରଞ୍ଚାଇଜ୍‌ରେ ସାମିଲ ହୋଇଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଯୋଗାସନ ସାମିଲ

**ନୂଆଦିଲ୍ଲୀ,୨୫।୩(ପି.ଟି.):** ୨୦୨୧ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଯୋଗାସନକୁ ସାମିଲ କରାଯାଇଛି। ଏନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେଣ ରିଜିଜୁ ଘୋଷଣା କରିଛନ୍ତି। ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ଯୋଗାସନକୁ ଆଗକୁ ବଢାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଜାତୀୟ ଯୋଗାସନ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ୱାଇଏସ୍‌ଏଫ୍)କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ରିଜିଜୁ ଲୋକ ସଭାରେ ଲିଖିତ ଭାବେ ଏକ ପ୍ରଶ୍ନର ଉତ୍ତର ଦେଇ ସବିଶେଷ ବିବରଣୀ ରଖିଛନ୍ତି। ୨୦୨୧ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଯୋଗାସନ ସ୍ପୋର୍ଟ୍ସକୁ ଉଭୟ ମହିଳା ଓ ପୁରୁଷ ବର୍ଗରେ ସାମିଲ କରାଯିବ ବୋଲି ରିଜିଜୁ କହିଛନ୍ତି। ସ୍ୱୀକୃତି ପାଇବା ପରେ ଏନ୍‌ୱାଇଏସ୍‌ଏଫ୍‌କୁ ଆର୍ଥିକ ସହାୟତା ମିଳିବା ନେଇ ବାଟ ଫିଟିଛି। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଉଭୟ ପୁରୁଷ ଓ ମହିଳା ଖେଳାଳିମାନେ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଯୋଗାସନକୁ ପ୍ରଚାର ଓ ପ୍ରସାର କରାଇବାରେ ଏବେ ଏନ୍‌ୱାଇଏସ୍‌ଏଫ୍ ପ୍ରାଥମିକ ଭାବେ ଦାୟିତ୍ୱ ନେବ। ଉଲ୍ଲେଖଥାଉ କି ଗତବର୍ଷ ଡିସେମ୍ବର ମାସରେ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ରିଜିଜୁ ସ୍ୱୀକୃତି ପ୍ରଦାନ କରିଥିଲେ।




## ଭାରତକୁ ଆଉ ଏକ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୫।୩ (ପି.ଟି.):** ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ମହିଳାମାନେ ଆଉ ଏକ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଚିଙ୍କି ଯାଦବ, ମନୁ ଭାକର ଓ ରାହି ସର୍ନୋବତଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଗୁରୁବାର ମହିଳା ୨୫ ମି. ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଡ. କାନ୍ତି ସିଂ ଶୁଟିଂ ରେଞ୍ଜରେ ଭାରତୀୟ ମହିଳା ଶୁଟରମାନେ ୧୭ ପଏଣ୍ଟ ହାସଲ କରି ପୋଲାଣ୍ଡର ଜୋଆନା ଆଇଓନା ୱାରଜୋନୋୱସ୍କା, ଜୁଲିଆ ବୋରେକ ଓ ଆଗ୍ନେସ୍କା କୋରିଜୋଙ୍କୁ ପରାସ୍ତ କରି ଶୀର୍ଷ ସ୍ଥାନରେ ରହିଛନ୍ତି। ପୋଲାଣ୍ଡର ଏହି ଦଳ ମାତ୍ର ୭ ପଏଣ୍ଟ ସ୍କୋର କରିଥିଲେ। ବୁଧବାର ଚିଙ୍କି, ଭାକର ଓ ସର୍ନୋବତ ୨୫ ମି. ପିସ୍ତଲ ବ୍ୟକ୍ତିଗତ ଇଭେଣ୍ଟରେ କ୍ଲିନ୍ ସୁଇପ୍ କରିଥିଲେ। ଏଥିସହ ଭାରତ ୧୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରି ମୋଟ ୨୧ ପଦକ ହାସଲ କରିବା ସହ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଗୁରୁବାର ସକାଳେ ଅଞ୍ଜୁମ ମୋଡଗିଲ, ଶ୍ରେୟା ସାକସେନା ଓ ଗାୟତ୍ରୀ ନିତ୍ୟାନନ୍ଦମଙ୍କୁ ନେଇ ଗଠିତ ଭାରତୀୟ ଦଳ ୫୦ମି. ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲା। ଫାଇନାଲ ରାଉଣ୍ଡରେ ଏହି ଭାରତୀୟ ଦଳ ୪୩ ପଏଣ୍ଟ ସ୍କୋର କରିଥିଲା। ତେବେ ପୋଲାଣ୍ଡ ମହିଳା ଦଳ ୪୭ ପଏଣ୍ଟ ସ୍କୋର କରି ସ୍ୱର୍ଣ୍ଣ ପଦକ ହାତେଇଥିଲା।






ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୬ ମାର୍ଚ୍ଚ, ୨୦୨୧



## ସାତଦିନ ହେଲା ଜଳଯୋଗାଣ ବନ୍ଦ

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କେଲ ଗ୍ରାମବାସୀ ଗତ ସାତଦିନ ହେଲା ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଜଳଯୋଗାଣ ପ୍ରକଳ୍ପର କୌଣସି ଯନ୍ତ୍ରାଂଶ ଖରାପ ହେବା କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ଗାଁର ୨ହଜାରରୁ ଊର୍ଦ୍ଧ୍ୱ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଅଭିଯୋଗ କରିଛନ୍ତି ଯେ, ୧୫ଦିନ ପୂର୍ବରୁ ପ୍ରକଳ୍ପର ମରାମତି କରାଯାଇଥିଲା। ହେଲେ ଏବେ ପୁଣି ଥରେ ସମାନ ଅବସ୍ଥା ହୋଇଛି। ବଢି ଚାଲିଥିବା ଗ୍ରୀଷ୍ମ ପ୍ରବାହରେ ଲୋକେ ଅନ୍ୟୋନୋପାୟ ହୋଇ ଚାଲୁ ରହିଥିବା ନଳକୂପ ପାଖରେ ଲମ୍ଵାଲାଇନ ଲଗାଇ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରକଳ୍ପକୁ ସ୍ୱାଭାବିକ କରିବାକୁ ଦାବି ହେଉଛି।

# ମହୁଲଫୁଲ ଗୋଟାଳିଙ୍କୁ ମିଳୁନି ଉଚିତ ମୂଲ୍ୟ

ଜୁନାଗଡ, ୨୫।୩ (ଡି.ଏନ.ଏ.)

- ମହୁଲ ଫୁଲର ଅଭାବ ବିକ୍ରି
- ଶୋଷଣର ଶିକାର ହେଉଛନ୍ତି ଆଦିବାସୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମାର୍ଚ୍ଚ ପହିଲାରୁ ମହୁଲ ଫୁଲ ସଂଗ୍ରହ ଆରମ୍ଭ ହୋଇଛି। ମହୁଲ ଗଛ ଥିବା ଆଦିବାସୀ ଅଞ୍ଚଳର ଜନସାଧାରଣଙ୍କ ମହୁଲ ଫୁଲ ରୋଜଗାରର ପ୍ରମୁଖ ମାଧ୍ୟମ। ଆଦିବାସୀମାନେ ମହୁଲ ଫୁଲକୁ ଲାଭଦାୟକ ବ୍ୟବସାୟ ଭାବେ ମନେ କରିଥାନ୍ତି। ବିଶେଷ କରି ପଶ୍ଚିମାଞ୍ଚଳରେ ମହୁଲକୁ ନେଇ ଭଲ ବେପାର ହୋଇଥାଏ। ଆଦିବାସୀ ପରିବାର ଲୋକ ପ୍ରତ୍ୟହ ଭୋର ୪ଟାରୁ ମହୁଲ ଫୁଲ ଗୋଟାଇବାକୁ ଯାଇ ମଧ୍ୟାହ୍ନ ୧୨ଟାରେ ଫେରିଥାନ୍ତି। ଦୀର୍ଘ ୮ରୁ ୧୦ଘଣ୍ଟା ମହୁଲ ଫୁଲ ଗୋଟାଇବା ସେମାନେ ଜଣପିଛା ପ୍ରାୟ ୬୦ରୁ ୮୦ ଟଙ୍କାର ମହୁଲ ଫୁଲ ଗୋଟାଇଥାନ୍ତି। ମହୁଲ ଆଣି ୩ରୁ ୪ଦିନ ଖଳା କିମ୍ବା ଘର ଅଗଣାରେ ଶୁଖାଇବା ପରେ ୨ରୁ ୩ କିଲୋ ହୋଇଥାଏ। ଯାହା କି ସେମାନଙ୍କ ପରିଶ୍ରମଠାରୁ ଯଥେଷ୍ଟ କମ୍। ସାଧାରଣତଃ ଜଙ୍ଗଲ ବିଭାଗ ମହୁଲଫୁଲ ପରି ସମସ୍ତ ବନଜାତ ଦ୍ରବ୍ୟର ସରକାରୀ ଦର ନିର୍ଦ୍ଧାରିତ କରିବାଠାରୁ ଆରମ୍ଭ କରି ବଜାର ସୃଷ୍ଟି କରିବା କଥା। ପୁନଶ୍ଚ ଉକ୍ତ ଦ୍ରବ୍ୟର ବେଆଇନ ଚାଲାଣ ବି ରୋକିବା କଥା। ପୂର୍ବରୁ ମହୁଲ ଫୁଲ ଜଙ୍ଗଲ ଓ ଅବକାରୀ ବିଭାଗର ନିୟନ୍ତ୍ରଣରେ ରହୁଥିଲା। ବର୍ତ୍ତମାନ ମହୁଲ କ୍ରୟ ପାଇଁ ପଞ୍ଚାୟତରୁ ଲାଇସେନ୍ସ ନେବା ବ୍ୟବସ୍ଥା କରାଯାଇଛି। ହେଲେ ପଞ୍ଚାୟତଗୁଡିକ ମୂଲ୍ୟ ନିର୍ଦ୍ଧାରଣ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବ୍ୟବସାୟୀ ଓ ମଦ ଭାଟି ମାଲିକ ମନଇଚ୍ଛା ଦରରେ ଗୋଟାଳୀଙ୍କଠାରୁ ମହୁଲ ନେଉଥିବାରୁ ଶୋଷଣର ଶିକାର ହେଉଛନ୍ତି। ବର୍ତ୍ତମାନ ଜୁନାଗଡ ବ୍ଲକ ଦୁର୍ଗମ ଦୁନ୍ଦେଲମାଲ, ଦେଦର, ଚାରଭାଟି, ବୁଡିଦର, ବାଙ୍କପଲାସ ଆଦି ପଞ୍ଚାୟତ ଅଞ୍ଚଳର ପ୍ରାୟ ୧୦ ହଜାର ଲୋକ ମହୁଲ ଉପରେ ନିର୍ଭର କରିଥାନ୍ତି। ଏଠାକାର ବଣ ଜଙ୍ଗଲରେ ବେଶୀ ପରିମାଣରେ ମହୁଲ ଗଛ ଥିବାରୁ ସେମାନେ ମାର୍ଚ୍ଚ ଓ ଏପ୍ରିଲ ମାସରେ ପ୍ରଚୁର ମହୁଲ ସଂଗ୍ରହ କରିଥାନ୍ତି। ସକାଳୁ ଘରୁ ଯାଇ ମହୁଲ ସଂଗ୍ରହ କରି ଖରାରେ ଶୁଖାଇବା ପରେ ବିକ୍ରି କରିଥାନ୍ତି। ଏହାକୁ ବିକ୍ରି କରି ସେମାନେ ତେଲ, ଲୁଣ, ସାବୁନ, ଲୁଗାପଟା ଆଦି କିଣିଥାନ୍ତି। ହେଲେ ସେମାନେ ଦିନସାରା ଯେତେ ମହୁଲ ସଂଗ୍ରହ କରନ୍ତି ତାହା ଦିନକର ସର୍ବନିମ୍ନ ମଜୁରିଠାରୁ ମଧ କମ୍। ତଥାପି ଦୁଇ ପଇସା ପାଇବା ଆଶାରେ ସେମାନେ ମହୁଲଫୁଲ ସଂଗ୍ରହ କରିଥାନ୍ତି। ସଂଗ୍ରହ ପରେ ପୁଣି ଅଭାବୀ ବିକ୍ରିର ଶିକାର ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ମାତ୍ର ପଶ୍ଚିମାଞ୍ଚଳରେ ମିଳୁଥିବା ଏହି ପ୍ରାକୃତିର ସମ୍ପଦର ସୁବିନିଯୋଗ ସକାଶେ ଏହାର ବିପଣନ ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ। ମହୁଲର ପ୍ରକୃତ ମୂଲ୍ୟ ସରକାରୀସ୍ତରରେ ଧାର୍ଯ୍ୟ ହୋଇପାରୁ ନ ଥିବାବେଳେ ଏଠାକାର ନିରୀହ ଆଦିବାସୀମାନେ ବାଧ୍ୟ ହୋଇ କେଜି ପିଛା ପ୍ରାୟ ୧୦ରୁ ୧୨ ଟଙ୍କା ବିକ୍ରି କରୁଥିବା ଜଣାପଡିଛି। ମହୁଲ ସଂଗ୍ରହ ପାଇଁ ସରପଞ୍ଚମାନେ ପରମିଟ ଦେଉଥିବା ବେଳେ ଅବକାରୀ ବିଭାଗ ମହୁଲ ଫୁଲ ବିକ୍ରି ଓ ମହଜୁଦ ପାଇଁ ଲାଇସେନ୍ସ ଦେଉଛି। ସରକାରଙ୍କ ଏହି ନୀତିରେ ତ୍ରୁଟି ଯୋଗୁ ଆଦିବାସୀ ଲାଭ କରିବା ପରିବର୍ତ୍ତେ କ୍ଷତି ସହିବାକୁ ବାଧ୍ୟ ହେଉଛି। ମହୁଲର ପ୍ରକୃତ ମାଲିକ ତାର ମୂଲ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଜଙ୍ଗଲ ନିଗମ କିମ୍ବା ଆଦିବାସୀ ଉନ୍ନୟନ ବିଭାଗ ସିଧାସଳଖ ମହୁଲ କିଣିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଆଦିବାସୀମାନେ ବେପାରୀଙ୍କ ଶୋଷଣରୁ ମୁକ୍ତ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।



ମହୁଲ ଫୁଲ ସଂଗ୍ରହ ଚାଲିଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା ଅଫିସ,୨୫।୩: ନୂଆପଡା ସଦର ଥାନା ଅନ୍ତର୍ଗତ ସେଣ୍ଟମେରି ସ୍କୁଲପାଖ ଛକ ୩୫୩ ନଂ. ଜାତୀୟ ରାଜପଥ ଉପରେ ବୁଧବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ କରାଯାଇଛି। ମୃତକ ହେଲେ ଦିଆନମୁଣ୍ଡା ଗାଁର ସୁବାଷ ଶବର (୨୫)। ଗୁରୁତର ବ୍ୟକ୍ତି ହେଲେ ଟାନୱାଟ ଗାଁର ଡମ୍ବରୁ ଶବର (୨୪)। ଏମାନେ ଏକ ବାଇକ୍ (ନଂ.ସିଜି୨୨ଏସି-୫୪୪୦)ରେ ନୂଆପଡା ପଟପରପାଲି ଗାଁକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ। ସେମାନଙ୍କୁ ଏକ ଅଜଣା ଗାଡି ସେଣ୍ଟମେରି ସ୍କୁଲ ପାଖରେ ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁବାଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନୂଆପଡା ପୋଲିସ ଶବ ଜବତ କରି ଗୁରୁବାର ବ୍ୟାବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେଉଁ ଗାଡି ଧକ୍କା ଦେଇଛି ଜଣାପଡିନାହିଁ ବୋଲି ଏସଆଇ ବିନୟ କେର୍କେଟା ସୂଚନା ଦେଇଛନ୍ତି।

### ଟାଉନ୍ ହାଇସ୍କୁଲ ଶିକ୍ଷକ କୋଭିଡ୍ ଚିହ୍ନଟ

ଭବାନୀପାଟଣା, ୨୫।୩ (ଡି.ଏନ.ଏ.): ଭବାନୀପାଟଣାର ଟାଉନ୍ ହାଇସ୍କୁଲର ଜଣେ ଶିକ୍ଷକ କୋଭିଡ୍ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ପ୍ରଶାସନ ନିର୍ଦ୍ଦେଶକ୍ରମେ ଉକ୍ତ ସ୍କୁଲ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ହୋମ୍ ଆଇସୋଲେଶନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଟାଉନ୍ ହାଇସ୍କୁଲର ଜଣେ ଶିକ୍ଷକ କୋଭିଡ୍ ଆକ୍ରାନ୍ତ ହେବା ଜଣାପଡିବା ପରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଭୟର ବାତାବରଣ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ରିପୋର୍ଟ ଆସିବା ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଓ କର୍ମଚାରୀ ହୋମ୍ ଆଇସୋଲେଶନ୍‌ରେ ରହିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେବା ପରେ କର୍ମଚାରୀମାନେ ଆସୁ ନ ଥିବାରୁ ସ୍କୁଲ ଏକ ପ୍ରକାର ବନ୍ଦ ରହିଥିବା ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୌପଦାର ପ୍ରକାଶ କରିଛନ୍ତି।

### ଟିକ୍ରାପଡ଼ାରେ ପୋଲିସର ମାସ୍କ ଚେକିଂ

ଟିକ୍ରାପଡା, ୨୫।୩(ଡି.ଏନ.ଏ.) : ବଲାଙ୍ଗୀର ଜିଲା ସଇଁତଲା ଥାନା ଟିକ୍ରାପଡା ଫାଣ୍ଡି ପୋଲିସ ପକ୍ଷରୁ ଗୁରୁବାର ବାଇକ ଓ ଚାରିଚକିଆ ଯାନ ଚାଳକମାନଙ୍କର ମାସ୍କ, ହେଲମେଟ ଚେକିଂ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ ଏହାର ନେତୃତ୍ୱ ନେଇଥିଲେ। ବିନା ମାସ୍କରେ ଥିବା ୧୯ ଚାଳକଙ୍କଠାରୁ ୨୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା। ଫାଣ୍ଡି କର୍ମଚାରୀମାନେ ଚେକିଂ ଓ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### କୋଭିଡ୍ ଦ୍ୱିତୀୟ ଲହରକୁ ନେଇ ସଚେତନତା

ଖଡିଆଳ, ୨୫।୩ (ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ପୋଲିସ ପକ୍ଷରୁ କୋଭିଡ୍‌ର ଦ୍ୱିତୀୟ ଲହରକୁ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଡାକବାଜିଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନତା କରିବା ସହିତ ନିୟମ ଉଲ୍ଲଂଘନ କଲେ ଜରିମାନାର ବ୍ୟବସ୍ଥା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ମାସ୍କ ପିନ୍ଧି ଘରୁ ବାହାରିବା, ୬ ଫୁଟର ସାମାଜିକ ଦୂରତା ରକ୍ଷା କରିବା, ଦୋକାନ ଏବଂ ବଜାରରେ ଗହଳି ନ କରିବା, ସାମାଜିକ ଦୂରତା ନ ରଖିଲେ ୫୦୦ ଟଙ୍କା ଫାଇନ, ବିବାହ କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଲୋକ ରହିବେ ନାହିଁ, ଶବ ସତ୍କାର ସମୟରେ ୫୦ରୁ ଊର୍ଦ୍ଧ୍ୱ ଲୋକେ ରହିବେ ନାହିଁ, ଦୋକାନରେ ଗହଳି ହେଲେ ଦୋକାନ ମାଲିକ ଫାଇନ ଦେବାକୁ ପଡିବ, ଯେଉମାନେ ବାହାର ରାଜ୍ୟକୁ ଯାଉଛନ୍ତି ସାଙ୍ଗରେ ମାସ୍କ ଏବଂ ସାନିଟାଇଜର ବ୍ୟବହାର କରିବେ ଏବଂ ସାମାଜିକ ଦୂରତା ରକ୍ଷା କରିବା ସହିତ ବାହାର ରାଜ୍ୟରୁ ଫେରିଲେ କ୍ୟାରେଣ୍ଟାଇନରେ ହିବାକୁ ବାଧ ବୋଲି ଖଡିଆଳ ପୋଲିସ ଲୋକଙ୍କୁ ସଚେତନତା କରିଛି।

### ହୃଦ୍‌ଘାତରେ ବିଡ଼ିଓଙ୍କ ପରଲୋକ

ଝାରବନ୍ଧ,୨୫।୩(ଡି.ଏନ.ଏ) ବରଗଡ଼ ଜିଲା ଝାରବନ୍ଧ ବିଡ଼ିଓ ରୁନୁ ଲାକ୍ରାଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୫୮ବର୍ଷ ହୋଇଥିଲା। ସେ ଏକ ବିବାହୋତ୍ସବରେ ଯୋଗଦେବା ପାଇଁ ବୁଧବାର ସମ୍ବଲପୁର ଯାଇଥିଲେ। ଗୁରୁବାର ସନ୍ଧ୍ୟା ସୁଦ୍ଧା ସେ ଝାରବନ୍ଧ ଫେରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସମ୍ବଲପୁରରେ ଥିବାବେଳେ ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସମ୍ବଲପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଝାରବନ୍ଧ ବ୍ଲକରେ ଗଭୀର ଶୋକ ପ୍ରକାଶ ପାଇଛି।

### ଝିଲିମିଣ୍ଡା ହାଇସ୍କୁଲକୁ ପୋଷ୍ୟ ଗ୍ରହଣ

ଜାମଟିକ୍ରା, ୨୫।୩ (ଡି.ଏନ.ଏ) ସମ୍ବଲପୁର ଜିଲା ଭିମସାର, ବୁର୍ଲାର ୟୁରୋଲୋଜି ବିଭାଗ ମୁଖ୍ୟ ଡା. ସଞ୍ଜୟ ମହାପାତ୍ର ନିଜ ଗାଁ ଝିଲିମିଣ୍ଡା ଜଗନ୍ନାଥ ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଡା. ମହାପାତ୍ର ବରଗଡ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ସ୍ଥିତ ଜଗନ୍ନାଥ ହାଇସ୍କୁଲର ଛାତ୍ର ଥିଲେ। ଉକ୍ତ ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବାକୁ ମୋ ସ୍କୁଲ ଅଭିଯାନ ମୁଖ୍ୟାଳୟରୁ ସେ ସହମତିପତ୍ର ହାସଲ କରିଛନ୍ତି। ଉକ୍ତ ସ୍କୁଲକୁ ପୋଷ୍ୟ ଗ୍ରହଣ କରିଥିବାରୁ ପରିଚାଳନା କମିଟି, ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି।

# ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

ନୂଆପଡ଼ା ଅଫିସ,୨୫।୩

ନୂଆପଡା ଜିଲା ବୋଡେନ ବ୍ଲକ କର୍ଲାକୋଟ ପଞ୍ଚାୟତର ବିଭିନ୍ନ ଗାଁ ଓ କୋମନା ବ୍ଲକ ରଜନା ପଞ୍ଚାୟତ ଗାଁଗୁଡିକୁ ବିଶୁଦ୍ଧ ଜଳ ଯୋଗାଇ ଦେବା ଏବଂ ସ୍ୱତନ୍ତ୍ର ମେଗା ସପ୍ଲାଏ ଯୋଜନା ସାମିଲ କରିବା ପାଇଁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୯ରେ ବୋଡେନ ବ୍ଲକ କର୍ଲାକୋଟ ପଞ୍ଚାୟତ ଅନେକଗୁଡିଏ ଗାଁର ଲୋକେ ଫ୍ଲୋରାଇଡଯୁକ୍ତ ପାଣି ପିଇବା ଯୋଗୁ ଆଣ୍ଠୁଗଣ୍ଠି ଦରଜ ହେବା ସାଙ୍ଗକୁ ମେରୁଦଣ୍ଡ ଦୁର୍ବଳ ହୋଇ କୁଜା ହୋଇ ଏବଂ ଦାନ୍ତଗୁଡିକ ହଳଦିଆ ହୋଇଥିଲା। ଅନେକ ସମୟରେ ଲୋକେ ଝାଡାବାନ୍ତି, ଜ୍ୱର ଭଳି ରୋଗରେ ପୀଡ଼ିତ ହେଉଥିଲେ। ବିଭିନ୍ନ ଗଣମାଧ୍ୟମ ଖବର ପ୍ରକାଶ ହେବା ପରେ ଡାକ୍ତରୀଦଳ ଯାଇ ପରୀକ୍ଷା କରିବାରୁ ଅତ୍ୟଧିକ ମାତ୍ରାରେ ଫ୍ଲୋରାଇଡ ରହିଛି। ଏଠିକାର ପାଣି ଖାଇବା ଯୋଗ୍ୟ ନୁହେଁ ବୋଲି କହି ସବୁନଳକୂଅ ସିଲ କରିଦେଇଥିଲେ। ୨୦୦୦ରେ ଇନ୍ଦ୍ରନଦୀ ତିଖାଳିଠାରୁ ପାଇପ ଯୋଗେ ପାଣି ଯୋଗାଇ ଆସୁଥିଲେ। ଯାନ୍ତ୍ରୀକ ତ୍ରୁଟି ଯୋଗୁ ଆମେ ମାସ ମାସ ଧରି ପାନୀୟ ଜଳ ପାଇପାରୁ ନାହିଁ। ଫଳରେ ବୋହି ଯାଉଥିବା ପାଣି ବ୍ୟାବହାର କରୁଛୁ। ବୋଡେନ ବ୍ଲକ କର୍ଲାକୋଟ ଓ କୋମନା ବ୍ଲକ ରଜନା ପଞ୍ଚାୟତକୁ ପ୍ରତିଦିନ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଓଡିଶା ସରକାରଙ୍କ ସ୍ୱତନ୍ତ୍ର ମେଗା ୱାଟର ସପ୍ଲାଏ ଯୋଜନାରୁ ଗୋଟିଏ ବଡଧରଣର ଓଭରହେଡ ଟାଙ୍କି ନିର୍ମାଣ କରାଯାଉ ବୋଲି ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି, ଲୋଚନ ସୁନାନୀ, ଗୁଣ୍ଡା ବେହେରା, ସୁନ୍ଦର ଚିନ୍ଦା, ରାଜେଶ ବେହେରା, ଅଜିତ ବେହେରା, ଲମ୍ବୋଦର ତାଣ୍ଡି, କାର୍ତିକ ମହାନନ୍ଦ, ପଦ୍ମନାଭ ଜଗତ, ଦୁଷ୍ମନ୍ତ ନିଆଲ, ସୁରେନ୍ଦ୍ର ମଙ୍ଗରାଜ, ଗୋବିନ୍ଦ ଅଦା ପ୍ରମୁଖ ସାମିଲ ଥିଲେ।




ଦଳିତ ଅଧିକାର ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ବିଶ୍ୱ ଯକ୍ଷ୍ମା ଦିବସ ପାଳନ

ଅମରପାଲି,୨୫।୩ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତ ଅଧୀନ ଚୌକା ଓ ଘଣ୍ଟପାଲିରେ ଗାଁ କଲ୍ୟାଣ ସମିତି ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକଙ୍କ ସଂଯୋଜନାରେ ଚୌକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ସୁର ଶୈବାଳିନୀ ହୋତା, ସ୍ୱାସ୍ଥ୍ୟକର୍ମୀ ସରୋଜ କୁମାର ସାହୁ, ଆଶାକର୍ମୀ ସୁଷମା ଭୁଲ୍ଲା, ଆବାହିକା ମିନା ପଣ୍ଡା, ଶର୍ମିଷ୍ଠା ପାଣିଗ୍ରାହୀ, ୱାର୍ଡ ସଭ୍ୟା ଅଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗର ମାଗଣାରେ ଚିକିତ୍ସା ଓ ପରୀକ୍ଷା ସହ ପୁଷ୍ଟିକର ଖାଦ୍ୟ ପାଇଁ ମାସକୁ ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି ବୋଲି ସୂଚନା ଦିଆଯାଇଥିଲା। ଶେଷରେ ବୁଦ୍ଧୁରି ବୁଡେକ ଧନ୍ୟବାଦ ଦେଇଥିଲେ। ସେହିପରି ଘଣ୍ଟୋପାଲିରେ ମଧ ଗାଁ କଲ୍ୟାଣ ସମିତି ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ହୋଇଯାଇଛି। ଆବାହିକା ରୀନାରାନୀ ପଣ୍ଡା, ଆଶାକର୍ମୀ ଛବିରାନୀ ପ୍ରଧାନ ଓ ଶର୍ମିଷ୍ଠା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ନିରାକରଣକୁ ଗୁରୁତ୍ୱ



ବାଲ୍ୟ ବିବାହ ନିରାକରଣ ଉପରେ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

ବରଗଡ଼ ଅଫିସ,୨୫।୩

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ଗୁରୁବାର ବାଲ୍ୟ ବିବାହ ନିରାକରଣ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଟାସ୍କ ଫୋର୍ସ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରି ବାଲ୍ୟ ବିବାହ ନିରାକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନୀଳିମା ପଣ୍ଡା ପ୍ରମୁଖ ନିଜ ମତ ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ବାଲ୍ୟ ବିବାହ ନିରାକରଣ ପାଇଁ ଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟ ବିଦ୍ୟୁତ୍ ଦାଶ ବାଲ୍ୟ ବିବାହ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ନଳିନୀ ବଳବନ୍ତରାୟ ସ୍ୱାଗତ ଭାଷଣ ଏବଂ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରେନ୍ଦ୍ର ଦାଶ, ବବିତା ରାଉତ, ଜୟନ୍ତୀ ହିଆଲ, ମମତା ମେହେର, ସରୋଜ କୁମାର ପ୍ରଧାନ, ପ୍ରଭାତ ଚଲାନ ସହଯୋଗ କରିଥିଲେ।

# ଜିଲାରୁ ଯକ୍ଷ୍ମାରୋଗ ଦୂରୀକରଣ ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୨୫।୩

ବଲାଙ୍ଗୀର ଜିଲାରୁ ଯକ୍ଷ୍ମାରୋଗ ସମ୍ପୂର୍ଣ୍ଣ ଦୂରୀକରଣ ଓ ଏନେଇ ବ୍ୟାପକ ସଚେତନତା ଉପରେ ଯକ୍ଷ୍ମା ଫୋରମ୍ ବୈଠକରେ ଜୋର ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏନ୍‌ଏଚ୍‌ଏମ୍ ସମ୍ମୀଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇଥିଲେ। ଜିଲାରେ ଚାଲିଥିବା ଯକ୍ଷ୍ମାରୋଗ ନିରୋଧ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ କିଭଳି ଏହାକୁ ସମ୍ପୂର୍ଣ୍ଣ ଦୂର କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। ସିଡିଏମ୍‌ଓ ଡା ଭୀମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଏମ୍‌ଓ ଡା ଦିବ୍ୟକିଶୋର ପତି, ଜିଲା ଯକ୍ଷ୍ମାରୋଗ ବିଭାଗ ଇନଚାର୍ଜ ଡା ତୁଷରାକାନ୍ତ ଠାକୁର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଲମିନାରୀ ମେଡିସିନ୍ ବିଭାଗର ଡା. ଗିରିଜା ଶଙ୍କର ଉଦ୍‌ଗାତା, ଡା. ନରେନ୍ଦ୍ର ସାହୁ, ନେହେରୁ ଯୁବକେନ୍ଦ୍ର ଜିଲା ଅଧିକାରୀ ଆଦିତ୍ୟ ଭେଙ୍କଟ ରାଓ, ଆଡଭୋକେଟ୍ ଜୟରାମ ମିଶ୍ର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଜିଲାରେ ଯକ୍ଷ୍ମାରୋଗୀଙ୍କ ଆରୋଗ୍ୟ ସଂଖ୍ୟା ଓ ଏହାର ସଂକ୍ରମଣ ହାର କିଭଳି କମୁଛି ତାହାର ଗ୍ରାଫ୍ ପାୱାର ପଏଣ୍ଟ ଜରିଆରେ ଦେଖାଯାଇଥିଲା। କେତେକ ଅଞ୍ଚଳରେ ରୋଗୀମାନେ ଅନିମିତ ଔଷଧ ସେବନ ଓ ଏହାର କୁପରିଣାମ ଉପରେ ସଚେତନ ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲାର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରୋଗୀମାନଙ୍କୁ କିଭଳି ଅଧିକ ସଚେତନ କରାଯାଇପାରିବ ସେନେଇ ଜିଲାପାଳ ରାଣା ଗୁରୁତ୍ୱାରୋପ କରିଥିଲେ। ଟିବି ଇନଚାର୍ଜ ଡା. ତୁଷରାକାନ୍ତ ଠାକୁର ଜିଲାର ଯକ୍ଷ୍ମାରୋଗର ସ୍ଥିତି ଓ ଏହାର ନିରାକରଣ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଜିଲାର ଯକ୍ଷ୍ମାରୋଗୀଙ୍କୁ ଅଧିକ ସଚେତନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।




ଜିଲା ଯକ୍ଷ୍ମା ଫୋରମ୍ ବୈଠକରେ ମଞ୍ଚାସୀନ ଅତିଥି।





ନିର୍ମିତ ଓଭରହେଡ ଟାଙ୍କି(ବାମ), ଚାଲିଥିବା ପାଇପ ଲାଇନ କାମ।

# ୩ ବର୍ଷ ବିତିଲା, ସରୁନି ପ୍ରକଳ୍ପ କାମ

ଲୋଇସିଂହା,୨୫।୩(ଡି.ଏନ.ଏ.)

- ମାଣ୍ଡିଆପଦର ଗାଁରେ ବଢୁଛି ପାନୀୟ ଜଳ ସମସ୍ୟା
- ଚଳିତ ବର୍ଷ ବି କାମ ସରିବା ନେଇ ଅନିଶ୍ଚିତତା
- ପ୍ରକଳ୍ପର ନାହିଁ ସୂଚନା ଫଳକ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗ୍ରାମରେ ଏବେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖଦେଇଛି। ଗ୍ରୀଷ୍ମ ପ୍ରବାହ ବଢିବା ସାଙ୍ଗକୁ ଜଳଉତ୍ସଗୁଡିକର ସ୍ରୋତ ହ୍ରାସ ପାଇବା ଯୋଗୁ ପରିସ୍ଥିତି ସଙ୍ଗୀନ ହୋଇଛି। ଏହି ପରିସ୍ଥିତି ଗାଁରେ ନିର୍ମାଣାଧୀନ ଜଳଯୋଗାଣ ପ୍ରକଳ୍ପ ଏକମାତ୍ର ଆଶାଭରସା ଥିଲା। ହେଲେ ଚଳିତ ଗ୍ରୀଷ୍ମରେ ବି ଗ୍ରାମବାସୀ ପାଇପ ପାଣି ପାଇବା ଆଶା ଦେଖାଯାଉନାହିଁ। ମାଣ୍ଡିଆପଦର ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ନିରନ୍ତର ପାଇପ ପାଣି ଯୋଗାଇ ଦେବା ପାଇଁ ଏକ ଜଳଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। କୁଶଙ୍ଗାଇ ନାଳରୁ ଗ୍ରାମକୁ ଜଳ ଯୋଗାଇ ଦେବା ପାଇଁ ଜଳ ଓ ପରିମଳ ବିଭାଗ ପକ୍ଷରୁ ବ୍ୟବସ୍ଥା ଥିଲା। ଏଥିପାଇଁ ୨୦୧୮-୧୯ ଅର୍ଥିକ ବର୍ଷରେ ଗ୍ରାମ ଖେଳପଡିଆରେ ଆରମ୍ଭ ହୋଇଥିବା ଓଭରହେଡ ଟାଙ୍କି କାମ ଆରମ୍ଭ ଇତିମଧ୍ୟରେ ସରିଯାଇଛି। ପାଇପ ବିଛା କାମ ଏବେ ବି ଚାଲିଛି। ଗ୍ରାମବସୀଙ୍କ ଅଭିଯୋଗ ମୁତାବକ ପ୍ରକଳ୍ପ କାମ କରୁଥିବା ଠିକାଦାରଙ୍କ ଲାଭଖୋର ଓ ମନମାନୀ କାମ ଯୋଗୁ ପ୍ରକଳ୍ପ ବିଳମ୍ବିତ ହେଉଛି। ପ୍ରଥମେ ଗ୍ରାମକୁ ପ୍ଲାଷ୍ଟିକ ପାଇପ ବିଛା ଯାଇଥିଲା। ନିକଟରେ ଓଭରହେଡ ଟାଙ୍କି କାମ ସରିଲା ପରେ ପରୀକ୍ଷାମୂଳକ ଭାବେ ପାଣି ଛଡାଯାଇଥିଲା। ନିମ୍ନମାନର ପ୍ଲାଷ୍ଟିକ ପାଇପ ପୋତା ଯାଇଥିବାରୁ ଗ୍ରାମମୁଣ୍ଡରେ ଏହା ଫାଟି ପାଣି ଲିକ୍ ହୋଇଥିଲା। ଗ୍ରାମାବସୀଙ୍କ ପ୍ରତିବାଦ ପରେ ଏବେ ଜିଆଇ ପାଇପ ପୋତାଯାଉଛି। ଏଣୁ କାମ ସରିବ ଓ ଲୋକେ ଷ୍ଟାଣ୍ଡପୋଷ୍ଟରେ ପାଣି ପାଇବେ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଅପରପକ୍ଷରେ ଦୀର୍ଘଦିନ ଧରି କାମ ଚାଲିଥିଲେ ହେଁ, ସୂଚନା ଫଳକ ଲଗାଯାଇନାହିଁ। କେଉଁ ଯୋଜନାର କାମ, ପ୍ରକଳ୍ପର ବ୍ୟୟ ଅଟକଳ କେତେ ଓ କେବେ ସରିବ ତାହା ଗ୍ରାମବାସୀ ଜାଣି ପାରୁ ନଥିବା ଗ୍ରାମବାସୀ କହିଛନ୍ତି। ଅବିଳମ୍ବେ ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଦୁଇୱାର୍ଡ ବିଶିଷ୍ଟ ଏହି ଗ୍ରାମବାସୀ ଜଳକଷ୍ଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପ୍ରସାସ ସାମନ୍ତରାୟଙ୍କୁ ପଚାରିବାରୁ ପ୍ରାୟ ଗୋଟିଏ ଦିନର କାମ ବାକି ରହିଛି। ଖୁବଶୀଘ୍ର ଜଳଯୋଗାଣ କରାଯିବ ବୋଲି ସେ କହିଛନ୍ତି।

## ରତ୍ନମୁଦ ଉତ୍ସବ ପାଳିତ



ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତ ଅଧୀନ ସାରଙ୍ଗପାଳି ଗ୍ରାମରେ ନବନିର୍ମିତ ଶିବି ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ଓ କର୍ତ୍ତୀ ଭାବରେ ପ୍ରହଲ୍ଲାଦ ଅଗ୍ରୱାଲା ଓ ସୁଧା ଅଗ୍ରୱାଲା ଦାୟିତ୍ୱ ନିର୍ବାହ କରିଥିଲେ । ଅଶୋକ ପୂଜାରୀ ପୂଜାକର୍ମ ତୁଲାଇଥିଲେ । କୋଭିଡ୍ ନିୟମ ମାନି ଗ୍ରାମବାସୀ ଏହି ଉତ୍ସବ ପାଳନ କରିଥିଲେ। ସରପଞ୍ଚ ମାନସ କୁମାର ବେହେରା ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଏଟିଏମ୍ ଲୁଟ୍ ଘଟଣା: ଉତ୍ତରପ୍ରଦେଶ ଗ୍ୟାଙ୍ଗର ୨ ଗିରଫ



**ବୌଦ୍ଧ,୨୫।୩(ସ୍ୱ.ପ୍ର.):** ଅଭିନବ ଉପାୟରେ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ କରୁଥିବା ଦୁଇଜଣ ଲୁଟେରା ଗୁରୁବାର ବୌଦ୍ଧରେ ଧରା ପଡିଛନ୍ତି । ଲୁଟେରାଙ୍କ ଚେର ରାଜ୍ୟ ବାହାରକୁ ଲମ୍ବିଛି। ବୌଦ୍ଧ ଆଦର୍ଶ ଥାନା ପୋଲିସ ଗିରଫ କରିଥିବା ଏହି ଗ୍ୟାଙ୍ଗର ଦୁଇ ଲୁଟେରା ହେଲେ ଗୌରବ ସିଂ (୨୦) ଓ ବିକାଶ ସିଂ (୨୧)। ଏମାନଙ୍କ ଘର ଉତ୍ତରପ୍ରଦେଶ ରାଜ୍ୟର କାନପୁର ଜିଲାରେ । ସେମାନଙ୍କଠାରୁ ଏଟିଏମ୍ କାର୍ଡ ଓ ଟଙ୍କା ଜବତ କରାଯାଇଛି। ଏମାନେ ବୌଦ୍ଧ ସହରର ଏକ ଏଟିଏମରୁ ୩୦ ହଜାର ଟଙ୍କା ସଂଗ୍ରହ କରିଥିବା ବେଳେ ବୁଧବାର ବୁଟୁପାଲି ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ଲୁଟ ଉଦ୍ୟମ କରୁଥିଲେ। ସେହି ସମୟରେ ଉପସ୍ଥିତ ସାଧା ପୋଷାକଧାରୀ ପୋଲିସ କର୍ମଚାରୀ ଦୁହିଁଙ୍କୁ କାବୁ କରିଥିଲେ। ଲୁଟେରାମାନେ ରହୁଥିବା ହୋଟେଲ ଭବାନୀ ପ୍ଲାଜାରେ ପୋଲିସ ଚଢ଼ାଉ କରି କିଛି ଏଟିଏମ୍ କାର୍ଡ ଜବତ ଜବତ କରିଛି । ପଚରାଉଚୁରା ବେଳେ ବିଭିନ୍ନ ଉପାୟରେ ଟଙ୍କା ଲୁଟ୍‌ର ତରିକା ବିଷୟରେ ଦୁଇ ଲୁଟେରା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଶୁକ୍ରବାର ଦୁହିଁଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି।

### ପାଣିପାଗ ସୂଚନା କେନ୍ଦ୍ର ଉଦ୍‌ଘାଟିତ

**କର୍ଲାମୁଣ୍ଡା, ୨୫।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିଠାରେ ବୁଧବାର ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଚାଷୀଙ୍କ ଉର୍ଦ୍ଧିଷ୍ଟ ପାଇଁ ପାଣିପାଗ ସୂଚନା କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ରେଗଡା ପଞ୍ଚାୟତ ନାଏବ ସରପଞ୍ଚ ଗୌରୀ ଦୀପ, ୱାର୍ଡମେମ୍ବର ମମତା ଭୋଇ, ଭିଡିସି ସମ୍ପାଦକ ଭୈରବ ଦୀପ, ବରିଷ୍ଠ ଚାଷୀ କୁମର ଦୀପ ପ୍ରମୁଖ ଯୋଗଦେଇଥିଲେ। ଦିଲ୍ଲୀର ଲୋଜିକ୍ଏନରର୍ଜି ସଂସ୍ଥାର ପଲିନ୍ଦର ସିଙ୍କ ସାଧନ କର୍ମୀ ଭାବେ ଯୋଗଦେଇ ଏହି କେନ୍ଦ୍ର ଜରିଆରେ ଚାଷୀମାନେ ପାଣିପାଗ ସମ୍ପର୍କରେ ବିଭିନ୍ନ ସୂଚନା ପାଇ ପାରିବେ ବୋଲି କହିଥିଲେ। ଏହା ସହିତ ଏହାର କିଭଳି ଭାବେ ପରିଚାଳନା ହେବ ସେ ଉପରେ ୧୬ଜଣ ଯୁବଗୋଷ୍ଠୀ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ଦେଓଗାଁ,୨୫।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରା ପଞ୍ଚାୟତ ମୁଖ୍ୟାଳୟରେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। କର୍ତ୍ତାଭାବେ ବୀରେନ୍ଦ୍ର ସୁନା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂ ଦେଓ, ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ନାମଯଜ୍ଞରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ ।

### ଅଙ୍ଗନୱାଡି କେନ୍ଦ୍ରରେ ହାତଧୁଆ କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୫।୩(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସେକ୍ଟରର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରୋନାର ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଅଙ୍ଗନୱାଡି, ସ୍କୁଲ, କଲେଜ ଓ ସମସ୍ତ ଲୋକଙ୍କୁ ସାବୁନ କିମ୍ବା ସାନିଟାଇଜରରେ ହାତ ଧୋଇବାକୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ଛୋଟ ପିଲାମାନଙ୍କୁ ହାତ ଧୋଇବା ଅଭ୍ୟାସ କରିବା ପାଇଁ କୁହାଯାଇଛି।

### ଦୋକାନ ଜଳିଗଲା

**ବୌଦ୍ଧ,୨୫।୩(ସ୍ୱ.ପ୍ର.):** ବୌଦ୍ଧ ସହରର ନୂଆଁସାହି ଛକରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନ ପୋଡିଯାଇଛି। ଏହି ଛକରେ ଥିବା ପ୍ରସନ୍ନ ବେହେରାଙ୍କ ହୋଟେଲ ଏବଂ ସୁରଥ ରାଉତଙ୍କ ପାନ ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନ ନିକଟରେ ଥିବା ଏକ କାର ଏବଂ ବାଇକ୍ ମଧ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଛି। ନିଆଁଲିଭା ଗାଡି ପହଞ୍ଚିବା ବେଳକୁ ସମସ୍ତ ଜିନିଷପତ୍ର ପୋଡି ଯାଇଥିଲା ।

# ମାନ୍ୟତା ମିଳିଛି, ବଦଳିନି ଭିତ୍ତିଭୂମି

**ଦେଓଗାଁ,୨୫।୩(ଡି.ଏନ.ଏ.)**




ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

**ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ନାହାନ୍ତି ବିଶେଷଜ୍ଞ ଡାକ୍ତର
- ୨ଏମ୍‌ବିବିଏସ୍ ଡାକ୍ତରରେ ରୋଗୀସେବା
- କୋଠା ନାହିଁ, ଭଙ୍ଗା ଆଜବେଷ୍ଟସ ଘର ଭରସା

ବଲାଙ୍ଗୀର ଜିଲା ଦେଓଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୨ବର୍ଷତଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲା। ମାନ୍ୟତା। ପରିବର୍ତ୍ତନ ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଥିଲା। ହେଲେ ଆଜିବି ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ଭିତ୍ତିଭୂମି ବଦଳିନି। ଏପରିକି ପୂର୍ବରୁ ଯେଉଁ ସ୍ଥିତି ଥିଲା ଏବେକାର ସ୍ଥିତି ତାହାଠାରୁ ଅଧିକ ଖରାପ ବୋଲି ଲୋକେ ଅଭିଯୋଗ କରିଛନ୍ତି।

ନିୟମାନୁସାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତି ହେଲା ପରେ ଅତିକମ୍‌ରେ ମେଡିସିନ, ସର୍ଜରୀ, ଦାନ୍ତରୋଗ, ଶିଶୁରୋଗ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତର ରହିବା କଥା। ଏହାବାଦ୍ ଜଣେ ଅଫିସ ଇନଚାର୍ଜ ପିଏଚଇଓ ସହ ୩୦ଶଯ୍ୟା ବିଶିଷ୍ଟ ହେବା କଥା। ହେଲେ ତାହା ତ ହେଲାନି, ପୂର୍ବରୁ ୪ଜଣ ଏମବିବିଏସ ଡାକ୍ତର ଥିବା ବେଳେ ଏବେ ୨ ଡାକ୍ତରଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା । ଆବଶ୍ୟକ କୋଠା ନଥିବାରୁ ୧୬ ଶଯ୍ୟା ମଞ୍ଜୁର ହୋଇଥିଲେ ମଧ ମାତ୍ର ୬ଟି ପକାଯାଇଛି। ନିକଟରେ ଅତ୍ୟାଧୁନିକ ଗ୍ରୀଡ ରହିଥିଲେ ହେଁ ସିଙ୍ଗିଲ ଫେଜ ଲାଇନ ଯୋଗୁଁ ଅନେକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋଭୋଲଟେଜ ସମସ୍ୟା ରହୁଛି । ଫଳରେ ଡାକ୍ତରୀ ଯନ୍ତ୍ରପାତି ଏପରିକି କମ୍ପ୍ୟୁଟର ମଧ ବହୁ ସମୟରେ ଚାଲୁନାହିଁ। ସବୁଠାରୁ ବଡ ସମସ୍ୟା ହେଲା ସିଏଚ୍‌ସିର ଗୋଟିଏ ହେଲେ କୋଠା ନିର୍ମାଣ ହୋଇ ପାରିନାହିଁ। ବହୁପୁରାତନ ଆଜବେଷ୍ଟସ ଘରେ ଅବ୍ୟବସ୍ଥାରେ ଚାଲିଛି ଡାକ୍ତରଖାନା। ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ଆଜବେଷ୍ଟସ ଛାତ ଭାଙ୍ଗି କଣା ହୋଇଯାଇଛି। ଏଣୁ ପିଏଚ୍‌ସିରୁ ସିଏଚ୍‌ସି ପରିବର୍ତ୍ତନର ଲାଭ କଣ ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି । ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆଙ୍କୁ ପଚାରିବାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି।

# ଅନ୍ତିମ ବିଦାୟ ବେଳାରେ ଶୋକାକୁଳ ପରିବେଶ



ମାଧପୁରଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

**ବୌଦ୍ଧ,୨୫।୩(ସ୍ୱ.ପ୍ର)**

**ନବ ବିବାହିତ ଦୁଇ ପୋଷ୍ଟମାଷ୍ଟରଙ୍କ ଅକାଳ ବିୟୋଗ**

ଗୋଟିଏ ଦିନରେ ପୋଷ୍ଟମାଷ୍ଟର ଭାବେ ପାଇଥିଲେ ନିଯୁକ୍ତି । ପରେ ଦୁହେଁ ପାଲଟି ଯାଇଥିଲେ ବନ୍ଧୁ । ପାଖାପାଖି ଗ୍ରାମରେ ପୋଷ୍ଟିଂ ହୋଇଥିବାରୁ ଅନେକ ସମୟରେ ଭେଟ ହେଉଥିଲା । ଏକାଠି ବିଭିନ୍ନ ସ୍ଥାନକୁ ଯାଉଥିଲେ । ହେଲେ ଗତ ବୁଧବାର ଉଭୟ ଏକ ବିବାହ ଭୋଜିରେ ଯୋଗଦେଇ ବାଇକରେ ଫେରିବା ବେଳେ ପୁରୁଣାକଟକ ଥାନା ରାଣିଗଞ୍ଜ ଜାମୁତୋଟାଠାରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ନବ ବିବାହିତ ଏହି ଦୁଇ ପୋଷ୍ଟମାଷ୍ଟର ହେଲେ ବୌଦ୍ଧ ଜିଲା ମାଧପୁର ପୋଷ୍ଟ ମାଷ୍ଟର ବିରଞ୍ଚି ସାହୁ ଓ ବାରିଙ୍ଗି ପୋଷ୍ଟମାଷ୍ଟର ବିଶ୍ୱନାଥ ସାହୁ। ଏମାନଙ୍କ ଅକାଳ ମୃତ୍ୟୁକୁ ମାଧପୁର ଗ୍ରାମବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। ବ୍ୟବଚ୍ଛେଦ ପରେ ଗୁରୁବାର ଉଭୟଙ୍କ ମୃତଦେହ ମାଧପୁର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ଗାଁ ହୋଇ ଯାଇଥିଲା ସ୍ତବ୍ଧ । ବିଶ୍ୱନାଥଙ୍କ ମୃତଦେହକୁ ମାଧପୁର ଗାଁର ତାଙ୍କ ପରିବାର ଲୋକ ନେବା ପରେ ଆମ୍ବୁଲାନ୍ସ ନୟାଗଡ ଅଭିମୁଖେ ଯାଇଥିଲା। କାରଣ ମାଧପୁର ପୋଷ୍ଟମାଷ୍ଟର ବିରଞ୍ଚିଙ୍କ ଘର ନୟାଗଡ ଜିଲା । ଦୁଇବନ୍ଧୁଙ୍କ ଏହି ଅନ୍ତିମ ବିଦାୟ ବେଳର ଦୃଶ୍ୟ ଦେଖି ଅନେକ କୋହ ସମ୍ଭାଳି ପାରି ନ ଥିଲେ । ନୟାଗଡ ଜିଲା ଖଳିସାହିର ବିରଞ୍ଚି ଓ ମାଧପୁର ଗାଁର ବିଶ୍ୱନାଥ ଗୋଟିଏ ଦିନରେ ପୋଷ୍ଟମାଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ଜଣେ ବାରିଙ୍ଗି ପୋଷ୍ଟ ଅଫିସ ଓ ଅନ୍ୟ ଜଣେ ମାଧପୁର ପୋଷ୍ଟ ଅଫିସରେ। ଦୁଇଟି ପୋଷ୍ଟ ଅଫିସ ମଧ୍ୟରେ ଦୂରତା ମାତ୍ର ୪ରୁ ୫ କିମି ହେବ। କିନ୍ତୁ ଉଭୟେ ରହୁଥିଲେ ମାଧପୁର ଠାରେ। ଗତବର୍ଷ ଡିସେମ୍ବର ମାସରେ ବିଶ୍ୱନାଥଙ୍କ ବିବାହ ହୋଇଥିଲା। ବିବାହକୁ ମାତ୍ର ୩ ମାସ ହେବ। ସେହିପରି ବିରଞ୍ଚିଙ୍କ ବିବାହକୁ ମାସେ ପୁରିଛି। ଗତ ଫେବୃୟାରୀ ୨୧ ତାରିଖରେ ବିବାହ କରିଥିଲେ। ନୂଆ ଘରସଂସାର ଆରମ୍ଭ ହେବା ଆଗରୁ ହିଁ ଦୁହିଁଙ୍କ ଜୀବନ ଦୀପ ଲିଭିଗଲା।

# ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଅମ୍ବାଭୋନା,୨୫।୩(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କଣ୍ଡପଲା ପଞ୍ଚାୟତ ଅଧୀନ ରମ୍ପେଲା ଗ୍ରାମରେ ବୁଧବାର ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ୮ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅଙ୍ଗନୱାଡ଼ି କେନ୍ଦ୍ରକୁ ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ସରପଞ୍ଚ ଡୋଲାମଣି ପଟେଲ, ସହକାରୀ ଯନ୍ତ୍ରୀ ରଶ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷା ଅଙ୍ଗନୱାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

# ଆକ୍ରମଣରେ ଗୁରୁତର ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

**ଝାରବନ୍ଧ,୨୫।୩(ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ଥାନା ଅଧୀନ ଅମଠି ଗ୍ରାମରେ ୨ଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଥିବା ମାଇକ୍ରୋ ଫାଇନାନ୍ସ କର୍ମଚାରୀ ବିଶ୍ୱଜିତ ରାଜହଂସ (୪୨)ଙ୍କ ମୃତ୍ୟୁ ହୋଇଛି । ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ଝାରବନ୍ଧ ଥାନାରେ ଏକ ହତ୍ୟା ମାମଲା (ନଂ.୩୩/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ବିଶ୍ୱଜିତ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବହଲପଦର ଗ୍ରାମର ଏବଂ ବରଗଡ଼ ଜିଲା ପାଇକମାଳରେ ରହି ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀର କଲେକ୍ସନ ଏଜେଣ୍ଟ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର ସନ୍ଧ୍ୟାରେ ସେ ଟଙ୍କା ଆଦାୟ ପାଇଁ ଝାରବନ୍ଧ ଥାନା ତୁର୍ଲା ଗ୍ରାମକୁ ଯାଇ ବାଇକ୍ ଯୋଗେ ଫେରୁଥିବା ବେଳେ ବାଟରେ ଦୁଇଜଣ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ। ବିଶ୍ୱଜିତ ଅମଠି ଗ୍ରାମରେ ଅଟକି ତାଙ୍କର ଜଣେ ପରିଚିତ ଲୋକଙ୍କ ଘରକୁ ଯାଉଥିବା ସମୟରେ ପିଛା କରୁଥିବା ଦୁଇ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ମାତ୍ର ତାଙ୍କ ପାଖରେ ଥିବା ସଂଗୃହୀତ ଟଙ୍କା ବ୍ୟାଗକୁ ନେବାରେ ସକ୍ଷମ ହୋଇ ନ ଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବିଶ୍ୱଜିତଙ୍କୁ ବୁର୍ଲାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ସ୍ଥାନୀୟ ମାଇକ୍ରୋ ଫାଇନାନ୍ସ ମ୍ୟାନେଜର ବିଘ୍ନେଶ୍ୱର ସା ଏତଲା ଦେବା ପରେ ଝାରବନ୍ଧ ପୋଲିସ ଏହାର ଅଧିକ ତଦନ୍ତ କରୁଛି ।

# ଦୁର୍ଘଟଣା ନେଲା ଶିଶୁକନ୍ୟାଙ୍କ ଜୀବନ

**ଝାରବନ୍ଧ,୨୫।୩(ଡି.ଏନ.ଏ)**

ବରଗଡ଼ ଜିଲା ଜଗଦଲପୁର ଥାନା ଧୁମାଭଟା ଗ୍ରାମରେ ଗୁରୁବାର ଏକ ବୋଲେରୋ ଧକ୍କାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଲେ ଉକ୍ତ ଗ୍ରାମର ଜିତେନ୍ଦ୍ର ସାହୁଙ୍କ ଝିଅ ଲକି(୩)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ଘଟାଇ ବୋଲେରୋଟି ଫେରାର୍ ହୋଇଯାଇଥିବାରୁ ପୋଲିସ ସେହି ଗାଡ଼ିକୁ ଖୋଜାଖୋଜି କରୁଛି। ଦିନ ପ୍ରାୟ ସାଢ଼େ ୧୨ଟାରେ ଶିଶୁକନ୍ୟା ଘର ନିକଟ ରାସ୍ତାରେ ଖେଳୁଥିଲେ। ଏହି ସମୟରେ ଏକ ବୋଲେରୋ ଧକ୍କା ଦେଇ ଫେରାର୍ ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ.୨୯/୨୧) ରୁଜୁ କରି ତଦନ୍ତ କରୁଛି ।

# ନୂଆପଡ଼ାରେ କରୋନାର କାୟା ବିସ୍ତାର

**ନୂଆପଡ଼ା ଅଫିସ,୨୫।୩**

**ଗୁରୁବାର ୨୩ ପଜିଟିଭ୍ ଚିହ୍ନଟ**

ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ ଭୟଙ୍କର ରୂପ ଆଡ଼କୁ ଗତି କରୁଛି। ବୁଧବାର ନୂଆପଡ଼ା ଜିଲା ସିନାପାଲି ବ୍ଲକ୍‌ର ଏକ ଗାଁରୁ ୨୯ ପଜିଟିଭ୍ ଚିହ୍ନଟ ହେବା ପରେ ଗାଁକୁ କଣ୍ଟେନମେଣ୍ଟ ଜୋନରେ ରଖାଯାଇଛି। ଗାଁର ସମସ୍ତଙ୍କ ଆଣ୍ଟିଜେନ ଟେଷ୍ଟ ପାଇଁ ଡାକ୍ତରୀ ଦଳ ଗାଁରେ ପହଞ୍ଚିଛନ୍ତି। ଗତ ୨ ଦିନ ତଳେ ସିନାପାଲି ବ୍ଲକ ଉକ୍ତ ଗାଁର ଜଣେ ବ୍ୟକ୍ତିଙ୍କ ଶରୀରରେ କରୋନା ଭୂତାଣୁ ଚିହ୍ନଟ ହୋଇଥିଲା। ଏହାପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୫୬ଜଣ ଲୋକଙ୍କ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୯ ଜଣଙ୍କ ପଜିଟିଭ ବାହାରିଥିଲା। ଏମାନଙ୍କ ମଧ୍ୟରେ ୧୩ ମହିଳା ଓ ୧୬ ପୁରୁଷ। ଏବେ ଗାଁକୁ ଚାରିଆଡୁ ସିଲ କରି ଦିଆଯାଇଛି। ଗାଁର ଲୋକଙ୍କୁ ବାହାରକୁ ଛଡାଯାଉ ନାହିଁ କି ବାହାର ଲୋକଙ୍କୁ ଗାଁକୁ ପ୍ରବେଶ କରିବା ପାଇଁ ଦିଆଯାଉନାହିଁ। ସୂଚନା ଯେ, ବୁଧବାର ଜିଲାରେ ୩୩ ଜଣଙ୍କ ପଜିଟିଭ ଆସିଥିବା ବେଳେ ସିନାପାଲି ବ୍ଲକରେ ୨୯ ଜଣ, ଖଡିଆଳରେ ଜଣେ, କୋମନା ବ୍ଲକରେ ୨ ଓ ନୂଆପଡାରେ ଜଣେ ବ୍ୟକ୍ତି ଚିହ୍ନଟ ହୋଇଥିଲେ। ଗୁରୁବାର ୨୩ଜଣଙ୍କ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ କୋମନା ବ୍ଲକରେ ୧୦ ଜଣ, ଖଡିଆଳରେ ୭, ସିନାପାଲିରେ ୨, ଖରିଆର ରୋଡରେ ଜଣେ, ବୋଡେନରେ ଜଣେ ଓ ନୂଆପଡାରେ ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ପଜିଟିଭ ସଂଖ୍ୟା ୮୨୯୪ରେ ପହଞ୍ଚିଛି ବୋଲି ନୂଆପଡା କୋଭିଡ୍ ଡାକ୍ତରଖାନା ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଟଙ୍କାର କାଠ ଜବତ

**ବରଗଡ଼ ଅଫିସ୍,୨୫।୩**



ପଦ୍ମପୁର ଉପଖଣ୍ଡ ଧୂମାଭଟାରୁ ଜବତ୍ ହୋଇଥିବା କାଠ।

ସମ୍ବଲପୁର ଡିଭିଜନ ଭିଜିଲାନ୍ସ (ଫରେଷ୍ଟ ୱିଙ୍ଗ) ଏବଂ ସ୍ଥାନୀୟ ବନ କର୍ମଚାରୀମାନେ ବୁଧବାର ପଦ୍ମପୁର ଉପଖଣ୍ଡ ଅଧୀନ ଢ଼ୋଲବନ୍ଧ ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ କରିଛନ୍ତି। ଜବତ କାଠ ମଧ୍ୟରେ ୪.୦୭ ସିଏଫ୍‌ଟି ଶାଗୁଆନ, ୬.୭୦ ସିଏଫ୍‌ଟି ବିଜା ଏବଂ ୪.୬୦ ସିଏଫ୍‌ଟି ଅନ୍ୟ କାଠ ଜବତ ହୋଇଛି। ସେହିପରି ୨୫.୨୩ ସିଏଫ୍‌ଟି ପରିମାଣର ୧୮ଟି ଶାଗୁଆନ ଏବଂ ୪ଟି ବିଜା କାଠଗଣ୍ଡି ଜବତ ହୋଇଛି । ଏ ନେଇ ବରଗଡ଼ ବନଖଣ୍ଡ ଅଧୀନ ଘେଁସ ରେଞ୍ଜରେ ୨ଟି ମାମଲା (ନଂ.୧୩/୨୧, ୧୪/୨୧) ରୁଜୁ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ଏସ୍‌ଡିସିଏ (ବି) ଦଳ ବିଜୟୀ

**ଉଲୁଣ୍ଡା,୨୫।୩ (ଡି.ଏନ.ଏ.)**

**ଓସିଏ ଭିଜନ- ୨୦୨୪ ଲିଗ୍ ଉଦ୍‌ଘାଟିତ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆରେ ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେଉଥିବା ଭିଜନ-୨୦୨୪ ଆନ୍ତଃ ଜିଲା କ୍ଲବ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏସଡିସିଏ ସୋନପୁର ଓ ବିସିଏ ଉଲୁଣ୍ଡା ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଏହି କ୍ରିକେଟ ପ୍ରତିଯୋଗିତାକୁ ଉଲୁଣ୍ଡା ଥାନାଧିକାରୀ ଚନ୍ଦ୍ରମୋହନ ସିଂ, ଏସଡିସିଏ ସମ୍ପାଦକ ପ୍ରଦୀପ ସେଠୀ, ବିସିଏ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଓ ଅରବିନ୍ଦ ପୂଜାହାରୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଏସଡିସିଏ-ବି ଦଳ ପ୍ରଥମେ ବ୍ୟାଟିଂ କରି ୩୨.୪ ଓଭରରେ ୨୫୫ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସୁରଜ ମହାପାତ୍ର ସର୍ବାଧିକ ୧୦୮ ରନ କରିଥିଲେ। ବିପକ୍ଷ ଏସଡିସିଏ-ଇ ଦଳର ରାଜକୁମାର ମେହେର ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଏସଡିସିଏ- ଇ ଦଳ ୨୫.୨ ଓଭରରେ ୧୬୪ ରନ କରି ଅଲଆଉଟ ହୋଇ ୯୧ ରନରେ ପରାଜିତ ହୋଇଥିଲା। ଦଳର ଭରତ ଥପା ୨୨ ରନ ସଂଗ୍ରହ କରିଥିଲେ। ବି ଦଳ ପକ୍ଷରୁ ସୌରଭ ବେଦବାକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଗୁରୁବାର ଖେଳକୁ ଆର୍ତ୍ତତ୍ରାଣ ପଣ୍ଡା ଓ ସୁଶାନ୍ତ ସେଠ ପରିଚାଳନା କରିଥିଲେ। ଓସିଏ ପକ୍ଷରୁ ଦିନେଶ ଘିବିଲା ଓ ବଦ୍ରିପ୍ରସାଦ ହୋତା ସ୍କୋରିଂ କରିଥିଲେ। ସୁରଜ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଉଭୟ ଦଳ।

# ଅଫିସରୁ କର୍ମଚାରୀଙ୍କୁ ବାହାର କରି ଆନ୍ଦୋଳନ

**ବରଗଡ଼ ଅଫିସ୍,୨୫।୩**



ଭେଡ଼େନ ତହସିଲ ଅଫିସ ଆଗରେ ଚାଷୀ ଆନ୍ଦୋଳନ କରୁଛନ୍ତି ।

- ତହସିଲ ଅଫିସ ଘେରିଲେ ଚାଷୀ
- ଟୋକନ, ପଞ୍ଜୀକରଣ କଟକଣାର ପ୍ରତିବାଦ
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ବରଗଡ଼ ଜିଲାରେ ଚାଷୀ ସମସ୍ୟା ଥମିବା ନାଁ ନେଉନାହିଁ। ଧାନ ବିକ୍ରିବଟା ପାଇଁ ସରକାରୀ କଳ ପକ୍ଷରୁ କରାଯାଉଥିବା ବିଭିନ୍ନ କଟକଣାକୁ ନେଇ ଚାଷୀକୁଳ ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି। ଟୋକନ କଟକଣା ଯୋଗୁ ଜିଲାର ଅନେକ ଚାଷୀ ଖରିଫ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ ରବି ଧାନ ସଂଗ୍ରହ ପାଇଁ ଚାଷୀ ପରିଚୟ ପତ୍ର ପ୍ରସ୍ତୁତିରେ ପ୍ରଶାସନିକ କଟକଣା ଏହି ସମସ୍ୟାକୁ ବଢାଇ ଦେଇଛି। ଏହାର ପ୍ରତିବାଦରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଅଞ୍ଚଳର ଚାଷୀମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ଭେଡ଼େନ ତହସିଲ ଅଫିସ ଘେରାଉ କରିଥିଲେ। ସେମାନେ ସମସ୍ତ କର୍ମଚାରୀଙ୍କୁ ବାହାର କରି ଦେଇ କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ତହସିଲଦାର ଅନୀଲ ହୋତା ଏବଂ ଅତିରିକ୍ତ ତହସିଲଦାର ନାରାୟଣ ଦଣ୍ଡସେନା ଆନ୍ଦୋଳନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀଙ୍କ ଦାବି ସମୂହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ ସହିତ ବିହିତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ହୋତା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଆନ୍ଦୋଳନରୁ ଓହରିଥିଲେ ।

ଭେଡ଼େନ ବ୍ଲକ ହୀରାକୁଦ ଜଳସେଚିତ ଅଞ୍ଚଳ ଅଟେ । ଉକ୍ତ ଅଞ୍ଚଳରେ ଉଭୟ ଖରିଫ, ରବି ଧାନ ଚାଷ ହୋଇଥାଏ । ଏଠାରେ ନିୟନ୍ତ୍ରିତ ବଜାର କମିଟି ଥିଲେ ସୁଦ୍ଧା ଅଞ୍ଚଳର ଚାଷୀମାନେ ଧାନ ବିକ୍ରିବଟାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟା ସମାଧାନ କରାଯାଉ ନ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଫଳରେ ସେମାନେ ୪ଦଫା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଚାଷୀନେତା ଉତ୍ପନ୍ନ କୁମାର ଭୋଇ, ନାରାୟଣ ଭୋଇ, ସୁଦାମ ପାତ୍ର, ରମେଶ ମହାପାତ୍ର, ସୋମନାଥ ଭୋଇ, ସଂଖ୍ୟାକାରୀ ଖମାରୀ, ଗଣ୍ଡାରାମ ଦାଶ, ସରୋଜ ବାରିକ, ବିଶ୍ୱଜିତ ହୋତା, ମହେଶ୍ୱର ପ୍ରଧାନ ପ୍ରମୁଖ ଆନ୍ଦୋଳନର ଉଦ୍‌ବୋଧନ ଦେଇଥିଲେ।